ଧରିତ୍ରୀ 51 Years
ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 26/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 151 ମୂଲ୍ୟ ₹୭/-

# ଆସନ୍ତା ମାସରେ ଲକ୍ଷେ ଘର ବାଣ୍ଟିବେ ସରକାର: ମନ୍ତ୍ରୀ ନାଏକ

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)

ରାଜ୍ୟରେ ଆଉ ଲକ୍ଷେ ଘର ବଣ୍ଟାଯିବ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଲୋକସେବା ଭବନରେ ଗଣମାଧ୍ୟମକୁ ସେ କହିଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ଲକ୍ଷେ ହିତାଧିକାରୀଙ୍କୁ ସରକାର ସାମିଲ କରିବାକୁ ଯୋଜନା କରିଛନ୍ତି। ଏହି ହିତାଧିକାରୀଙ୍କୁ ପକ୍କାଘର ପ୍ରଦାନ କରାଯିବ। ଆସନ୍ତା ମାସରେ ଏହି ଲକ୍ଷେ ଘର ବଣ୍ଟାଯିବ। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ମେ' ମାସ ଶେଷ ପର୍ଯ୍ୟନ୍ତ ଆବାସ ସର୍ଭେ ଚାଲିବ। ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡ଼ି ହେଲେଣି। ଏଥିରେ ଯୋଡ଼ି ହେବା ଲାଗି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ପକ୍କାଘର ପାଇବାକୁ ବହୁ ହିତାଧିକାରୀ ଅପେକ୍ଷା କରି ବସିଛନ୍ତି। ଗତ ସରକାର ସମୟରେ ପକ୍କାଘରକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବହୁ ସମସ୍ୟା ଦେଖାଦେଉଥିଲା। ହେଲେ ରାଜ୍ୟରେ ଭାଜପା ସରକାର ଆସିବା ପରେ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ମିଳିବ ବୋଲି ଘୋଷଣା କରାଯାଇଛି। ସେହିକ୍ରମରେ ଏଥର କେନ୍ଦ୍ର ସରକାର ମଧ୍ୟ ରାଜ୍ୟରେ ଯେତେ ଘର ଆବଶ୍ୟକ ସେତେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ମନ୍ତ୍ରୀ ନାଏକ ପୂର୍ବରୁ ସୂଚନା ଦେଇଥିଲେ।

# ଓଡ଼ିଶା ଭାରତର ଇସ୍ପାତ ରାଜଧାନୀ

## ଇଣ୍ଡିଆ ଷ୍ଟିଲ୍ ସମ୍ମିଳନୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଫିକି ସହଯୋଗରେ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଶୁକ୍ରବାର 'ଇଣ୍ଡିଆ ଷ୍ଟିଲ-୨୦୨୫' ରାଉଣ୍ଡ୍ ଟେବୁଲ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ସମୃଦ୍ଧ ଓଡ଼ିଶା ବିଷୟବସ୍ତୁ ଅନ୍ତର୍ଗତ ଓଡ଼ିଶାର ଇସ୍ପାତ ପ୍ରବୃତ୍ତି ଏବଂ ଭବିଷ୍ୟତର ଦୃଷ୍ଟିକୋଣ ନେଇ ହୋଇଥିବା ଆଲୋଚନାରେ ଇସ୍ପାତ ଉତ୍ପାଦନ ଏବଂ କଞ୍ଚାମାଲ ଯୋଗାଣର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇସ୍ପାତ ଏବଂ ଧାତୁ କ୍ଷେତ୍ରରେ ଓଡ଼ିଶାର ରଣନୈତିକ ପଦକ୍ଷେପ ସମ୍ପର୍କରେ ଶିଳ୍ପପତିଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତର ଇସ୍ପାତ ରାଜଧାନୀ ଭାବରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଲେ, ଭାରତର ସର୍ବାଧିକ ଲୁହାପଥର ଉତ୍ପାଦନକାରୀ ରାଜ୍ୟ ହେଉଛି ଓଡ଼ିଶା। ଏହା ଦେଶର ୫୫% ରୁ ଅଧିକ ଲୁହାପଥର ଉତ୍ପାଦନରେ ଯୋଗଦାନ ଦେଇଥାଏ। ଓଡ଼ିଶାରେ ଇସ୍ପାତ ଏବଂ ସହଯୋଗୀ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଶିଳ୍ପଗୁଡିକର ସୁଗମ କାର୍ଯ୍ୟ ତଥା କାର୍ଯ୍ୟକଳାପକୁ ସୁନିଶ୍ଚିତ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ ଟାସ୍କଫୋର୍ସ କାର୍ଯ୍ୟ କରୁଛି। କଞ୍ଚାମାଲ ଏବଂ




ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଶୁକ୍ରବାର 'ଇଣ୍ଡିଆ ଷ୍ଟିଲ-୨୦୨୫' ରାଉଣ୍ଡ୍ ଟେବୁଲ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବାଧାମୁକ୍ତ ଜମି ସୁରକ୍ଷିତ ରଖିବାଠାରୁ ଆରମ୍ଭ କରି ସଡକ ଓ ରେଳପଥ ମାଧ୍ୟମରେ ସଂଯୋଗକୁ ସୁନିଶ୍ଚିତ କରିବା ତଥା ଶକ୍ତି ଓ ଜଳ ଭଳି ଉପଯୋଗିତା ଯୋଗାଇବା ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ କରିବାରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମ୍ମିଳନୀରେ ମୁମ୍ବାଇସ୍ଥିତ ଇସ୍ପାତ ଶିଳ୍ପରୁ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ, ଏମଏନ୍ଏସ୍, ଜେଏସ୍‌ଡବ୍ଲ୍ୟୁ, ଜେଏସ୍ଏଲ୍ ଏବଂ ସେଲ୍ ଭଳି ଅଗ୍ରଣୀ କମ୍ପାନୀଗୁଡ଼ିକର ଶିଳ୍ପପତିମାନେ ଓଡ଼ିଶା ପାଇଁ ସେମାନଙ୍କ ଦାୟିତ୍ୱ ଓ ବିକାଶ ଯୋଜନା ସମ୍ପର୍କରେ ମତ ଦେଇଥିଲେ। କଲ୍ୟାଣୀ ଇସ୍ପାତ, ଶ୍ୟାମ୍ ଷ୍ଟିଲ, ଶ୍ରୀ ମେଟାଲିକ୍, କାଲଡେରିସ ଇଣ୍ଡିଆ, ସର୍ଭେ ରେଫ୍ରାକ୍ଟୋରି ସମେତ ଅନ୍ୟ ଅଗ୍ରଣୀ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନା କରିଥିଲେ। କୋଇଲା ଶିଳ୍ପ ବିକାଶ ଓ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶକ ବବିଲେଭ ପେଟ୍ର, ରୁଷିଆ ବାଣିଜ୍ୟ ଆୟୋଗର ତୈଳ ଓ ଗ୍ୟାସ ବିଭାଗର ମୁଖ୍ୟ ଆର୍ଟେମ ଉକୋଲୋଭ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ୨ଟି ବୈଠକରେ ଦୁଇ ସରକାରଙ୍କ ମଧ୍ୟରେ ସମ୍ଭାବ୍ୟ ସହଯୋଗ ସୁଯୋଗ ଉପରେ କଥା ହୋଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ କ୍ଷେତ୍ରର ଶିଳ୍ପ ଅଂଶୀଦାରଙ୍କ ସହ ମଧ୍ୟ ବୈଠକ କରିଥିଲେ। ଇଣ୍ଡିଆନ କେମିକାଲ କାଉନ୍ସିଲ (ଆଇସିସି), ଡୋ କେମିକାଲ୍ସ, ଏପସିଲନ କାର୍ବନ, କୋଠାରି ପେଟ୍ରୋକେମିକାଲ୍ସ, ଦୀପକ ଫର୍ଟିଲାଇଜର୍ ଆଦି ରାସାୟନିକ କମ୍ପାନୀଗୁଡିକର ପ୍ରତିନିଧିମାନେ ନିଜ ସମ୍ଭାବ୍ୟ ନିବେଶ ଏବଂ ବିସ୍ତାର ଯୋଜନା ଉପରେ ଆଲୋଚନା କରିଥିଲେ।



# ପ୍ରତିଶ୍ରୁତି ପାଳନରେ ବିଶ୍ୱାସ କରେ ଭାଜପା: ସୂର୍ଯ୍ୟବଂଶୀ



ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଦଳୀୟ ନେତୃବୃନ୍ଦ।

**ତିହିଡ଼ି,୨୫।୪(ସଞ୍ଜିତ ବଳ)**

## ଦଳରେ ମିଶିଲେ ୫ଶହ ବିଜେଡି, କଂଗ୍ରେସ କର୍ମୀ

ଭାଜପା ପ୍ରତିଶ୍ରୁତି ପାଳନରେ ବିଶ୍ୱାସ କରେ ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ତିହିଡ଼ି ବାରୁଣୀ ପୋଖରୀ ନିକଟସ୍ଥ ଗଙ୍ଗାମାତା ପଡ଼ିଆରେ ଅନୁଷ୍ଠିତ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହା କହିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ। ନିର୍ବାଚନ ସମୟରେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ବର୍ଷକ ଭିତରେ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ନୀତିରେ ପ୍ରଭାବିତ ହୋଇ ବହୁ କର୍ମୀ ଦଳରେ ସାମିଲ ହେଉଛନ୍ତି ବୋଲି ସେ କହିଥିଲେ।

ମନ୍ତ୍ରୀଙ୍କୁ ତିହିଡ଼ି ତହସିଲ ଛକଠାରୁ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ସାହାଡ଼ାଶୁଣୀ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ନେତା ରଘୁନାଥ ପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ୯ ପଞ୍ଚାୟତରୁ ୫ଶହ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ମହରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଲୋଚନା ବେହେରା, ତାଙ୍କ ସ୍ୱାମୀ ଗୌରୀଶଙ୍କର ବେହେରା, ଆରସା ସମବାୟ ସମିତିର ପୂର୍ବତନ ସଭାପତି ବୀରେନ୍ଦ୍ର ସାହୁଙ୍କ ସମେତ ଭାଟପଡ଼ା, ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ, ସୟା, ବାହାବାଳପୁର, ମହରମପୁର, ମୁକୁନ୍ଦପୁର ଓ ଫତେପୁର ପଞ୍ଚାୟତର କେତେଜଣ ୱାର୍ଡ ସଦସ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ସାହାଡ଼ାଶୁଣୀ ମଣ୍ଡଳ ସଭାପତି କେଶବ ବେହେରା, ସରପଞ୍ଚ ପ୍ରଦୀପ ବଳ, ବରିଷ୍ଠ ନେତା ଦେବେନ୍ଦ୍ର ପୁହାଣ, ଉଦୟ ନାରାୟଣ ମଲ୍ଲିକ, ଶରତ ଦାସ, ପ୍ରମୋଦ ଦାସ, ରାଜାରାମ ମହାକୁଡ଼, ତପନ ପାଢ଼ୀ, ସଂଗ୍ରାମ ମହାନ୍ତି, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ଐଶାନ୍ୟଚଣ୍ଡୀ ମଣ୍ଡଳ ସଭାପତି ସାଇଶରଣ ବେହେରା, ଉମାକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବନେତା ସୀତାକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସରପଞ୍ଚ କୁନ୍ତଳା ମଳିକ, ନୀହାରିକା ବିଶ୍ୱାଳ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ବରିଷ୍ଠ ନେତା ମଙ୍ଗରାଜ ନାୟକ, ସୁବାସ ସେଠୀ, ସନାତନ ମିଶ୍ର, ଜୟବାଙ୍ଗଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯଯାତି କେଶରୀ ଦାସ, ଗଣେଶ କର, ଅଜୟ ନାୟକ, ସରୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।।

# ୨୮ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ

**ଭୁବନେଶ୍ୱର,୨୫।୪(ରବିନାରାୟଣ ଜେନା)**

## ମେ'୨୦ରୁ ଘରକୁ ଘର ସଚେତନତା ଅଭିଯାନ

ଜାତିଗଣନା, ଆଦିବାସୀ ଏବଂ ପଛୁଆବର୍ଗଙ୍କ କଥା ଆସିଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭାରି ଡର ଲାଗୁଛି। କାଳେ କଂଗ୍ରେସ ଅଧିକ ଲୋକପ୍ରିୟ ହୋଇଯିବ ସେଥିପାଇଁ କେନ୍ଦ୍ରର ଭାଜପା ସରକାର ଷଡ଼ଯନ୍ତ୍ର ରଚୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି।

ଶୁକ୍ରବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲଲ୍ଲୁ କହିଛନ୍ତି, ନ୍ୟାଶନାଲ ହେରାଲ୍ଡ ମାମଲା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏହାସତ୍ତ୍ୱେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀଙ୍କୁ ବଦ୍‌ନାମ କରିବା ପାଇଁ କେନ୍ଦ୍ର ସରକାର ଇଡି'କୁ ହାତବାରିସି କରି ଅଭିଯୋଗଫର୍ଦ୍ଦ ଦାଖଲ କରାଇଛନ୍ତି। ହେଲେ ସେମାନେ ଏଥିରେ ସଫଳ ହେବେନାହିଁ। କଂଗ୍ରେସ ଡରିବାର ଦଳ ନୁହେଁ, ଲଢ଼ିବାର ଦଳ ବୋଲି ସେ କହିଛନ୍ତି।

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ଓଡ଼ିଶାରେ ମହିଳାଙ୍କ ଉପରେ ହେଉଥିବା ହିଂସା ଓ ଅତ୍ୟାଚାର କମିବାର ନାଁ ଧରୁନାହିଁ। ପ୍ରତିଦିନ ଏଭଳି ଘଟଣା ବଢ଼ି ଚାଲିଛି। ଏନେଇ ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବ। ଆସନ୍ତା ମେ' ୩ରୁ ୧୦ ତାରିଖ ଯାଏ ରାଜ୍ୟର ପ୍ରତ୍ୟେକ ଜିଲାରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ଜୋର୍‌ଦାର କରାଯିବ। ସେହିପରି ୧୧ରୁ ୧୭ ତାରିଖ ଯାଏ ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓଡ଼ିଶାର ପ୍ରତି ଘରକୁ ଘର ବୁଲି ସଚେତନ କରିବେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଓଡ଼ିଶାରେ ବିଜେଡି ଭଳି ଏବେ ଭାଜପା ସରକାର ଥାଇ ମଧ୍ୟ ଓବିସି ବର୍ଗଙ୍କ ପ୍ରତି ଅବିଚାର ହୋଇଚାଲିଛି। ଏହି ସମ୍ମିଳନୀରେ ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ଥିଲେ।

# ଡାକ୍ତରଖାନା ପରିଦର୍ଶନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଲିଫ୍ଟରେ ଚାପିହୋଇ ରୋଗୀଙ୍କ ମୃତ୍ୟୁ ଘଟଣା

**ଭଦ୍ରକ, ୨୫।୪(ସନାତନ ରାଉତ)**




ବିଜେଡି ଟିମ୍ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଆଲୋଚନା କରୁଛି।

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଲିଫ୍ଟରେ ଚାପିହୋଇ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶୁକ୍ରବାର ଅପରାହ୍ନ ୫ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଧାମନଗର ବିଜେଡି ନେତା ଡା. ସଞ୍ଜୟ ଦାସ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଉକ୍ତ ଲିଫ୍ଟ ପରିଦର୍ଶନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦୁର୍ଘଟଣା ବିଷୟରେ ପଚାରି ବୁଝିଥିଲେ।

ପରେ ଟିମ୍ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲା। ସଦ୍‌ଭାବନା ସଭାଗୃହରେ ଜିଲାପାଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲିଫ୍ଟ ବାରମ୍ବାର ଖରାପ ହେଉଥିବାବେଳେ ଉକ୍ତ ଲିଫ୍ଟକୁ ବନ୍ଦ ନ କରି କାହିଁକି ବ୍ୟବହାର କରାଯାଉଥିଲା ବୋଲି ଭଣ୍ଡାରିପୋଖରୀ ବିଧାୟକ ମଲ୍ଲିକ ପ୍ରଶ୍ନ କରିଥିଲେ । ପରିବେଶ ବିଭାଗ ମଞ୍ଜୁରୀ, ଅଗ୍ନି ନିରାପତ୍ତା, ଟାଉନ ପ୍ଲାନିଂର ମଞ୍ଜୁରୀ ମିଳି ନ ଥିବାରୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରରେ ବିଳମ୍ବ ହେଉଛି ବୋଲି ଜିଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ଗୁରୁବାରର ଦୁର୍ଘଟଣା ପାଇଁ ଜିଲା ପ୍ରଶାସନ ଓ ଚିକିତ୍ସା ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଚାନ୍ଦବାଲି ବିଧାୟକ ରାୟ ପ୍ରକାଶ କରିଥିଲେ। ୨ଟି ଜାଗାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚାଲୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ନୂତନ କୋଠାକୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିବାକୁ ପୂର୍ବତନ ମନ୍ତ୍ରୀ ସାମଲ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଅପରେଶନ ଥିଏଟର୍ ସୁବିଧା ନ ଥିବାବେଳେ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ସମସ୍ୟା ହେଉଥିବା ଧାମନଗର ବିଜେଡି ନେତା ଡା. ଦାସ ପ୍ରକାଶ କରିବା ସହ ମୁଖ୍ୟ ଚିକିତ୍ସାଳୟ ଏକ ରେଫେରାଲ ସେଣ୍ଟର ବୋଲି କହିଥିଲେ। ଏହି ଆଲୋଚନା ବେଳେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ

**ବଉଳା,୨୫।୪(ଦୁର୍ଗା ପ୍ରସାଦ ଆଇଚ)**



ନୂତନ କର୍ମୀଙ୍କୁ ପୂର୍ବତନ ବିଧାୟକ ଜୟଦେବ ଜେନା ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡ଼ିହୀ ବ୍ଲକ୍‌ର ସଙ୍ଖଣାଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ମିଶ୍ରଣ ପର୍ବ, ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କ ପୁଅ ମନୋଜ ଜେନା, ଝିଅ ଡ. ସସ୍ମିତା ଜେନା, ବରିଷ୍ଠ କଂଗ୍ରେସ ନେତା ଶ୍ରୀଧର ଦଳେଇ, ଭେଲୁ ମିଶ୍ର, ଚିତ ପାତ୍ର, ପଞ୍ଚାନନ ମଣ୍ଡଳ, ହାଡ଼ିବନ୍ଧୁ ଖୁଣ୍ଟିଆ, ମାନସ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ଆନନ୍ଦପୁର ମ୍ୟୁନିସିପାଲଟି, ପଦ୍ମପୁର, କୋଡ଼ପଡ଼ା, କଣ୍ଟିପାଳ, ପଣସଡ଼ିହା, ବାଙ୍ଗୋର ରଗୁଡ଼ିଆ ସାହି, କେ. ବାଲିପାଳ, ଧନୁର୍ଜୟପୁର, ଶାସଙ୍ଗ, ପଢ଼ିଆରିପଲ୍ଲି, ସୋସୋ ଆଦି ପଞ୍ଚାୟତରୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ହାତ ଧରିଛନ୍ତି। କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ମନୋଜ ଜେନାଙ୍କ ଜନ୍ମ ଦିନରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଶିଷ ପୃଷ୍ଟି, ମଧୁ ସାମଲ, ପୂର୍ଣ୍ଣ ପାତ୍ର, କୁଳି ମହାନ୍ତି ପ୍ରମୁଖ ବରିଷ୍ଠ କର୍ମୀ ସହଯୋଗ କରିଥିଲେ।

## ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# 'ପ୍ରାଣୀ ସ୍ୱାସ୍ଥ୍ୟ ନେଇ ମିଳିତ ଉଦ୍ୟମ ଆବଶ୍ୟକ'



୨୦୦୧ ମସିହାଠାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ ମାସ ଶେଷ ଶନିବାର (୨୬ତାରିଖ)ପାଳିତ ହେଉଛି 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ'। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ – ସାରା ବିଶ୍ୱରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ପ୍ରାଣୀ ସମ୍ପଦ ବିକାଶଭିତ୍ତିକ ବହୁମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତିକୁ ଆଲୋକପାତ ସହ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ଉକ୍ତ ଦିବସ ଲାଗି ମୁଖ୍ୟ ବାର୍ତ୍ତା ରହିଛି–'ପ୍ରାଣୀ ସ୍ୱାସ୍ଥ୍ୟ ନେଇ ମିଳିତ ଉଦ୍ୟମ ଆବଶ୍ୟକ'। ଏହାର ଅର୍ଥ– ଉଚ୍ଚ ଗୁଣାତ୍ମକ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ନିମନ୍ତେ ଏଥିରେ ସଂପୃକ୍ତ ଥିବା ବିଭାଗ ଯଥା– ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ, ଆୟୁର୍ବେଦିକ, ହୋମିଓପାଥି, ଜଙ୍ଗଲ, କୃଷି ବିଭାଗ ଆଦି ମଧ୍ୟରେ ମିଳିତ ଉଦ୍ୟମ ଓ ସହଯୋଗ ରହିବା ଆବଶ୍ୟକ । ଏଥିସହିତ ଜନ ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ସେବା ସହିତ ଜୀବ କଲ୍ୟାଣର ଉନ୍ନତି ଆଣିବାରେ ପ୍ରାଣୀ ଚିକିତ୍ସକଙ୍କର ଭୂମିକା ନେଇ ଜନ ସଚେତନତା ସୃଷ୍ଟି କରିବା । ପ୍ରତିବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସକ ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ବା ଓ.ଆଇ.ଇ.ର ମିଳିତ ଆନୁକୂଲ୍ୟରେ ପ୍ରାଣୀଚିକିତ୍ସା ଦିବସର ବିଭିନ୍ନ ବିଷୟବସ୍ତୁ ବା ବାର୍ତ୍ତା ନିର୍ଦ୍ଧାରିତ ହୋଇଥାଏ । ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ସହିତ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଅତୁଳନୀୟ । ଏଭଳି ଜୀବନ ସୁରକ୍ଷା ବା ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ବ୍ରତୀ ଥିବା ପ୍ରାଣୀ ଚିକିତ୍ସକଙ୍କ ଭୂମିକାକୁ ଲୋକଲୋଚନକୁ ଆଣିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ ।

## ଆମ ହାତରେ ପ୍ରାଣୀଙ୍କ ସୁରକ୍ଷା

ସବୁ ବର୍ଗର ପ୍ରାଣୀଙ୍କର ଉପଯୁକ୍ତ ଯତ୍ନ ନେବା ସହ ସେମାନଙ୍କୁ ଆଦର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ ବୁଲା ରୋଗଗ୍ରସ୍ତ ପ୍ରାଣୀଙ୍କ ପାଇଁ ରାଜ୍ୟ ସରକାର ମଧ ଅଧିକ ତତ୍ପର ରହିଛନ୍ତି ଏବଂ ଓଡ଼ିଶାରେ ପ୍ରତି ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ସହ ପ୍ରାଣୀ ଆମ୍ବୁଲାନ୍ସ ରହିଅଛି, ଯାହାର ଟୋଲ୍ ଫ୍ରି ନମ୍ବର ୧୯୬୨। ଠିକ୍ ଟିକାକରଣ, ଖାଦ୍ୟପେୟ ଏବଂ ବସବାସ ପାଇଁ ଉପଯୁକ୍ତ ପରିବେଶ ପ୍ରଦାନ କରିଲେ ପ୍ରାଣୀଙ୍କର ସ୍ୱାସ୍ଥ୍ୟାବସ୍ଥା ସଦାସର୍ବଦା ଠିକ୍ ରହିଥାଏ। ଫଳରେ ଚାଷୀ ଲାଭବାନ ହୋଇଥାଏ। ଏହା ସହ ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନେବା ମଧ ନିତାନ୍ତ ଆବଶ୍ୟକ। ମଣିଷ, ପଶୁ ଏବଂ ପରିବେଶର ସ୍ୱାସ୍ଥ୍ୟକୁ ନଜରରେ ରଖି 'ଏକ ସ୍ୱାସ୍ଥ୍ୟ ଚିନ୍ତାଧାରା'କୁ ବୈଜ୍ଞାନିକମାନେ ଗୁରୁତ୍ୱ ଦେଉଛନ୍ତି।

**– ଡା. ହିମାଂଶୁ ବେହେରା,** ସହକାରୀ ଅଧ୍ୟାପକ, ପଶୁ ଚିକିତ୍ସା ଏବଂ ପଶୁ ପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

## ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳ ହେବା ଜରୁରୀ

ପୃଥିବୀପୃଷ୍ଠରେ ସମସ୍ତ ଜୀବଜଗତ ଯଥା–ଉଦ୍ଭିଦ, ପ୍ରାଣୀ ଏବଂ ମନୁଷ୍ୟଠାରୁ ଆରମ୍ଭକରି କୀଟ ପତଙ୍ଗ ବଞ୍ଚିବା ପାଇଁ ଏକ ପରିବେଶ ରହିଛି। ଆମେ ପାଳୁଥିବା ବିଭିନ୍ନ ପ୍ରକାର ଗୃହପାଳିତ ପ୍ରାଣୀ–ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି, କୁକୁଡ଼ାଙ୍କଠାରୁ ଆମେ ଦୁଗ୍ଧ, ଅଣ୍ଡା, ମାଂସ ପାଉଛେ। ସେମାନେ ଯେଭଳି ଆମକୁ ସାହାଯ୍ୟ କରୁଛନ୍ତି ଆମର ମଧ୍ୟ ସେମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ତେଣୁ ଆମେ ବଞ୍ଚିବାକୁ ହେଲେ ସେମାନଙ୍କୁ ଖାଦ୍ୟପେୟ ଦେଇ ବଞ୍ଚାଇ ରଖିବାକୁ ପଡିବ। ଏ ଧରାପୃଷ୍ଠରେ ଆମ ଭଳି ସେମାନଙ୍କର ବଞ୍ଚି ରହିବାର ଅଧିକାର ରହିଛି। ଆମେ ପୋଷା ପ୍ରାଣୀଙ୍କ ମାଲିକ ହୋଇ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଜରୁରୀ। ସେମାନଙ୍କର ବାସସ୍ଥାନ, ଖାଦ୍ୟପେୟ ଏବଂ ଚିକିତ୍ସା ପ୍ରତି ଯତ୍ନବାନ ହେବା ଆବଶ୍ୟକ। ତେଣୁ ଆମେ ପ୍ରାଣୀଙ୍କ ପ୍ରତି ଦୟା ମନୋଭାବ ରଖିବା ସହ ସେମାନଙ୍କୁ ଶ୍ରଦ୍ଧା କରିବା ଏବଂ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ଦରକାର।

**–ଡା. ବୀରକିଶୋର ପରିଡ଼ା,** ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ପ୍ରାଣୀଙ୍କର ସୁରକ୍ଷା ପାଇଁ ସରକାରୀ ଯୋଜନା ରହିଛି

ପ୍ରାଣୀମାନେ କଥା କହିପାରନ୍ତି ନାହିଁ। ତେଣୁ ସେମାନଙ୍କର ମଙ୍ଗଳ ତଥା ସୁରକ୍ଷା ପାଇଁ ବିଶେଷଭାବରେ ସେମାନ(ମାଲିକ)ଙ୍କର ବିଶେଷ ଭୂମିକା ରହିଛି। ଏତଦ୍‌ବ୍ୟତୀତ ବୁଲା ଶଣ୍ଢ, ବୁଲା କୁକୁର ତଥା ଅନ୍ୟାନ୍ୟ ପ୍ରାଣୀଙ୍କ ପାଇଁ ଆମ ମାନବ ସମାଜ ଏବଂ ସରକାର ବିଶେଷ ଭାବରେ ଧ୍ୟାନ ଦେଇ ଆସୁଛନ୍ତି। ଗୃହପାଳିତ ତଥା ବୁଲା ପ୍ରାଣୀଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର 'ଏନ୍‌ଏଡିସିପି' ଯୋଜନା, ନିଜସ୍ୱ ଗୋମାତା ଯୋଜନାରେ ବ୍ୟାପକ ଟିକାକରଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାର ସେଥିପାଇଁ ୧୩ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଟିକା ଦେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ମାଗଣାରେ ବିଭାଗୀୟ କର୍ମଚାରୀଙ୍କ ମାଧ୍ୟମରେ କରୁଛନ୍ତି। ସେହିପରି ରାଜ୍ୟ ସରକାର ଏକ ନିଜସ୍ୱ ଯୋଜନା 'ଗୋମାତା ପ୍ରଚଳନ କରିଛନ୍ତି। ଏଥିସହ ଆମ ରାଜ୍ୟରେ ଥିବା କୋଟି କୋଟି ପ୍ରାଣୀଙ୍କ ଚିକିତ୍ସା, ଟିକାକରଣ, ରୋଗ ନିୟନ୍ତ୍ରଣ ଏବଂ ରୋଗ ନିରୂପଣ ଆଦି କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି। ବୁଲା ଗୋରୁଙ୍କ ପାଇଁ ସରକାର ଗୋଶାଳା ପ୍ରତିଷ୍ଠା କରିଛନ୍ତି। ଅନ୍ୟପକ୍ଷରେ ପ୍ରାଣୀଙ୍କର ସୁରକ୍ଷା ଏବଂ ଅଧିକାର ପାଇଁ ତଥା ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକିବା ପାଇଁ ପ୍ରାଣୀ ମଙ୍ଗଳ ବୋର୍ଡ ଗଠନ କରାଯାଇଛି। ତେଣୁ ପ୍ରାଣୀଙ୍କର ସୁରକ୍ଷା ନିଶ୍ଚିତ ଭାବରେ ଆମର, ଆମ ସମାଜର ଏବଂ ସର୍ବୋପରି ସରକାରଙ୍କ ହାତରେ ରହିଛି।

**–ଡା. ନିରାକାର ଜେନା**
ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡି, ଭଦ୍ରକ






# ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୫ କୋଟି ଦୁର୍ନୀତି ଅଭିଯୋଗ

**ଭୁବନେଶ୍ୱର,୨୫।୪ (ରବିନାରାୟଣ ଜେନା)**

ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୂର୍ବତନ ସଭାପତି ତଥା ନିର୍ଦ୍ଦେଶକ ବସନ୍ତ କୁମାର ପଟ୍ଟନାୟକଙ୍କ ଏଭଳି ସାଂଘାତିକ ଅଭିଯୋଗକୁ ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ବଳସାମନ୍ତ ରାଜ୍ୟ ସମବାୟ ନିବନ୍ଧକ(ଆରସିଏସ୍)ଙ୍କୁ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ଯେ, ଅଭିଯୋଗର ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ମନ୍ତ୍ରୀଙ୍କ

**ସମବାୟ ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ**


ନିର୍ଦ୍ଦେଶ ପରେ ଆରସିଏସ୍‌ଙ୍କ ପକ୍ଷରୁ ବ୍ରହ୍ମପୁର ଡିଭିଜନସ୍ଥ ଡିଆର୍‌ସିଏସ୍‌ଙ୍କୁ ପତ୍ର ଲେଖାଯାଇଛି। ତୁରନ୍ତ ଏହାର ଅନୁସନ୍ଧାନପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅବଗତ କରାଇବାକୁ କୁହାଯାଇଛି। ଅଭିଯୋଗକାରୀ ବସନ୍ତ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି, ୨୦୦୯ରୁ ୨୦୧୯ ମଧ୍ୟରେ ବ୍ରହ୍ମପୁର ଡିଭିଜନରେ ବହୁ ଅଭିଯୋଗ ଗଡୁଛି। ଏନେଇ ଗଞ୍ଜାମ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରିକି ୨୦୧୫ରେ ସ୍ୱତନ୍ତ୍ର ସମୀକ୍ଷାରେ ୬୩ କର୍ମଚାରୀ ୯୩ଟି ମାମଲାରେ ୨୫ କୋଟି ଟଙ୍କା ଦୁର୍ନୀତି କରିଥିବା ଜଣାପଡ଼ିଛି। ସେମାନଙ୍କ ବିରୋଧରେ ସରଚାର୍ଜ ପ୍ରୋସିଡିଂ କରିବାକୁ ସମୀକ୍ଷାରେ ଦର୍ଶାଯାଇଥିଲେ ହେଁ ତାହା ହୋଇନାହିଁ। ସଂପ୍ରତି ୪୬ ଲକ୍ଷ ଟଙ୍କା ରିକଭରି ହୋଇଛି। ଏହି ଦୁର୍ନୀତିରେ ବହୁ ଉଚ୍ଚପଦସ୍ଥ ଅଧିକାରୀ ସଂପୃକ୍ତ ରହିଥିବାରୁ ସତ୍ୟ ପଦାକୁ ଆସିପାରୁନାହିଁ। ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ସେ ଅଭିଯୋଗରେ କହିଛନ୍ତି।

## ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ ଇଭେଣ୍ଟ | ଚମକ ଦେଖାଇବେ ଗଜପତିର କାର୍ତ୍ତିକ


କୋଚଙ୍କ ସହ କାର୍ତ୍ତିକ

**ପାରଳାଖେମୁଣ୍ଡି,୨୫।୪(ଗିରିଧାରୀ ପରିଛା)**

ନୂଆଦିଲ୍ଲୀରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଗଜପତିର ଯୁବ ସ୍କେଟର୍ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଗଜପତି ଡିଷ୍ଟ୍ରିକ୍ଟ ରୋଲର ସ୍କେଟିଂ ଏକାଡେମୀରେ ସ୍କେଟିଂ ପ୍ରଶିକ୍ଷଣ ନେଉଥିବା ସିଧାମଡଙ୍ଗ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ପାଲାକାଲା କାର୍ତ୍ତିକ ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଇଭେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଏପ୍ରିଲ ୩୦ରୁ ମେ ୫ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବ। ଏହା ପୂର୍ବରୁ କାର୍ତ୍ତିକ ନଭେମ୍ବର ୨୬ ଓ ୨୭ ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିୟନଶିପରେ ଏସ୍‌ଜିଏଫ୍‌ଆଇର ଯୋଗ୍ୟତା ପର୍ଯ୍ୟାୟରେ ଦୌଡ ଶେଷ କରି ରୌପ୍ୟ ପଦକ ହାସଲ କରିଥିଲେ। ଏଥିପାଇଁ ସେ ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏସ୍‌ଜିଏଫ୍‌ଆଇ ଇଭେଣ୍ଟ ପାଇଁ କାର୍ତ୍ତିକ ଚୟନ ହେବା ତାଙ୍କ କଠିନ ପରିଶ୍ରମ ଏବଂ କ୍ରୀଡ଼ା ପ୍ରତି ସମର୍ପଣ ମନୋଭାବର ପରିଚୟ ଦିଏ। ଗଜପତି ସ୍କେଟିଂ ଏକାଡେମୀରେ ପ୍ରଶିକ୍ଷକ ସୁକାନ୍ତ ଦଳବେହେରା ଓ ଜିଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ରଙ୍କ ମାର୍ଗଦର୍ଶନରେ କାର୍ତ୍ତିକ ତାଲିମ ନେଉଛନ୍ତି। କାର୍ତ୍ତିକଙ୍କ ସଫଳତା ଗଜପତି ସ୍କେଟିଂ ଏକାଡେମୀ ଓ ଜିଲା ପ୍ରଶାସନ ଯୁବ ପ୍ରତିଭାଙ୍କୁ ଏହି କ୍ରୀଡ଼ାପାଇଁ ଯେ ପ୍ରୋତ୍ସାହିତ କରୁଛି ତାହା ସ୍ପଷ୍ଟ ହୋଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ନିକଟ, ସମୟ: ସକାଳ ୮ଟା ୧୫।
- ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ସକାଳ ୯ଟା।
- ଟ୍ରେନିଂ ଅଫ୍ ଟ୍ରେନର୍ସ ସାର୍ଟିଫିକେଶନ କୋର୍ସ, ସ୍ଥାନ: ବିଜେଇଏମ୍ ସ୍କୁଲ ପରିସର, ସମୟ: ସକାଳ ୯ଟା।
- ୧୮ତମ ୟୁସିମାସ ଓଡ଼ିଶା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: କଲେଜ୍ ଅଫ୍ ଏଗ୍ରିକଲ୍‌ଚର, ଓୟୁଏଟି, ସମୟ: ସକାଳ ୯ଟା।
- ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା, ସ୍ଥାନ: ଏନ୍‌ଏମ୍‌ଆଇଟି, ପାତ୍ରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ଆଡଭାନ୍ସଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭବାନି ରିସୋର୍ଟ, ସତ୍ୟବିହାର, ସମୟ: ଅପରାହ୍ନ ୪ଟା ୩୦।
- ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରତିବାଦରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ଶିଶୁଭବନ ଛକ. ସମୟ: ଅପରାହ୍ନ ୫ଟା ୩୦।
- ଇଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ 'ଇଶା କ୍ରିୟା', ସ୍ଥାନ: ନୀଳଶୈଳ ଭିଲ୍ଲା ବିପରୀତ ପାର୍ଶ୍ୱ, ରାଧିକା ଟାୱାର ନିକଟ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର, ସ୍ଥାନ: କର୍ପୋରେଟର ଅଫିସ ପରିସର, ୱାର୍ଡ ନଂ. ୪୫, ଖାନନଗର, ସମୟ: ସକାଳ ୯ଟା।
- ସିଡିଏ ରଙ୍ଗମ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଡିଏ ସେକ୍ଟର-୮ ଶିବ ମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚନ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୱାଇଏମ୍‌ସିଏ ଏବଂ ଦି ସେଣ୍ଟ ଥୋମାସ ଫେଲୋସିପ୍ ପକ୍ଷରୁ ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା, ସ୍ଥାନ: ୱାଇଏମ୍‌ସିଏ ସମ୍ମିଳନୀ କକ୍ଷ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଅଖିଳ ଭାରତ ଯୁବସଂଘ ଜିଲ୍ଲାସ୍ତରୀୟ ସମ୍ମେଳନ, ସ୍ଥାନ: ମାଣିକଗୋଡ଼ା, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଗଣବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗଣବିକ୍ଷୋଭ ଓ ଜେଲଭରୋ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବୈତରଣୀ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଡଙ୍କୁରୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ରେଡ୍ ସହିତ ମୟୂରଭଞ୍ଜ ଗ୍ରୀନ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।

## ବ୍ରହ୍ମପୁର

- କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଗିରି ମାର୍କେଟ ଛକ, ସମୟ-ସକାଳ ୮ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା,ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।
- ଗଞ୍ଜାମ କଳା ପରିଷଦର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: କବିସୂର୍ଯ୍ୟ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଦଭାବନା ଗୃହ,ସମୟ: ପୂର୍ବାହ୍ନ ୧୧ଟା।
- କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋଳନ୍ଥରା ବନ୍ଦେ ମାତରଂ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଗୀତା ଜ୍ଞାନଯଜ୍ଞ, ସ୍ଥାନ: କ. ନୂଆଗାଁ ପୁରୁଣାସାହି, ସମୟ: ସନ୍ଧ୍ୟା ୭ଟା।

## ଗଜପତି

- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ,ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ସିଦ୍ଧ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ଚଇତି ଘୋଡ଼ାନାଚ କାର୍ଯ୍ୟକ୍ରମ, ସ୍ଥାନ: ମା' ବାସୁଳେଇ ଦେବୀ ମନ୍ଦିର ପରିସର, ଡାହାଳପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱ ପ୍ରାଣୀ ଦିବସ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସୃଜନ ସଭାକକ୍ଷ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ: ସକାଳ ୧୦ ଟା।
- କୁଆଁରିଆ ମହୋତ୍ସବ ଓ ପଲ୍ଲୀ ମେଳାର ଉଦ୍‌ଯାପନ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୪ଟା। ସଭା, ସମୟ: ସନ୍ଧ୍ୟା ୬ଟା। ରାଜ୍ୟ ଭିତର ଓ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ: ରାଗଡ଼ା ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦ ।

## ନବରଙ୍ଗପୁର

- ପେଣ୍ଡରାଣୀ ଗୁଡ଼ି ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସକାଳ ୬ଟା।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଜନ୍ମ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦।
- ଆମ ପୋଲିସ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ,ସ୍ଥାନ: କୋରାପୁଟ ଅଗ୍ନିଶମ କାର୍ଯ୍ୟାଳୟ ଛକ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ଆୟୋଜିତ ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗୀତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆୟୋଜିତ ସମ୍ଭାଗ ସ୍ତରୀୟ ବାସ୍କେଟ୍ ବଲ କ୍ରୀଡା ଉତ୍ସବ, ସ୍ଥାନ : ସମ୍ବଲପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ, ସ୍ଥାନ : ଗଙ୍ଗାଧର ମୁକ୍ତି ମଣ୍ଡପ ପଡ଼ିଆ, ସମୟ : ଅପରାହ୍ନ ୪ଟା।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ସକାଳ ୬ଟା।
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ସମାରୋହ ପାଳନ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗୋଡଭଗା, ଅତାବିରା,ସମୟ:ସକାଳ ୭ଟା।
- ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ,ସ୍ଥାନ:ଜିଲାପାଳଙ୍କ ସାମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଗୋଡଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପହଲଗାମରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ଟାଉନ ହଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିନ ଜଳାଧିବାସ, ସ୍ଥାନ: ମା' ଭୈରବୀଙ୍କ ପ୍ରାଙ୍ଗଣ, ପୁରୁଣାକଟକ , ସମୟ: ସକାଳ ୯ ଟା ।

## ଦେବଗଡ଼

- କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼ ସହର, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଜୁମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଭିଜିତ୍ ସ୍ମୃତି କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିନିକା ନୂଆବଜାର, ସମୟ: ସକାଳ ୮ଟା ୩୦ ମିନିଟ।
- ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜମ୍ମୁ କଶ୍ମୀର ପହଲଗାମଠାରେ ହିନ୍ଦୁ ଉପରେ ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା, ସ୍ଥାନ: ଖରିଆରରୋଡ ଆମସେନା ଛକଠାରୁ ଶ୍ରୀରାମ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ନବଗ୍ରହ ପୂଜା ଓ ହୋମ, ସ୍ଥାନ:ମଙ୍ଗଳ ବଜାର ଶନି ମନ୍ଦିର, ସମୟ:ସକାଳ ୮ଟା।
- ବ୍ରଜରାଜନଗର ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବ୍ରଜରାଜନଗର ସୁଇମିଂପୁଲ ପଡିଆ, ସମୟ : ଅପରାହ୍ନ ୫ଟା ୩୦।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସମୟ :ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ସହ ମଙ୍ଗଳଙ୍କ ଦୁର୍ବଳଜନିତ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ବନ୍ଧୁଙ୍କ ଆଦର, ସ୍ନେହ ଏବଂ ସଦିଚ୍ଛା ସବୁ ଦୁଃଖକୁ ଭୁଲାଇଦେବ। ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ମଧ୍ୟ ଫେରିପାଇବେ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ପ୍ରତିଯୋଗିତାରୁ ପ୍ରଶଂସା ମିଳିବ।

**ବୃଷ** ଉଚ୍ଚସ୍ଥ ଶୁକ୍ରଙ୍କ ସ୍ଥିତି ଅନୁଯାୟୀ ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଜନିତ ବ୍ୟସ୍ତତା ମଧ୍ୟରେ ଗତିକରିବେ। ତଥାପି ସଭାସମିତି, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ସୁଫଳ ମିଳିବ। ପାରିବାରିକ ଜୀବନ ସମସ୍ୟାବହୁଳ ହୋଇପାରେ। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ ଏବଂ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମିଥୁନ** ଧନାଧିପ କର୍ମସ୍ଥ ଯୋଗୁ ଆର୍ଥିକ, ସାମାଜିକସ୍ଥିତି ମନ୍ଦ ହେବନାହିଁ। ମଧୁର ବ୍ୟବହାର, ସୌଜନ୍ୟ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ବଳକା କାମକୁ ଶୀଘ୍ର ଶେଷ କରିବାକୁ ବ୍ୟସ୍ତ ହେବେ। ପାରିବାରିକ ସ୍ତରରେ କିମ୍ବା ଶତ୍ରୁତା କ୍ରମରେ କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଭାଗ୍ୟସ୍ଥାନରେ ଏକାଧିକଗ୍ରହ ଯୋଗ ପ୍ରଭାବରୁ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ବାଣିଜ୍ୟ, ଯୋଗାଯୋଗ ଏବଂ ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତି ଲାଭ କରିବ। ଶନିଙ୍କ ସୁପ୍ରଭାବରୁ ବିବାଦରେ ବିଜୟୀ ହେବେ।

**ସିଂହ** ରାଶ୍ୟାଧିପଙ୍କ ଉଚ୍ଚସ୍ଥାନାଧିରୂଢ ଯୋଗୁ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ପ୍ରଶଂସିତ ହେବେ। ମୁଖଭାବସ୍ଥ କେତୁଙ୍କ ଯୋଗୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ନୀରବଦ୍ରଷ୍ଟା ସାଜିପାରନ୍ତି। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଆନ୍ଦୋଳିତ କରିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ମୁହଁରେ ସମ୍ମାନ ଦେବାର ଅଭିନୟ କରିପାରନ୍ତି।

**କନ୍ୟା** ଏକାଧିକଗ୍ରହ ସପ୍ତମଭାବସ୍ଥ ଯୋଗୁ ବିବାଦୀୟ ଘଟଣାରୁ ନିଜକୁ ଦୂରେଇ ରଖିବା ଭଲ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ ସ୍ଥିତି ଗୁରୁତର ଆକାର ଧାରଣ କରିବ ନାହିଁ। ବୃତ୍ତି, ବାଣିଜ୍ୟ, ଯୋଗାଯୋଗ, କର୍ମାରମ୍ଭ ସାଙ୍ଗକୁ ମନପୂତ କାମ ହାସଲ କରିବେ।

**ତୁଳା** ଷଷ୍ଠାଧିପ ଅଷ୍ଟମସ୍ଥ ଯୋଗୁ ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିବ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ପ୍ରବଚନ କାର୍ଯ୍ୟକ୍ରମ, ସତ୍‌ସଙ୍ଗରୁ ପ୍ରଶଂସିତ ହେବେ।

**ବିଛା** ଭାଗ୍ୟସ୍ଥାନରେ ରାଶ୍ୟାଧିପ ଥିବାରୁ ଅସଜଡ଼ା କାମକୁ ସଜାଡ଼ି ନେବେ। କିନ୍ତୁ ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ପୂର୍ବରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁରୁଣା ଦିନର କଥାକୁ ନେଇ ମନରେ ଭାବାନ୍ତର ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** ପ୍ରିୟଜନଙ୍କ ଗହଣରେ ହସଖୁସିରେ ସମୟ ବିତାଇବେ। ମୂଳା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ ନାହିଁ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମକର** ଆଜିର ଗ୍ରହଯୋଗ ପ୍ରଭାବରୁ ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧାସୁଯୋଗ ମଧ୍ୟ ପାଇପାରିବେ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ** ଚତୁର୍ଥକେନ୍ଦ୍ରସ୍ଥ ଗୁରୁଙ୍କ ପ୍ରଭାବରେ ପାରିବାରିକ ଓ କର୍ମକ୍ଷେତ୍ର ପ୍ରୀତିପ୍ରଦ ରହିବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟର ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପକ୍ଷପାତିତାକୁ ଆଧାର କରି କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ** ଆଜି ରାଜଯୋଗଜନିତ ଅର୍ଥ, ସମ୍ମାନ ଲାଭପୂର୍ବକ ସମାଜରେ ଆଦରଣୀୟ ରହିବେ। ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥାକୁ ବିଜ୍ଞ ବ୍ୟକ୍ତି ସମର୍ଥନ କରିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର କରିବେ।

ଆଜି ଏପ୍ରିଲ ୨୬ ତାରିଖ, ବୈଶାଖ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୧୦।୦୯ ଗତେ ଘ.୦୧।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୩୪ ଗତେ ଘ.୧୦।୦୯ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଳ ବୟସ ଆଉ କାହିଁ**
**ପାରିବି ପୁତ୍ର ଉପୁଜାଇ ।**

ବୟସ ବା ସମୟ ଆଗରେ ମଣିଷ ହାର ମାନିଥାଏ। କ୍ଷମତାର ସମୟ ଅତିକ୍ରାନ୍ତ ହେବା ପରେ ଆଉ କିଛି କଳକୌଶଳ ପ୍ରଦର୍ଶନ କରିବାକୁ ବାଟ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବହୁ ମେଳି ହୋଇ ରାବିଲେ କାକ**
**ରାତିରେ ଭେରଣ୍ଡା ମାଇଲେ ଡାକ**
**କୁକୁର ମେଳି ହୋଇଣ କାନ୍ଦିଲେ**
**ସନ୍ଧ୍ୟା ସମୟେ କପୋତ ରାବିଲେ**
**ଆକାଶରୁ ତାରା ହୋଇଲେ ଭ୍ରଷ୍ଟ**
**ନାଥ ବୋଲେ ପୁତା, ପଡ଼ଇ କଷ୍ଟ ।**

ସାଧାରଣତଃ ଏକତ୍ର କାଉ ରାବିଲେ, ରାତ୍ର କାଳରେ ଅଣ୍ଡିରା ବିଲୁଆ ବୋବାଇଲେ ତଥା କୁକୁର ମେଳି ହୋଇ କାନ୍ଦିଲେ ଓ ସନ୍ଧ୍ୟା ସମୟରେ କପୋତ ରାବିଲେ ଏବଂ ଆକାଶରୁ ତାରା ଖସି ପଡୁଥିବାର ଦେଖିଲେ ବିପତ୍ତି ପଡ଼େ ବୋଲି ବୁଝିବାକୁ ହୋଇଥାଏ। ଉପରୋକ୍ତ ସମସ୍ତ ଲକ୍ଷଣ ଅଶୁଭ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ

ବେଙ୍ଗାଲୁରୁ,୨୫।୪

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ଡ. କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନଙ୍କର ଶୁକ୍ରବାର ପୂର୍ବାହ୍ନ ୧୦ଟା ୪୩ ମିନିଟ୍ ସମୟରେ ବେଙ୍ଗାଲୁରୁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଶେଷ ସମ୍ମାନ ପ୍ରଦାନ ଲାଗି ତାଙ୍କ ମରଶରୀରକୁ ରବିବାର ରମନ ରସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ରଖାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

କସ୍ତୁରୀରଙ୍ଗନଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କସ୍ତୁରୀରଙ୍ଗନଙ୍କ ପରଲୋକରେ ମୁଁ ଅତ୍ୟନ୍ତ ମର୍ମାହତ। ଭାରତର ମହାକାଶ କାର୍ଯ୍ୟକ୍ରମରେ ବିପ୍ଲବ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ଭାରତର ବିଜ୍ଞାନ ଓ ଶୈକ୍ଷିକ ଯାତ୍ରାରେ କସ୍ତୁରୀରଙ୍ଗନ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଏହି ମହାକାଶ ବୈଜ୍ଞାନିକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଦେଶ ପ୍ରତି ନିଃସ୍ୱାର୍ଥପର ଅବଦାନ ସବୁବେଳେ ମନେରହିବ ବୋଲି ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି।

କସ୍ତୁରୀରଙ୍ଗନ ଇସ୍ରୋ ଅଧ୍ୟକ୍ଷ, ସ୍ପେସ୍ କମିଶନ ମୁଖ୍ୟ ଏବଂ ଭାରତ ସରକାରଙ୍କ ମହାକାଶ ବିଭାଗ ସଚିବ ଭାବେ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ମହାକାଶ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଭାରତର ପ୍ରଥମ ଦୁଇଟି ଭୂନିରୀକ୍ଷଣ ସାଟେଲାଇଟ୍ ଭାସ୍କର-୧ ଏବଂ ଭାସ୍କର-୨ ପାଇଁ ସେ ପ୍ରୋଜେକ୍ଟ ଡାଇରେକ୍ଟର ଥିଲେ। ପରେ ସେ ଦେଶର ପ୍ରଥମ କାର୍ଯ୍ୟକାରୀ ରିମୋଟ୍-ସେନ୍ସିଂ ସାଟେଲାଇଟ୍ ଆଇଆର୍‌ଏସ୍-୧ଏ ଦାୟିତ୍ୱ ମଧ୍ୟ ନେଇଥିଲେ। ସେ ୧୯୮୨ରେ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ଲାଗି ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)

ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ ସେମାନଙ୍କଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଛନ୍ତି। ସୁଭଦ୍ରା ଯୋଜନାରେ ଏସ୍‌ଓପି ତଥା ଗାଇଡ୍‌ଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପରିଡ଼ା ମତ ପ୍ରକାଶ କରିଛନ୍ତି। ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପରିଡ଼ା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍ କମ୍ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡ଼ି ଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ ସମେତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ମୋ ସେବାକେନ୍ଦ୍ର, ଜନସେବା କେନ୍ଦ୍ର କର୍ମକର୍ତ୍ତାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଛନ୍ତି।



ପ୍ରଭାତୀ ପରିଡ଼ା

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୦ ବରିଷ୍ଠ ଖବରଦାତା ଯୋଗ ଦେଇଛନ୍ତି। ଏହା ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ଏଲ୍‌ଓସିରେ ସେନା ଠୁଳକଲା ପାକିସ୍ତାନ

ନୂଆଦିଲ୍ଲୀ,୨୫।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କଡ଼ା ଚେତାବନୀ ଦେଇଥିବାରୁ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା କରି ପାକିସ୍ତାନ ଏଥିପାଇଁ ପ୍ରସ୍ତୁତ ହେଉଛି। ଏକ ସୂତ୍ରରୁ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ମିଳିଥିବା ସୂଚନା ଅନୁଯାୟୀ, ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟେ ପାକିସ୍ତାନୀ ସେନା ଏହାର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବହୁସଂଖ୍ୟାରେ ସୈନ୍ୟ ଠୁଳ କରିଛି। ସୈନ୍ୟମାନେ ବଙ୍କର ମଧ୍ୟରେ ରହି ଏଲ୍‌ଓସି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆକ୍ରମଣକାରୀଙ୍କୁ ଖୋଜି ବାହାର କରିବା ସହ ଆଇନର କାଠଗଡ଼ାକୁ ଆଣିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଜ୍ଞା କରିଥିବାରୁ ସୀମା ଆରପଟେ ଉତ୍ତେଜନା ଦେଖାଦେଇଛି। ସେନାର ୧୦ କର୍ପସ୍‌କୁ ସତର୍କ ରହିବା ଲାଗି ପାକ୍ ସେନାମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ସୀମା ଆରପଟେ ସିଆଲକୋଟ୍ ଡିଭିଜନକୁ ମଧ୍ୟ ଜାଗତିଆର ରହିବାକୁ କୁହାଯାଇଛି।

# ‘ଘଟଣାର ଜଡ଼ରେ ପହଞ୍ଚିବା ସାମ୍ବାଦିକଙ୍କ ଦାୟିତ୍ୱ’

## ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ସମ୍ପାଦକ ସମ୍ମିଳନୀ


ସମ୍ମିଳନୀରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଓ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ।

ଭୁବନେଶ୍ୱର,୨୫।୪ (ଅନୁରାଧା ମହାରଣା)

ସାମ୍ବାଦିକତା ହେଉଛି ସର୍ବପୁରାତନ ଜୀବିକା। କାହିଁ କେଉଁ କାଳରୁ ମଣିଷ ହୁଅନ୍ତୁ ବା ପ୍ରାଣୀ ଜୀବନ ଜୀବିକା ନିର୍ବାହ ପାଇଁ ଖାଦ୍ୟ ସମ୍ପର୍କରେ ସାଥୀଙ୍କୁ ସୂଚନା ଦେଇଥା’ନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମାଜକୁ ଠିକ୍ ସୂଚନା ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମ ବହନ କରୁଛି। ପ୍ରତ୍ୟେକ ଘଟଣା ଖୁବ୍‌ଶୀଘ୍ର ବ୍ୟାପିଯାଉଛି। ତେବେ ଲୋକଙ୍କ ପାଖରେ କୌଣସି ଘଟଣାର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ପ୍ରସାରଣ ପାଇଁ ଗଣମାଧ୍ୟମ ବ୍ୟଗ୍ର ଥିବାବେଳେ ତା’ର ଜଡ଼କୁ ଯିବାକୁ ଅନେକେ ଚାହୁଁନାହାନ୍ତି। ତେଣୁ ପ୍ରତି ଘଟଣାର ଜଡ଼କୁ ଯାଇ ସାମ୍ବାଦିକମାନେ ଠିକ୍ ତଥ୍ୟଯୁକ୍ତ ଖବର ଲୋକଲୋଚନକୁ ଆଣିବା ଏବଂ ତାହାକୁ ନିଜ ଗଣମାଧ୍ୟମରେ ସ୍ଥାନିତ କରିବାକୁ ସମ୍ପାଦକ ସମ୍ମତି ଦେବା ଜରୁରୀ। ଭୁବନେଶ୍ୱର ଗୋଠପାଟଣାସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ଅନୁଷ୍ଠିତ ପ୍ରଥମ ‘ସମ୍ପାଦକ ସମ୍ମିଳନୀ’ରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି।

ଶୁକ୍ରବାର କ୍ୟାମ୍ପସ୍ ପରିସରରେ ଆୟୋଜିତ ଏହି କନ୍‌କ୍ଲେଭରେ ୨ଟି ଅଧିବେଶନରେ ‘ଗଣମାଧ୍ୟମର ପରିବର୍ତ୍ତନ: ଗଣମାଧ୍ୟମ ସମ୍ପାଦକଙ୍କ ଦୃଷ୍ଟିକୋଣ’ ଏବଂ ‘ମିଡିଆ ସ୍ୱାଧୀନତାର ଭବିଷ୍ୟତ କର୍ପୋରେଟ୍ ପ୍ରଭାବ, ସମ୍ପାଦକୀୟ ସ୍ୱାଧୀନତା ଓ ନିୟାମକ ଆହ୍ୱାନ’ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଡିନ୍ ଶିବ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ କହିଲେ, ସମ୍ପାଦକ ସମ୍ମିଳନୀ ହେଉଛି ଛାତ୍ରଛାତ୍ରୀଙ୍କୁ ବାସ୍ତବ ଦୁନିଆର ଆହ୍ୱାନ ଏବଂ ଗଣମାଧ୍ୟମ ଚିନ୍ତାଧାରା ସହିତ ଯୋଡିହେବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରତିଫଳନ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଯୋଗଦେଇଥିବାବେଳେ ଆଉଟ୍‌ଲୁକ୍‌ର ପୂର୍ବତନ ମୁଖ୍ୟ ସମ୍ପାଦକ ରୁବେନ ବାନାର୍ଜୀ ଭର୍ଚୁଆଲରେ ଯୋଡ଼ିହୋଇଥିଲେ।

ଏହି ଅବସରରେ ତଥାଗତ ସାମ୍ବାଦିକତାର ବିକଶିତ ଦୃଶ୍ୟପଟ ଉପରେ ଅର୍ନ୍ତଦୃଷ୍ଟିପୂର୍ଣ୍ଣ ଆଲୋଚନା କରି ଡିଜିଟାଲ ଯୁଗରେ ସମ୍ପାଦକୀୟ ନେତୃତ୍ୱରେ ପରିବର୍ତ୍ତନଶୀଳ ଭୂମିକା, ଦାୟିତ୍ୱ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପହଲଗାମ ଘଟଣାର ଉଦାହରଣ ଦେଇ ସେ କହିଲେ, ଆତଙ୍କବାଦୀ ଆକ୍ରମଣ ପରେ କ’ଣ ପଦକ୍ଷେପ ନିଆଯିବ ତାହା ଜାଣିବା ପାଇଁ ସମସ୍ତେ ଚାହାନ୍ତି। ମାତ୍ର ଏତେ ବଡ଼ ଅଘଟଣ ଘଟିବାର ମୂଳ କାରଣ ଉପରେ କେହିଁ ତଥ୍ୟ ଉପସ୍ଥାପନ କରୁନାହାନ୍ତି। ତେଣୁ ଏଭଳି ଘଟଣାର କାରଣ ଜଣାପଡ଼ିଲେ ଭବିଷ୍ୟତ ପାଇଁ ଏହାର ନିରାକରଣ କରାଯାଇପାରିବ। ସତ୍ୟ ସର୍ବସମ୍ମୁଖକୁ ଆଣିବା ଜଣେ ସାମ୍ବାଦିକତାର ଦାୟିତ୍ୱ ହେବା ଉଚିତ। ନୀଳାମ୍ବର ରଥ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଭବିଷ୍ୟତ ବିଷୟରେ ତାଙ୍କର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। ସାମ୍ବାଦିକତାରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଲେ, ଦିନକୁ ଦିନ ଦର୍ଶକ ବା ପାଠକଙ୍କ ରୁଚି ବଦଳୁଛି। ସାମ୍ବାଦିକତାରେ ସଫଳତା ପାଇଁ ନିଜ ଦକ୍ଷତା ଉପରେ ଗୁରୁତ୍ୱ ଦେବା ସହ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଆପଣେଇ ସମୟାନୁସାରେ ପରିବର୍ତ୍ତନ ହେଉଥିବା ଧାରା ସହ ଖାପ ଖୁଆଇବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର। ରୁବେନ ବାନାର୍ଜୀ ବର୍ତ୍ତମାନ ସୋସିଆଲ ମିଡିଆ, ଏପରିକି ପ୍ରମୁଖ ଗଣମାଧ୍ୟମରେ ମଧ୍ୟ ଭୁଲ୍ ସୂଚନା ପ୍ରସାରିତ ହେଉଛି। ଭୁଲ୍ ସୂଚନା ଏବଂ ପ୍ରାୟୋଜିତ ଭ୍ରମାତ୍ମକ ସୂଚନା ପ୍ରଦାନ ସାମ୍ବାଦିକତା କ୍ଷେତ୍ର ପାଇଁ ଆହୱାନ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ବୋଲି ସେ କହିଥିଲେ। ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ ଏହି ଅଧିବେଶନର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି କୁଳଭୂଷଣ ବାଲୁନି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିବିସି ଡିଜିଟାଲ କଣ୍ଟେଣ୍ଟ ଏଡିଟର ସର୍ବପ୍ରିୟା ସାଙ୍ଗୱାନ୍ ଭର୍ଚୁଆଲରେ ଯୋଡ଼ି ହୋଇଥିବାବେଳେ ଟୁଙ୍କୁନ୍ୟୁଜର ସମ୍ପାଦକ ମନୋରଞ୍ଜନ ମିଶ୍ର, ଏମବିସି ଟିଭିର ସମ୍ପାଦକ ଅଶୋକ କୁମାର ପଣ୍ଡା ଏବଂ ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଞ୍ଜମିଶ୍ର ଯୋଗଦେଇ ସମ୍ପ୍ରତି ଗଣମାଧ୍ୟମର ସ୍ୱାଧୀନତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ପ୍ରଫେସର ଡ. ମେହୁଲ ଅଗ୍ରୱାଲ ଏହି ଅଧିବେଶନର ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ, ଅଧ୍ୟାପିକାଧ୍ୟାପକ ଯୋଗଦେଇଥିବାବେଳେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନରଞ୍ଜନ ମିଶ୍ର ଉଦ୍‌ଯାପନୀ ମନ୍ତବ୍ୟ ଦେଇଥିଲେ।

# ଆସନ୍ତା ୧ରୁ ଜୁନ୍ ଯାଏ ଚାଲିବ ରବି ଋତୁ ଧାନକିଣା

- କୌଣସି ଯୋଗ୍ୟ ଚାଷୀ ଯେପରି ଧାନକିଣାରୁ ବଞ୍ଚିତ ନ ହୁଅନ୍ତି: ମୁଖ୍ୟ ଶାସନ ସଚିବ
- ୧୪ ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ଲକ୍ଷ୍ୟ ରଖିଛନ୍ତି ସରକାର

ଭୁବନେଶ୍ୱର, ୨୫।୪ (ବ୍ୟୁରୋ ମିଶ୍ର)

ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୭୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଚଳିତ ରବି ଋତୁପାଇଁ ଆସନ୍ତା ୧ ତାରିଖରୁ ଜୁନ୍ ୩୦ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ସଞ୍ଜୟ କୁମାର ସିଂ କହିଛନ୍ତି। ଚଳିତ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ବୈଠକ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମ୍ପୃକ୍ତ ଜିଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ପାଇଁ ତଥ୍ୟ ଉପସ୍ଥାପିତ କରିଥିଲେ। ସେଭଳି ଯୋଗ୍ୟ ଚାଷୀ ଧାନକିଣାରୁ ବଞ୍ଚିତ ନ ହୁଅନ୍ତି ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀ ଏବଂ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଞ୍ଜୟ ସିଂ ଆହୁରି କହିଛନ୍ତି, ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ପ୍ରାୟ ୩ ଲକ୍ଷ ୪୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି। ଚଳିତବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବାବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲାରେ ୧୭୫୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ। ଏଥିରେ ମଧ୍ୟ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଦରମା: ୨୨,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ 10am To 4pm)

ଆବଶ୍ୟକ
ଭଲ ଖାଦ୍ୟ, ଆକର୍ଷଣୀୟ ଦରମା ସହ ସିକ୍ୟୁରିଟି ଗାର୍ଡଙ୍କ ନିଯୁକ୍ତି ଆରମ୍ଭ
5'.8" ଉଚ୍ଚତା ଥିବା ଗାର୍ଡ ତୁରନ୍ତ ଆବଶ୍ୟକ
ସୁର୍ଯ୍ୟ ଫୋର୍ସ ସିକ୍ୟୁରିଟି ସର୍ଭିସେସ୍
ମୋ. 9422313968, 8669698959

ASSISTANT REQUIRED
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply (male or female) candidate mother tongue Odia with certificate copies and Aadhar card to Sriram Enterprises, Red cross Road Bhanjanagar-761126
Phone/ Whatsapp: 9438572007

Job Opportunity at SB Sahoo & Co Pvt. Ltd., Bhubaneswar
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

WELDER REQUIRED
ମଞ୍ଚେଶ୍ୱର ଭୁବନେଶ୍ୱର
ଓ୍ୱେଲଡ଼ର ଆବଶ୍ୟକ।
Salary-12k to 17k
ଖାଇବା ରହିବା ସୁବିଧା ଅଛି।
Contact - 9124614403

# ଆନ୍ଧ୍ରରେ ମିଶିବାକୁ ସୀମାନ୍ତବାସୀଙ୍କ ଇଚ୍ଛା


ନନ୍ଦପୁର ବିଡିଓ ଏବଂ ତହସିଲଦାର ରାଇପାହାଡ଼ ଗ୍ରାମବାସୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

- କୋଟିଆ ପରେ ଏବେ ରାଇପାହାଡ଼
- ଗାଁରେ ପହଞ୍ଚି ତଦନ୍ତ କଲା ନନ୍ଦପୁର ବ୍ଲକ୍ ପ୍ରଶାସନ

ନନ୍ଦପୁର,୨୫।୪ (ତୁଷାର କାନ୍ତ ମହାନ୍ତି)

ଆନ୍ଧ୍ର ଅନୁପ୍ରବେଶ ଓ ବିସ୍ତାରବାଦୀ ନୀତି ପାଇଁ ସମସ୍ୟା ନକର ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ରହିଛି। ରାଜ୍ୟ ସରକାର କୋଟିଆ ପଞ୍ଚାୟତ ସମସ୍ୟାକୁ ଗୁରୁତ୍ୱ ଦେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଥିବା ବିବାଦକୁ ସମାଧାନ କରିବାକୁ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କିନ୍ତୁ ନନ୍ଦପୁର ବ୍ଲକ୍ ଅଧୀନ ସୀମାନ୍ତ ଗ୍ରାମଗୁଡ଼ିକ ଅଣଦେଖା ହେଉଛି। ଏଭଳି ଅଭିଯୋଗ କରି ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମବାସୀ ଗତ ୧୮ ତାରିଖ ଦିନ ଆନ୍ଧ୍ର ହୁକୁମ୍‌ପେଟା ବ୍ଲକ ବିଡିଓ, ତହସିଲଦାର ଓ କଣ୍ଡୁମ ପଞ୍ଚାୟତ ପ୍ରତିନିଧିଙ୍କୁ ଭେଟି ଆନ୍ଧ୍ରରେ ମିଶିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆନ୍ଧ୍ର ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଅନୁରୋଧପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ଘଟଣା ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିବାସନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ବୋରା ଏବଂ ତହସିଲଦାର ପ୍ରଭାତି ଖୋଡିଆଙ୍କୁ ରାଇପାହାଡ଼ ଗ୍ରାମକୁ ଯାଇ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହାପରେ ଶୁକ୍ରବାର ସେମାନେ ଏହି ଗ୍ରାମକୁ ପରିଦର୍ଶନ କରି ସ୍ଥାନୀୟ ଲୋକେ ଓ ଆନ୍ଧ୍ର ଦ୍ୱାରା ନିଯୁକ୍ତ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନା କରିଥିବା ଜିଲାପାଳ କହିଛନ୍ତି। ସୂଚନା ଅନୁଯାୟୀ, ୨୦୨୩ରେ ନନ୍ଦପୁର ବ୍ଲକ ସୀମାନ୍ତ ପାଲ୍ଲୁଗୁଙ୍ଗ, ଗୋଲୁର, ବାସୁଆ, ଖଇରପୁ, ହାତୀବାରି, ପରଜା ବଡପଡ଼ା, ପାଡୁଆ, କୁଲାବିର, କୁଲାରସିଂ ଓ ବିଲାପୁଟ ଆଦି ପଞ୍ଚାୟତବାସୀଙ୍କୁ ଆଧାର, ରାଶନ ଓ ଭୋଟର କାର୍ଡ ଦେଇ ଆନ୍ଧ୍ର ପ୍ରଲୋଭନ ଦେଖାଉଥିବା ଘଟଣା ସାମ୍ନାକୁ ଆସିଥିଲା। ବିଶେଷ ଭାବେ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମକୁ ଆନ୍ଧ୍ର ନିଜର କହି ଏକାଧିକ ସରକାରୀ ଯୋଜନାରେ ସାମିଲ କରିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଘଟଣା ସାମ୍ନାକୁ ଆସିଥିଲା। ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ଆନ୍ଧ୍ର ଓଡ଼ିଶା ସୀମାର ୨ କି.ମି. ଅତିକ୍ରମ କରି ରାଇପାହାଡ଼ ଗ୍ରାମବାସୀଙ୍କୁ ପ୍ରଲୋଭିତ କରାଯାଇଥିବା ଜଣାପଡ଼ିଥିଲା। କୋରାପୁଟ ଜିଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୧୭/୨୩(ରେଭ) ଜେଡ଼ପି ୨୭।୦୨।୨୩ରେ ଆନ୍ଧ୍ରର ଆଲୁରି ସୀତାରାମ ଜିଲାପାଳଙ୍କୁ ଚିଠି ଲେଖି ଆନ୍ଧ୍ର ଅନୁପ୍ରବେଶ ଓ ସରକାରୀ ଯୋଜନା ପ୍ରୟୋଗ ବନ୍ଦ କରି ୨ ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ୧୨।୦୨।୨୩ରେ ରାଇପାହାଡ଼ ଓ ୨୮।୦୨।୨୩ରେ ଚାପୁଆ ଫରେଷ୍ଟ ଗେଷ୍ଟ ହାଉସରେ ଦୁଇ ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଓଡ଼ିଶା ପକ୍ଷରୁ ତତ୍କାଳୀନ ଉପଜିଲାପାଳ ବେଣୁଧର ଶବର ଓ ଆନ୍ଧ୍ରର ଡୁମ୍ବ୍ରିଗୁଡା ତହସିଲଦାର ସି.ଏଚ୍. ନାଗମା ନିଜ ନିଜ ଟିମ୍ ସହ ଉପସ୍ଥିତ ରହି କଥାବାର୍ତ୍ତା କରିଥିଲେ। ଏଥିରେ ଆନ୍ଧ୍ର ପାଖରେ କେବଳ ରାଇପାହାଡ଼ ଗ୍ରାମବାସୀ ତାଙ୍କ ରାଜ୍ୟର ହିତାଧିକାରୀ ଥିବା ପ୍ରମାଣ ବ୍ୟତୀତ ଅନ୍ୟକୌଣସି କାଗଜପତ୍ର ନ ଥିଲା। ଏଥିପାଇଁ ଆନ୍ଧ୍ର ରାଇପାହାଡ଼ ଗ୍ରାମକୁ ନିଜକୁ ଦୃଢ଼ରେ ରଖିବ ଓ ଗ୍ରାମବାସୀଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଦ୍ୱିପାକ୍ଷିକ ଆଲୋଚନାର ନିଷ୍ପତ୍ତି ସମ୍ପର୍କରେ କୋରାପୁଟ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ(ଆରଡି), ଶକ୍ତି ବିଭାଗ(ଟିପିଏସ୍‌ଓଡିଏଲ)କୁ ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଗ୍ରାମରେ ବସବାସ କରୁଥିବା ୧୬ରୁ ୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ୟ ୧୩ ପରିବାରକୁ ବିଜୁ ଗ୍ରାମୀଣ ଆବାସ ଯୋଜନା(ବିଜିଜିୱାଇ)ରେ ସାମିଲ କରି ଏକକ ପରିଚୟ ଦେବାକୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପସଚିବ ଗୁଳମଣି ମିଶ୍ର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ଜିଲା ପରିଷଦ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୪୫/ଏକ୍ସିଭି-୮୭/୨୪ ତା. ୩୧।୨୪ରେ ନନ୍ଦପୁର ବ୍ଲକ୍ ପ୍ରଶାସନକୁ ରାଇପାହାଡ଼ର ୧୩ ପରିବାରର କାଗଜପତ୍ର ଯାଞ୍ଚ କରି ନାମ ଆଉଟ୍(ବିଜିଜିୱାଇ) ପୋର୍ଟାଲରେ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଗଜପତ୍ର ଯାଞ୍ଚ ପରେ ସେମାନଙ୍କୁ ପଞ୍ଜୀକୃତ କରାଯାଇଥିଲା। ନିର୍ବାଚନ ପରେ ସରକାର ବିଜିଜିୱାଇକୁ ପରିବର୍ତ୍ତନ କରିବା ପରେ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ଏକ୍ସିଭ ପୋର୍ଟାଲରେ ନାମ ପଞ୍ଜୀକୃତ କରାଯାଇଥିଲା। କିନ୍ତୁ ପାଣି ନ ଥିବା ଦର୍ଶାଇ ଉକ୍ତ ୧୦ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ(ଗ୍ରାମୀଣତେଜ)ର କାର୍ଯ୍ୟ ଦରାଖସ୍ତ, ଟିପିଏସ୍‌ଓଡିଏଲ ପକ୍ଷରୁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ପୋତା, ଟ୍ରାନ୍ସଫର୍ମର ସ୍ଥାପନ, ଘରକୁ ଗୋଟିଏ ବିଦ୍ୟୁତ୍ ମିଟର ସ୍ଥାପନ କରିବା ସୀମିତ ହୋଇ ରହିଛି। ଓଡ଼ିଶା ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ କାଟିଲେ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ ବୋଲି କହୁଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କୁ ପଚାରିବାରୁ ଅଗଷ୍ଟ ୨୦୨୪ଠାରୁ କୌଣସି ହିତାଧିକାରୀଙ୍କୁ ଆବାସ ଯୋଜନା ପାଣ୍ଠି ପ୍ରଦାନ କରାଯାଇ ନାହିଁ। ଶୀଘ୍ର ପଞ୍ଜୀକୃତ ୧୦ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI Oriya daily 51
WANTED

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

DADLS-

ଓଡ଼ିଶା ସରକାର
ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୫
ସକାଳ- ୮ ଘଟିକା ସମୟରେ ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
-ମୁଖ୍ୟ ଅତିଥି-
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
-ସମ୍ମାନନୀୟ ଅତିଥି-
ଶ୍ରୀ ଦାଶରଥି ଗମାଙ୍ଗୋ, ବିଧାୟକ, ମୋହନା
-ମୁଖ୍ୟବକ୍ତା-
ଶ୍ରୀ ସରୋଜ କୁମାର ସାମଲ, ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା
-ଧନ୍ୟବାଦ ଅର୍ପଣ-
ଶ୍ରୀ ବିଶ୍ୱବିଜୟ ନାଥ ପାଢୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ
ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

# ଏମ୍ସରେ ରୋବୋଟିକ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ


ପଶ୍ଚିମବଙ୍ଗର ଜଣେ ମହିଳାଙ୍କର ରୋବୋଟିକ୍ ପଦ୍ଧତିରେ ଆଣ୍ଠୁ ପ୍ରତିରୋପଣ କରାଯାଉଛି।

ଭୁବନେଶ୍ୱର,୨୫।୪ (ଅନୁରାଧା ମହାରଣା)

ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ରୋବୋଟିକ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ଚିକିତ୍ସା କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ହେଉଛି ଓଡ଼ିଶା ସମେତ ସମ୍ପୂର୍ଣ୍ଣ ପୂର୍ବାଞ୍ଚଳରେ ପ୍ରଥମ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ। ଏମ୍ସ ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗର ଜଣେ ୬୬ ବର୍ଷୀୟା ମହିଳା ରୋଗୀଙ୍କର ପ୍ରଥମ ରୋବୋଟିକ ଆଣ୍ଠୁ ପ୍ରତିରୋପଣ ସଫଳତାର ସହ କରାଯାଇଛି। ରୋଗୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚାଲୁଥିଲା କରିପାରିବେ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଏଥିପାଇଁ ସେ ସମ୍ପୃକ୍ତ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସାଧାରଣତଃ ‘ଶତାବ୍ଦୀର ଅସ୍ତ୍ରୋପଚାର’ ଭାବରେ ଜଣାଶୁଣା, ଯାହା ଦୁର୍ବଳ ଆଣ୍ଠୁ ଆର୍ଥ୍ରାଇଟିସ ପୀଡ଼ିତଙ୍କ ଜୀବନକୁ ପରିବର୍ତ୍ତନ କରିଛି ବୋଲି ଡ. ବିଶ୍ୱାସ କହିଛନ୍ତି। ରୋବୋଟିକ ଆଣ୍ଠୁ ପ୍ରତିରୋପଣ ମାନବ ତ୍ରୁଟିର ବିପଦକୁ କମ୍ କରେ ଓ ସର୍ଜନଙ୍କୁ ଜଟିଳ ପଦକ୍ଷେପଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ବ୍ୟାପକ ସୁଯୋଗ ପ୍ରଦାନ କରିଥାଏ ବୋଲି ବିଭାଗୀୟ ମୁଖ୍ୟ ଡା. ବିଷ୍ଣୁ ପ୍ରସାଦ ପାତ୍ର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଅସ୍ତ୍ରୋପଚାର ପ୍ରାୟ ୮୦ ମିନିଟ ସମୟ ନେଇଥିଲା। ଆଗକୁ ଆହୁରି କମ୍ ସମୟ ଲାଗିବ। ସେହିପରି ଖୁବ୍‌ଶୀଘ୍ର ଏମ୍ସରେ ରୋବୋଟିକ ହିପ ଅସ୍ତ୍ରୋପଚାର ସୁବିଧା ମଧ୍ୟ ଆରମ୍ଭ କରାଯିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି। ଏହି ପ୍ରଥମ ରୋବୋଟିକ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାରରେ ଅର୍ଥୋପେଡିକ୍ସ ବିଭାଗର ଚିକିତ୍ସକଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡା. ସୁଜିତ ତ୍ରିପାଠୀ, ଡା. ଗୁରୁଦୀପ ଦାସ, ଡା. ମେଘନାଥ ଭି ପାଣ୍ଡାର ପ୍ରମୁଖ ଉପସ୍ଥିତ ଥିଲେ।

“ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ । ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ । –ଶ୍ରୀମା



# ସ୍ୱଚ୍ଛତା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ କାର୍ଯ୍ୟରତ ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀ ସୋନିଆ ନାରଙ୍ଗ ଓ ଅଭିଷେକ ଗୋଏଲଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ଏମାନେ ସେଣ୍ଟ୍ରାଲ ଡେପୁଟେଶନରେ ଯାଇ ଇଡିରେ ନିଯୁକ୍ତି ପାଇଥିଲେ । ଆଇପିଏସ୍‌ଙ୍କ କାର୍ଯ୍ୟକାଳ ନୀତିର 'ରିଲାକ୍ସେସନ'ଅନୁଯାୟୀ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ଏବେ ସେହି ବାବୁ କହୁଛନ୍ତି, ଆମେ ନିୟମ ସବୁ କରିଛୁ, କିନ୍ତୁ ସେଗୁଡ଼ିକରେ ଆମେ ସବୁବେଳେ ବାନ୍ଧିହୋଇ ରହିବାକୁ ବାଧ ନୋହୁଁ । ତେବେ ନାରଙ୍ଗଙ୍କ କଥା ଦେଖାଯାଉ । ଏପ୍ରିଲ ପ୍ରାରମ୍ଭରେ ତାଙ୍କୁ ଇଡିର ଦାୟିତ୍ୱରୁ ମୁକ୍ତ କରାଯାଇ କର୍ନାଟକ କ୍ୟାଡରକୁ ପଠାଇ ଦିଆଯାଇଥିଲା । ଯେଭଳି ପଠାଇ ଦିଆଯାଇଥିଲା ଠିକ୍ ସେମିତି ତାଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି କରି ପୁନର୍ବାର ଦିଲ୍ଲୀକୁ ଫେରାଇ ଆଣାଯାଇଛି । ସେ ଇଡିରେ ଥିବା ସମୟରେ ପିଏଫ୍‌ଆଇ, ଆଇଏଫ୍‌ଏଫ୍‌ସିଓ, ଭିଭୋ, ମାଓବାଦ ଭଳି ପ୍ରାୟ ସମସ୍ତ ହାଇ ପ୍ରୋଫାଇଲ ମାମଲା ସମ୍ଭାଳୁଥିଲେ । ସେ ଏତେ ଦରକାରୀ ଥିଲେ ଯେ, ତାଙ୍କୁ ଯିବାକୁ ଦିଆଯାଇ ନପାରେ ବୋଲି କୁହାଯାଉଥିଲା । କିନ୍ତୁ ପର୍ଯ୍ୟବେକ୍ଷକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି, କାହିଁକି ତାଙ୍କୁ ହଠାତ ଶୀଘ୍ର ବିଦା କରାଯାଇଥିଲା । ଗୋଏଲଙ୍କ କାର୍ଯ୍ୟକାଳ ବୃଦ୍ଧିରେ ସମାନ କଥା ଘଟିଛି । ଏବେ ଏଚ୍‌ଆଇୟୁର ନେତୃତ୍ୱ ନେବା ସହ ଉତ୍ତରାଞ୍ଚଳର ଦାୟିତ୍ୱ (ନିକଟରେ ହୋଇଥିବା ମହାରାଷ୍ଟ୍ର ନିର୍ବାଚନ ସହିତ) ସମ୍ଭାଳୁଥିବା ଗୋଏଲଙ୍କ କାର୍ଯ୍ୟକାଳ ମଧ୍ୟ ୧ ବର୍ଷ ବୃଦ୍ଧି କରାଯାଇଛି । ଏକଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ, ଇଡିର ପଦାନୁକ୍ରମରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ହେଉଛି ଦ୍ୱିତୀୟ ଶୀର୍ଷ ର୍‌ୟାଙ୍କ । ଏଭଳି ନଅଟି ପଦବୀ ରହିଛି । ଦେଖାଯାଉଛି ଅଧିକ 'ସ୍ୱତନ୍ତ୍ର' ପଦବୀରେ ଅଧିକ 'ସ୍ୱଚ୍ଛତା' ନାହିଁ । ଏଣୁ ଆମେ ନିୟମଗୁଡ଼ିକ ବଦଳାଇବା କିମ୍ବା ଭାଙ୍ଗିବା ଦେଖିବାକୁ ପାଉଛୁ । ଏସିସି ଏହାକୁ ରିଲାକ୍ସେସନ କହିପାରେ, କିନ୍ତୁ ଅନ୍ୟମାନଙ୍କ ପାଇଁ ଏହା ହେଉଛି ଅମଲାତାନ୍ତ୍ରିକ ଯୋଗର ଏକ ମାଷ୍ଟରକ୍ଲାସ୍ ।

### ସୋସିଆଲ ମିଡିଆରେ ବାବୁ ବିବାଦ

କେରଳର ବାବୁ ସାମ୍ରାଜ୍ୟ ନିଜର ଏକ ରିୟଲିଟି ଶୋ'ର ସଂସ୍କରଣକୁ ଅନୁଭବ କରୁଛି, ଯାହା ସାର୍ବଜନୀନ ବିବାଦ, ସୋସିଆଲ ମଡ଼ିଆ ଡ୍ରାମା ଏବଂ ଅଭିଯୋଗରେ ପରିପୂର୍ଣ୍ଣ । ଏହା ମୌସୁମୀ ପବନଠାରୁ ମଧ୍ୟ ଅଧିକ ବେଗରେ ବ୍ୟାପୁଛି ଏବଂ ଏହି ଝଡ଼ର କେନ୍ଦ୍ରରେ ଅଛନ୍ତି ଆଇଏଏସ୍ ଅଧିକାରୀ ଏନ୍ ପ୍ରଶାନ୍ତ ଯିଏ କି ସୋସିଆଲ ମିଡିଆରେ 'କଲେକ୍ଟର ବ୍ରୋ' ଭାବେ ପରିଚିତ । ନିକଟରେ ନିଲମ୍ବିତ ହୋଇଥିବା ପ୍ରଶାନ୍ତ ବରିଷ୍ଠ ଅମଲାତନ୍ତ୍ରୀ ଏ. ଜୟତିଲକ ଏବଂ କେ. ଗୋପାଳକ୍ରିଷ୍ଣନଙ୍କ ବିରୋଧରେ ଦୁର୍ନୀତି ଓ ଷଡ଼ଯନ୍ତ୍ର ଅଭିଯୋଗ ଆଣିଛନ୍ତି । ସେ ଦାବି କରିଛନ୍ତି ଯେ, କାର୍ଯ୍ୟାଳୟର ଅପବ୍ୟବହାର ଓ ବଢୁଥିବା ଦୁର୍ନୀତି ବିରୋଧରେ ହ୍ୱିସିଲବ୍ଲୋୟର ଭାବେ କାର୍ଯ୍ୟ କରୁଥିବାରୁ ଏହାର ପ୍ରତିକ୍ରିୟା ସ୍ୱରୂପ ତାଙ୍କୁ ନିଲମ୍ବନ କରାଯାଇଛି । ଏହା ଏକ ଗମ୍ଭୀର ଅଭିଯୋଗ, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ଗୋପାଳକ୍ରିଷ୍ଣନ ସର୍ଭିସ ନିୟମକୁ ଉଲ୍ଲଂଘନ କରି ଧର୍ମୀୟ ଆଧାରିତ ଏକ ହ୍ୱାଟ୍ସଆପ୍ ଗ୍ରୁପ ସୃଷ୍ଟି କରିବା କାରଣରୁ ନିଲମ୍ବିତ ହୋଇଥିଲେ । ଜୟତିଲକଙ୍କୁ ସାଧାରଣରେ ସୋସିଆଲ ମିଡିଆରେ ସମାଲୋଚନା କରିବା ଯୋଗୁ ପ୍ରଶାନ୍ତଙ୍କୁ ନିଲମ୍ବନ କରାଯାଇଥିଲା । ସୋସିଆଲ ମିଡିଆରେ ଲଢ଼େଇ କେରଳର ତଥାକଥିତ ଶୃଙ୍ଖଳିତ ପ୍ରଶାସନିକ ବ୍ୟବସ୍ଥାର ବିବାଦକୁ ସାମ୍ନାକୁ ଆଣିଛି । ସାର୍ବଜନୀନ ସ୍ତରରେ ଏହି ଅମଲାତାନ୍ତ୍ରିକ ବିବାଦ ପ୍ରଶାସନିକ ବ୍ୟବସ୍ଥାରେ ଗଭୀର ଅସନ୍ତୋଷକୁ ପ୍ରତିଫଳିତ କରୁଛି । ବିଶେଷକରି ସୋସିଆଲ ମିଡିଆରେ ଏହି ବିବାଦର ପ୍ରଚାର ସିଭିଲ ସର୍ଭିସର ଦୁର୍ବଳ ଏକତା ଓ ସର୍ବସାଧାରଣ ବିଶ୍ୱାସର ଅଧୋଗତିକୁ ଦର୍ଶାଉଛି । ଏ କଥା ଭୁଲିଯିବା ଉଚିତ ନୁହେଁ ଯେ, ଏହା ମଧ୍ୟ ଶାସନର ଏକ ବଡ଼ ବିଚ୍ୟୁତି । ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଥିବା ଯୁଗରେ ବାବୁମାନେ ଖୋଲା ମନୋଭାବ ପୋଷଣ ସହ ଉଚିତ ବ୍ୟବସ୍ଥାଗତ ମାଧ୍ୟମରେ ଆଭ୍ୟନ୍ତରୀଣ ବିବାଦର ସମାଧାନ କରିବା ପାଇଁ ଏହା ସମ୍ଭବତଃ ଏହା ଉପଯୁକ୍ତ ସମୟ ।

### ଉତ୍ତରଦାୟିତ୍ୱର ଦୁର୍ବଳତା

ମଧ୍ୟପ୍ରଦେଶର କ୍ଷମତା ପରିସରରେ ବାବୁମାନଙ୍କ ମଧ୍ୟରେ ଚାପା ଅସନ୍ତୋଷ ପ୍ରକାଶ ପାଉଛି । ଆଇଏଏସ, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଧିକାରୀମାନେ ସେମାନଙ୍କ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ପ୍ରତିବର୍ଷ ଘୋଷଣା କରିବାର ବାଧ୍ୟତାମୂଳକ ହୋଇଥିବାବେଳେ ମନ୍ତ୍ରୀମାନେ ୧୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହାକୁ ଅଣଦେଖା କରିଆସୁଛନ୍ତି । ଏହାକୁ ନେଇ ତୀବ୍ର ବିରୋଧାଭାସ ପ୍ରକାଶ ପାଇଥିଲେ ମଧ୍ୟ କେହି ଜଣେ ଏହା ଉପରେ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି । ରାଜ୍ୟର ସାଧାରଣ ପ୍ରଶାସନ ବିଭାଗ ଦୋହରାଇଛି ଯେ, ସମସ୍ତ ସରକାରୀ କର୍ମଚାରୀମାନେ ସେମାନଙ୍କ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ବାଧ୍ୟ । ଏଥିରେ ପୈତୃକ ଓ ନିଜ ଉପାର୍ଜିତ ସମ୍ପତ୍ତି କେବେ କିଣାଯାଇଥିଲା, ତାହାର ମୂଲ୍ୟ ଏବଂ ଏବକାର ବଜାର ମୂଲ୍ୟ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି । ଏହା ପୂରଣ ନ କଲେ ଦରମା ବନ୍ଦ କରାଯିବା ସହ ପଦୋନ୍ନତି ଦିଆଯିବ ନାହିଁ ବୋଲି ସୂଚିତ କରିଛି । ଅନ୍ୟପଟେ ମନ୍ତ୍ରୀମାନେ ୨୦୧୬ରେ ଅନ୍‌ଲାଇନରେ ସେମାନଙ୍କ ସମ୍ପତ୍ତି ସମ୍ପର୍କରେ ଘୋଷଣା କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ମଧ୍ୟ ଅନେକେ ଲଗାତର ଭାବେ ସମ୍ପତ୍ତିର ତଥ୍ୟ ଦେଇନାହାନ୍ତି । ବିଭିନ୍ନ ସରକାର ମଧ୍ୟ ଏହି ସମସ୍ୟାକୁ ଅଣଦେଖା କରିଆସିଛନ୍ତି । ଏହା କେବଳ ଅନ୍ୟାୟ ନୁହେଁ ବରଂ ଏଭଳି ଦି ପ୍ରକାରର କଥା କେତେଦିନ ଚାଲିବ ବୋଲି ସରକାରୀ ସ୍ତରରେ ଆଲୋଚନାର ବିଷୟ ହୋଇଛି । ମନ୍ତ୍ରୀମାନେ ସ୍ୱଚ୍ଛତା ଅବଲମ୍ବନ କରୁନଥିବାରୁ ଏହା ଦକ୍ଷ ସରକାର ଓ ଉତ୍ତରଦାୟିତ୍ୱର ଦୁର୍ବଳତାକୁ ଦର୍ଶାଉଛି । ବାସ୍ତବରେ ଏକ ସ୍ୱଚ୍ଛ ପ୍ରଶାସନ ପାଇଁ ଅମଲାତନ୍ତ୍ରୀମାନେ ଯେମିତି ସେମାନଙ୍କ ସମ୍ପତ୍ତି ତଥ୍ୟ ଘୋଷଣା କରୁଛନ୍ତି ମନ୍ତ୍ରୀମାନେ ସେଭଳି କରିବା ଅପରିହାର୍ଯ୍ୟ ।

Email: dilipcherian@gmail.com

# କଳା–ଗୋରା କାହାଣୀ



ପ୍ରକାଶ ତ୍ରିପାଠୀ

ଗତ ନବେ ଦଶକରେ ମୋର ବିବାହ ପାଇଁ କନ୍ୟା ଖୋଜା ହେଉଥିବା ବେଳେ ମୋ ବୋଉର ଗୋଟିଏ ମାତ୍ର ସର୍ତ୍ତ ଥିଲା ଯେ, ବୋହୂଟି ଗୋରୀ ହେବା ଦରକାର । ଯେହେତୁ ମୋର ରଙ୍ଗ ସଫା, ତେଣୁ ସେ ଗୋରୀ ବୋହୂଟିଏ ଚାହୁଁଥିଲା । କେବଳ ମୋ ବୋଉ ନୁହେଁ, ଭାରତରେ ପ୍ରତ୍ୟେକ ମା'ବାପା ଚାହାନ୍ତି, ସେମାନଙ୍କ ପୁଅ ପାଇଁ ଘରକୁ ଗୋରୀ ବୋହୂଟିଏ ଆସୁ । ତେଣୁ ଜନ୍ମ ସମୟରେ ପୁଅଟିଏ ଶ୍ୟାମଳ ବର୍ଣ୍ଣର ହେଲେ କିଛି ଅସୁବିଧା ନ ଥାଏ, ମାତ୍ର କନ୍ୟାଟିଏ ଶ୍ୟାମଳ ବର୍ଣ୍ଣ ହୋଇଥିଲେ ମନ ଊଣା ହୋଇଯାଏ । କାରଣ ବିବାହ ସମୟରେ ଗୋରା ରଙ୍ଗ ପ୍ରତି ଦୁର୍ବଳତା କେତେକ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଥାଏ । ଗତ କିଛି ଦିନ ତଳେ ଏଇ କଳା–ଗୋରା ରଙ୍ଗକୁ ନେଇ କିଛିଟା ବିତର୍କ ଗଣମାଧ୍ୟମରେ ସୃଷ୍ଟି ହୋଇଥିଲା । କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ନିଜର ଶ୍ୟାମଳ ରଙ୍ଗ ପାଇଁ ସେ ନିଜ ପରିବାରରେ ଓ ନିଜ କ୍ୟାରିଅରରେ ସମ୍ମୁଖୀନ ହୋଇଥିବା ଭେଦଭାବ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ । ସେ ଲେଖିଥିଲେ ଯେ, ତାଙ୍କର ଯୋଗ୍ୟତା ଓ ପ୍ରଦର୍ଶନର ତୁଳନା ପୂର୍ବତନ ମୁଖ୍ୟ ସଚିବ, ଯିଏ କି ତାଙ୍କର ସ୍ୱାମୀଙ୍କ ସହ ତ୍ୱଚାର ରଙ୍ଗ ଆଧାରରେ କରାଯାଉଛି । ଆମ ଦେଶରେ ଲୋକମାନେ ଶିକ୍ଷିତ ଓ ଆଧୁନିକ ଭାବନା ସହ ପ୍ରଗତିଶୀଳ ବିଚାର ବି ରଖୁଛନ୍ତି । କିନ୍ତୁ ତ୍ୱଚାର ରଙ୍ଗ ପ୍ରତି ଥିବା ଦୁର୍ବଳତାରୁ ମୁକୁଳି ପାରୁନାହାନ୍ତି । ସେ ପୁଣି କ୍ଷୋଭର ସହ ଲେଖିଥିଲେ ଯେ, ସେ ବିଗତ ପଚାଶ ବର୍ଷରୁ ଅଧିକ ସମୟ ଧରି ସେହି କଳା–ଗୋରାର କାହାଣୀ ତଳେ ଚାପିହୋଇ ବଞ୍ଚିଛନ୍ତି ଯେ ତାଙ୍କର ତ୍ୱଚାର ରଙ୍ଗ ଭଲ ନୁହେଁ । ଏପରିକି ସେ ଚାରି ବର୍ଷର ହୋଇଥିବା ବେଳେ ନିଜ ମାଆଙ୍କୁ ଥରେ ପଚାରିଥିଲେ ଯେ, ସେ ତାଙ୍କୁ ତାଙ୍କ ଗର୍ଭକୁ ଫେରାଇ ନେଇ ପୁଣି ଥରେ ସମ୍ପୂର୍ଣ୍ଣ ଗୋରା ଓ ସୁନ୍ଦର କରି ଜନ୍ମ ଦେଇପାରିବେ କି ?

ସାରଦା ମୁରଲୀଧରନଙ୍କ କ୍ଷୋଦକ୍ତି ପ୍ରଣିଧାନଯୋଗ୍ୟ । କାରଣ ଭାରତୀୟ ସମାଜରେ ତ୍ୱଚାର ରଙ୍ଗକୁ ନେଇ ଥିବା ବିଚାର ଏତେ ଗଭୀର ଯେ ସେଥିରୁ ମୁକୁଳିବା ସହଜ ନୁହେଁ । ରଙ୍ଗ ଭେଦ କେବଳ ସୁନ୍ଦରତା ମଧ୍ୟରେ ସୀମିତ ନୁହେଁ, ଏହା ପ୍ରତି ସକାରାତ୍ମକ ଭାବନା ମଧ୍ୟ ପ୍ରବଳ । ଗୋରା ରଙ୍ଗ କଳା ରଙ୍ଗଠାରୁ ଶ୍ରେଷ୍ଠ । ଏହା ଆମର ସାହିତ୍ୟ, ସିନେମା ଆଦିରେ ବେଶ୍ ପ୍ରତିଫଳିତ । ଆମ ଚଳଚ୍ଚିତ୍ରରେ ଗୋରୀ ମାନଙ୍କର ବର୍ଣ୍ଣନା ବେଶି । ଗୋରେ ରଙ୍ଗ ପେ ନା ଇତନା ଗୁମାନ କର, ଗୋରା ରଙ୍ଗ ଦୋ ଦିନ ମେଁ ଢଲ ଯାଏଗା । ଧୂପ ମେଁ ନିକଲା ନ କରୋ ରୂପ କି ରାନୀ , ଗୋରା ରଙ୍ଗ କାଲା ନ ପଡ ଯାଏ । ଏହିଭଳି ହିନ୍ଦୀ ସିନେମାର ଗୀତ ପ୍ରମାଣ ଦିଏ ଗୋରା ରଙ୍ଗ ପ୍ରତି ଆମର ଦୁର୍ବଳତା ଓ ଆକର୍ଷଣ ।



ଗୋରା ରଙ୍ଗ ପ୍ରତି ଆମ୍ଭମାନଙ୍କର ଅଧିକ ଦୁର୍ବଳତା ହେତୁ ଶ୍ୟାମଳ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଆମେ ପରଦା ଉପରେ ଗୋରା ରଙ୍ଗରେ ଦେଖିଥାଉ । ଏପରିକି ଯାତ୍ରା ଓ ଥିଏଟରରେ କଳାକାରମାନେ ରଙ୍ଗ ମାଖିହୋଇ ମଞ୍ଚ ଉପରକୁ ଗୋରା ରୂପରେ ଆସିଥାନ୍ତି । କେବଳ ଆଧୁନିକ ସଙ୍ଗୀତ ନୁହେଁ, ପୁରାତନ ଗୀତ କବିତାରେ ଗୋରୀଙ୍କ ଚର୍ଚ୍ଚା ଅଧିକ । ତ୍ୱଚାର ରଙ୍ଗ ଶ୍ୟାମଳ ହେଲେ ପୁଅମାନଙ୍କଠାରୁ ଝିଅମାନଙ୍କର ଚିନ୍ତା ଅଧିକ । ସେଥିପାଇଁ ଅକ୍ଷୟ ମହାନ୍ତିଙ୍କ ଯା ଯାରେ ଭାସି ଯା ଗୀତରେ 'ଯିଏ ଦେଖୁଛି ନାକ ଟେକୁଛି ମୁଁ ପରା କାଳୀ କନିଆ ' ପଦଟି ବିବାହ ସମୟରେ ଗୋରୀ ଝିଅମାନଙ୍କର ପ୍ରଧାନ୍ୟକୁ ବୁଝାଏ ।

କେବଳ ଭାରତ ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ତ୍ୱଚାର ରଙ୍ଗକୁ ନେଇ ସେଠାକାର ନାଗରିକଙ୍କ ମନରେ ହୀନମନ୍ୟତା ରହିଛି । ୨୦୧୩ ମସିହାରେ ମୂଳ ଭାରତୀୟ ତଥା ଆମେରିକୀୟ ନାଗରିକ ନିନା ମିସ୍ ଆମେରିକା ଟାଇଟଲ ଜିତିବା ପରେ ଓ ବାରାକ ଓବାମା ଆମେରିକାର ରାଷ୍ଟ୍ରପତି ହେବା ପରେ ଅନେକ ଆମେରିକୀୟଙ୍କୁ ଏହା ପସନ୍ଦ ଆସି ନ ଥିଲା । ଉଭୟଙ୍କ କ୍ଷେତ୍ରରେ ସେମାନଙ୍କର କଳା ରଙ୍ଗ ଏଥପାଇଁ ମୁଖ୍ୟ କାରଣ ଥିଲା । ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାରମଙ୍ଗଳମ ବିର୍ଲାଙ୍କ ଝିଅ ତଥା ପ୍ରଖ୍ୟାତ ଗାୟିକା ଅନନ୍ୟା ବିର୍ଲା ନିଜ ପରିବାର ସହ ଏକ ଆମେରିକୀୟ ରେଷ୍ଟୁରାଣ୍ଟରେ ଦୀର୍ଘ ତିନି ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଖାଇବାକୁ ଦିଆଯାଇ ନ ଥିଲା ଓ ସେଠାରୁ ଫେରିଆସିବାକୁ ସେମାନେ ବାଧ ହୋଇଥିଲେ । ତାହା କେବଳ ବର୍ଣ୍ଣବୈଷମ୍ୟ ଯୋଗୁ ହୋଇଥିଲା ବୋଲି ସେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ । ପ୍ରଖ୍ୟାତ ଲେଖିକା ମନୁ ଭଣ୍ଡାରୀ ଓ ପ୍ରଭା ଖୈତାନ ମଧ୍ୟ ସେମାନଙ୍କ କଳା ରଙ୍ଗ ପାଇଁ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । ଆମେରିକା ଭଳି ବର୍ଣ୍ଣବୈଷମ୍ୟ ଭାବନା ଭାରତରେ କେବେ ନ ଥିଲା କି ଏବେ ନାହିଁ । ଭୌଗୋଳିକ ସ୍ଥିତି ଅନୁସାରେ ଭାରତୀୟଙ୍କ ରଙ୍ଗ ଶ୍ୟାମଳ । ଅବଶ୍ୟ ଆଫ୍ରିକୀୟ ବା ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକର ନାଗରିକଙ୍କ ଭଳି ଭାରତୀୟ ମାନେ ଏତେଟା କଳା ନୁହନ୍ତି । ଦକ୍ଷିଣ ଭାରତୀୟଙ୍କଠାରୁ ଉତ୍ତର ଭାରତୀୟଙ୍କ ଶରୀରର ତ୍ୱଚା ସାମାନ୍ୟ ସଫା । ମାତ୍ର ଏହାର ଅର୍ଥ ନୁହେଁ ଯେ ଗୋରା ରଙ୍ଗ ପ୍ରତି ଭାରତୀୟମାନଙ୍କର ଦୁର୍ବଳତା ନାହିଁ ।

କଳା ରଙ୍ଗକୁ ହୀନ ଦୃଷ୍ଟିରେ ନ ଦେଖିବା ପାଇଁ ଶ୍ୟାମଳ ହିଁ ସୁନ୍ଦର ନାମରେ ଏକ ସାଂସ୍କୃତିକ ଆନ୍ଦୋଳନ ଗତ ଷାଠିଏ ଦଶକରେ ଆଫ୍ରିକୀୟ ଆମେରିକୀୟମାନଙ୍କ ଦ୍ୱାରା ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୋଇଥିଲା । ଏହାପରେ ଏହି ଆନ୍ଦୋଳନ ଅନ୍ୟାନ୍ୟ ଦେଶକୁ ବ୍ୟାପିଥିଲା । କଳା ଲୋକଙ୍କ ଭାବପ୍ରବଣତା ଏବଂ ମାନସିକ ସୁସ୍ଥତାକୁ ଉନ୍ନତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା । ରଙ୍ଗଭେଦ ବିରୋଧରେ ସଚେତନତା ଏବଂ ସମର୍ଥନ ଅଭିଯାନ ଭାବରେ ଭାରତରେ ସ୍ୱେଚ୍ଛାସେବୀ ସଂଗଠନ, ଓମେନ ଅଫ ୱର୍ଥ ଦ୍ୱାରା ୨୦୦୯ ମସିହାରେ ଡାର୍କ ଇଜ୍ ବିୟୁଟିଫୁଲ ବା ଶ୍ୟାମଳ ହିଁ ସୁନ୍ଦର ଅଭିଯାନ ଆରମ୍ଭ ହୋଇଥିଲା । ବଲିଉଡ ଅଭିନେତ୍ରୀ ନନ୍ଦିତା ଦାସ ଏହି ଅଭିଯାନର ଜଣେ ସକ୍ରିୟ ସଭ୍ୟା । ପ୍ରଖ୍ୟାତ ଫରାସୀ ଚିତ୍ରକର ପିଏରେ–ଅଗଷ୍ଟ ରେନୋଇର୍‌ଙ୍କ ଭାଷାରେ ସମସ୍ତ ରଙ୍ଗର ରାଣୀ ହେଉଛି କଳା ରଙ୍ଗ । ଏହି ରଙ୍ଗ ଅନ୍ୟ ସମସ୍ତ ରଙ୍ଗ ଉପରେ ରାଜତ୍ୱ କରିଥାଏ । କଳାରଙ୍ଗକୁ ମୃତ୍ୟୁ, ଶୋକ, ଦୁଷ୍ଟ ଯାଦୁ ଏବଂ ଅନ୍ଧକାର ସହିତ ଯୋଡ଼ା ଯାଇପାରେ, କିନ୍ତୁ ଏହା ସୌନ୍ଦର୍ଯ୍ୟ, ଧନ, ସଂଯମ ଏବଂ ଶକ୍ତିର ମଧ୍ୟ ପ୍ରତୀକ ଅଟେ । ପ୍ରାକ୍ ଇତିହାସରେ କଳାକାରମାନଙ୍କ ଦ୍ୱାରା ବ୍ୟବହୃତ ପ୍ରଥମ ରଙ୍ଗଦ୍ରବ୍ୟ ଏବଂ ପୁସ୍ତକ ମୁଦ୍ରକମାନଙ୍କ ଦ୍ୱାରା ବ୍ୟବହୃତ ପ୍ରଥମ ରଙ୍ଗ ହେଉଛି କଳା । କଳା ଏବଂ ସାହିତ୍ୟର ବିକାଶରେ ଏହି ରଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ଆମ ଚର୍ମରେ ବର୍ଣ୍ଣକୋଷ ମେଲାନିନ ଯୋଗୁ ଶରୀର କଳା କିମ୍ବା ଗୋରା ହୋଇଥାଏ । ଯେଉଁ ଚର୍ମରେ ଅଧିକ ମେଲାନିନ ଥାଏ, ତାହା ଅଧିକ କଳା ହୋଇଥାଏ ଓ କମ୍ ମେଲାନିନ ଥିବା ଚର୍ମ ଗୋରା ଦେଖାଯାଏ । ଅଧିକ ମେଲାନିନ ଥିବା ଚର୍ମ ସୂର୍ଯ୍ୟଙ୍କ କ୍ଷତିକାରକ ଅଲଟ୍ରା ଭାଓଲେଟ ରଶ୍ମିକୁ ଟାଣିନେଇ ଶରୀରକୁ ଏହାର ବିଷାକ୍ତ ବିକିରଣରୁ ରକ୍ଷା କରେ । ତେଣୁ ଗ୍ରୀଷ୍ମପ୍ରଧାନ ଦେଶଗୁଡିକର ଅଧିବାସୀମାନେ ଅଧିକ ମେଲାନିନ ଯୁକ୍ତ ହୋଇଥିବାରୁ କଳା ଦେଖାଯାନ୍ତି । କିନ୍ତୁ କଳାରଙ୍ଗର ଶରୀରରେ ଏତେ ଗୁରୁତ୍ୱ ଥିବା ସତ୍ତ୍ୱେ ଏହି ରଙ୍ଗ ପ୍ରତି ଅଧିକାଂଶଙ୍କର ବିମୁଖତା ଆଶ୍ଚର୍ଯ୍ୟ ଲାଗେ । ଭାରତୀୟଙ୍କ ଗୋରାରଙ୍ଗ ପ୍ରତି ଥିବା ଦୁର୍ବଳତାକୁ ଠିକ୍ ବୁଝିପାରିଛନ୍ତି ପ୍ରସାଧନ ସାମଗ୍ରୀ ନିର୍ମାତାମାନେ । ତେଣୁ ସବୁ ଭାରତୀୟଙ୍କୁ ଗୋରା କରିବା ପାଇଁ ସେମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରିଚାଲିଛନ୍ତି । ଭାରତୀୟମାନେ ଗୋରା ହେଉଛନ୍ତି କି ନାହିଁ, ତାହା ଜଣାନାହିଁ, କିନ୍ତୁ ପ୍ରସାଧନ ସାମଗ୍ରୀ ନିର୍ମାତାମାନେ ଭଲ ଲାଭବାନ୍ ହେଉଛନ୍ତି ।

ମୋ: ୯୪୩୭୨୩୨୪୬୩

# ମେଦବହୁଳତା ଚିକିତ୍ସାରେ ବୈଜ୍ଞାନିକ ପଦ୍ଧତି



ଡା. ସୁନୀଲ କୁମାର କୋଟା


ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ-୫ (୨୦୨୨) ଅନୁଯାୟୀ, ବର୍ତ୍ତମାନ ଭାରତରେ ୨୩% ନାରୀ ଓ ୨୨.୧% ପୁରୁଷ ବିଏମ୍‌ଆଇ ଅନୁଯାୟୀ ଅଧିକ ଓଜନ ବିଶିଷ୍ଟ । ପେଟର ସ୍ଥୂଳତା ପ୍ରାୟ ୪୦% ନାରୀ ଓ ୧୨% ପୁରୁଷଙ୍କୁ ପ୍ରଭାବିତ କରୁଛି, ଯାହା ମଧୁମେହ/ ଡାଇବେଟିସ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ, ନିଦ୍ରା ସମସ୍ୟା (ଅବଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ/ ଅତ୍ୟଧିକ ଶୟନକାଳୀନ ଘୁଙ୍ଗୁଡ଼ି) ଓ ଗଣ୍ଠି ସମସ୍ୟା ଆଦି ବଢ଼ାଇଦିଏ । ପୂର୍ବରୁ ମେଦବହୁଳତା/ ସ୍ଥୂଳକାୟତାର ଚିକିତ୍ସା ପାଇଁ ଭାରତରେ କେବଳ ଜୀବନଶୈଳୀର ପରିବର୍ତ୍ତନ ଓ ଅର୍ଲିଷ୍ଟାଟ ପରି ପୁରୁଣା ଔଷଧ ବ୍ୟବହୃତ ହେଉଥିଲା, ଯାହାର ଫଳାଫଳ ଏତେ ଉତ୍ସାହଜନକ ନ ଥିଲା । ମାର୍ଚ୍ଚ ୨୦୨୫ରେ ଭାରତରେ ମୋଞ୍ଜାରୋ (ଟିରଜେପାଟାଇଡ)ର ଆଗମନ ସହିତ ଏହିପରି ଦୃଶ୍ୟ ବଦଳୁଛି । ମୋଞ୍ଜାରୋ ସପ୍ତାହକୁ ଥରେ ଚର୍ମତଳେ ଏକ ଇଞ୍ଜେକ୍ସନ ରୂପେ ଦିଆଯାଇଥାଏ । ଅଧିକତମ ୨୨% ଓଜନ କମାଇପାରିବା କ୍ଷମତାଯୁକ୍ତ ଏହି ଜଣାଶୁଣା ଔଷଧକୁ କୋଭିଡ–୧୯ ଟିକା ପରେ ସବୁଠାରୁ ଅଧିକ ଆଲୋଚିତ ଚିକିତ୍ସାଗତ ବିକାଶ ଭାବରେ ପରିଗଣିତ କରାଯାଉଛି । ଏହାକୁ ମେ ୨୦୨୨ରେ ୟୁ.ଏସ୍. ଏଫ୍‌ଡିଏ ଦ୍ୱାରା ଟାଇପ ୨ ଡାଇବେଟିସ ପାଇଁ ଏବଂ ନଭେମ୍ବର ୨୦୨୩ରେ ମେଦବହୁଳ ଲୋକଙ୍କଠାରେ ଦୀର୍ଘକାଳୀନ ଓଜନ ପରିଚାଳନା ପାଇଁ ଅନୁମୋଦନ ମିଳିଥିଲା ।

**ଭାରତରେ କାହିଁକି ବିଳମ୍ବରେ ଉପଲବ୍ଧ ହେଲା?**

ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ବିଶ୍ୱସ୍ତରୀୟ ଆପୂର୍ତ୍ତି ଅଭାବ ଓ ବିକାଶଶୀଳ ବଜାରକୁ ପ୍ରାଥମିକତା ଦେବାରେ ଉତ୍ପାଦକ ନିୟୋଜିତ ହେଉଥିଲେ । ଏହାସହିତ ଭାରତୀୟ ଚିକିତ୍ସା ଅନୁଗାମୀଙ୍କ ପାଇଁ ଏହାକୁ ଶସ୍ତା ଓ ପହଞ୍ଚଯୋଗ୍ୟ କରିବା ଚେଷ୍ଟା ଜାରି ରହିଥିଲା । ତେଣୁ ଏହା ଭାରତରେ ବିଳମ୍ବରେ ଉପଲବ୍ଧ ହେଲା ।

GLP-1 ଓ GIP ଉଭୟ ରିସେପ୍ଟର ଉପରେ କାର୍ଯ୍ୟ କରୁଥିବା ଏହି ଦ୍ୱୈତ-କ୍ରିୟା ପ୍ରଣାଳୀ ବିଶିଷ୍ଟ ଟିରଜେପାଟାଇଡକୁ 1. ଲିରାଗ୍ଲୁଟାଇଡ/ବଜାରନାମ–ସାକସେଣ୍ଡା ଓ 2. ସେମାଗ୍ଲୁଟାଇଡ/ ବଜାରନାମ–ଓଜେମ୍ପିକ/ ୱେଗୋଭି ପରି ଔଷଧଠାରୁ ଅଗ୍ରଣୀରୂପେ ବିବେଚିତ କରାଯାଏ, ଯାହା ଦୁଇଟିକି କେବଳ GLP-1 ରିସେପ୍ଟର ଉପରେ କାର୍ଯ୍ୟ କରିଥାନ୍ତି । ଏହା ମସ୍ତିଷ୍କର ହାଇପୋଥାଲାମସ ଉପରେ କାର୍ଯ୍ୟକରି ଭୋକ କମାଏ ତଥା ତୃପ୍ତତାକୁ ବୃଦ୍ଧି କରିଥାଏ । ପେଟରୁ ଖାଦ୍ୟ ଖାଲି କରିବାର ଗତିକୁ ଧୀର କରି ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣତା ଅନୁଭବ କରାଏ । ଚର୍ବି ସଞ୍ଚୟ କମାଏ, ଲାଇପୋଲାଇସିସ୍ (ଚର୍ବି ଭାଙ୍ଗିବା ପ୍ରକ୍ରିୟା)କୁ ପ୍ରେରିତ କରିଥାଏ । ଉଚ୍ଚ କ୍ୟାଲୋରି ଓ ଚର୍ବିଯୁକ୍ତ ଖାଦ୍ୟ ପ୍ରତି ଇଚ୍ଛା କମାଇଥାଏ ।

ଓଜନ ହ୍ରାସ କରୁଥିବା ବର୍ତ୍ତମାନ ସୁଦ୍ଧା ବ୍ୟବହୃତ ହେଉଥିବା ପୁରୁଣା ଔଷଧ ସାଧାରଣତଃ ୫–୮% ଓଜନ କମାଇଥାଏ, ଯେଉଁଥିରେ ସେମାଗ୍ଲୁଟାଇଡ(ଓଜେମ୍ପିକ/ୱେଗୋଭି) ପ୍ରାୟ ୧୫% ଓଜନ କମାଏ । କିନ୍ତୁ ଟିରଜେପାଟାଇଡ ୨୨% ପର୍ଯ୍ୟନ୍ତ ଓଜନ କ୍ଷୟ କରିପାରେ, ଯାହା ବାରିଆଟ୍ରିକ୍ସର୍ଜରୀ (ଓଜନ କ୍ଷୟକାରକ ଶଲ୍ୟ ଚିକିତ୍ସା) ସହିତ ତୁଳନୀୟ ।



ବୈଜ୍ଞାନିକ ନିଷ୍କର୍ଷର ଚମତ୍କାରୀ ଫଳାଫଳ ସାମ୍ନାକୁ ଆସିଛି । SURMOUNT ପରୀକ୍ଷଣ ଅନୁଯାୟୀ ୭୨ ସପ୍ତାହ ପରେ, ମେଦବହୁଳ ରୋଗୀଙ୍କଠାରେ: ସାପ୍ତାହିକ ୫ ଏମ୍‌ଜି ଡୋଜରେ: ୧୫% ଓଜନ କମିଛି,ସାପ୍ତାହିକ ୧୦ ଏମ୍‌ଜି: ୧୯.୫%, ସାପ୍ତାହିକ ୧୫ ଏମ୍‌ଜି: ୨୦.୯% ଏବଂ ପ୍ଲାସେବୋ (କେବଳ ଖାଦ୍ୟପେୟ ନିୟନ୍ତ୍ରଣ ଏବଂ ଜୀବନଶୈଳୀ ପରିବର୍ତ୍ତନ): ୩.୧% ମାତ୍ର ଓଜନ କମିଛି ।

କେବଳ ଓଜନ ହ୍ରାସ ନୁହେଁ ଆହୁରି ରହିଛି ବହୁବିଧ ଉପାଦେୟତା । SURPASS ନାମକ ବୈଜ୍ଞାନିକ ନିଷ୍କର୍ଷ ଅନୁଯାୟୀ, ଏହା ମଧୁମେହ ରୋଗୀଙ୍କ କ୍ଷେତ୍ରରେ ୪୦–୫୨ ସପ୍ତାହ ମଧ୍ୟରେ, HbA1C (ବିଗତ ୩ ମାସର ହାରାହାରି ରକ୍ତଶର୍କରାର ସୂଚକ)ର ମାତ୍ରା ୧.୫–୨.୪% କମାଇଥାଏ । ଏହା ହୃଦ୍ ଓ ଯକୃତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକୃତ । ଅବଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ (ରାତି ସମୟରେ ଘୁଙ୍ଗୁଡ଼ି ମାରିବା, ଅତ୍ୟଧିକ ଦିନରେ ନିଦ୍ରା ଏବଂ ଆଳସ୍ୟ ସହିତ ଜଡ଼ିତ ଏକ ଅବସ୍ଥା)ରେ ମଧ୍ୟ ଏହି ଔଷଧ ଆମୋଦିତ । ଡିସେମ୍ବର ୨୦୨୪ ରେ USFDA ଦ୍ୱାରା ଏହି ଅବସ୍ଥାର ଚିକିତ୍ସା ପାଇଁ, ଟିରଜେପାଟାଇଡ ହେଉଛି ମାନ୍ୟତା ଲାଭ କରିଥିବା ପ୍ରଥମ ଏବଂ ଏକମାତ୍ର ଔଷଧ । ଭାରତରେ ଏହି ଔଷଧ ଭାୟାଲ (ଶିଶି/ ବୋତଲ) ଆକାରରେ ବିକ୍ରିହୁଏ, ଯାହା ଆମେରିକାରେ ବିକ୍ରି ହେଉଥିବା ପେନଠାରୁ ୮୦% ଶସ୍ତା ।

ସାଧାରଣତଃ କେତେକ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ, ଯଥା ବାନ୍ତି ଅନୁଭୂତି (୩୧%), ପତଳାଝାଡ଼ା (୨୩%) ଏବଂ କୋଷ୍ଠକାଠିନ୍ୟ (୧୭%) । ଏହା ସାଧାରଣତଃ ମୃଦୁ ଧରଣର ଓ ସମୟ ସହିତ ସମାଧାନ ହୁଏ । କେବଳ ୪୭% ଲୋକଙ୍କଠାରେ ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ଚିକିତ୍ସା ବନ୍ଦ କରାଯାଇଥିଲା । ଏହି ପ୍ରଭାବଗୁଡ଼ିକୁ କମ୍ କରିବା ପାଇଁ ସାଧାରଣତଃ କମ୍ ଡୋଜ ସହିତ ଚିକିତ୍ସା ଆରମ୍ଭ କରାଯାଏ ଏବଂ କ୍ରମଶଃ ଡୋଜ ବୃଦ୍ଧି କରାଯାଏ – ଶରୀରକୁ ସଜାଡ଼ିବା ପାଇଁ ସମୟ ଦିଆଯାଏ

ମେଡୁଲାରି ଥାଇରଏଡ କ୍ୟାନସର ଓ ଅଗ୍ନ୍ୟାଶୟ ସମସ୍ୟା ଥିବା ଲୋକଙ୍କୁଏହି ଔଷଧ ଅନୁଶଂସିତ ନୁହେଁ । ଅତ୍ୟଧିକ ଏବଂ ଦ୍ରୁତଗତିରେ ଓଜନ ହ୍ରାସ ଦ୍ୱାରା ଗଲବ୍ଲାଡର(ପିତ୍ତକୋଷ)ସମସ୍ୟା ବଢ଼ିପାରେ । ଏହି ଟ୍ରାୟାଲ ମଧ୍ୟରେ ପ୍ରାୟ ୦.୬% ଲୋକଙ୍କୁ ଏହି ଅସୁବିଧା ଦେଖାଯାଇଛି ।

୨୦୨୪ର ଏକ ଅଧ୍ୟୟନ ଦେଖାଇଛି ଯେ, ଯେଉଁ ଲୋକେ ଔଷଧ ବନ୍ଦ କରିଥିଲେ ସେମାନେ ୧ ବର୍ଷ ମଧ୍ୟରେ ହାରାଇଥିବା ଓଜନର ୧୪% ପୁନଃ ବୃଦ୍ଧି ହୋଇଥିଲା । ଯେଉଁମାନେ ଚାଲୁ ରଖିଥିଲେ, ସେମାନେ ଅତିରିକ୍ତ ୫.୫% ଓଜନ କମାଇଥିଲେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଅସମାହିତ ପ୍ରଶ୍ନ ଉଠାଏ: ରୋଗୀମାନେ କେତେ ସମୟ ଔଷଧ ସେବନ କରିବା ଉଚିତ ?

ଯଦିଓ ଦୀର୍ଘକାଳୀନ ଚିକିତ୍ସା ଉପରେ ଅଧ୍ୟୟନ ଚାଲୁଛି, ବର୍ତ୍ତମାନ ଉପଲବ୍ଧ ବୈଜ୍ଞାନିକ ତଥ୍ୟ ଅନୁଯାୟୀ, କେବଳ ଖାଦ୍ୟ ଏବଂ ବ୍ୟାୟାମ ଦ୍ୱାରା ଲାଭାନ୍ୱିତ ନ ହୋଇପାରିଥିବା ଲୋକମାନଙ୍କ କ୍ଷେତ୍ରରେ ଏହି ଔଷଧ ହେଉଛି ଏକ ପ୍ରଭାବଶାଳୀ ବିକଳ୍ପ । ଏହା ମେଦବହୁଳତା ଓ ଏହାସହିତ ସଂପୃକ୍ତ ରୋଗ ସହିତ ଲଢ଼ିବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି । ସମସ୍ତ ନୂଆ ଚିକିତ୍ସା ପରି ଏଥିରେ ମଧ୍ୟ ନିରନ୍ତର ଅନୁସନ୍ଧାନ ଓ ନିରୀକ୍ଷଣ ଆବଶ୍ୟକ ।

**ମଧୁମେହ, ଥାଇରଏଡ, ମେଦବହୁଳତା ଏବଂ ହର୍ମୋନ ରୋଗ ବିଶେଷଜ୍ଞ, ସ୍ୱାସ୍ଥ୍ୟସଦନ, ବ୍ରହ୍ମପୁର**
ମୋ: ୭୭୪୯୮୦୪୪୦୧

## ଏଇ ଭାରତରେ

ମହାରାଷ୍ଟ୍ରର ଏକ ଛୋଟ ଗାଁ ମାନ୍ୟାଚିୱାଡ଼ି । ଏହାର ଲୋକସଂଖ୍ୟା ୪୨୦ । ଏହି ଗାଁ ଏବେ ସମ୍ପୂର୍ଣ୍ଣ ସୌରଶକ୍ତିର ଗାଁ ହୋଇଯାଇଛି । ମାନ୍ୟାଚିୱାଡ଼ିରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ଏହା ସମ୍ଭବ ହୋଇଛି । ଏସ୍‌ଏଚ୍‌ଜିର ମହିଳା ସଦସ୍ୟମାନେ ଟଙ୍କା ଆଦାୟ କରି ପଞ୍ଚାୟତ ସହଯୋଗରେ ଏହି କାର୍ଯ୍ୟ କରିଛନ୍ତି । ସେମାନେ ଘର ପିଛା ୪,୫୦୦ ଟଙ୍କା ଆଦାୟ କରି ସବୁ ସୋଲାର ପ୍ୟାନେଲ ଲଗାଇବା ସହ ସମସ୍ତଙ୍କ ଘରକୁ ସୋଲାର ଲ୍ୟାମ୍ପ ଯୋଗାଇ ଦେଇଛନ୍ତି । କିଛି ବର୍ଷ ପୂର୍ବେ ଏହି ଗାଁରେ ୮ରୁ ୧୦ ଘଣ୍ଟା ବିଦ୍ୟୁତ ରହୁ ନ ଥିଲା । ପିଲାମାନେ ପଢ଼ିବାରେ ଅସୁବିଧା ହେଉଥିଲା । ଅଧିକ ସମୟ ଅନ୍ଧାରରେ ରହିବା ଯୋଗୁ ମହିଳାମାନେ ଘର କାମ ମଧ୍ୟ କରି ପାରୁ ନଥିଲେ । ଫଳରେ ଗାଁର ଏସ୍‌ଏଚ୍‌ଜି ନିଜସ୍ୱ ଉଦ୍ୟମରେ ଗାଁରେ ବିଦ୍ୟୁତ ସମସ୍ୟା ଦୂର କରିବାକୁ ନିଷ୍ପତ୍ତି ନେଇଥିଲା । ଏବେ ୨୪ ଘଣ୍ଟା ବିଦ୍ୟୁତ୍ ମିଳିପାରୁଛି । ମୋବାଇଲ, ଇଣ୍ଟରନେଟ ସେବା ସହଜ ହେବା ସହ ସ୍କୁଲ, ରାସ୍ତାରେ ଲାଇଟ୍ ଜଳୁଛି । ଏପରିକି ଜଳ ଯୋଗାଣ ହୋଇପାରିଛି । ମାନ୍ୟାଚିୱାଡ଼ିର ଲୋକମାନେ ସେମାନଙ୍କ ଜମି ଦେଇ ରାସ୍ତା ଚଉଡ଼ା କରିବା ସହ ଡ୍ରେନେଜ ବ୍ୟବସ୍ଥା କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ଗ୍ରାମସଭା କରାଯାଇ ମୁଖିଆ ଚୟନ କରାଯାଏ ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୭୬

- ପୂର୍ବତନ ବିଧାନସଭା ସଭ୍ୟ ନୀଳାମ୍ବର ରାୟଗୁରୁ ଲୋକଦଳରୁ ଇସ୍ତଫା ଦେବା ସହ ଦଳରୁ ସମସ୍ତ ସମ୍ପର୍କ ତୁଟାଇ ନିଜକୁ ସ୍ୱାଧୀନ ସଭ୍ୟ ରୂପେ ଘୋଷଣା କରିଛନ୍ତି ।
- ଆସାମ, ବିହାର, ମଣିପୁର, ମେଘାଳୟ ଓ ରାଜସ୍ଥାନ ଆଦି ୫ଟି ରାଜ୍ୟରେ ସହରାଞ୍ଚଳ ଜମି ସର୍ବୋଚ୍ଚ ସୀମା ଆଇନ ଲାଗୁ ।
- ଦେଶର ଲବଣ ଶିଳ୍ପଗୁଡ଼ିକର ଉନ୍ନୟନ ଓ ଶ୍ରମମଙ୍ଗଳ କାର୍ଯ୍ୟ ନିମନ୍ତେ ଲବଣ ସମ୍ପର୍କୀୟ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ୩ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ ।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 5 | | | 9 | |
| | 9 | | | 3 | | | | |
| 7 | | 5 | | 9 | | 4 | | |
| | | | 5 | 1 | 3 | | | |
| | | 7 | 4 | | | 3 | | |
| | | 1 | | | | | | 8 |
| | | 2 | 9 | | | 6 | | 4 |
| | 5 | | | | 1 | 7 | | |
| | 8 | | 6 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 7 | 2 | 1 | 3 | 8 | 5 | 4 |
| 2 | 3 | 8 | 4 | 6 | 5 | 1 | 7 | 9 |
| 4 | 5 | 1 | 7 | 9 | 8 | 2 | 3 | 6 |
| 7 | 8 | 6 | 5 | 4 | 2 | 3 | 9 | 1 |
| 9 | 2 | 4 | 1 | 3 | 6 | 5 | 8 | 7 |
| 5 | 1 | 3 | 9 | 8 | 7 | 6 | 4 | 2 |
| 8 | 7 | 2 | 6 | 5 | 9 | 4 | 1 | 3 |
| 1 | 6 | 5 | 3 | 7 | 4 | 9 | 2 | 8 |
| 3 | 4 | 9 | 8 | 2 | 1 | 7 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନ ଦେଲେ ପଦୋନ୍ନତି ମିଳୁନାହିଁ

ମହାଶୟ,

ଭଦ୍ରକ ଜିଲାର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲାର ୧୩୮ ଜଣ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଏଲ୍–୧ ପଦବୀକୁ ପଦୋନ୍ନତି ଦେବା ସହିତ ସେମାନଙ୍କୁ ଜିଲାର ବିଭିନ୍ନ ଏଲ–୧ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବଦଳି କରିଛନ୍ତି । ଅଥଚ ଯାହାର ଚାକିରି ଆଉ ମାତ୍ର କମ୍ ଦିନ ବାକି ଅଛି, ଅର୍ଥାତ୍ ଯିଏ ଚଳିତ ମାସ ୩୦ ତାରିଖରେ ଅବସର ଗ୍ରହଣ କରିବେ, ତାଙ୍କର ପଦୋନ୍ନତି କରାଯାଇନାହିଁ । ସେ ଲାଞ୍ଚ ନ ଦେବାରୁ ତାଙ୍କୁ ପଦୋନ୍ନତି ପ୍ରଦାନ କରାଗଲା ନାହିଁ ଶୁଣାଯାଉଛି । ଫଳତଃ ତାଙ୍କୁ ଗୋଟିଏ ଇନକ୍ରିମେଣ୍ଟ କମ୍ ମିଳିବା ସହିତ ଅବସରକାଳୀନ ସୁବିଧା ଓ ମାସିକ ପେନ୍‌ସନ ମଧ୍ୟ କମିଯିବ । ଏ ବିଷୟରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ହ୍ୱାଟ୍‌ସ ଆପ ଓ ଟେଲିଫୋନ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେମାନେ କିଛି ପଦକ୍ଷେପ ନେଉ ନାହାନ୍ତି । ୧୩୮ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତିକୁ ବାତିଲ କରିବାର ଆଦେଶ ଦେଇ ପୁନଃ ଯୋଗ୍ୟତା ଆଧାରରେ ପଦୋନ୍ନତି ପ୍ରଦାନ କରାଯିବାର ବ୍ୟବସ୍ଥା କରନ୍ତୁ ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହ୍ୱାଟ୍ସଆପ୍‌ରେ ବାର୍ତ୍ତାଳାପ

**ଗଳ୍ପ**

**ମଣୀନ୍ଦ୍ର କୁମାର ମେହେର**





: ସାର୍ ନମସ୍କାର।
: ଆରେ ଆନନ୍ଦ ତମେ ଏବେ କେଉଁଠି ?
: ସାର୍ ବରପାଲିରେ ଅଛି। ଆପଣ କେବେ ଆସିବେ ସାର୍ ବରପାଲି? କେତେଦିନ ହେଲା ଆପଣଙ୍କୁ ଦେଖିନାହିଁ।
: ଦେହ ଭଲ ରହୁନାହିଁ ଆନନ୍ଦ।
: କ'ଣ ହେଇଛି ସାର୍ ଆପଣଙ୍କର ?
: ମୁଁ ବି ଜାଣିନାହିଁ ସେକଥା। ଯାହା ଡାକ୍ତରମାନେ ଜାଣିପାରି ନାହାନ୍ତି ମୁଁ ବା ଜାଣିବି କିପରି? ପ୍ରୋବ୍ଲେମ୍ ମୋ' ଦେହରେ ଆଉ ଟ୍ରାଭେଲିଂ ଯାଉନାହିଁ।
: ତାହେଲେ ସାର୍ ଆପଣ କ'ଣ ଆଉ ବରପାଲି କେବେ ଆସିବେ ନାହିଁ। ଆପଣଙ୍କୁ ଆଉ କେବେ ଦେଖିବି ତାହେଲେ ?
: ମୁଁ ତ ବରପାଲିରେ ଅଛି। ତୁମ ସହ ବି ପ୍ରତିଟି ମୁହୂର୍ତ୍ତରେ ରହିଛି।
: ଆପଣ ମତେ ଭୁରଡାଉଛନ୍ତି ସାର୍। ସତ କଥା କୁହନ୍ତୁ କେବେ ଆସିବେ ?
: ଆନନ୍ଦ! ତମେ କେମିତି ଅଛ କହୁନ ଯେ...
: ସାର୍ ମୋ' କଥା ଛାଡ଼ନ୍ତୁ ଆପଣ କେବେ ସୁସ୍ଥ ହେବେ ଆଉ ଆସି ପାରିବେ ତାହା ହିଁ କୁହନ୍ତୁ।
: ଆନନ୍ଦ ତୁମକୁ ତ କହିଲି ମୋର ସମସ୍ୟା। ବୁଝି ପାରୁଥିବ ବୋଲି ମୋର ଆଶା।
: ସାର୍ ଆପଣ ଏତେ ଦୂରରେ ରହି ମତେ ଦେଖିପାରୁଥିଲେ ଜାଣ ମୋ' ଆଖିର ଲୁହ ଅଟକାଇବା କଷ୍ଟ। ମୁଁ ଏ ପୃଥିବୀରୁ ଚାଲିଯିବା ପୂର୍ବରୁ ଥରେ ମାତ୍ର ଦେଖିଥାନ୍ତି ଆପଣଙ୍କୁ।
: ଏମିତି କ'ଣ କହୁଛ ଆନନ୍ଦ? ତୁମେ ଆୟୁଷ୍ମାନ ହୋଇ ରହିବ ଦୀର୍ଘକାଳ ପର୍ଯ୍ୟନ୍ତ।
: ନାଇଁ ସାର୍ ଆଉ କେତେଦିନ ବଞ୍ଚିବି ତାହା ମୁଁ ବି ଜାଣିପାରୁନାହିଁ।
: ବଡ଼ ଆଶ୍ଚର୍ଯ୍ୟ କଥା! କ'ଣ ହୋଇଛି ତୁମର ? ଖୋଲି କହୁନାହିଁ କାହିଁକି ?
: ସେଇଟା ସାର୍ ଆପଣ ଜାଣିଛନ୍ତି। ଯେଉଁ ରୋଗରେ ମୁଁ ପୀଡ଼ିତ ତାହା ମୋର ଯେକୌଣସି ସମୟରେ ଜୀବନ ନେଇଯାଇପାରେ।
: ଓହୋ... ସେଇ ଯେଉଁ ମଝିରେ ମଝିରେ ତୁମେ ସେନ୍ସଲେସ୍ ହୋଇଯାଉଥିଲ। ସେଇ କଥା ?
: ହଁ ସାର୍, ତାହା ବର୍ତ୍ତମାନ ଆହୁରି ଭୀଷଣ ରୂପ ନେଉଛି, ଗତ ମାସରେ ପ୍ରାୟ ତିନିଘଣ୍ଟା କାଳ ଅଚେତ ଅବସ୍ଥାରେ ରହିଥିଲି ମୁଁ।
: ଆଉ ଏକଥା କହୁ ନ ଥିଲ କାହିଁକି? ତୁମ ଟ୍ରିଟ୍‌ମେଣ୍ଟର ପ୍ରେସ୍କ୍ରିପ୍‌ସନ ମୋ ପାଖକୁ ପଠାଇ ଦିଅ। ଆମେ ଭୁବନେଶ୍ୱର ଏମ୍ସରେ ଦେଖାଇବା। ଦିଲ୍ଲୀ ଏମ୍ସରେ ମଧ୍ୟ ପରିଚିତ ଡକ୍ଟର ଅଛନ୍ତି, ତାଙ୍କ ନିକଟକୁ କାଗଜ ପଠାଇ ପରାମର୍ଶ ନେବା, ତୁମେ ଆଉ ଡେରି ନ କରି ସେ ସବୁର ସ୍କାନ୍ କରି ମୋ' ପାଖକୁ କାଲି ହିଁ ପଠାଇଦିଅ।
: ହଁ ସାର୍। ପଠାଇ ଦେବି ନିଶ୍ଚୟ। ତେବେ ବିଶାଖାପାଟଣାରେ ମୋର ଟ୍ରିଟ୍‌ମେଣ୍ଟ ଚାଲିଛି।
: ଓହୋ! ଡକ୍ଟର କ'ଣ କହୁଛନ୍ତି ?
: ସାର୍ ସେମାନେ କେବଳ ମେଡିସିନ୍ ଦେଉଛନ୍ତି। କୌଣସି ଆଶାଜନକ କଥା ମୁଁ ଶୁଣିନାହିଁ। ସେଇଥିପାଇଁ ତ ଆପଣଙ୍କୁ ମେସେଜ୍ କଲି। ଅନେକ ବର୍ଷ ହୋଇଗଲାଣି ଆପଣଙ୍କୁ ଥରେ ଦେଖିନାହିଁ।
: ଦେଖିବ ନିଶ୍ଚୟ ଆନନ୍ଦ। ମୁଁ ଯିବି।
: ଆପଣ ସାର୍ ମିଛ କହୁଛନ୍ତି। ସତରେ କ'ଣ ଆସିବେ ଅପଣ ଏ ଆନନ୍ଦ ପାଇଁ। ରିଏଲି ଆପଣ ମତେ ଭୁଲିଗଲେଣି।
: ନାଇଁ ଆନନ୍ଦ। ତାହା କ'ଣ ସମ୍ଭବ!
: ମୁଁ ପ୍ରତିଦିନ ସନ୍ଧ୍ୟାରେ ଆପଣଙ୍କ ପାଖକୁ ଗଲେ କେତେ ଶାନ୍ତି ପାଉଥିଲି, ଆପଣ ଜାଣିପାରିବେନି ସାର୍। ଆପଣ ଏଠାରୁ ଯିବା ପରେ କେବଳ ମତେ ନୁହେଁ ଆପଣଙ୍କ ଛାତ୍ରୀଛାତ୍ରଙ୍କୁ ବରପାଲି ଲାଗି ଯାଉଛି ଶୂନ।
: ବରପାଲିର ପ୍ରତିଟି ଧୂଳିକଣାରେ ରହିଛନ୍ତି ତୁମ ସାର୍।
: ଆପଣ ତ ସବୁବେଳେ ଏଇଭଳି କଥା କହି ଭୁଲାଇ ଦିଅନ୍ତି। ଦିନେ ସକାଳୁ ସକାଳୁ ଆମଘରୁ ଇଡ଼ଲି ତିଆରିକରି ନେଇ ଦେଇଥିଲି। ମନେଅଛି ନା ଆପଣଙ୍କର ?
: ହଁ ଆନନ୍ଦ। ତାହା କ'ଣ ଭୁଲିବା ସମ୍ଭବ ?
: ମାଡାମ୍ ଦିନେ ମିର୍ଚ୍ଚା ବରା ମୋ' ପାଇଁ ଦେଇଥିଲେ। ତାହା କେବେବି ଭୁଲିପାରୁ ନାହିଁ।
: ଆନନ୍ଦ! ଆମେ କ'ଣ କେହି କାହାକୁ ଭୁଲିଯିବା ସମ୍ଭବ? ତୁମେ ସେଥିପାଇଁ ସବୁବେଳେ ନିଶ୍ଚିନ୍ତ ରହିବ ଯେ ତୁମ ସାର୍ ତୁମକୁ ଏବେବି ଛାଡ଼ି ନାହାନ୍ତି।
: ହଁ। ସେଇକଥା ତ କହୁଛି ବାରମ୍ବାର। ଆପଣ କଥା କହି ମନ ଭୁଲାଇ ଦିଅନ୍ତି ଏଇପରି। ଗୋଟିଏ ଅନୁରୋଧ କରିବି ସାର୍। ରଖିବେ ତ ?
: କୁହ ଆନନ୍ଦ। ତୁମେ କହିବ ଆଉ ମୁଁ ତୁମ କଥା ନ ରଖିବି ? ଏହା କ'ଣ ସମ୍ଭବ ?
: ସତ କହୁଛି ସାର୍ କେତେଦିନ ମୋର ଆୟୁଷ ମୁଁ ତାହା ଜାଣେନା। ମୋର ଅନୁରୋଧ ହେଲା– ଆପଣ ଯେକୌଣସି ଅସୁବିଧାରେ ପଡ଼ିଲେ ମତେ ନିଶ୍ଚୟ ଖବର ଦେବେ। ଆପଣଙ୍କ ଦେହ ବିଗିଡ଼ିଗଲେ ମଧ୍ୟ ମତେ ମନେପକାଇବେ। ମୁଁ ସେଇ ମୁହୂର୍ତ୍ତରେ ହିଁ ଆପଣଙ୍କ ନିକଟକୁ ବାହାରି ପଡ଼ିବି।
: ଆନନ୍ଦ ତୁମେ ମୋ' କଥା କାହିଁକି ଭାବୁଛ ? ତୁମେ ପ୍ରଥମେ ସୁସ୍ଥ ରହ ଏହା ହିଁ ମୋର ପ୍ରାର୍ଥନା।
: ମୋ' କଥା ଛାଡ଼ନ୍ତୁ ସାର୍। କୁହନ୍ତୁ ଆପଣ ମତେ ଡାକିବେ ନା ନାହିଁ? ଆପଣଙ୍କ ସକାଶେ ସାମାନ୍ୟ କିଛି କରିପାରିବାର ସୁଯୋଗ ସତକୁ ସତ ଦେବେ ନା ନାହିଁ?
: ନିଶ୍ଚୟ। ନିଶ୍ଚୟ ଆନନ୍ଦ। ତୁମମାନଙ୍କ ବ୍ୟତୀତ ଆଉ ଅଛି ମୋର କିଏ ?
: ଆପଣ ସେଇ ରୋମାଣ୍ଟିକ କଥା କହନ୍ତୁ ନାହିଁ। ସତ କୁହନ୍ତୁ ଆପଣ ନିଜ ପାଖକୁ ମତେ ଡାକିବେ ନା ନାହିଁ? ଏ ପୃଥିବୀ ଛାଡ଼ିବା ପୂର୍ବରୁ ଆପଣଙ୍କୁ ଥରେ ଦେଖିପାରିବି ନା ନାହିଁ? କୁହନ୍ତୁ ସାର୍ ଚୁପ୍ ରହିଲେ କାହିଁକି ?

ମୋ: ୮୮୯୫୮୮୧୫୮୯

## ପୁସ୍ତକ ପରିଚୟ


### ବିଶ୍ୱାସ ଦେ' ପୃଥ୍ୱୀ




**କବି:** ଆଶୁତୋଷ ପରିଡ଼ା
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଯାଜପୁର–୭
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୯୦/–

ଆଲୋଚ୍ୟ କାବ୍ୟଗ୍ରନ୍ଥରେ ମୋଟ ୫୪ଟି କବିତା ସଂକଳିତ। ଗ୍ରନ୍ଥର ଶେଷ କବିତା ଶୀର୍ଷକ କବିତା 'ବିଶ୍ୱାସ ଦେ' ପୃଥ୍ୱୀ'। ହାରିଯାଉଥିବା ମଣିଷର ସ୍ୱର ଏ କବିତା। ଯୁଆଡ଼କୁ ଚାହିଁଲେ ଜୀବନ ପ୍ରତାରଣାର ଶିକାର, ଗଳିକନ୍ଦିରେ ବିଷାକ୍ତ ବାଷ୍ପ। କଠିନରୁ କଠିନତର ହେଉଛି ଦୁଃଖ। ଆକାଶ ଭର୍ତ୍ତି ହୋଇଯାଉଛି ଅବିଶ୍ୱାସର ଧୂଆଁରେ। ଏମିତି ଏକ ଅବକ୍ଷୟର ଭୂମି ଉପରେ ପାଦ ଥୋଇ ଛାତି ଭିତରେ କୁହୁଳି ଉଠୁଥିବା ଶବ୍ଦମାନଙ୍କୁ କେଉଁ ରୂପ ବା ଦେଇ ହେବ? ଏଣୁ ପୃଥ୍ୱୀଠାରୁ କବି ମାଗୁଛନ୍ତି ବିଶ୍ୱାସ। ମାଗୁଛନ୍ତି ସବୁଜିମାର ବିପୁଳ ମହିମା। ନଦୀମାନଙ୍କର ଅବିଶ୍ରାନ୍ତ ଧ୍ୱନି। ପର୍ବତର ଆକାଶୀ ଆସ୍ପର୍ଦ୍ଧା, ସମୁଦ୍ରର ଅନନ୍ତ ସ୍ପନ୍ଦନ, ଆଉ ସମୟ ପାଇଁ ଯଦି କିଛି ଧିକ୍‌କାର ଅଛି, ତେବେ ସେଇସବୁ ଧିକ୍‌କାର ବି! କବି 'ଭୋକଯାତ୍ରା' ଶୀର୍ଷକ କବିତାରେ କୋଭିଡ୍ ଲକ୍‌ଡାଉନ୍ ସମୟରେ ତେଲଙ୍ଗାନାର ଲଙ୍କାକ୍ଷେତରୁ ଛତିଶଗଡ଼ର ନିଜ ଗ୍ରାମକୁ ଫେରିଆସୁଥିବା ବାରବର୍ଷୀୟା ଝିଅ ତିନିଦିନ ଜଙ୍ଗଲ ରାସ୍ତାରେ ଚାଲିବା ପରେ ଘରେ ପହଞ୍ଚିବା ପୂର୍ବରୁ କିପରି ପ୍ରାଣ ହରାଇଛି, ତା'ର ଦୁଃଖଦ ଚିତ୍ର ଦେଇଛନ୍ତି ଏହିପରି: ''ଝିଅ ପଚାରିଲା– ଗାଆଁ ଆଉ କେତେ ବାଟ ମଉସା? ଉତ୍ତର ଆସିଲା– ହେଇ ତ ଆଉ ଟିକେ ଆଗରେ। x x ଲଙ୍କାକ୍ଷେତରେ କାମ କରୁଥିବା ବାରବର୍ଷର ଝିଅ/ କେତେ ଯେ କୋଶ ପାଦରେ ଚାଲି ଆସିଲା/ ଓ ଗାଁର କଥା ଭାବୁଭାବୁ ପଡ଼ିଗଲା ଯେ, ଆଉ ଉଠିଲାନି।'' (ପୃ:୪୬)। ଏହିଭଳି ଦୁର୍ଗତ, ପରାହତ, କ୍ଲାନ୍ତ, ଅପମାନିତ ଭାଷାହୀନ ମଣିଷଙ୍କର ଅଶ୍ରୁ ଓ ସ୍ୱେଦର ଅସରା କାହାଣୀ ହୋଇଉଠିଛି ସମଗ୍ର ଗ୍ରନ୍ଥରେ ସ୍ଥାନିତ ପ୍ରାୟ ପ୍ରତ୍ୟେକଟି କବିତା। ସାମ୍ପ୍ରତିକ ଓଡ଼ିଆ କବିତାରେ ଆଶୁତୋଷ ନିଜେ ହିଁ ନିଜର ଉପମା– ଉଭୟ କବିତାର ବିଷୟ ଓ ବିନ୍ୟାସରେ। ଆଶା, ବହିଟି ପାଠିକାପାଠକଙ୍କୁ ଜୀବନ ଓ ଜଗତ ସମ୍ପର୍କରେ ଏକ ନୂଆ ପ୍ରତ୍ୟୟ ଆଣିଦେବ।

### ପରମ୍ପରାର କାରାଭଂଗ: କବିତାର ନୂଆ ସ୍ୱର




**ସଂକଳକ:** ଡ. ଶଶଧର ଦାସ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ନିକଟ ଅତୀତ ଓ ଚଳନ୍ତି ବର୍ତ୍ତମାନରେ କାବ୍ୟ–ସାଧନା–ନିମଗ୍ନ କତିପୟ ଚର୍ଚ୍ଚିତ କବିଙ୍କ କବିତାର ମୂଲ୍ୟାୟନ, ଯାହା ବିଭିନ୍ନ ସମୟରେ ବିଭିନ୍ନ ସମର୍ଥ ସମାଲୋଚକଙ୍କ ଦ୍ୱାରା ପ୍ରସ୍ତୁତ– ତା'ରି ମନୋଜ୍ଞ ଓ ସୁ–ଚୟିତ ଆଲୋଚନା–ଗ୍ରନ୍ଥ ''ପରମ୍ପରାର କାରାଭଂଗ: କବିତାର ନୂଆ ସ୍ୱର''। ଏଥିରେ ସ୍ଥାନିତ କବି ସୁଧାଂଶୁ ଶେଖର ରାୟଙ୍କ କବିତାର ଆକଳନ କରିଛନ୍ତି ନିଜେ ଗ୍ରନ୍ଥର ସଂକଳକ ଡ. ଶଶଧର ଦାସ– ଯାହା ନୂଆ ପିଢ଼ିର କବିମାନଙ୍କ ପାଇଁ ଅନୁଧ୍ୟାନର ବିଷୟ। ଏତଦ୍‌ଭିନ୍ନ କବି କମଳାକାନ୍ତ ଲେଙ୍କା, ନିତ୍ୟାନନ୍ଦ ପତି, ମନୋରମା ବିଶ୍ୱାଳ ମହାପାତ୍ର, ରବିନାରାୟଣ ସେନାପତି, ଦୁର୍ଯ୍ୟୋଧନ ଦାସ, ହୃଷୀକେଶ ମଲ୍ଲିକ, ଶଶଧର ଦାସ, ନିରଞ୍ଜନ ବେହୁରିଆ, ହୃଦାନନ୍ଦ ପାଣିଗ୍ରାହୀ, ପ୍ରଭାତ ନଳିନୀ ମହାପାତ୍ର, ଅଶୋକ ମହାନ୍ତି, ବିଷ୍ଣୁ ସେଠୀ, ସୁଚିତ୍ରା ପାଣିଗ୍ରାହୀ ଓ ଶମ୍ଭୁନାଥ ରାଉଳଙ୍କ କବିତାର ଭାବ, ଭାଷା ଓ ଚିନ୍ତନ–ବିବିଧତାକୁ ନେଇ ପ୍ରବୀଣ ଓ ନବୀନ ସମାଲୋଚକଙ୍କ ଦ୍ୱାରା ଯେଉଁ ଆକଳନ ପ୍ରସ୍ତୁତ କରାଯାଇଛି– ତାହା ସମ୍ପୃକ୍ତ କବିମାନଙ୍କୁ ଓଡ଼ିଆ ପାଠିକାପାଠକଙ୍କ ନିକଟରେ ପରିଚିତ କରାଇବାରେ ଯେ ସହାୟତା କରିବ, ଏଥିରେ ସନ୍ଦେହ ନାହିଁ। ଆକଳକଙ୍କ ମଧ୍ୟରେ ଅଛନ୍ତି ଶଶଧର ଦାସ, କାନନ ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀ, ବେଣୁଧର ପାଢ଼ୀ, କ୍ଷୀରୋଦ ଚନ୍ଦ୍ର ପତି, ପ୍ରୀତିଲତା ପଣ୍ଡା, କୁମୁଦ ଚନ୍ଦ୍ର ଦାଶ, ସୁବ୍ରତ କୁମାର ଦାସ, ଅଭୟ କୁମାର ଦାସ, ସୁକାନ୍ତି ମହାପାତ୍ର, ଦଇତାରି ଦାସ, ହରିପ୍ରିୟା ସେଠୀ ଓ ରମେଶ ଦାସ ପ୍ରମୁଖ। ପ୍ରାକ୍ କଥନରେ 'ଉତ୍ତର–ଆଧୁନିକତା'କୁ ନେଇ ସଂକଳକ ଡ. ଦାସଙ୍କର ମତ ବିତର୍କର ଅପେକ୍ଷା ରଖେ। 'ଭାରତୀୟ ଉତ୍ତର–ଆଧୁନିକତା' ପାଶ୍ଚାତ୍ୟର 'Post–Modern' ନୁହେଁ। କବିତାର ପ୍ରତି ଦଶନ୍ଧି ଏକ ନୂଆ ଯୁଗର ବାର୍ତ୍ତା ଆଣେ– ତେଣୁ ସବୁ କବିତାକୁ 'ଆଧୁନିକତା'ର ମାଣରେ କାହିଁକି ମପାଯିବ? ତେବେ, ଆଲୋଚ୍ୟ ଆକଳନ–ଗ୍ରନ୍ଥଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ଅଭିନନ୍ଦନୀୟ ଉଦ୍ୟମ।

## କବିତା

### ରାହୁ

**ଗୌରୀଶଙ୍କର ସାହୁ**

ସେଦିନ ସେ କାଳରାତ୍ରି ଦ୍ୱିତୀୟ ପ୍ରହରେ
ଆକାଶକୁ ଆଶ୍ରା କଲାବେଳେ
ବତାସ ନୁହେଁ, ବରଂ ଛେଦ ବିନ୍ଦୁଟିଏ
ତଣ୍ଟିଚିପି ଧରିଥିଲା ତୋଫା ଜୋଛନାର
ଅଧାଫୁଟା କଇଁଫୁଲ ସାକ୍ଷୀ
ତମେ–ଆମେ–ସେମାନେ
ମୁହୂର୍ତ୍ତଟିଏ ପାଇଁ ଅଣନିଃଶ୍ୱାସୀ।

ହାତରେ ଲାଗିଲାନି ଜହ୍ନର ଜମାନବନ୍ଦୀ
କଇଁନାଡ଼ ଘେରିଛନ୍ତି ବିଷଧର ସର୍ପ
ସେପଟେ ଆଖିରେ ଆଖିଏ ନିଦ,
ବୁଢ଼ୀମା' କାହାଣୀ ଶୁଣି
ରାହୁର ତଣ୍ଟିରୁ ଝରେ ଅମୃତ ଓ ରକ୍ତ
ରିକ୍ତହସ୍ତେ ଫେରିଗଲେ ଅସୁର ସମସ୍ତ।

ଗତକାଲି କେଉଁପରି ଆସିଥିଲେ ହେତୁବାଦୀମାନେ
ଧୂମକେତୁ ସାକ୍ଷୀ, ସାକ୍ଷୀ ସେଇ ଆଇଁସିଆ ବାସ୍ନା
ଲହୁର ଆସ୍ୱାଦ ଥିଲା ଜିଭରେ, ଓଠରେ
ହାତରେ ଧରିଥିଲେ ଜମାନବନ୍ଦୀ, ରକତ ରଙ୍ଗର
ଏଣେ, ଉପବାସ କରୁଥିଲା ସଂସାରୀ ମଣିଷ
ଇତସ୍ତତଃ, ପଶୁ–ପକ୍ଷୀ–ଆବର ଜଗତ
ଈଶ୍ୱରଙ୍କ କଣ୍ଠେ ବିଜେ ହଳାହଳ ବିଷ।

ମୋ: ୭୯୭୮୪୨୧୮୩୫

### ଏରସମା

**ଶ୍ରୀହରି ଧଳ**

ମହାବାତ୍ୟାରୁ ବର୍ତ୍ତିଯାଇଥିବା ଗଛଟା
ଏଯାଏଁ ବି ବଞ୍ଚିଛି
ଥୁଣ୍ଟା ଭାଗ୍ୟ ସାଥେ ଟଙ୍ଗେଇ ଧରିଛି
ଫର୍ଦ୍ଦେ ଇତିହାସ
ଏବେ ଥୁଣ୍ଟା ଡାଳ
କଅଁଳିବା ଆରମ୍ଭ କଲେଣି
ଫୁଲ ଫଳର ସ୍ୱପ୍ନଦେଖାରେ
ଗଛ ମନେପକାଇଲାଣି
ପୁନଶ୍ଚ ବସନ୍ତ।

କେତେ ପ୍ରଗତିର ସ୍ୱପ୍ନ ଦେଖେଇ
ଫେରିଗଲେଣି ସେମାନେ
ମଲା ମଣିଷର ଖପୁରି ଖୁଣ୍ଟିଚାଲିଛି ସମୟ
କୁଢ଼କୁଢ଼ ଶବ ଉପରେ ଠିଆ କରିଛି ଇତିହାସ।
ବିଭୀଷିକାର କଳାକୃତି।

ଅଥଚ ସେମିତି ଠିଆହୋଇଛି ଗଛ
ଗୋଟେ ଶତାୟୁ ପୁରୁଷ
ଦୀର୍ଘ ନିଃଶ୍ୱାସମାନେ
ପୋତି ହୋଇଗଲାବେଳେ ମୁଣ୍ଡ ପୋତି ମାଟିରେ
ସେମାନେ ଚିହ୍ନୁଛନ୍ତି ଏହା ହୋଇପାରେ
ଏରସମା, ବିଧ୍ୱସ୍ତ କଙ୍କାଳ ପୁରୁଷ, ଏ ଶତାବ୍ଦୀର।

ମୋ: ୮୧୧୭୦୮୧୯୦୬

### ଭ୍ରମ

**ପ୍ରଶାନ୍ତ କୁମାର ଦାଶ**

ବିଦାୟ ଏକ ମହାଭ୍ରମ।

ବିଦାୟ ହିଁ
ମିଳନର ମୁହୂର୍ତ୍ତକୁ ମହାର୍ଘ କରେ,
ଖୋଲିଦିଏ କବାଟ,
ଯେଉଁ କବାଟର ଦୁଆରବନ୍ଧ ଦାଢ଼ରୁ
ମିଳନର ମହୋତ୍ସବକୁ ଲମ୍ବିଯାଇଥାଏ ବାଟ।

ବିଦାୟକୁ ସହଯାତ୍ରୀ କରି
କେତେ ଦୂର ଯାଇହୁଏ ?
ଛାଡ଼ିଯାଇଥିବା ପାଦଚିହ୍ନ ଥରେ ନୁହଁ
ହଜାରେ ଥର ଡାକେ,
ତା' ଉପରେ ବିଦାୟର
ପାଦ ନ ପଡ଼ିଲା ପର୍ଯ୍ୟନ୍ତ ଡାକେ।

ଚର୍ମଚକ୍ଷୁରେ ବିଦାୟ ବଡ଼ କଠିନ ଓ ଯନ୍ତ୍ରଣାସିକ୍ତ,
ଅନ୍ତର୍ଚକ୍ଷୁରେ ଅଗୋଚରରେ ନିର୍ମାଣୁଥାଏ ସେତୁ।

କିଏ ଜଣେ ବିଜନବେଳାରେ ବଜାଉଛି
ବିଦାୟର କରୁଣ ସଂଗୀତ,
କାହାର ସେ ଅନୁପସ୍ଥିତି ପ୍ରସାରୁଛି ହାତ,
କରିବାକୁ ଖୁବ୍ ଆଶ୍ଳେଷରେ କୋଳାଗ୍ରତ।

ପୃଥିବୀ ଏବେ ବି ମହାଭ୍ରମରେ ଅଛି!

ମୋ: ୭୭୩୫୪୧୯୫୭୩

### ଗୀତି–କବିତା

### ଆମ ଗାଁ

**ଜୟନ୍ତୀ ସାହୁ**

ଆକାଶ ପୃଥିବୀ ନିବିଡ଼ ଭାବରେ
ମିଶିଥା'ନ୍ତି ଯହିଁ ବିଭୋର ହୋଇ,
ରୁପାର ଟଗର ସୁନା ସୂର୍ଯ୍ୟମୁଖୀ
ସୌନ୍ଦର୍ଯ୍ୟେ ଅଧୀର ଯେଉଁଠି ଥାଇ।

ଭୋଦୁଅ ପବନେ କାଶତଣ୍ଡୀ ଫୁଲ
ଯହିଁରେ ଅଳସ ଭାଙ୍ଗଇ ନିତି,
ସେହି ଆମ ଗାଁ, ସେହି ଆମ ମା'
ଜଗତରେ ସିଏ ସୁନ୍ଦର ଅତି।


କୁଆଁରୀ ମେଘର ସଜଳ ଆଖିରେ
ପହିଲି ଆଷାଢ଼ ସପନ ଦେଖେ,
ଧାରା ଶ୍ରାବଣର ଘୋର ବାରିପାତ
ସବୁଜିମା ଭରେ ଗାଁଆର ଯେତେ।

ଫୁଲ ସଞ୍ଜବେଳ ମହକି ଉଠଇ
କାକୁଡ଼ି ଓ ଜହ୍ନି ଫୁଲଙ୍କ ହସେ,
ନୁଆଁଣିଆ ଚାଳ ମଥାନ ଉପରୁ
ଧୂଆଁର କୁଣ୍ଡଳୀ ଉଠେ ଆକାଶେ।

ଦୁଃଖ ଲାଗେ ଆଜି ନାହିଁ ସବୁଜିମା
ଧୂଳିଦାଣ୍ଡ କାନ୍ଥ ଗୋମୟ ଲିପା,
ହଳଦୀବସନ୍ତ କୁମ୍ଭାଟୁଆ ଦୂରେ
ଗାଁଆଁରେ ସବୁଠି କଂକ୍ରିଟ୍ ଛାପା।

ମୋ: ୮୦୯୩୪୮୬୬୭୪

## କାଳକାଳକୁ



**''ନିଜକୁ ସର୍ବଜ୍ଞ ମଣୁଥିବା ବ୍ୟକ୍ତି ନିର୍ବୋଧ, ଜିଜ୍ଞାସାରେ ନିହିତ ଥାଏ ପ୍ରଜ୍ଞା।''**
**– ମିଲାନ୍ କୁନ୍ଦେରା**

**ମିଲାନ୍ କୁନ୍ଦେରାଙ୍କ** ଜନ୍ମ ୧ ଏପ୍ରିଲ ୧୯୨୯ରେ ଚେକୋସ୍ଲୋଭାକିଆରେ ଓ ପରଲୋକ ୧୧ ଜୁଲାଇ ୨୦୨୩ରେ ଫ୍ରାନ୍ସରେ। ଚେକ୍ ଓ ଫରାସୀ ଉଭୟ ଭାଷାରେ ଲେଖୁଥିବା ଏହି ଲେଖକଙ୍କର ପ୍ରସିଦ୍ଧ ଉପନ୍ୟାସ ହେଉଛି ''ଅନ୍ ବିଅରେବଲ୍ ଲାଇଟ୍‌ନେସ୍ ଅଫ୍ ବିଙ୍ଗ୍।'' ଜନ୍ମିତ ରାଷ୍ଟ୍ରର ବିରୋଧ ଯୋଗୁଁ ସେ ୧୯୭୫ରେ ଦେଶ ଛାଡ଼ି ଫ୍ରାନ୍ସ ପଳାଇଥିଲେ ଓ ୧୯୮୧ରେ ଫ୍ରାନ୍ସର ନାଗରିକତ୍ୱ ଲାଭ କରିଥିଲେ, ଯଦିଓ ୨୦୧୯ରେ ପୁନଶ୍ଚ ତାଙ୍କୁ ଚେକୋସ୍ଲୋଭାକିଆର ନାଗରିକତ୍ୱ ମିଳିଥିଲା। ବିଶ୍ୱ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ପାଇଁ ସେ ୧୯୮୫ରେ 'ଜେରୁଜେଲମ୍ ପ୍ରାଇଜ୍' ଓ ୧୯୮୭ରେ ୟୁରୋପୀୟ ସାହିତ୍ୟକୁ ଅବଦାନ ପାଇଁ ଅଷ୍ଟ୍ରୀୟ ରାଜ୍ୟ ପୁରସ୍କାର ପାଇଥିଲେ।

# ପାହାଡ଼

**ଲଘୁ ଗଳ୍ପ**

**ଜାହ୍ନବୀ ମିଶ୍ର**

ସ୍ୱପ୍ନଟିଏ ପଥର ପରି ଟାଣ ହେଇ ପଡ଼ିରହିଲା ଗୋଟେ କୋଣରେ। ତା'ପରେ ମାସକୁ ମାସ ଯୋଡ଼ି ହୋଇଥିଲେ ଆଉ କିଛି କିଛି ସ୍ୱପ୍ନ, ଠିକ୍ ପଥର ପରି ଶକ୍ତ ଓ ଓଜନିଆ। ପ୍ରତିବର୍ଷ ବର୍ଷାଋତୁରେ ଖୁବ୍ ବର୍ଷା ହୁଏ। ଅନେକଥର ଲଘୁଚାପ ଓ କାଳବୈଶାଖୀ କାରଣରୁ ବି ପ୍ରଚୁର ଅଦିନିଆ ବର୍ଷା ହେଇଚି। ହେଲେ ପଥରଗୁଡ଼ାକୁ ସେଠୁ କେହି ବୁହେଇ ନେବା ତ ଦୂରର କଥା, ହଲେଇ ମଧ୍ୟ ପାରି ନ ଥିଲେ।

ବର୍ଷ ବର୍ଷ ଧରି ଜମା ହେଇ ଏ ପଥରଗୁଡ଼ାକ ହେଇଯାଇଥିଲେ ସୁଦୃଶ୍ୟ ଏକ ପାହାଡ଼ ପରି। ଦିନେ ସେଇ ପାହାଡ଼ର ସାମ୍ନା ସରୁ ରାସ୍ତାରେ ଚାଲିଯାଉଥିଲେ ଅଶୀ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ପ୍ରତ୍ନତତ୍ତ୍ୱ ଗବେଷକ ଓ ବିଶାରଦ। ସାରା ଜୀବନ କଟିଥିଲା ଭାରତର ଅତି ପୁରାତନ ଓ ପ୍ରାଚୀନ ଗୁମ୍ଫାମାନଙ୍କରେ ଗବେଷଣା କରି ଏବଂ ସେମାନଙ୍କ ଉପରେ ତଥ୍ୟସବୁକୁ ଲିଖିତ ଆକାରରେ ପ୍ରସ୍ତୁତ କରିବାରେ। ଏବେ ବି ଜାରିଥାଏ ତାଙ୍କର ଏ କାର୍ଯ୍ୟ, ଯଦିଓ ବୟସାଧିକ୍ୟ କାରଣରୁ ଆଗ ଅପେକ୍ଷା କାମରେ ତୁଳନାତ୍ମକ ଭାବେ ଶିଥିଳତା ଆସିଯାଇଥିଲା।

ବୃଦ୍ଧଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ପାହାଡ଼ଟି। ସେ ରହିଯାଇଥିଲେ ତା'ରି ଆଗରେ। ବର୍ତ୍ତୁଳ ଅଥଚ ତିଖ ପାହାଡ଼ଟିର ଆକାର ତାଙ୍କୁ ଖୁବ୍ ଭଲ ଲାଗିଥିଲା। ହେଲେ ପାହାଡ଼ଟି ଥିଲା ସମ୍ପୂର୍ଣ୍ଣ ଲଣ୍ଡା... ଲଣ୍ଡା ପାହାଡ଼ଟିଏ। ସବୁଜିମାର କ୍ଷଣମାତ୍ର ଝଲକ ଦିଶୁ ନ ଥାଏ ପାହାଡ଼ଟିରେ। ବଡ଼ ବଡ଼ ଗଛ କି ଲଟା ତ ଦୂରର କଥା, ଘାସଟିଏ ବି ନ ଥିଲା ତା' ଦେହରେ। ଏ ଲଣ୍ଡା ପାହାଡ଼ଟି ପ୍ରତି ହଠାତ୍ ତାଙ୍କ ମନରେ ସହାନୁଭୂତି ଆସିଲା। ଭାବିହେଲେ– ''କି ସୁନ୍ଦର ତୋ ଆକାର! ତିଖଟି ତୋର ଆକାଶକୁ ଛୁଇଁଚି ଆଉ ପୁଣି ମନ ଦେଇ ଦେଖିଲେ ଲାଗୁଚି ସତେ ଯେମିତି ମହାତ୍ମା ଯୋଗୀ ଜଣେ ଧ୍ୟାନରେ ବସିଛନ୍ତି। ହେଲେ ତୁ ଟା ସମ୍ପୂର୍ଣ୍ଣ ଲଣ୍ଡା। ଘାସଟିଏ ବି ତୋ ଦେହରେ ନାହିଁ। ଯଦି ସତରେ ତୋ ଦେହଟା ଗଛବୃଛରେ ମଣ୍ଡି ହେଇଥାନ୍ତା, କି ମନଲୋଭା ଆକର୍ଷଣୀୟ ହେଇ ନ ଥାନ୍ତା ତୋ ରୂପଟା!''

ବୃଦ୍ଧଙ୍କ ଏ ଭାବନା ସରିଆସିଲା ବେଳକୁ ଆଖିରେ ତାଙ୍କର ସହାନୁଭୂତି ସୂଚକ ଲୁହ ଜକେଇ ଆସିଥାଏ। ସେ ଲୁହ ବୋହିଯିବା ପୂର୍ବରୁ ହଠାତ୍ ପାହାଡ଼ଟି ସ୍ୱର ତୋଳି କହିଥିଲା– ''ଆରେ, ଆରେ, ଏ କ'ଣ କରୁଚନ୍ତି! ସେ ଲୁହଗୁଡ଼ାକୁ ବୋହିଯିବାକୁ ଦିଅନ୍ତୁନି। ସେମାନଙ୍କ ପ୍ରାବଲ୍ୟତାରେ ମୁଁ ଅଚିରେ ବୋହିଯାଇ ହରାଇ ଦେଇପାରେ ମୋ' ଅସ୍ତିତ୍ୱ। ଏତେ ବର୍ଷ ଭିତରେ କେତେ ବର୍ଷାଋତୁ ଦେଖିଚି, ଦେଖିଚି ବି ଅଦିନିଆ ବର୍ଷା। ହେଲେ କାହାରି ସାମର୍ଥ୍ୟ ନ ଥିଲା ମୋତେ ବୁହେଇ ନେବାକୁ... ମୋ' ଅସ୍ତିତ୍ୱକୁ ମାଟିରେ ମିଶେଇ ଦେବାକୁ। ହେଲେ ଏ ଲୁହର ସାମର୍ଥ୍ୟ ରହିଛି ମୋତେ ଅଚିରେ ମିଳେଇ ଦେବାରେ। ଅଟକାଇ ଦିଅନ୍ତୁ ଲୁହର ଏ ଧାରାକୁ ଆଖିରୁ ବୋହିଯିବା ପୂର୍ବରୁ... ଅଟକାଇ ଦିଅନ୍ତୁ।''

ପାହାଡ଼ଟିର ଏତାଦୃଶ କଥୋପକଥନରେ ଆଚମ୍ବିତ ହେଇଥିଲେ ବୃଦ୍ଧ ଜଣକ। ତଥାପି ଚଟାପଟ୍ ତାଙ୍କ ଆଖିରୁ ଲୁହ ଦୁଇବୁନ୍ଦା ବୋହିଯିବା ପୂର୍ବରୁ ତୋଳି ଧରିଲେ ସେମାନଙ୍କୁ ନିଜ ଡାହାଣ ହାତର ପାପୁଲିରେ। ଲୁହ ଦୁଇବୁନ୍ଦା ଖୁବ୍ ଓଜନିଆ ଲାଗୁଥିଲା ତାଙ୍କୁ। ଏବେ ସେ ଆଖିତୋଳି ଚାହିଁ ଦେଖିଲା ବେଳକୁ ପାହାଡ଼ଟା ଗଛବୃଛ, ଲତାମାନଙ୍କରେ ମଣ୍ଡି ହେଇ ଦିଶୁଥିଲା ଅପରୂପ। ତା' ଶିଖରୁ ସୁଦୃଶ୍ୟ ଝରଣାଟିଏ ବୋହି ମିଶିଯାଇଥିଲା ତା'ରି ଭିତରେ ଥିବା ଖୋଲଟିରେ। ହସିଦେଲେ ବୃଦ୍ଧ ଜଣକ। ମୁହଁ ଫେରାଇ ନିଜ ପାପୁଲିକୁ ଚାହିଁ ଦେଖନ୍ତି ତ ତାଙ୍କ ପାପୁଲିରେ ଆଉ ସେ ଲୁହବୁନ୍ଦା ଦୁଇଟି ନ ଥିଲା।



ଏଥର ତାଙ୍କର ବୁଝିବାକୁ କିଛି ବାକି ନ ଥିଲା। ତାଙ୍କ ସ୍ୱପ୍ନମାନଙ୍କୁ ନେଇ ଗଢ଼ିଉଠିଥିବା ପାହାଡ଼ଟିକୁ ସେ ଚିହ୍ନିପାରିଥିଲେ। ଏତେ ବର୍ଷର ଅକ୍ଳାନ୍ତ ପରିଶ୍ରମ ଓ ସଚ୍ଚୋଟତା ସତ୍ତ୍ୱେ ତାଙ୍କୁ ମିଳି ନ ଥାଏ ତାଙ୍କ କାମକୁ ନେଇ ଉଚିତ ନ୍ୟାୟ। ତଥାପି ସେ ସ୍ୱପ୍ନ ଦେଖୁଥାନ୍ତି ତାଙ୍କ ଗବେଷଣାକୁ ନେଇ, ଉଚ୍ଚାକାଂକ୍ଷାକୁ ସାଇତି ରଖୁଥାନ୍ତି ମନତଳେ। ବୃଦ୍ଧ ଜଣକ ଆଗକୁ ବଢ଼ିଲେ, ମନରେ ଭାବନାଟିଏ– ''ଅଶୀ ବର୍ଷ ବୟସ ବଞ୍ଚିସାରିଲିଣି। ନିଃସ୍ୱାର୍ଥପର ଭାବେ କରିଚାଲିଚି ମୋ' ଗବେଷଣା। ନ ହେଲେ ନାଇଁ ଖ୍ୟାତି... ନ ମିଳୁ ନ୍ୟାୟ। କିନ୍ତୁ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ମୋ' ସ୍ୱପ୍ନର ପାହାଡ଼କୁ ବଞ୍ଚେଇ ରଖିଥିବି। ସେଥିରେ ସବୁଜିମା ଭରୁଥିବି, ଝରଣାଟିଏ ଝରେଇ ଦେଇ ତା' କଳକଳ ନାଦରେ ଆତ୍ମହରା ହେଉଥିବି। ମୋ' ସ୍ୱପ୍ନର ପାହାଡ଼ର ଅସ୍ତିତ୍ୱ ନଷ୍ଟ ହେଇ ପାରେନା... କେବେ ବି ନୁହେଁ।''

ଏ ଭାବନା ସହ ରାସ୍ତାରେ ଆଗକୁ ବଢ଼ିଯାଇଥିଲେ ବୃଦ୍ଧ ଜଣକ। ବୃଦ୍ଧଙ୍କ ମୁହଁଟି ଖରାଦିନିଆ ଦ୍ୱିପ୍ରହର ପରି ଦିଶୁଥିଲା ଉଜ୍ଜ୍ୱଳ।

ମୋ: ୯୧୩୬୧୧୯୭୫୩

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ Bhubaneswar, Saturday, April 26/ 2025

# କେରଳ-ବାଗାନ, ଗୋଆ-ପଞ୍ଜାବ କ୍ୱାର୍ଟର ଫାଇନାଲ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ର ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସକୁ ଭେଟିବ ମୋହନବାଗାନ ସୁପର ଜାଏଣ୍ଟ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏଫ୍‌ସି ଗୋଆ ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। କେରଳ ବ୍ଲାଷ୍ଟର୍ସ ଏହାର ପୂର୍ବ ମ୍ୟାଚରେ ଇଷ୍ଟ ବେଙ୍ଗଲକୁ ୨-୦ରେ ହରାଇ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ ଚର୍ଚ୍ଚିଲ ବ୍ରଦର୍ସ ଓହରିଯିବାରୁ ୱାକ୍‌ଓଭର ପାଇ ମୋହନ ବାଗାନ ସିଧାସଳଖ କ୍ୱାର୍ଟର ଫାଇନାଲରେ



ଇକର ଗୁରୋକ୍ସେନା ଭାଲେଜୋ

**କଳିଙ୍ଗ ସୁପର କପ୍**

ପ୍ରବେଶ କରିଛି। ତେଣୁ ଚଳିତ ଟୁର୍ନାମେଣ୍ଟରେ ମୋହନବାଗାନ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଉଭୟ ଦଳ ସେମିଫାଇନାଲ ପ୍ରବେଶ ଲକ୍ଷ୍ୟ ରଖିଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି।

ଅନ୍ୟପକ୍ଷରେ ଘରୋଇ ଓଡ଼ିଶା ଏଫ୍‌ସିକୁ ୩-୦ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ପଞ୍ଜାବ ଏଫ୍‌ସି ମନୋବଳ ବେଶ୍ ଉପରେ ରହିଛି। ପୂର୍ବ ମ୍ୟାଚ୍‌ରେ ଏହି ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ୩-୦ରେ ଆଇ ଲିଗ୍ ଦଳ ଗୋକୁଲମ୍ କେରଳକୁ ହରାଇ ଆଗକୁ ବଢ଼ିଛି। ଗୋଆ ବିପକ୍ଷରେ ପରାଜୟ ଧାରା ଭାଙ୍ଗିବା ମଧ୍ୟ ପଞ୍ଜାବ ଏଫ୍‌ସି ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଇଣ୍ଡିଆନ ସୁପର ଲିଗ୍ ସିଜନରେ ପଞ୍ଜାବ ଦଳ ଗୋଆରେ ୧-୨ ଓ ଦିଲ୍ଲୀରେ ୦-୧ରେ ଶକ୍ତିଶାଳୀ ଗୋଆ ନିକଟରୁ ପରାଜିତ ହୋଇଥିଲା। ଗୋକୁଲମ୍ କେରଳ ବିପକ୍ଷରେ ଗୋଆ ଦଳର ଇକର ଗୁରୋକ୍ସେନା ଭାଲେଜୋ ଏକାକୀ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ତେଣୁ ଆଗାମୀ ମ୍ୟାଚ୍‌ରେ ଇକରଙ୍କ ଉପରେ ନିଶ୍ଚିତ ପଞ୍ଜାବ ଦଳର ନଜର ରହିବ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ଏଫ୍‌ସି ଗୋଆ ଦଳର ଅଭ୍ୟାସ।

**କଳିଙ୍ଗ ସୁପର କପ୍**

**(ଆଜିର ମ୍ୟାଚ୍)**

**କେରଳ ବ୍ଲାଷ୍ଟର୍ସ ବନାମ ମୋହନବାଗାନ**

ସମୟ: ଅପରାହ୍ନ ୪.୩୦

**ଏଫ୍‌ସି ଗୋଆ ବନାମ ପଞ୍ଜାବ ଏଫ୍‌ସି**

ସମୟ: ରାତି ୮.୦୦

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

## ପାକିସ୍ତାନକୁ ଆମନ୍ତ୍ରଣ କରାଗଲାନି

**କରାଚି, ୨୫।୪ (ପି.ଟି.):** ଜୋହର ହକି ଆସୋସିଏଶନକୁ ୧୦,୩୪୯ ଆମେରିକୀୟ ଡଲାରର ବକେୟା ପ୍ରାପ୍ୟ ପଇଠ କରି ନ ଥିବାରୁ ମାଲେସିଆ ହକି ମହାସଂଘ ପାକିସ୍ତାନ ହକି ଦଳକୁ ବାର୍ଷିକ ଆଜଲାନ ଶାହା କପ୍ ଟୁର୍ନାମେଣ୍ଟ ପାଇଁ ଆମନ୍ତ୍ରଣ କରିନାହିଁ। ଖବର ଅନୁସାରେ, ଜୋହର ଆସୋସିଏଶନ ପାକିସ୍ତାନ ହକି ମହାସଂଘ(ପିଏଚ୍ଏଫ୍)କୁ ଏକ କଡ଼ା ଚିଠି ଲେଖିଛି। ୨୦୨୩ରେ ପାକିସ୍ତାନ ହକି ଦଳ ସହିତ ପିଏଚ୍ଏଫ୍ ଅଫିସିଆଲ ଓ ସେମାନଙ୍କ ପରିବାର ମାଲେସିଆ ଗସ୍ତରେ ଯାଇଥିଲେ।




# ଯାଜପୁର, ରାଉରକେଲା, କେନ୍ଦୁଝର, କିଟ୍, ଜଗତ୍‌ସିଂହପୁର ଓ ମାଲକାନଗିରି ବିଜୟୀ

**ଭୁବନେଶ୍ୱର, ୨୫।୪(ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଯାଜପୁର, ରାଉରକେଲା, କେନ୍ଦୁଝର, କିଟ୍, ଜଗତ୍‌ସିଂହପୁର ଓ ମାଲକାନଗିରି ସେମାନଙ୍କ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଯାଜପୁର କେନ୍ଦ୍ରାପଡ଼ାକୁ ୧୪୫ ରନ୍‌ରେ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ସୁଚିସ୍ମିତା ପଣ୍ଡାଙ୍କ ଅପରାଜିତ ୭୮(୫୫ ବଲ୍) ରନ୍ ବଳରେ ୪ ଉଇକେଟ ବିନିମୟରେ ୧୮୭ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ଓଭରରେ ୯ ଉଇକେଟରେ ମାତ୍ର ୪୨ ରନ୍ କରିଥିଲା। ବିଜୟୀ ଦଳର ସୁଚିସ୍ମିତା ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେ ୭୮ ରନ୍ କରିବା ସହ ୨ଟି ଉଇକେଟ ମଧ୍ୟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଞ୍ଜାମ ବିପକ୍ଷରେ ରାଉରକେଲା ୧୨୨ ରନ୍‌ରେ ବିଜୟ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩ ଉଇକେଟରେ ୧୮୪ ରନ କରିଥିଲା। ସଙ୍ଗୀତା ଖାଡ଼ିଆ ୫୫ ଓ ନିଧି ସିଂ ଅପରାଜିତ ୫୦ ରନ କରିଥିଲେ। ଗଞ୍ଜାମ ୮ ଉଇକେଟରେ ୬୨ ରନ୍ କରି ହାରିଯାଇଥିଲା। ଏଥିରେ ସଙ୍ଗୀତା ଖାଡ଼ିଆ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ଅର୍ଦ୍ଧଶତକ ହାସଲ କରିବା ସହ ୨ଟି ଉଇକେଟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ନୂଆପଡ଼ା ବିପକ୍ଷ ମ୍ୟାଚ୍‌ରେ କେନ୍ଦୁଝର ୧୦ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ନୂଆପଡ଼ା ମାତ୍ର ୧୧ ରନ୍ କରିଥିବା ବେଳେ କେନ୍ଦୁଝର .୫ ଓଭରରେ ବିନା କୌଣସି ଉଇକେଟରେ ୧୨ ରନ୍ କରି ମ୍ୟାଚ୍ ଜିତିନେଇଥିଲା। ଏଥିରେ ପୂର୍ଣ୍ଣିମା ରାୟ (୩-୨-୩-୩) ଶ୍ରେଷ୍ଠ ବୋଲିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଢେଙ୍କାନାଳ ବିପକ୍ଷରେ କିଟ୍ ୧୦ ଉଇକେଟରେ ବିଜୟୀ ହୋଇଛି।

# ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ଅଧିକ

**ଜେନେଭା, ୨୫।୪ (ଏପି)**

ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ-୨୦୨୮ରେ ପୁରୁଷଙ୍କ ତୁଳନାରେ ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ଅଧିକ ହେବ। ଫୁଟ୍‌ବଲରେ ପ୍ରଥମ ଥର ପୁରୁଷ ତୁଳନାରେ ମହିଳା ଟୁର୍ନାମେଣ୍ଟରେ ଅଧିକ ସଂଖ୍ୟାରେ ମହିଳା ଦଳ ଅଂଶଗ୍ରହଣ କରିବେ। ଏଥିରେ ୧୬ଟି ଦେଶର ମହିଳା ଫୁଟ୍‌ବଲ ଦଳ ଭାଗ ନେବାକୁ ଥିବାବେଳେ ମାତ୍ର ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିବେ। ସେ ତୁଳନାରେ ପ୍ୟାରିସ୍ ଅଲିମ୍ପିକ୍ସରେ ୧୬ ପୁରୁଷ ଦଳ ଓ ୧୨ ମହିଳା ଟୁର୍ନାମେଣ୍ଟରେ ୧୨ ଦଳ ଭାଗ ନେଇଥିଲେ। ଏହି ନିଷ୍ପତ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର କାର୍ଯ୍ୟନିର୍ବାହୀ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ୫,୩୩୩ ବା ୫୦.୭%

**ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ**

ରହିଥିବା ବେଳେ ପୁରୁଷ ବିଭାଗରେ ଏହି ସଂଖ୍ୟା ୫,୧୬୭ ରହିଛି, ଯାହା ହେଉଛି ୪୯.୩%। ଗତ ମାସରେ କିର୍ଷ୍ଟି କୋଭେଣ୍ଟ୍ରି ସଭାପତି ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ଲାଉସାନେଠାରେ ଅନୁଷ୍ଠିତ ଏକ ଅନ୍‌ଲାଇନ ବୋର୍ଡ ବୈଠକରେ ମହିଳା ଖେଳାଳିଙ୍କ ଲାଗି ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। କୋଭେଣ୍ଟ୍ରି ଆସନ୍ତା ଜୁନ୍‌ରେ ତାଙ୍କ ମେଣ୍ଟର ଥୋମାସ୍ ବ୍ୟାକ୍‌ଙ୍କ ସ୍ଥାନରେ ୧୩୧ ବର୍ଷର ଇତିହାସରେ ଆଇଓସିର ପ୍ରଥମ ମହିଳା ସଭାପତିଭାବେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିବେ। ୱାଟର ପୋଲୋରେ ଦୁଇଟି ଅଧିକ ମହିଳା ଦଳ ଯୋଗ କରାଯାଇଛି। ଫଳରେ ଲସ୍‌ଏଞ୍ଜେଲ୍ସରେ ପୁରୁଷ ଭଳି ମହିଳା ୱାଟର ପୋଲୋରେ ୧୨ ଦେଶ ଅଂଶଗ୍ରହଣ କରିବେ। ସେହିପରି ବକ୍ସିଂରେ ମହିଳା ଓଜନ ଶ୍ରେଣୀରେ ଗୋଟିଏ ବୃଦ୍ଧି କରାଯାଇ ପୁରୁଷ ଲାଇନ୍‌ଅପ୍ ସହ ସମାନ କରାଯାଇଛି। ଅର୍ଥାତ୍ ଏଥିରେ ଉଭୟ ବର୍ଗରେ ୭ଟି ପଦକ ଇଭେଣ୍ଟ ରହିବ। ଏହି ପରିପ୍ରେକ୍ଷୀରେ ଆଇଓସି କ୍ରୀଡ଼ା ନିର୍ଦ୍ଦେଶକ କିଟ୍ ମ୍ୟାକ୍ କୋନେଲ କହିଛନ୍ତି, ଆମ ପାଇଁ ଲିଙ୍ଗଗତ ସମାନତା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 51 Years
୮+୮=୧୬
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 26/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 151 ମୂଲ୍ୟ ₹୭/-







# ପାକିସ୍ତାନୀଙ୍କୁ ଖୋଜି ବିଦାକର

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଗୋଟେ ପରେ ଗୋଟେ ପଦକ୍ଷେପ ନେଲେଣି। ଆତଙ୍କବାଦୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବାର ଗୋଟିଏ ଦିନ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ନିଜ ରାଜ୍ୟରେ ଥିବା ପାକିସ୍ତାନୀଙ୍କୁ ଖୋଜି ବିଦା କରିବାକୁ କହିଛନ୍ତି। ଫଳରେ ପାକିସ୍ତାନୀଙ୍କ ସଂଖ୍ୟା ଜାଣିବା ଲାଗି ତତ୍ପରତା ପ୍ରକାଶ ପାଇଲାଣି। ଇତିମଧ୍ୟରେ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ରହିଥିବା ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି।**

## ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କଲେ ଶାହା

**ନୂଆଦିଲ୍ଲୀ,୨୫।୪**

ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ପାକିସ୍ତାନର ନାଗରିକମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ଅବଧି ବାହାରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଚିହ୍ନଟ ଓ ବିଦା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପହଲଗାମ୍‌ର ବୈସରନ୍ ପର୍ଯ୍ୟଟନସ୍ଥଳୀରେ ମଙ୍ଗଳବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଜଣେ ସ୍ଥାନୀୟ ଯୁବକ ଓ ଅନ୍ୟ ଜଣେ ନେପାଳ ନାଗରିକ ଥିବାବେଳେ ଅବଶିଷ୍ଟ ୨୪ ଜଣ ଦେଶର ବିଭିନ୍ନ ଭାଗରୁ ସେଠାକୁ ଯାଇଥିବା ପର୍ଯ୍ୟଟକ ଥିଲେ। ଆତଙ୍କବାଦୀଙ୍କ ଏହି ବର୍ବରତାର ଦିନକ ପରେ ବୁଧବାର ଭାରତ ସରକାର ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଭିଜା ଏକ୍‌ଜେମ୍ପଶନ୍ ସ୍କିମ୍ (ଏସ୍‌ଭିଇଏସ୍) ବଳରେ ଭାରତରେ ଥିବା ପାକିସ୍ତାନୀଙ୍କ ଭିଜାକୁ ତତ୍କାଳ ରଦ୍ଦ କରିଛନ୍ତି। ଏଥିସହ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ି ଚାଲିଯିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୭ରୁ ଭାରତରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିଜା ରଦ୍ଦ ହେବ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ତେବେ ପାକିସ୍ତାନୀଙ୍କୁ ଦିଆଯାଇଥିବା ମେଡିକାଲ ଭିଜା ଏପ୍ରିଲ ୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଅବଧି ଶେଷ ହେବା ପରେ ପାକିସ୍ତାନୀମାନେ ଭାରତରେ ରହିପାରିବେ ନାହିଁ ବୋଲି ପ୍ରେସ୍ ବିବୃତିରେ ସ୍ପଷ୍ଟ କରାଯାଇଛି।

ଇତିମଧ୍ୟରେ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଭିଜା ବଳରେ ଭାରତକୁ ପ୍ରବେଶ କରି ଦେଶରେ ବସବାସ କରୁଥିବା ପାକିସ୍ତାନୀମାନେ ଛାନିଆ ହୋଇଯାଇଛନ୍ତି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ବ୍ୟକ୍ତିଗତ ଭାବେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍ କଲ୍ କରି ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ ସହ ସେମାନେ ଯେପରି ଡେଡ୍‌ଲାଇନ୍ ବାହାରେ ଦେଶରେ ନ ରହିବେ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ବର୍ତ୍ତମାନ ମୁଖ୍ୟମନ୍ତ୍ରୀମାନେ ନିଜ ନିଜ ରାଜ୍ୟରେ ରହୁଥିବା ପାକିସ୍ତାନୀଙ୍କୁ ଚିହ୍ନଟ ପରେ ପ୍ରତ୍ୟର୍ପଣ ସକାଶେ କେନ୍ଦ୍ର ସରକାରଙ୍କୁ ସେମାନଙ୍କ ସମ୍ପର୍କରେ ଅବଗତ କରାଇବେ। ଅନ୍ୟପକ୍ଷେ ଦୀର୍ଘଅବଧି ଭିଜା ବଳରେ ଦେଶରେ ରହୁଥିବା ହିନ୍ଦୁ ପାକିସ୍ତାନୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବନାହିଁ।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିହାରର ମଧୁବନିରେ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଚିହ୍ନଟ ଓ ଟ୍ରାକ୍ କରି ଦଣ୍ଡିତ କରାଯିବ। ଏପରି କି ସେମାନଙ୍କ ସମର୍ଥକ ଓ ହ୍ୟାଣ୍ଡଲର୍ସଙ୍କୁ ମଧ୍ୟ ଖୋଜି ବାହାର କରାଯିବ। ଆତଙ୍କବାଦୀମାନଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଚେତାବନୀ ପରେ ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳ ସତର୍କତାର ସହ ଆତଙ୍କବାଦୀଙ୍କୁ ଖୋଜୁଥିବାବେଳେ ଦେଶ ଭିତରେ ଥିବା ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ ଓ ବିଦା ପାଇଁ ଶାହା ଦେଇଥିବା ନିର୍ଦ୍ଦେଶକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

## ଓଡ଼ିଶାରେ ୧୨ ପାକିସ୍ତାନୀ

**ଭୁବନେଶ୍ୱର, ୨୫।୪**
**(ରବିନାରାୟଣ ଜେନା)**

ଓଡ଼ିଶାରେ ଏବେ ୧୨ ଜଣ ପାକିସ୍ତାନୀ ରହିଛନ୍ତି। ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ବିତାଡ଼ିତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ୧୨ ଜଣ ପାକିସ୍ତାନ ନାଗରିକ ଓଡ଼ିଶାରେ ଅଛନ୍ତି। ସେମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶା ଛାଡ଼ିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜିପି କହିଛନ୍ତି, ଯେଉଁମାନଙ୍କର ଭିଜା ଅବଧି ଶେଷ ହୋଇଯାଇଛି ଏବଂ ସେମାନେ ପୁନର୍ବାର ନବୀକରଣ କରିବାକୁ ଆବେଦନ କରିଥିଲେ, ତାହାକୁ ବାତିଲ କରାଯାଇଛି। ଏହାବାଦ୍ ସେମାନଙ୍କ ଲିଙ୍କ୍‌ରେ ଯଦି ଆଉ କେହି ଥାଆନ୍ତି ତା'ର ଅନୁସନ୍ଧାନ କରାଯାଉଛି ବୋଲି ଡିଜିପି କହିଛନ୍ତି।



ନିୟନ୍ତ୍ରଣରେଖା ଆଡ଼କୁ ଶୁକ୍ରବାର ଆସୁଥିବା ପାକିସ୍ତାନର ଯୁଦ୍ଧ ଟ୍ୟାଙ୍କ। (ରିପୋର୍ଟ ପୃଷ୍ଠା-୪)

### ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ



ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ସ୍ୱଚ୍ଛତା ନାହିଁ**

### ଆଜିର ମନ୍ତବ୍ୟ

"ଭାରତରୁ ପାକିସ୍ତାନକୁ ଯେମିତି ବୁନ୍ଦାଏ ବି ପାଣି ଯିବନାହିଁ, କେନ୍ଦ୍ର ସରକାର ସେଦିଗରେ କାର୍ଯ୍ୟ କରୁଛନ୍ତି।

**-ସି.ଆର୍. ପାଟିଲ, ଜଳଶକ୍ତି ମନ୍ତ୍ରୀ**

### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**28.04.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**





# ଆତଙ୍କବାଦୀଙ୍କୁ ପାଳିଛୁ: ପାକିସ୍ତାନ ମାନିଲା

ନୂଆଦିଲ୍ଲୀ,୨୫।୪

ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ଆକ୍ରମଣ ସକାଶେ ପାଣ୍ଠି ଯୋଗାଉଥିବା ବିଷୟ ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍ କହିଛନ୍ତି, ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ତାଙ୍କ ଦେଶ ଏହି 'ଭୁଲ୍ କାର୍ଯ୍ୟ' କରିଛି। ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ଆସିଫ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ବ୍ରିଟିଶ୍ ନ୍ୟୁଜ୍ ନେଟ୍‌ୱର୍କ ସ୍କାଏ ନ୍ୟୁଜ୍‌କୁ ସାକ୍ଷାତ୍କାର ଦେବାବେଳେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କୁ ପ୍ରଶ୍ନ କରାଯାଇଥିଲା, ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ସମର୍ଥନ, ସହାୟତା, ତାଲିମ ଓ ପାଣ୍ଠି ଯୋଗାଣ କରିବା ନେଇ ପାକିସ୍ତାନର ଲମ୍ବା ଇତିହାସ ରହିଛି। ଏହାକୁ ଆପଣ ସ୍ୱୀକାର କରିବେ କି? ଏହାର ଉତ୍ତରରେ ଆସିଫ୍ କହିଥିଲେ, ସୋଭିଏଟ୍-ଆଫଗାନ୍ ଯୁଦ୍ଧ ଏବଂ


ଖ୍ୱାଜା ମହମ୍ମଦ ଆସିଫ୍

୯/୧୧ ଆକ୍ରମଣ ପରେ ଆମେ ଆମେରିକା ପାଇଁ ଏହି 'ଭୁଲ୍ କାର୍ଯ୍ୟ' କରିଆସୁଛୁ। ବିଗତ ୩ ଦଶନ୍ଧି ଧରି ଆମେରିକା, ପାଶ୍ଚାତ୍ୟ ଓ ବ୍ରିଟେନ୍ ପାଇଁ ମଧ୍ୟ କରିଛୁ। ଏଭଳି ଭୁଲ୍ ଯୋଗୁ ପାକିସ୍ତାନକୁ ଫଳ ଭୋଗିବାକୁ ପଡ଼ିଛି। ତେବେ ସୋଭିଏଟ୍-ଆଫଗାନ୍ ଯୁଦ୍ଧ ଏବଂ ୯/୧୧ ପରେ ତାଲିବାନ୍ ବିରୋଧରେ ଆମେରିକା ନେତୃତ୍ୱାଧୀନ ଯୁଦ୍ଧରେ ପାକିସ୍ତାନ ସାମିଲ ହୋଇ ନ ଥିଲେ ଦେଶର ଟ୍ରାକ୍ ରେକର୍ଡ ନିଷ୍କଳଙ୍କ ରହିଥାଆନ୍ତା ବୋଲି ସେ କହିଛନ୍ତି।

## ପହଲଗାମ୍ ଆକ୍ରମଣରେ ହାଫିଜ୍ ସୟିଦ୍‌ଙ୍କ ଭୂମିକା

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ଗୁଳିକରି ୨୬ ଜଣଙ୍କୁ ହତ୍ୟା କରିଥିବାବେଳେ ଏହି ଆକ୍ରମଣରେ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ ଆହତ ହୋଇଛନ୍ତି। ସ୍ଥାନୀୟ ଆତଙ୍କବାଦୀଙ୍କ ସହାୟତାରେ ପାକିସ୍ତାନୀ ଆତଙ୍କବାଦୀମାନେ ଏହି ବର୍ବରକାଣ୍ଡ ଭିଆଇଥିବା ସାମ୍ନାକୁ ଆସିଛି। ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଇ-ତୋଇବା (ଏଲ୍ଇଟି) ମୁଖ୍ୟ ହାଫିଜ୍ ସୟିଦ ଏହି ଆତଙ୍କବାଦୀମାନଙ୍କ ହ୍ୟାଣ୍ଡଲର ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିବାକୁ ପାଇଲେଣି।

ସୂତ୍ରରୁ ଜଣାପଡ଼ିଛି ଯେ, ଭାରତ ସରକାରଙ୍କ ପକ୍ଷରୁ ନିଷିଦ୍ଧ ଘୋଷିତ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ଉପତ୍ୟକାରେ ଦୀର୍ଘ ସମୟ ଧରି ସକ୍ରିୟ ରହିଛି। ସୋନ୍‌ମାର୍ଗ, ବୁଟା


ହାଫିଜ୍ ସୟିଦ


ସୈଫୁଲ୍ଲା କସୁରି

ପଥରି ଓ ଗନ୍ଦେରବଲ ସମେତ ଜମ୍ମୁ-କଶ୍ମୀରର ଅନେକ ଆକ୍ରମଣରେ ଏହି ଆତଙ୍କବାଦୀ ଗୋଷ୍ଠୀ ସମ୍ପୃକ୍ତ ରହିଛି। ହାଫିଜ୍ ସୟିଦ ଓ ତାଙ୍କ ଉପମୁଖ୍ୟ ସୈଫୁଲ୍ଲା କସୁରି ପାକିସ୍ତାନରେ ଥାଇ ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲେ। ଦୁହେଁ ଆତଙ୍କବାଦୀମାନଙ୍କ ମନୋବଳ ବଢ଼ାଇବା ସହ ଅସ୍ତ୍ରଶସ୍ତ୍ର, ତାଲିମ ଦେଇଥିଲେ। ଏପରି କି କେଉଁ ବାଟ ଦେଇ ଭାରତକୁ ଅନୁପ୍ରବେଶ କରିବେ, କିପରି ଆକ୍ରମଣ କଲେ ଅଧିକ ଲୋକଙ୍କ ଜୀବନ ଯିବ ସେନେଇ ହାଫିଜ୍‌ଙ୍କ ଜରିଆରେ ପାକିସ୍ତାନୀ ସେନା ଏବଂ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ସବୁ ପ୍ରକାର ସହଯୋଗ କରିଥିଲା।


ତ୍ରାଲରେ ଆତଙ୍କବାଦୀ ଆସିଫ୍‌ଙ୍କ ଘର ଭାଙ୍ଗିଦିଆଯାଇଛି।

## ଆକ୍ରମଣରେ ସମ୍ପୃକ୍ତ ୨ ଲସ୍କର ଆତଙ୍କବାଦୀଙ୍କ ଘର ଉଡ଼ାଇଦିଆଗଲା

ଶ୍ରୀନଗର,୨୫।୪

ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଲସ୍କର-ଇ-ତୋଇବାର ୨ ଜଣ ଆତଙ୍କବାଦୀଙ୍କ ଜମ୍ମୁ-କଶ୍ମୀରରେ ଥିବା ଘରକୁ ଗୁରୁବାର ରାତିରେ ବିସ୍ଫୋରଣ ଘଟାଇ ଏବଂ ବୁଲ୍‌ଡୋଜରରେ ଭାଙ୍ଗିଦିଆଯାଇଛି। ଲସ୍କର ଆତଙ୍କବାଦୀ ଆଦିଲ ହୁସେନ ଠୋକର ଏବଂ ଅସିଫ୍ ଶେଖ୍‌ଙ୍କ ଘର ଭିତରେ ବିସ୍ଫୋରକ ରଖାଯାଇଥିବାବେଳେ ସୁରକ୍ଷା ବଳ ତଲାସି ନେଇଥିଲେ। ୨ଟି ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଠୋକରଙ୍କ ଘର ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାରେ ଏବଂ ସେ ପହଲଗାମ୍ ଆକ୍ରମଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ। ସେହିପରି ଶେଖ୍‌ଙ୍କ ଘର ପୁଲ୍‌ୱାମା ଜିଲାର ତ୍ରାଲରେ ହୋଇଥିବାବେଳେ ଆକ୍ରମଣ ପଛରେ ଥିବା ଷଡ଼ଯନ୍ତ୍ରରେ ତାଙ୍କର ସମ୍ପୃକ୍ତି ସନ୍ଦେହ କରାଯାଉଛି। ଠୋକରଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରାଯିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଅନନ୍ତନାଗ ପୋଲିସ କହିଛି। ଏହି ମାମଲାରେ ପାକିସ୍ତାନର ୨ ଜଣ ଆତଙ୍କବାଦୀଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରାଯାଇଛି।

## ମଧ୍ୟସ୍ଥତା ପାଇଁ ଇରାନ୍‌ର ପ୍ରସ୍ତାବ

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଶୁକ୍ରବାର ଇରାନ୍ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟଦ ଅବ୍ବାସ୍ ଆରାଘଚି କହିଛନ୍ତି, ଭାରତ ଓ ପାକିସ୍ତାନ ଇରାନ୍‌ର ଭାଇ ଭଳି ପଡ଼ୋଶୀ। ଉଭୟଙ୍କ ଶତାବ୍ଦୀ ପୁରୁଣା ସଂସ୍କୃତି ଓ ସଭ୍ୟତାଗତ ସମ୍ପର୍କ ରହିଛି। ଅନ୍ୟ ପଡ଼ୋଶୀଙ୍କ ଭଳି ଆମେ ଏହି ଦୁଇଦେଶକୁ ସର୍ବାଧିକ ପ୍ରାଥମିକତା ଦେଇଥାଉ। ବର୍ତ୍ତମାନର କଠିନ ସମୟରେ ଇସ୍‌ଲାମାବାଦ ଓ ନୂଆଦିଲ୍ଲୀରେ ଥିବା ନିଜ ଦୂତାବାସ ଜରିଆରେ ତେହରାନ୍ ଆପୋସ ଆଲୋଚନା କରି ସମାଧାନ କରିବାକୁ ପ୍ରସ୍ତୁତ ବୋଲି ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି।

## ଭୁଲ୍ ରିପୋର୍ଟ ଲାଗି ଏନ୍‌ୱାଇଟି ନିନ୍ଦିତ


The New York Times
At Least 24 Tourists Gunned Down by Militants in Kashmir
TERRORISTS
Prime Minister Narendra Modi of India called the shooting, the worst against civilians in the region for years, a "terror attack" and vowed to bring the perpetrators to justice.

ପହଲଗାମ୍ ଆକ୍ରମଣ ସମ୍ପର୍କିତ ଖବରକୁ ଭୁଲ୍ ଭାବେ ଉପସ୍ଥାପନ କରିଥିବା ଆମେରିକାର ଜଣାଶୁଣା ଦୈନିକ ନ୍ୟୁୟର୍କ ଟାଇମ୍ସ (ଏନ୍‌ୱାଇଟି) ସମାଲୋଚିତ ହୋଇଛି। ୨୨ ତାରିଖର ଆତଙ୍କବାଦୀ ଆକ୍ରମଣ ଖବର ଏନ୍‌ୱାଇଟିର ୨୩ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା। ଏଥିରେ ଆକ୍ରମଣକୁ ଆତଙ୍କବାଦୀଙ୍କ ନୁହେଁ, ବରଂ ଉଗ୍ରପନ୍ଥୀଙ୍କର ବୋଲି ଦର୍ଶାଯାଇଥିଲା। ଏହାକୁ ନେଇ ଆମେରିକା ବହିର୍ବ୍ୟାପାର କମିଟି ସମାଲୋଚନା କରିବା ସହ ଜବାବ ମାଗିଛି। ଏନ୍‌ୱାଇଟିର ଏଭଳି ଦୋମୁହାଁ ନୀତିକୁ ଭାରତୀୟମାନେ ମଧ୍ୟ ସୋସିଆଲ ମିଡିଆରେ ନିନ୍ଦା କରିଛନ୍ତି।

## ସୀମାପାର ଗୁଳିର ଜବାବ ଦେଲା ଭାରତ

ନୂଆଦିଲ୍ଲୀ,୨୫।୪

ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟୁ ପାକିସ୍ତାନୀ ସେନା ଗୁରୁବାର ରାତିରେ କେତେକ ଭାରତୀୟ ଘାଟିକୁ ଟାର୍ଗେଟ କରି ଗୁଳିମାଡ଼ କରିଥିବାବେଳେ ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଛି। ଏହି ଗୁଳିବିନିମୟ ବେଳେ କେହି ମୃତାହତ ହୋଇ ନ ଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ୨ ପଡ଼ୋଶୀ ଦେଶ ମଧ୍ୟରେ ନୂଆ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏହାର ୨ ଦିନ ପରେ ସୀମାରେ ଗୁଳିବିନିମୟ ହୋଇଛି। ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଦାୟୀ କରି ନୂଆଦିଲ୍ଲୀ ଏହା ବିରୋଧରେ କେତେଗୁଡ଼ିଏ କଠୋର ପଦକ୍ଷେପ ନେଇଛି।

## ଏକାଠି ହେବାକୁ ରାହୁଲଙ୍କ ଆହ୍ୱାନ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଶ୍ରୀନଗରରୁ ନୂଆଦିଲ୍ଲୀ ଫେରିବା ପରେ ପହଲଗାମ୍ ଆକ୍ରମଣର ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ମାର୍ଚ୍ଚ କରିଛନ୍ତି। ଏହା ପୂର୍ବରୁ ସେ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଆହତମାନଙ୍କୁ ଭେଟିଥିଲେ। ପହଲଗାମ୍ ଆକ୍ରମଣ ସମାଜକୁ ବିଭାଜିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ରାହୁଲ ସମାଲୋଚନା କରିବା ସହ ଆତଙ୍କବାଦକୁ ଜବାବ ଦେବା ପାଇଁ ସମସ୍ତ ଭାରତୀୟଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ।


ନୂଆଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା।

## ଆକ୍ରମଣ ଯୋଗୁ ଭାଙ୍ଗିଲା ସୀମାପାର ବିବାହ

### ପାକିସ୍ତାନ ଯାଉଥିବା ବରଙ୍କୁ ଅଟ୍ଟାରିରୁ ଫେରାଇଦିଆଗଲା

ବାର୍‌ମେର,୨୫।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ପଡ଼ୋଶୀ ଦେଶ ସହ ତିକ୍ତତା ବଢ଼ିଛି। ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି କେନ୍ଦ୍ର ସରକାର ଅଟ୍ଟାରି ସୀମାକୁ ସିଲ୍ କରିବା ସହ ବିଭିନ୍ନ କୂଟନୈତିକ କଟକଣା ଲଗାଇଛନ୍ତି। ଫଳରେ ଏକ ବହୁପ୍ରତୀକ୍ଷିତ ସୀମାପାର ବିବାହ ଅଟକିବା ସହ ରାଜସ୍ଥାନ ବାରମେର ଜିଲାର ପୁଅଘର ପରିବାରର ଆଶା ମଉଳିଯାଇଛି। ବାରମେରର ଜଣେ ଯୁବକ ଆସନ୍ତା ୩୦ରେ ପାକିସ୍ତାନର ଜଣେ ଯୁବତୀଙ୍କୁ ବିବାହ କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ବର ଜଣଙ୍କ ଗୁରୁବାର ବାରାତ ନେଇ ୱାଘା-ଅଟାରି ସୀମାରେ ପହଞ୍ଚିଥିଲେ। ତେବେ ସେମାନଙ୍କୁ ପାକିସ୍ତାନରେ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ସେମାନେ ଫେରିଆସିବାକୁ ବାଧ୍ୟ ହୋଇଛନ୍ତି।


ଶାଇତନ ସିଂ

ବାରମେରର ୨୫ ବର୍ଷୀୟ ଶାଇତନ ସିଂଙ୍କର ୪ ବର୍ଷ ପୂର୍ବେ ପାକିସ୍ତାନ ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଅମରକୋଟ ଜିଲାର କେସାର କନୱାରଙ୍କ ସହ ନିର୍ବନ୍ଧ ହୋଇଥିଲା। ଏହା ପରେ ବର ପରିବାର ଦୀର୍ଘଦିନର ଉଦ୍ୟମ କ୍ରମେ ପାକିସ୍ତାନ ଯିବା ପାଇଁ ଗତ ଫେବୃଆରୀରେ ଭିଜା ପାଇଥିଲେ। ଭିଜା ସମୟ ସୀମା ମେ' ୧୨ ପର୍ଯ୍ୟନ୍ତ ଥିବାରୁ ବିବାହ ତାରିଖ ଏପ୍ରିଲ ୩୦କୁ ଚୂଡ଼ାନ୍ତ ହୋଇଥିଲା। ତେବେ ବାରାତ୍ ଅଟାରି ସୀମା ଅତିକ୍ରମ କରିବା ପୂର୍ବରୁ ଆତଙ୍କବାଦୀ ଆକ୍ରମଣକୁ ନେଇ କୂଟନୈତିକ କଟକଣା ଜାରି ସ୍ୱରୂପ ସୀମା ସିଲ୍ କରିଦିଆଯାଇଥିଲା। ଫଳରେ ବରଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି।

## ଆମୀରଙ୍କ ସ୍ୱପ୍ନର ପ୍ରୋଜେକ୍ଟ 'ମହାଭାରତ'

ମୁମ୍ବାଇ

ବଲିଉଡ୍ ଅଭିନେତା ଆମୀର ଖାନ୍ ଦୀର୍ଘ ଦିନ ଧରି ଅଭିନୟରୁ ଦୂରେଇ ରହିଛନ୍ତି। ୨୦୨୨ରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଲାଲ୍ ସିଂ ଚଡ଼ା'ରେ ତାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ କିଛି ଖାସ୍ କରିପାରି ନ ଥିଲା। ଏହାପରଠାରୁ ଆମୀର ନିଜର ଅନେକ ପ୍ରୋଜେକ୍ଟ ବିଷୟରେ ଘୋଷଣା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସେଗୁଡ଼ିକର କୌଣସି ଅପ୍‌ଡେଟ୍ ସାମ୍ନାକୁ ଆସିନାହିଁ। ନିକଟରେ ଏକ ସାକ୍ଷାତ୍କାରରେ ଆମୀର 'ମହାଭାରତ' ସିରିଜ୍‌ର ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ହିନ୍ଦୁଧର୍ମର ପ୍ରସିଦ୍ଧ ମହାକାବ୍ୟ 'ମହାଭାରତ' ସିରିଜ୍‌ର ନିର୍ମାଣ କରିବା ତାଙ୍କ ପାଇଁ କୌଣସି ସ୍ୱପ୍ନଠାରୁ କମ୍ ହେବ ନାହିଁ। ଏଥିପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ମାଣ ପାଇଁ ଅଧିକ ସମୟ ଆବଶ୍ୟକ କାରଣ କେବଳ ଫିଲ୍ମର ଲେଖା ପାଇଁ ଅଳ୍ପ କିଛି ବର୍ଷର ସମୟ ଲାଗିଯିବ। ସେହିପରି ମହାଭାରତ ଭଳି ବୃହତ୍ ମହାକାବ୍ୟର ପୂରା କାହାଣୀକୁ ଗୋଟିଏ ଫିଲ୍ମରେ ଦେଖାଇବା ସମ୍ଭବପର ହେବ ନାହିଁ। ତେଣୁ ସେ ନିଜର ଏହି ମହତ୍ତ୍ୱାକାଂକ୍ଷା ପ୍ରୋଜେକ୍ଟକୁ ବିଭିନ୍ନ ନିର୍ଦ୍ଦେଶକଙ୍କ ସହ ଏକାଧିକ ଭାଗରେ ନିର୍ମାଣ କରିବେ ବୋଲି ଆମୀର କହିଛନ୍ତି।


ଆମୀର ଖାନ୍

## ସଂକ୍ଷେପରେ

### ନ୍ୟାଶନାଲ ହେରାଲ୍ଡ ମାମଲା

### ସୋନିଆ, ରାହୁଲଙ୍କୁ ନୋଟିସ୍ ଜାରି କଲେନି ଅଦାଲତ

ନୂଆଦିଲ୍ଲୀ,୨୫।୪ (ପି.ଟି.)

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅନ୍ୟମାନଙ୍କୁ ବର୍ତ୍ତମାନ ପାଇଁ ନୋଟିସ୍ ଜାରି କରିବାକୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ମନା କରିଦେଇଛନ୍ତି। ଆଇନର ନୂଆ ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତମାନଙ୍କ ଶୁଣାଣି ବିନା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜଶିଟ୍ ଉପରେ ନୋଟିସ ଜାରି କରାଯାଇପାରିବ ନାହିଁ ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗ୍‌ନେ କହିଛନ୍ତି। କୋର୍ଟ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କୌଣସି ତ୍ରୁଟି ରହିଛି କି ନାହିଁ, ତାହା ଦେଖିଥାନ୍ତି। ଚାର୍ଜଶିଟ୍‌ରେ କେତେକ ଦସ୍ତାବିଜ୍ ନ ଥିବା ପ୍ରତିପକ୍ଷ ଓକିଲ କହିବା ପରେ ସେଗୁଡ଼ିକୁ ଦାଖଲ କରିବା ନିମନ୍ତେ ଅଦାଲତ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

### ମେଧା ପାଟକର ଗିରଫ

ନୂଆଦିଲ୍ଲୀ,୨୫।୪(ପି.ଟି.)

ଦିଲ୍ଲୀର ଏକ ଅଦାଲତ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କ୍ରମେ ନର୍ମଦା ବଚାଓ ଆନ୍ଦୋଳନର ନେତ୍ରୀ ମେଧା ପାଟକରଙ୍କୁ ଶୁକ୍ରବାର ଗିରଫ କରାଯାଇ ସେସନ୍ସ କୋର୍ଟରେ ହାଜର କରାଯାଇଥିଲା। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶକୁ ଅନୁପାଳନ କରିବେ ବୋଲି ତାଙ୍କ ଓକିଲ ପ୍ରତିଶ୍ରୁତି ଦେବା ପରେ ଅତିରିକ୍ତ ଦୌରାଜଜ୍ ବିପିନ୍ ଖର୍ବ ମେଧାଙ୍କୁ ଏକ ବଣ୍ଡ ଓ କ୍ଷତିପୂରଣ ରାଶି ଜମା କରିବା ପରେ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପମାନଜନକ ମନ୍ତବ୍ୟ ପାଇଁ ମେଧାଙ୍କ ବିରୋଧରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମାନହାନି ମାମଲା ଦାଏର କରିଥିଲେ। ଅଦାଲତ ଏହାର ଶୁଣାଣି କରି ୧ ଲକ୍ଷ ଟଙ୍କା ଓ ପ୍ରୋବେଶନ ବଣ୍ଡ ଦାଖଲ କରିବାକୁ ମେଧାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ଜାଣିଶୁଣି ଉକ୍ତ ନିର୍ଦ୍ଦେଶନାମାର ଅନୁପାଳନ କରୁ ନ ଥିବାରୁ ଅତିରିକ୍ତ ଦୌରାଜଜ୍ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ।

### ୱକ୍‌ଫ ଚ୍ୟାଲେଞ୍ଜ ଆବେଦନ ଖାରଜ ଲାଗି ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ

ନୂଆଦିଲ୍ଲୀ,୨୫।୪

ୱକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଖାରଜ କରାଯିବା ନିମନ୍ତେ ନିବେଦନ କରି କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଶେର୍ଷା ସି. ଶେଖ୍ ମୋହିଦ୍ଦିନଙ୍କ ଏହି ୧,୩୩୨ ପୃଷ୍ଠାର ସତ୍ୟପାଠ ଦାଖଲ କରି ଆଇନର କୌଣସି ବ୍ୟବସ୍ଥା ଉପରେ ସ୍ଥଗିତାଦେଶକୁ ବିରୋଧ କରିଛନ୍ତି। ସାମ୍ବିଧାନିକ ଭାବେ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ଏହାର କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାକୁ ନେଇ କୌତୂହଳପୂର୍ଣ୍ଣ ମିଥ୍ୟା ବର୍ଣ୍ଣନା କରାଯାଉଛି। ଶୁଣାଣି ବେଳେ ଉକ୍ତ ଚ୍ୟାଲେଞ୍ଜଗୁଡ଼ିକୁ ଅଦାଲତ ଅନୁଧ୍ୟାନ କରିବେ। ପ୍ରତିକୂଳ ପରିଣାମ ସମ୍ପର୍କରେ ଅବଗତ ନ ହୋଇ ଉକ୍ତ ବ୍ୟବସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସ୍ଥଗିତ ନ କରିବାକୁ କେନ୍ଦ୍ର ସରକାର ନିବେଦନ କରିଛନ୍ତି।

### ସାବରକର ମନ୍ତବ୍ୟ: ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୫।୪(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ଏକ ରାଲିରେ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପ୍ରତି ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟ ନିମନ୍ତେ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ତେବେ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରିହାସ କରା ନ ଯାଉ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

### ୨୮ରେ ଜମ୍ମୁ-କଶ୍ମୀର ବିଧାନସଭା ସ୍ୱତନ୍ତ୍ର ଅଧିବେଶନ


ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ଜମ୍ମୁ-କଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୨୮ରେ କରାଯିବ। କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଦିନିକିଆ ଅଧିବେଶନ ଡାକିଥିବା ଶୁକ୍ରବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୧୮(୧)ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରି ଉପରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲାଙ୍କ କ୍ୟାବିନେଟ ବୁଧବାର ତାଙ୍କୁ ଅନୁରୋଧ କରିଥିଲା।

### ଏନ୍‌କାଉଣ୍ଟରରେ ଲସ୍କର ଆତଙ୍କବାଦୀ ଅଲ୍‌ତାଫ ନିହତ

ଶ୍ରୀନଗର,୨୫।୪

ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲା ଅନ୍ତର୍ଗତ କୁଲ୍‌ନାର ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ଲସ୍କର-ଇ-ତୋଇବାର ସ୍ଥାନୀୟ ଆତଙ୍କବାଦୀ ଅଲତାଫ ଲାଲି ନିହତ ହେବା ସହ ୨ ଜଣ ପୋଲିସ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନାକ୍ରମେ ସେନା, ପୋଲିସ ଏବଂ ଅର୍ଦ୍ଧସାମରିକ ବଳ ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଗୁଳିବିନିମୟ ହୋଇଥିଲା। ପହଲଗାମ୍ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଏହା ଚତୁର୍ଥ ଏନ୍‌କାଉଣ୍ଟର। ଗୁରୁବାର ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ସେନା ଯବାନଙ୍କ ମୃତ୍ୟୁ ଘଟିଥିଲା।

### ଗୋଇନ୍ଦା ବିଫଳତା କହିଲେ ପୂର୍ବତନ ସେନାମୁଖ୍ୟ


ଜେନେରାଲ ଶଙ୍କର ରାୟଚୌଧୁରୀ

କୋଲକାତା,୨୫।୪

ଗୋଇନ୍ଦା ବିଫଳତା ପାଇଁ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି ପୂର୍ବତନ ସେନାମୁଖ୍ୟ ଜେନେରାଲ ଶଙ୍କର ରାୟଚୌଧୁରୀ ଶୁକ୍ରବାର କହିବା ସହ ଏଥିପାଇଁ ସର୍ବୋଚ୍ଚ ସ୍ତରରେ ଉତ୍ତରଦାୟୀ ରହିବାକୁ ଦାବି କରିଛନ୍ତି। ଦେଶର ଅଷ୍ଟାଦଶ ସେନାମୁଖ୍ୟ ରାୟଚୌଧୁରୀ କହିଛନ୍ତି, ଗୋଇନ୍ଦା ବିଫଳତା ସନ୍ଦେହ କରାଯାଉଛି ଏବଂ ଏଥିପାଇଁ ନିଶ୍ଚୟ କେହି ଜଣେ ଦାୟୀ। ଆକ୍ରମଣ ପଛରେ ପାକିସ୍ତାନ ଏବଂ ଏହାର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ଭୂମିକା ରହିଥିବା ସେ କହିଛନ୍ତି। ଏତେସଂଖ୍ୟାରେ ଅନୁପ୍ରବେଶକାରୀ ପର୍ଯ୍ୟଟନ ସ୍ଥଳରେ ପହଞ୍ଚି ଆକ୍ରମଣ କରିବାରେ ସଫଳ ହେଲେ, ତାହାର ତଦନ୍ତ କରାଯିବା ଆବଶ୍ୟକ। ଆକ୍ରମଣ ପାଇଁ ଲସ୍କର-ଇ-ତୋଇବାର ପ୍ରକ୍ସି ଗ୍ରୁପ୍ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା। ଭାରତ ସରକାର ପାକିସ୍ତାନ ବିରୋଧରେ ନେଇଥିବା କୂଟନୈତିକ କଟକଣା ଯଥେଷ୍ଟ ନୁହେଁ। ପ୍ରତିରୋଧ ପଦକ୍ଷେପ ନେବାକୁ ହେବ ବୋଲି ରାୟଚୌଧୁରୀ କହିଛନ୍ତି।

**କେନାଲ ପାଣିରେ ବୁଡ଼ି ଜଣେ ମୃତ**

**ଅତାବିରା (ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ଗୁର୍ଖାପାଲି ନିକଟରେ ଯାଇଥିବା ଟାଙ୍ଗରପାଲି-ଥୁଆପାଲି କେନାଲ ପାଣିରେ ବୁଡ଼ି ଶୁକ୍ରବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗୁର୍ଖାପାଲିର ଶରତ ପ୍ରଧାନ(୪୭) । କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କ ମୃତ୍ୟ ହୋଇଥିବା ପରିବାର ଲୋକେ କହିଛନ୍ତି ।



## ସଂକ୍ଷେପରେ

### ଅସହ୍ୟ ତାତି ସାଙ୍ଗକୁ ବିଦ୍ୟୁତ୍ କାଟ୍, ଲୋକେ ହସ୍ତସନ୍ତ

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାର ଜାରି ରହିଛି। ତାତଲା ପବନ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ। କିଛିଦିନ ହେଲା ପଦ୍ମପୁର ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଛି। ଖରାର ତାତିରୁ ରକ୍ଷା ପାଇବା ପାଇଁ ଲୋକମାନେ ଟୋପି, ଗାମୁଛା ଓ କଳା ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଗରମରୁ ରକ୍ଷା ପାଇବା ପାଇଁ ଲସି, ସରବତ ଓ ଆମ୍ବ ରସ ଆଖୁ ପଣା ଦୋକାନଗୁଡ଼ିକରେ ଭିଡ଼ ଜମୁଛି। ଗୋଟିଏ ପଟେ ତତଲା କଡେଇରେ ଭାଜି ହେଉଥିବା ଭଳି ଲାଗୁଥିବା ବେଳେ ଅନ୍ୟପଟେ ବିଜୁଳି କାଟ ଲୋକମାନଙ୍କୁ କଲବଲ କରିପକାଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରୀଷ୍ମ ପ୍ରବାହ ଜାରି ରହୁଥିବାରୁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଧିକାଂଶ ଦୋକାନବଜାର ବନ୍ଦ ରହୁଛି। ଫଳରେ ଏହି ସମୟରେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ବିଭିନ୍ନ ନାଳ ପୋଖରୀରେ ପାଣି ଶୁଖିଯିବା କାରଣରୁ ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ପାଇଁ ପଦ୍ମପୁର ଏନ୍ଏସି ତରଫରୁ ପାନୀୟ ଜଳର ବ୍ୟବସ୍ଥା ଗ୍ରହଣ କରିବାକୁ ମତ ପ୍ରକାଶ ପାଇଛି। ଏହାଛଡା ପଦ୍ମପୁର ଉପଖଣ୍ଡର ଅନେକ ଅଞ୍ଚଳରେ ବେଆଇନ ଇଟାଭାଟି ଯୋଗୁ ପରିବେଶ ଅଧିକ ଉତ୍ତପ୍ତ ହେବାରେ ଲାଗିଛି।

# ଗଛମୂଳେ ଧାନ ବିକ୍ରି କରୁଛନ୍ତି ଚାଷୀ

**ଆର୍ଏମ୍ସିରେ ପଡ଼ିଛି ୨୦୨ କୋଟି, ବିକାଶ ହେଉନି ମଣ୍ଡି ଭିତ୍ତିଭୂମି**

- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ ପ୍ରତିନିଧି
- ଧାନ ସଂଗ୍ରହ ପ୍ରକ୍ରିୟା ସୁବ୍ୟବସ୍ଥିତ କରିବାକୁ ଦାବି



ଜିଲାପାଳଙ୍କୁ ଫେରାଦ ହୋଇଥିବା ସଂଯୁକ୍ତ କୃଷକ ସଂଗଠନର ପ୍ରତିନିଧିବୃନ୍ଦ।

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ହେଉଥିବା ପ୍ରତ୍ୟେକ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ସାମିଲ ହେଉଛନ୍ତି। ଧାନ ସଂଗ୍ରହ ବାବଦକୁ ପ୍ରତି ଆର୍ଏମ୍ସି କୋଟି କୋଟି ଟଙ୍କା ଫି ଆଦାୟ କରୁଛନ୍ତି। ମାତ୍ର ଆର୍ଏମ୍ସି ଅଧୀନରେ ରହିଥିବା ଧାନକ୍ରୟ କେନ୍ଦ୍ର ତଥା ମଣ୍ଡି ଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ସେହି ଟଙ୍କା ବିନିମୟରେ ହେଉ ନାହିଁ। ଅନ୍ୟପକ୍ଷରେ ଅବ୍ୟବସ୍ଥିତ ମଣ୍ଡିଗୁଡ଼ିକୁ ଧାନ ବିକିବାକୁ ଆସି ଚାଷୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କେଉଁ ମଣ୍ଡିରେ ଗଛତଳେ ଧାନ କିଣାବିକା ଚାଲିଛି ତ ଆଉ କେଉଁଠି ପର୍ଯ୍ୟାପ୍ତ ଗୋଦାମ ଗୃହ ନ ଥିବାରୁ ବର୍ଷା ହେଲେ ମଣ୍ଡିରେ ଧାନ ଭିଜୁଛି। କେବଳ ସେତିକି ନୁହେଁ, ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ କେତେକ ମଣ୍ଡିରେ ଧାନଚୋରି ହେବାର ମଧ୍ୟ ନଜିର ରହିଛି। ସେହିପରି ବିଭିନ୍ନ ମଣ୍ଡିରେ ଏପର୍ଯ୍ୟନ୍ତ ଚାଷୀଙ୍କ ପାଇଁ ଉପଯୁକ୍ତ ଆଶ୍ରୟ ସ୍ଥଳୀ, ପାନୀୟଜଳ ପ୍ରକଳ୍ପ କିମ୍ବା ଆବଶ୍ୟକ ସ୍ଥଳେ ଧାନ ଗଦା କରି ଶୁଖାଇବା ବ୍ୟବସ୍ଥା ନାହିଁ। ଏଭଳି ସ୍ଥିତିରେ ମଣ୍ଡିକୁ ଧାନ ବିକ୍ରି ପାଇଁ ଆସିଥିବା ଚାଷୀମାନଙ୍କୁ ବହୁ ହଟହଟା ହେବାକୁ ପଡ଼ିଛି। ଶୁକ୍ରବାର ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ଧାନ ସଂଗ୍ରହ ଫି ବାବଦକୁ ସଂଗୃହୀତ ଟଙ୍କାର ଠିକ ବିନିଯୋଗ କରି ଜିଲାରେ ରହିଥିବା ସମସ୍ତ ମଣ୍ଡି ଗୁଡ଼ିକର ବିକାଶ ଏବଂ ବିଭିନ୍ନ ଧାନବିକ୍ରି ସମସ୍ୟାର ସମାଧାନ କରିବା ପାଇଁ ଦାବି ହୋଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଜିଲାରେ ଧାନ ସଂଗ୍ରହ ଫି ବାବଦକୁ ସଂଗୃହୀତ ଟଙ୍କା ମଧ୍ୟରୁ ଅତାବିରା ଆରଏମସିରେ ୧୦୪କୋଟି, ବରଗଡ଼ ଆର୍ଏମ୍ସିରେ ୬୫କୋଟି ଏବଂ ପଦ୍ମପୁର ଆରଏମ୍ସିରେ ୩୩କୋଟି ଟଙ୍କା ପଡ଼ି ରହିଛି। ଏଭଳି ସମୁଦାୟ ଟଙ୍କା ଆର୍ଏମ୍ସିରେ ପଡ଼ି ରହିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଏବଂ ଅବହେଳା ଯୋଗୁ ତାହା ବିନିଯୋଗ ହୋଇ ପାରି ନାହିଁ। ଅନ୍ୟପଟେ ଚାଷୀମାନେ ଗଛମୂଳେ ଧାନ ବିକ୍ରି କରୁଛନ୍ତି। ଅନେକ ମଣ୍ଡିରେ ଅତ୍ୟାବଶ୍ୟକ ବ୍ୟବସ୍ଥା ନ ଥିବା ଯୋଗୁ ଚାଷୀମାନେ ମଣ୍ଡି ପ୍ରତି ମୁହଁ ଫେରାଇ ନେଉଛନ୍ତି। ଫଳରେ ଆର୍ଏମ୍ସିରେ ପଡ଼ି ରହିଥିବା ଟଙ୍କାର ସୁବିନିଯୋଗ କରି ମଣ୍ଡି ଭିତ୍ତଭୂମି ନିର୍ମାଣ କରିବା ପାଇଁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ସେହିପରି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ସମୟରେ ଚାଷୀମାନଙ୍କୁ ବିଭିନ୍ନ ଆଳ ଦେଖାଇ ହଟହଟା କରାଯାଇଥାଏ। ଆସନ୍ତା ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନଙ୍କୁ ସେଭଳି ହଇରାଣ ହରକତ ନ କରିବା ପାଇଁ ଦାବି ହୋଇଛି। ଏଫଏକ୍ୟୁ ଆଳରେ କଟନୀଛଟନୀ ବନ୍ଦ, ମଣ୍ଡିକୁ ଦଲାଲମୁକ୍ତ କରାଯିବା ପାଇଁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ମଣ୍ଡିରେ ରାଇସ ମିଲରମାନେ ଧାନ କିଣାବିକାକୁ ନିୟନ୍ତ୍ରଣ କରୁଥିବା ପରିଲକ୍ଷିତ ହୁଏ। ଫଳରେ ପ୍ରତ୍ୟେକ ମଣ୍ଡିରେ ରାଇସ ମିଲର୍ମାନଙ୍କୁ ପ୍ରତ୍ୟେକ୍ଷ ନିୟନ୍ତ୍ରଣରୁ ବାଦ ଦେବା, ମଣ୍ଡି ପରିଚାଳନା ଦାୟିତ୍ୱରେ ରହିଥିବା କର୍ମଚାରୀମାନଙ୍କୁ ପ୍ରତି ୨ବର୍ଷରେ ବଦଳି କରାଯିବା, ମଣ୍ଡି ପରିଚାଳନା ଦାୟିତ୍ୱ ମିଲରମାନଙ୍କୁ ନ ଦେଇ ଧାନକ୍ରୟ ସଂସ୍ଥାକୁ ଦିଆଯାଉ ବୋଲି ମଧ୍ୟ ଦାବି ହୋଇଛି। ସାଟେଲାଇଟ ସର୍ଭେ ଆଳ ଦେଖାଇ ପଞ୍ଜିକରଣରେ ଟୋକନରେ ଚାଷୀଙ୍କ ଜମି ପରିମାଣ ହ୍ରାସ କରିଦିଆଯାଉଛି। ତାକୁ ବାଦ ଦେଇ ଚାଷ ଅନୁସାରେ ପଞ୍ଜିକରଣ ଭିତ୍ତିରେ ଧାନ କାର୍ଡ ଦିଆଯାଉ ବୋଲି ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ, ସୁବଳ ପଧାନ, ଏକାଦଶିଆ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୋଶଲ ସଂଗ୍ରାମୀଙ୍କୁ ଉଠାଇ ନେଲା ପୋଲିସ

**ବରଗଡ଼, ୨୫।୪(ପ୍ରେମାନନ୍ଦ ଖମାରୀ)**

ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ସମେତ ବିଭିନ୍ନ ଦାବି ନେଇ ବରଗଡ଼ ସହର ଉପକଣ୍ଠ ବୀରଛକରେ ଅନଶନରେ ବସିଥିବା ୩ଜଣ କୋଶଲ ସଂଗ୍ରାମୀଙ୍କୁ ଗୁରୁବାର ରାତିରେ ପୋଲିସ ଉଠାଇ ନେଇଛି। ସେମାନେ ହେଲେ ସୁଶାନ୍ତ ମିଶ୍ର, ଅଭିଷେକ ନାୟକ ଏବଂ ନାଗାର୍ଜୁନ କର୍ଣ୍ଣ। ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ଜଗି ରହିଛି । ଡାକ୍ତରଖାନାରେ ମଧ୍ୟ ଅନଶନ ଜାରି ରହିଛି ବୋଲି ଅଭିଷେକ କହିଛନ୍ତି। ଏପର୍ଯ୍ୟନ୍ତ ଡାକ୍ତରଖାନାରେ

**ଡାକ୍ତରଖାନାରେ ଅନଶନ ଜାରି**

ସାଲାଇନଟିଏ ମଧ୍ୟ ଦିଆଯାଇ ନାହିଁ ଏବଂ ପୋଲିସ ବଳପୂର୍ବକ ଉଠାଇ ଆଣିଥିବା ସେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୨ତାରିଖରୁ ବୀରଛକରେ ଉପରୋକ୍ତ ୩କୋଶଳ ସଂଗ୍ରାମୀ ଅନଶନରେ ବସିଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ଅନଶନକୁ ସମର୍ଥନ ମିଳିଥିଲା। ତେବେ ଗୁରୁବାର ରାତି ସାଢ଼େ ୧୧ଟାରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ଅନଶନରେ ବସିଥିବା କୋଶଲ ସଂଗ୍ରାମୀଙ୍କୁ ପୋଲିସ ଉଠାଇ ନେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଜିଲାସ୍ତରୀୟ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର




ବରପାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବରପାଲି,୨୫।୪(ଚିତ୍ତରଞ୍ଜନ ସାହୁ)**

ଜିଲାସ୍ତରୀୟ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ବରପାଲି ମାରୱାଡି ଧର୍ମଶାଳା ଉଗ୍ରସେନ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାରୱାଡି ଯୁବାମଞ୍ଚ ପକ୍ଷରୁ ସଭାପତି ପ୍ରଦୀପ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଙ୍ଗ ପ୍ରତିରୋପଣ ଶିବିରରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁମନ୍ତ କୁମ୍ଭାର, ସମ୍ମାନିତ ଅତିଥିଭାବେ ତହସିଲଦାର ରୁକ୍ମଣ ମେହେର ଯୋଗଦାନ କରିଥିଲେ। ଅସହାୟ ବିକଳାଙ୍ଗଙ୍କ ପାଇଁ ଯୁବସମାଜ ସହାୟତାର ହାତ ବଢ଼ାଇ ଗୋଟିଏ ଜୀବନ୍ତ ଉଦାହରଣ ସୃଷ୍ଟି କରିଛି। ତାହା ଏବେ ନୂତନ ପିଢ଼ି ପାଇଁ ଉଦାହରଣ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଏବଂ ବରପାଲି ବ୍ଲକସ୍ତରୀୟ ଯୁବାମଞ୍ଚର ସମସ୍ତ ସଭ୍ୟ ଉପସ୍ଥିତ ରହିବା ସାଙ୍ଗକୁ ୬୦ରୁ ଉର୍ଦ୍ଧ୍ୱ ବିକଳାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗ ମାଗଣାରେ ପ୍ରଦାନ କରିଥିଲେ।

**ସୋହେଲା(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ମାରୱାଡ଼ି ଯୁବାମଞ୍ଚ ଏବଂ ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି ରାଞ୍ଚିର ମିଳିତ ପ୍ରୟାସରେ ଦିବ୍ୟାଙ୍ଗମାନଙ୍କ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଆରମ୍ଭ ହୋଇଛି। ୫୦ ଜଣ ଦିବ୍ୟାଙ୍ଗ ନିଜର ବିଭିନ୍ନ ଅଙ୍ଗ ରୋପଣ ଏବଂ ଯନ୍ତ୍ରପାତି ପାଇଁ ପଞ୍ଜୀକୃତ ହୋଇଛନ୍ତି। ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ ମୁଖ୍ୟ ଅତିଥି ଏବଂ ବିଡିଓ କରିସ୍ମା ବେଶ୍ରା, ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରର ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୨୭ତାରିଖରେ ଏହି ଶିବିର ସମାପନ ହେବ।

### କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟିତ

ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)– ବରଗଡ଼ ପଞ୍ଚାୟତ କଲେଜରେ ଗୁରୁବାର ନୂତନ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଭିତ୍ତିଭୂମିର ଉନ୍ନତି ଏବଂ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଲ୍ୟାବ ସୁବିଧାର ସର୍ବୋତ୍ତମ ବ୍ୟବହାର କରିବେ ବୋଲି ସେ ଆଶାବ୍ୟକ୍ତ କରି ଏହି ଅଞ୍ଚଳରେ ଶିକ୍ଷାଗତ ବିକାଶ ପାଇଁ ପ୍ରଚେଷ୍ଟା ଜାରି ରଖିବାର ପ୍ରତିଶ୍ରୁତି ଦେଇଥିଲେ । ସଂସ୍ଥାପିତ କମ୍ପ୍ୟୁଟର ଲ୍ୟାବ ଉଦଘାଟନ କରି ବିଧାୟକ ମହାବିଦ୍ୟାଳୟର କର୍ମଚାରୀଙ୍କ ସହିତ ଏକ ବୈଠକ ଆହ୍ୱାନ କରି ଆଲୋଚନା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ନକୁଳ ସେଠ ଡିଜିଟାଲ ସାକ୍ଷରତାର ଗୁରୁତ୍ୱ ଏବଂ ଛାତ୍ରୀଛାତ୍ରଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବାରେ ଏହି ଲ୍ୟାବର ଭୂମିକା ଉପରେ ଆଲୋକପାତ କରିଥିଲେ । କଲେଜ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡଃ ଉମେଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ ଅଣଶିକ୍ଷକ ସହକର୍ମୀବୃନ୍ଦ ଉପସ୍ଥିତ ରହିଥିଲେ ।




ପହଲଗାମ୍‌ରେ ହିନ୍ଦୁଙ୍କୁ ହତ୍ୟା ପ୍ରତିବାଦ ଶୋଭାଯାତ୍ରା ।

## ମୃତ ପର୍ଯ୍ୟଟକଙ୍କ ଆତ୍ମାର ଶାନ୍ତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ସୋହେଲା,୨୫।୪(ଅଶ୍ୱିନୀ କୁମାର ପାତ୍ର)**

ଗତ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କୁ ହତ୍ୟାର ପ୍ରତିବାଦ ଏବଂ ମୃତକଙ୍କ ଆତ୍ମାର ଶାନ୍ତି ନିମନ୍ତେ ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋହେଲାର ବହୁ ଅନୁଷ୍ଠାନର ସଦସ୍ୟ ଯୋଗଦେଇଥିଲେ। ସ୍ଥାନୀୟ ଦୁର୍ଗାମନ୍ଦିର ପ୍ରାଙ୍ଗଣରୁ ଏହି ଶୋଭାଯାତ୍ରା ବାହାରି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ମୃତକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଛି। ଦୁର୍ଗାପୂଜା କମିଟିର ସମ୍ପାଦକ ପ୍ରମୋଦ ଦେବତା, କୋଷାଧ୍ୟକ୍ଷ ଲଳିତ ଅଗ୍ରୱାଲ, ସହସମ୍ପାଦକ ସଞ୍ଜୀବ ଝାଙ୍କର, ମୁକେଶ ଅଗ୍ରୱାଲ, ସୋହେଲା ମୁସ୍‌ଲିମ ଜମାତରୁ ହାଜି ଇକ୍‌ବାଲ ଖେରାନୀ, ଇନାୟତ ଖାନ୍,ଏମ୍‌ଡି ଗୁଲାମ୍, ଇମ୍ରାନ୍ ଭୋପାଲା, ବାବୁଲୁ ଦେବତା, ଅନିଲ ପଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ଅତାବିରାରେ ପାକିସ୍ତାନୀ ପତାକା ପୋଡ଼ିଲେ

**ଅତାବିରା,୨୫।୪(ଯୁଧିଷ୍ଠିର ମହାପାତ୍ର)**

**ପହଲଗାମ୍‌ରେ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣା**

ପହଲଗାମ୍‌ରେ ହିନ୍ଦୁ ପର୍ଯ୍ୟଟଙ୍କୁ ହତ୍ୟା ଘଟଣା ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ଅତାବିରା ବସଷ୍ଟାଣ୍ଡ ଜାତୀୟ ରାଜପଥରେ ପାକିସ୍ତାନୀ ପତାକାକୁ ପୋଡ଼ି ଦିଆଯାଇଛି। କାଶ୍ମୀରର ପହଲଗାମ୍‌ଠାରେ ୨୮ହିନ୍ଦୁ ପର୍ଯ୍ୟଟକଙ୍କୁ ପାକିସ୍ତାନୀ ଆତଙ୍କବାଦୀ ଗୁଳି କରି ହତ୍ୟା କରିଥିଲେ। ଏହାର ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଅତାବିରା ବ୍ଲକ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଭାରତ ମାତା କି ଜୟ, ପାକିସ୍ଥାନ ମୂର୍ଦାବାଦ ଆଦି ନାରା ଦେଇ ଆତଙ୍କବାଦୀଙ୍କ ଫଟୋଚିତ୍ରରେ ଚପଲ ମାଡ଼ ମାରିଥିଲେ। ପରେ ପାକିସ୍ତାନୀ ଜାତୀୟ ପତାକାକୁ ନିଆଁରେ ପଡ଼ିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅଶ୍ୱିନୀ ମେହେର, ମନୀଷ ଶର୍ମା, ସତୀଶ ଦାଶ, ପୂର୍ଣ୍ଣଚନ୍ଦ୍ର ତରିଆ, ସରୋଜ ପ୍ରଧାନ, ବଜରଙ୍ଗ ଦଳରୁ ପରମେଶ୍ୱର ପଟେଲ, ପ୍ରଶାନ୍ତ ଭୋଇ, ପ୍ରଭାସ ସିଂ, ପି.ଶ୍ରୀହରି, ପ୍ରଦୀପ ଭୁଏ, କଷ୍ଟ ସାହୁ, ପ୍ରେମାନନ୍ଦ ମେହେର, ଝସକେତନ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର କର, ରାକେଶ ପଟେଲ, ପ୍ରିୟ ଦର୍ଶିନୀ ଅର୍ଚ୍ଚନା ବାଗ, ଖିରେଶ୍ୱରୀ ସ୍ୱାଇଁ, ସୁନୀତା ଅଗ୍ରୱାଲ, ସୁବ୍ରତା ପାଢ଼ୀ, ଅଞ୍ଜଳି ଘୋଷ, ଦର୍ଶନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜବୋଡାସମ୍ବର ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ



ବିନ୍ଧ୍ୟ ବାସିନୀ ବିଞ୍ଝାଳ ସମାଜର ନୂତନ କର୍ମକର୍ତ୍ତା।

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ)**

ପଦ୍ମପୁର କୁସୁନାପାଲିଠାରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ରାଜବୋଡାସମ୍ବର ବ୍ଲକ ସ୍ତରୀୟ ବାର୍ଷିକ ସଭା ତଥା ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଲାଟସଭାପତି ହୃଷିକେଶ ବରିହା, ଯୁବସଙ୍ଗଠକ ଭୋଜରାଜ ସିଂ ବରିହା, ଯୋଗଦେଇଥିଲେ। ସମାଜର ଝିଅ ପୁଅମାନେ କିଭଳି ଭାବରେ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ହେବେ ଏବଂ ସମ୍ପୂର୍ଣ୍ଣ ଯୁବ ସମାଜ ଶିକ୍ଷିତ ହୋଇ ପାରିବେ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜବୋଡାସମ୍ବର ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ରାଜବୋଡାସମ୍ବର ବ୍ଲକ ସଭାପତି ଭାବରେ କରୁଣାକର ବରିହା, ଉପସଭାପତି ଡୋଳାମଣି ବରିହା, ସମ୍ପାଦକ ଶତ୍ରୁଘ୍ନ ବରିହା, ସହ ସମ୍ପାଦକ ଖଗେଶ୍ୱର ବରିହା, କୋଷାଧ୍ୟକ୍ଷ ମାଧବ ବରିହା ଏବଂ ଡୁଲାରାମ ଲୁହାର, ପ୍ରେମାନନ୍ଦ ବରିହା, ଶ୍ୟାମସୁନ୍ଦର ବରିହା ପ୍ରମୁଖ ଜୋନ ସଭାପତି ଭାବରେ ମନୋନିତ ହୋଇଥିଲେ। ଏହି ବୈଠକରେ ରାଜବୋଡାସମ୍ବର ବ୍ଲକ ତଥା ଆଖପାଖ ଅଞ୍ଚଳର ପାଇକମାଳ ସଭାପତି ପ୍ରେମାନନ୍ଦ ବରିହା, ସମ୍ପାଦକ ଦେବରାଜ ବରିହା, ନନ୍ଦ ଲାଲ ବରିହା, ଝାରବନ୍ଧ ସଭାପତି ଜବହାରଲାଲ ସିଂ ବରିହା ଓ ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଆଶାରାମ ବରିହାଙ୍କ ସମେତ ଶତାଧିକ ବିଂଝାଲ ସମାଜର ସଦସ୍ୟମାନେ ଯୋଗଦେଇଥିଲେ।

### ଅଧ୍ୟାପକ ଅମୃତ ସିଂ ବରିହାଙ୍କ ପରଲୋକ

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ କନସିଂହା ନିବାସୀ ଅଧ୍ୟାପକ ଅମୃତ ସିଂ



ବରିହା(୪୮)ଙ୍କ ପରଲୋକ ହୋଇଯାଇଛି । ସେ ବଲାଙ୍ଗୀର ସରକାରୀ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ବନ୍ଧୁ ଭ୍ରମର ପଧାନ, ତୋଫାନ ବାଗ, ହେମନ୍ତ ଶତପଥି, ନିରଞ୍ଜନ ଦାଶ, କୁଳମଣି ସାହୁ, ଅକ୍ଷୟ ପ୍ରଧାନ ଗଭୀର ଶୋକ ପ୍ରକାଶ କରିଥିଲେ। ତାଙ୍କର ବଡ଼ ପୁଅ ଅମର ସିଂ ବରିହା ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବି କଲା ହିନ୍ଦୁ ଏକତା ମଞ୍ଚ

**ପହଲଗାମ ଆତଙ୍କବାଦୀ ଆକ୍ରମଣ**

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**




ହିନ୍ଦୁ ଏକତା ମଞ୍ଚ ପ୍ରତିନିଧିବୃନ୍ଦ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଜମ୍ମୁ କଶ୍ମୀର ପହଲଗାମ୍‌ରେ ସଂଘଟିତ ଆତଙ୍କବାଦୀ ଆକ୍ରମଣ ସାରା ଦେଶବାସୀଙ୍କୁ ସ୍ତବ୍ଧ କରି ପକାଇଛି। ଉକ୍ତ ଆତଙ୍କବାଦୀ ଆକ୍ରମଣ ପଛରେ ରହିଥିବା ସଂଗଠନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ତେଜି ଉଠିଛି। ଶୁକ୍ରବାର ବରଗଡ଼ ଜିଲା ହିନ୍ଦୁ ଏକତା ମଞ୍ଚ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ବରଗଡ଼ ଗାନ୍ଧିଛକରୁ ମଞ୍ଚର ସଦସ୍ୟା, ସଦସ୍ୟବୃନ୍ଦ ଏକ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଯିବା ବାଟରେ ପାକିସ୍ତାନର ପତାକାକୁ ରାସ୍ତାରେ ପକାଯାଇ ପାକିସ୍ତାନ ମୁର୍ଦାବାଦର ନାରାବାଜି କରିଥିଲେ। ଏହା ସହିତ ରାଜ୍ୟରେ ରହିଥିବା ବାଂଲାଦେଶୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶରୁ ବାହାରକୁ ପଠାଯାଉ ବୋଲି ଦାବି କରିଥିଲେ। ହିନ୍ଦୁ ଏକତା ମଞ୍ଚର କିଶୋର ବିକାର, ପ୍ରତାପ କୁମାର ପଟ୍ଟନାୟକ, ପରମାନନ୍ଦ ମିଶ୍ର, ପ୍ରୀତମ ସିଂ, ଅକ୍ରୁର ମଲ୍ଲିକ, ସତ୍ୟସାଇ ନାଏକ ପ୍ରମୁଖ ଏଥିରେ ସାମିଲ ଥିଲେ।

## ଶୀତଳଷଷ୍ଠୀ ଯାତ୍ରାର ଥାଳଉଠା ପ୍ରସ୍ତୁତି ବୈଠକ

**ବରପାଲି,୨୫।୪(ଚିତ୍ତରଞ୍ଜନ ସାହୁ)**



ବୈଠକରେ ଆଲୋଚନା ଚାଲିଛି।

ବରପାଲି ଶୀତଳଷଷ୍ଠୀ ଯାତ୍ରା କମିଟିର ଆହ୍ୱାନ କ୍ରମେ ସଭାପତି ଆନନ୍ଦ ବାବୁଙ୍କ ସଭାପତିତ୍ୱରେ ଥାଳଉଠା ପ୍ରସ୍ତୁତି ବୈଠକ ଭଣ୍ଡାର ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦେବ ଦେବ ମହାଦେବଙ୍କ ଶ୍ଳୋକ ବନ୍ଦନା ପରେ କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ପାଦକ ଜୟନ୍ତ ତ୍ରିପାଠୀ ଏପ୍ରିଲ ୩୦ ଅକ୍ଷୟତୃତୀୟାରେ ପାରମ୍ପରିକ ରୀତିନୀତି ଅନୁସାରେ ଥାଳଉଠା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରି ବିଭିନ୍ନ କମିଟିର ସବ୍‌କମିଟି ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ଥାଳଉଠାର ଶୁଭଲଗ୍ନ ନିର୍ଦ୍ଧାରଣ ପାଇଁ କମିଟି ମୁଖ୍ୟ ପିନାକୀ ଦାଶଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ହେମନ୍ତ ମିଶ୍ର ଲଗ୍ନଧାର୍ଯ୍ୟ କରିବା ନିଷ୍ପତ୍ତି ଚୂଡ଼ାନ୍ତ ହେଲା। ସର୍ବସମ୍ମତିକ୍ରମେ ମୀନାବଜାର କମିଟିର ସଂପ୍ରସାରଣ କରାଗଲା। ଏହି କମିଟିରେ ନୂତନ କମିଟି ମୁଖ୍ୟ ଭାବେ ପ୍ରଶାନ୍ତ ସାହୁ, ସୁବାସ ମିଶ୍ର, ଧର୍ମରାଜ ସିଂ ବରିହା, ଦେବେନ୍ଦ୍ର ସାହୁ, ରଜନୀକାନ୍ତ ଦାଶଙ୍କୁ ସଂଯୋଗ କରାଗଲା। ରାଜେନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁକୁପାଲିରେ ସୋଲାର ପ୍ରକଳ୍ପ

**ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ**

**ପାଇକମାଳ,୨୫।୪(ବଢ଼ ଶତପଥୀ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଲୋକମାନେ ଅସହ୍ୟ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏଥିପାଇଁ ରାସ୍ତାରେ ପଥଚାରୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି। କିନ୍ତୁ କେତେକ ସ୍ଥାନରେ ଲୋକମାନଙ୍କୁ ପାନୀୟ ଜଳ ମିଳୁନାହିଁ। ଏହା ଦେଖିବାକୁ ମିଳିଛି ବରଗଡ ଜିଲା ପାଇକମାଳ ବ୍ଲକରେ। ବ୍ଲକର ଲୁକୁପାଲି ଗାଁରେ ସୋଲାର ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ରାଜ୍ୟ ସରକାର ଲୋକଙ୍କ ପିଇବା ପାଣି ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ସେହି ଯୋଜନା ଠିକ ଭାବରେ କାର୍ଯ୍ୟକାରୀ ନହେଲେ ଜନସାଧାରଣଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ଲୁକୁପାଲି ଗାଁରେ ରହନ୍ତି ପାଖାପାଖି ୧୧୦ରୁ ଊର୍ଦ୍ଧ୍ୱ ଲୋକ। ଗାଁ ଲୋକଙ୍କ ପାଇଁ ସରକାର ତରଫରୁ ସୋଲାର ପ୍ରକଳ୍ପ ଟିଏ ସ୍ଥାପନ ହୋଇଛି। ହେଲେ ଗତ ୧୫ ଦିନରୁ ଊର୍ଦ୍ଧ୍ୱ ଦିନ ହେଲା ଉକ୍ତ ପ୍ରକଳ୍ପଟି ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ନପାଇ ହଇରାଣ ହେଉଛନ୍ତି। ଏନେଇ ପାଇକମାଳ ଆରଡବ୍ଲୁଏସ୍ଏସ୍ ଜେଇ ଦିବାକର ମୁନ୍ନାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଖରା ଯୋଗୁ ସେହି ଯାଗାରୁ ଠିକ ଭାବରେ ପାଣି ବାହାରି ପାରୁନାହିଁ । ଏଥିପାଇଁ ସୋଲାର ପ୍ରକଳ୍ପ ଚାଲୁ ନାହିଁ। ମୁଁ ଶୀଘ୍ର ଏ ଦିଗରେ ଦୃଷ୍ଟି ଦେଇ ପାଣି କିପରି ପାଇବେ ସେ ବ୍ୟବସ୍ଥା କରିବି ବୋଲି କହିଛନ୍ତି।



ଅଚଳ ସୋଲାର ପ୍ରକଳ୍ପ ।

## ସଂକ୍ଷେପରେ

### ଧବଳେଶ୍ୱର ମନ୍ଦିରରୁ ଚୋରି, ଜଣେ ଗିରଫ

**ରାଉରକେଲା,୨୫।୪(ସଙ୍ଗୀତା ଜେନା):** ଦକ୍ଷିଣ ରାଉରକେଲା ଦେଓଗାଁର ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିରରୁ ଚୋରି ଘଟଣାରେ ରଘୁନାଥପାଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଗାଁର ରାହୁଲ ତନ୍ତୀ(୧୯)। ଏ ନେଇ ପୋଲିସ ଏକ ମାମଲା(ନଂ.୨୫୦/୨୫) ରୁଜୁ କରି ଶୁକ୍ରବାର ଅପରାହ୍ନ ୪ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ଧବଳେଶ୍ୱର ମନ୍ଦିର ପରିସରରେ ଥିବା ଏକ ୨୦ ଫୁଟ୍ ଆଲୁମିନିୟମ୍ ଶିଡି ଚୋରି ହୋଇଥିଲା। ଏ ନେଇ ଗତ ୧୮ ତାରିଖରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ରବି ଦେହୁରୀ ଏତଲା ଦେଇଥିଲେ। ପୋଲିସ ତଦନ୍ତରେ ଚୋରି ସାମଗ୍ରୀ ଦେଓଗାଁ ମୁଣ୍ଡାବସ୍ତିରେ ବର୍ଜ୍ୟଜଳ ସ୍ରୋତରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ରାହୁଲଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ରାହୁଲଙ୍କ ନାଁରେ ରଘୁନାଥପାଲୀ ଥାନାରେ ୨ଟି ଆପରାଧିକ ମାମଲା ରହିଛି।

### ୨ ଗଞ୍ଜେଇ ବେପାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ରାଉଲକେଲା,୨୫।୪(ସଙ୍ଗୀତା ଜେନା):** ୨୦୨୨ ସେପ୍ଟେମ୍ବର ୧ ତାରିଖରେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ସହ ଧରାପଡ଼ିଥିବା ୨ ବେପାରୀଙ୍କୁ ଶୁକ୍ରବାର ୧୦ ବର୍ଷ ଲେଖାଏ ଜେଲଦଣ୍ଡ ଆଦେଶ ହୋଇଛି। ଉଭୟଙ୍କୁ ୧ଲକ୍ଷ ଟଙ୍କା ଜରିମାନା ଏବଂ ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ବର୍ଷ ଜେଲ ଦଣ୍ଡାଦେଶ କରାଯାଇଛି। ସୂଚନା ଅନୁଯାୟୀ, ଘଟଣା ଦିନ ଗଞ୍ଜେଇ ବେପାରୀ ମୁକେଶ କୁମାର ଓ ସୁନିଲ କୁମାର ବ୍ୟାଗ୍‌ରେ ୨୧ କେଜି ୪ଶହ ଗ୍ରାମ ଗଞ୍ଜେଇ ଧରି ବିହାରର ପାଟନା ଯାଉଥିଲେ। ବସ୍‌ଷ୍ଟାଣ୍ଡରେ ସନ୍ଦେହ ଆଧାରରେ ଉଭୟ ଧରାପଡିଥିଲେ। ଏହି ମାମଲା ଏଡିଜେ-୨ ମନୋଜ କୁମାରଙ୍କ ଅଦାଲତରେ ବିଚାରାଧୀନ ଥିଲା। ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି। ୧୮ ଜଣଙ୍କ ସାକ୍ଷ୍ୟ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ବିଚାରପତି ଜେଲ ଦଣ୍ଡାଦେଶ କରିଥିଲେ। ଏହାକୁ ସରକାରୀ ଓକିଲ ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରୁଥିଲେ।

### ବିଶ୍ୱ ମ୍ୟାଲେରିଆ ଦିବସରେ ମଶାରି ବଣ୍ଟନ

**ବନ୍ଧମୁଣ୍ଡା,୨୫।୪(ସୁବ୍ରତ ଦେ):** ବିଶ୍ରା ବ୍ଲକସ୍ଥିତ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହୋଇଯାଇଛି। ବିଶ୍ରା ସରପଞ୍ଚ ସୁରଜ ନାୟକ ଓ ବୀରମିତ୍ରପୁର ବିଧାୟକଙ୍କ ପ୍ରତିନିଧି ତାରିକ ଅଜିଜ୍ ଅନ୍‌ସାରୀ ଓ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୧୪ ପଞ୍ଚାୟତରେ ସମୁଦାୟ ୨୩ ସବ୍‌ସେଣ୍ଟରରେ ୬୩୬୭୨ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି। ୭୦ ବର୍ଷୀୟ ପୁରୁଷ ତଥା ମହିଳାଙ୍କ ସମେତ ବିକଳାଙ୍ଗ, ବିଧବା ଓ ୧୦ରୁ ୧୮ ବର୍ଷ ପର୍ଯ୍ୟନ୍ତ ଝିଅମାନଙ୍କୁ ସିଙ୍ଗଲ ମଶାରି ବଣ୍ଟନ କରାଯାଉଛି। ଏହାଛଡ଼ା ବାପା, ମା'ଙ୍କ ସହ ଗୋଟିଏ ପିଲା ଥିବା ପରିବାରକୁ ଏବଂ ବାପା, ମା ଓ ଦୁଇ ଛୁଆ ଥିବା ପରିବାରକୁ ଫାମିଲି ଟାଇପ ମଶାରି ଦିଆଯାଇଥିଲା। ମଶାଦାଉରୁ ରକ୍ଷା ପାଇଁ ମ୍ୟାଲେରିଆପ୍ରବଣ ଅଞ୍ଚଳରେ ମଶାରି ବଣ୍ଟନ କରିବା ସରକାରୀ ସ୍ତରରେ ଗୋଟିଏ ବଡ଼ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେକ୍ଟରବାହିତ ରୋଗ ପରାମର୍ଶଦାତା ଅମିତ୍ କୁମାର ନାୟକ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶିର ମାଝି ଏବଂ ଶ୍ରୀତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ୫୫ ୟୁନିଟ୍ ରକ୍ତ ସଂଗ୍ରହ

**ସୁନ୍ଦରଗଡ଼,୨୫।୪(ଜୟ ନାରାୟଣ ମେଣ୍ଡୁଲି):** ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଅବସରରେ ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାର କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡିଆରସିଏସ ଉମାଶଙ୍କର ଦାସ, ସମବାୟ ବ୍ୟାଙ୍କ ସଭାପତି, ମୁଖ୍ୟ କାର୍ଯ୍ୟନିର୍ବାହୀ, ମୁଖ୍ୟ ଯୋଗାଣ ଅଧିକାରୀ, ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ସହକାରୀ ନିର୍ଦ୍ଦେଶକ ରେଶମ ଶିଳ୍ପ, ସୀତାରାମ ବାଘ, ବନମାଳୀ ନାଏକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ସରୁଛି ବେଦବ୍ୟାସ ପୀଠର ନବନିର୍ମାଣ

## ଏଚ୍‌ଆର୍‌ସିଇ ନ୍ୟାୟିକ ଅନୁମୋଦନରେ ବିଳମ୍ବ

**ରାଉରକେଲା,୨୫।୪(ବିପ୍ଳବ ରଞ୍ଜନ ଦାଶ)**



ବେଦବ୍ୟାସ ଛକରେ ନିର୍ମିତ ବିଶାଳକାୟ ଶିବ ପ୍ରତିମା।

ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠର ନବନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ଅନୁଦାନ ମିଳିଛି। ଏହି ଅନୁଦାନରେ ପୀଠର ପାରିପାର୍ଶ୍ୱିକ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଏଯାଏ ମନ୍ଦିରଗୁଡିକର ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇପାରିନାହିଁ। ଅନ୍ୟପକ୍ଷେ ବିଭାଗକୁ ମନ୍ଦିର ଭଙ୍ଗା ପାଇଁ ଜରୁରୀ ଥିବା ହିନ୍ଦୁ ରିଲିଜିୟସ୍ ଆଣ୍ଡ୍ ଚାରିଟେବୁଲ ଏଣ୍ଡାମେଣ୍ଟ(ଏଚ୍‌ଆର୍‌ସିଇ) ଆକ୍ଟ ୧୯୫୧ ଅନୁଯାୟୀ ନ୍ୟାୟିକ ଅନୁମୋଦନ ମିଳିନାହିଁ। ଫଳରେ ଏହି କାର୍ଯ୍ୟ ବିଳମ୍ବିତ ହେଉଥିବା କୁହାଯାଇଛି।

ବେଦବ୍ୟାସ ପୀଠର ଉନ୍ନତୀକରଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୪କୋଟି ୧୫ ଲକ୍ଷ ୫୮ହଜାର ଟଙ୍କା ମଞ୍ଜୁର ହୋଇଛି। ନିର୍ମାଣ କାର୍ଯ୍ୟ ଗତ ଫେବୃୟାରୀ ୨୪ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୧୪ମାସ ବିତିସାରିଥିଲେ ମଧ୍ୟ ଏଯାଏ କେବଳ ଷ୍ଟଲ, କୀର୍ତ୍ତନ, ପ୍ରାର୍ଥନା ଓ ଅଗ୍ନି ମଣ୍ଡପ, ବେଦବ୍ୟାସ ମୁଖ୍ୟ ଛକରେ ଶିବ ପ୍ରତିମା ଏବଂ ପୂଜାମଣ୍ଡପ ନିର୍ମାଣରେ ସୀମିତ ରହିଛି। ମାତ୍ର ମୁଖ୍ୟ କାର୍ଯ୍ୟ ମନ୍ଦିର ଭଙ୍ଗା ଏଯାଏ ହୋଇପାରିନାହିଁ। ମନ୍ଦିର ଭଙ୍ଗା ପାଇଁ ଏଚ୍‌ଆର୍‌ସିଇ ଆକ୍ଟ ୧୯୫୧ ଅନୁଯାୟୀ ନ୍ୟାୟିକ ଅନୁମୋଦନ ବିଭାଗକୁ ମିଳିନାହିଁ। ବିଭାଗ ପକ୍ଷରୁ ନ୍ୟାୟିକ ଆବେଦନ ହୋଇଥିଲେ ସୁଦ୍ଧା ଅନୁମୋଦନରେ ବିଳମ୍ବ ହେଉଥିବାରୁ ବେଦବ୍ୟାସସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର, ଚନ୍ଦ୍ରଶେଖର ମନ୍ଦିର, ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ ପ୍ରସାଦପ୍ରସ୍ତୁତି ଗୃହ ଭଙ୍ଗାଯାଇ ପାରୁନାହିଁ।

ପ୍ରକାଶ ଥାଉକି, ମନ୍ଦିର ଭାଙ୍ଗିବା ପୂର୍ବରୁ ମନ୍ଦିରରେ ଥିବା ସମସ୍ତ ଧନସମ୍ପଦର ସୁରକ୍ଷା ଭାର ବେଦବ୍ୟାସ ଟ୍ରଷ୍ଟ ଅଧ୍ୟକ୍ଷ ତଥା ସୁନ୍ଦରଗଡ ଜିଲାପାଳ ମନୋଜ ମହାନନ୍ଦ, ଉପାଧ୍ୟକ୍ଷ ତଥା ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଉପରେ ନ୍ୟସ୍ତ ରହିବ। ଅନ୍ୟପଟେ ନିର୍ମାଣ କାମରେ ହେଉଥିବା ଅହେତୁକ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବେଦବ୍ୟାସ ପୀଠରେ ମହାଦେବଙ୍କ ମନ୍ଦିର ସହ ବିଭିନ୍ନ ଦେବଦେବୀ ମନ୍ଦିର ରହିଛି। ଏଣୁ ମନ୍ଦିର ଭାଙ୍ଗିବା ପୂର୍ବରୁ ଶିବଲିଙ୍ଗ ସହ ଦେବଦେବୀଙ୍କ ପ୍ରତିମାରେ ଯେଭଳି କୌଣସି ପ୍ରକାର ଆଘାତ ନ ଲାଗେ ସେଥିପାଇଁ ଦୃଷ୍ଟି ଦିଆଯିବା ଜରୁରୀ ବୋଲି ମତପ୍ରକାଶ ପାଇଛି।

ଏ ନେଇ ରାଉରକେଲା ଆର୍‌ଆଣ୍ଡ୍‌ବି ବିଭାଗୀୟ ମୁଖ୍ୟ ଆଲୋକ କୁମାର ନାଏକଙ୍କୁ ପଚାରିବାରୁ ସେ କହିଲେ, ବେଦବ୍ୟାସ ପୀଠକୁ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ କରିବା ପାଇଁ ଆବଶ୍ୟକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହ ମଣ୍ଡପ, ଷ୍ଟଲ ଆଦି ଅନେକ ପ୍ରମୁଖ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମାତ୍ର ବେଦବ୍ୟାସସ୍ଥିତ ବିଭିନ୍ନ ମନ୍ଦିର ନବନିର୍ମାଣ ପାଇଁ ଜରୁରୀ ଥିବା ନ୍ୟାୟିକ ଅନୁମୋଦନ ମିଳିନାହିଁ। ତେବେ ଆଗାମୀ ୭ ମାସ ମଧ୍ୟରେ ନିଶ୍ଚିତ ଭାବେ ଅନୁମୋଦନ ମିଳିବା ସହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ନାଏକ କହିଥିଲେ।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା, ବିକ୍ଷୋଭ ପ୍ରଦର୍ଶନ




ବିଶ୍ରା ଛକରେ ହିନ୍ଦୁ ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା,୨୫।୪(ଦିନେଶ ମିଶ୍ର)**

ଜମ୍ମୁ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ହିନ୍ଦୁମାନଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ ଦାବିରେ ରାଉରକେଲା ବିଶ୍ରା ଛକରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଧାରା ୩୭୦ ଉଚ୍ଛେଦ ପରେ ଜମ୍ମୁ କଶ୍ମୀର ଦେଶର ମୁଖ୍ୟସ୍ରୋତରେ ସାମିଲ ହେବା ସହ ପ୍ରତିବର୍ଷ ୨ କୋଟିରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ସେଠାକୁ ଯାଉଛନ୍ତି। ମାତ୍ର ପହଲଗାମରେ ଆତଙ୍କବାଦୀମାନେ ବାଛି ବାଛି ହିନ୍ଦୁମାନଙ୍କୁ ହତ୍ୟା କରିଥିବାରୁ ଭାରତ ସରକାର ପାକିସ୍ତାନ ବିପକ୍ଷରେ ଯେଉଁ କୁଟନୈତିକ ପଦକ୍ଷେପ ନେଇଛନ୍ତି ତାହା ସମ୍ପୂର୍ଣ୍ଣ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମଗ୍ର ହିନ୍ଦୁ ସମାଜ ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ସୁବ୍ରତ ପଟ୍ଟନାୟକ, ବିବେକାନନ୍ଦ ସାହୁ, ଅମର ଜସୱାଲ, ଶେଷଦେବ ସେଠୀ, ମନୋଜ ନାଏକ, ବିଷ୍ଣୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପହଲଗାମ୍ ନରସଂହାର ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା




ଆମ୍ବାଗନ ଛକରେ ମହମବତି ଶୋଭାଯାତ୍ରା କରାଯାଇଛି।

**ରାଉରକେଲା,୨୫।୪(ସଙ୍ଗୀତା ଜେନା)**

ଜମ୍ମୁ କଶ୍ମୀର ପହଲଗାମ୍‌ରେ ନିରୀହ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ନିର୍ମମ ଭାବେ ହତ୍ୟା କରିବା ନେଇ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି କ୍ରମରେ ଦଳ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ସେକ୍ଟର-୧୯ ଆମ୍ବାଗାନ ଛକରେ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଆଞ୍ଚଳିକ କମିଟି ସଭାପତି ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଦଳର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବି.ପି ମହାପାତ୍ର, ତାଜମୁନ ନେହାର, ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ଏନ୍. ଏନ୍. ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଅରୁ ଦାସ, ବିନୟ ବେହୁରିଆ, ଅରୁଣ ମହାରଣା, ପ୍ରଦୀପ ସେଠୀ, ଅନାଦି ସାହୁ, ବସନ୍ତ ପାଢ଼ୀ ପ୍ରମୁଖ ଏହି ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସଚିନ୍ ରାୟ, ଜି. କେ. ନାୟକ, ପ୍ରମୋଦ ପରିଡ଼ା, ଶତ୍ରୁଘ୍ନ ବେହେରା, ଗୋବିନ୍ଦ ବାରିକ, ଆଦିତ୍ୟ ନାୟକ, ଜନ୍ମେଜୟ ଘୋଷ, କୁନ୍ଦନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିବିରରେ ୨୮ ୟୁନିଟ ରକ୍ତ ସଂଗ୍ରହ

**ବଡ଼ଗାଁ,୨୫।୪(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଡାକ ବଙ୍ଗଳାଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଜନ୍ମ ଦିନ ପାଳନ ଅବସରରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଅଂଶଗ୍ରହଣ କରିଥିଲେ। ଶିବିରରେ ସୁନ୍ଦରଗଡ଼ ରକ୍ତ ଭଣ୍ଡାରର କର୍ମଚାରୀ ସ୍ୱର୍ଣ୍ଣପ୍ରଭା ନାୟକଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱାଗତ ପାଣିଗ୍ରାହୀ, ବିକାଶ ରାଉତ, ମୋତିଲାଲ ମାଝୀ, ଶୁଶାନ୍ତ ଲାକ୍ରା, ଉମାଶଙ୍କର ମିଶ୍ର, ବାବୁଲାଲ ପଟେଲଙ୍କ ସହିତ ୨୮ ଜଣ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଭାଜପା ମଣ୍ଡଳ ସଭାପତି ଚିନ୍ମୟ ବାରିକ, ଅକ୍ଷୟ ଦେଓ, ସାଂସଦ ପ୍ରତିନିଧି ଶିଶିର ରାଉତରାୟ, ନୀଳମାଧବ ପୁରୋହିତ, ପଦ୍ମନ ନାଏକ, ବାବୁଲି କର୍ସେଲ, ଅଚ୍ୟୁତାନନ୍ଦ ସାହୁ, ସମିତି ସଭ୍ୟା ପ୍ରଭା ମାଝୀ, ଲତିକା ଲାକ୍ରାଙ୍କ ସହିତ ଭାଜପା କର୍ମୀମାନେ ଶିବିର ପରିଚାଳନା କରିଥିଲେ।




ଡାକ୍ତରୀ ଓ ନର୍ସିଂ ଛାତ୍ରଛାତ୍ରୀମାନେ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୨୫।୪(ଦିନେଶ ମିଶ୍ର)**

ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ହିନ୍ଦୁମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ରାଉରକେଲା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି କ୍ରମରେ ବାସନ୍ତୀ କଲୋନିସ୍ଥିତ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ସମାଜସେବୀ କହରା ଜେନାଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କମିଟିର କର୍ମକର୍ତ୍ତା ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସଭାପତି ବାସୁଦେବ ବରାଳ, ଅମୀୟ ପୋଥାଳ, ଟୁନୁ କର, ଟୁକ ଦାସ, କାବୁ କର, ସଂଗ୍ରାମ ସାଗର, ସୁବାସ ନାୟକ, ଶୁଶାନ୍ତ ବାରିକ, ବାଜିଆ ପ୍ରଧାନ, ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରାଉରକେଲା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ଶତାଧିକ ଡାକ୍ତରୀ ଓ ନର୍ସିଂ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳି ଅମର ଆତ୍ମାର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଲେଜର ରେଜିଷ୍ଟ୍ରାର ରୁପୁଲ ଦାସ, ମଧୁ ମହାନ୍ତି, ଦୀପକ ପରିଡା, ଶ୍ରୁତି ରଥ, ଆୟୁଷ ଜେନ୍, ଅଭିଷେକ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ମ୍ୟାନେଜର ସତ୍ୟନାରାୟଣ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ ସଙ୍ଗଠନ ଦ' ମିରର ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ଆତଙ୍କୀ ହମ୍‌ଲାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶକ୍ତି ବାହିନୀ ସଭାପତି ଶ୍ରଦ୍ଧା ଷଡଙ୍ଗୀ, ସୋନା ମିଶ୍ର, ସୁରେଶ ସାବତ, ଅଶୋକ ଦକ୍ଷିଣରାୟ, ବୈଶାଳୀ ସାହୁ, ବୈକୁଣ୍ଠ ସାହୁ, ଭିକି ସିଂ, ରାଜଲକ୍ଷ୍ମୀ ସାହୁ, ମୋନା ଅପା, ରାଜନନ୍ଦିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହ୍ୟ ଗରମ, ୪୨ ଡିଗ୍ରୀ ଛୁଇଁଲା ପାରଦ

**ରାଉରକେଲା,୨୫।୪(ଦିନେଶ ମିଶ୍ର)**

ରାଉରକେଲା ସହରରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସକାଳ ସାଢ଼େ ୮ଟାରୁ ତାତି ଅନୁଭବ ହେଉଛି। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ସହରବାସୀଙ୍କୁ ହନ୍ତସନ୍ତ କରୁଛି। ସହରରେ ଶୁକ୍ରବାର ତାପମାତ୍ରା ୪୨ ଡିଗ୍ରୀ ପାର କରିଛି। ପୂର୍ବାହ୍ନ ସାଢେ ୧୧ଟା ପରେ ଟାଣଖରା ଯୋଗୁ ଝାଞ୍ଜିପବନ ବହିବା ଆରମ୍ଭ ହୋଇଥିଲା। ସହର ରାସ୍ତାଘାଟ ଖାଁ ଖାଁ ଦିଶୁଥିଲା। ପ୍ରବଳ ତାତି ଯୋଗୁ ପଙ୍ଖା କି କୁଲର କିଛି କାମ ଦେଇ ନ ଥିଲା। ମଧ୍ୟାହ୍ନ ୧୨ଟା ପରେ ତାତି ୪୨ ଡିଗ୍ରୀ ହୋଇଥିଲା। ତାତି ସାଙ୍ଗକୁ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ଜରୁରୀ କାମରେ ପଦାକୁ ବାହାରିଥିବା ଲୋକେ ଗଛ ଛାଇ ଦେଖି ଟିକେ ଅଟକି ଯାଉଥିଲେ। ଆଉ କିଏ ସହରର ରାସ୍ତାକଡରେ ଲାଗିଥିବା ଥଣ୍ଡା ପାନୀୟ ଆଡକୁ ମୁହାଁଇଥିଲେ। ଲୋକେ ମୁହଁରେ ଧଳା ଗାମୁଛା ନଚେତ କପଡା ବାନ୍ଧି ରାସ୍ତାରେ ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା। ତାତିକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପ୍ରଶାସନ ପକ୍ଷରୁ ଅଂଶୁଘାତ ସଚେତନତା ରଥ ବୁଲାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଜରୁରୀ କାମ ନ ଥିଲେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ଆରଏମ୍‌ସି ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଏହାସହ ପ୍ରମୁଖ ଛକ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଏ ନେଇ ପରିବେଶବିତ୍ ଶ୍ରୀଧର ପଣ୍ଡା କୁହନ୍ତି, ପୂର୍ବରୁ ରାଉରକେଲାରେ ଯେତିକି ପରିମାଣର ବୃକ୍ଷଲତା ଥିଲା ତାହା ବର୍ତ୍ତମାନ ଉନ୍ନତୀକରଣ ନାମରେ କଟା ଚାଲିଛି। ରାଉରକେଲା ମେନ୍ ରୋଡ୍ ରାସ୍ତାକଡ଼ରେ ବହୁ ପୁରାତନ ଗଛ କାଟି ଦିଆଯାଇଛି। ଏକାଧିକ ସ୍ଥାନରେ ଟାଇଲ୍ସ ଓ ପିଚୁ ସାଙ୍ଗକୁ ପଥର ପକାଇ ସମୁତଳ କରାଯାଉଛି। ଅନ୍ୟପଟେ ସହରରେ ଦିନକୁ ଦିନ ଯାନ ଚଳାଚଳ ବୃଦ୍ଧି ପାଇଛି। ପାଣିପାଗ ଓ ପ୍ରକୃତି ଉପରେ ଏହାର କୁପ୍ରଭାବ ପଡ଼ିବା ଯୋଗୁ ଖରାଦିନ ଆରମ୍ଭରୁ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳୁଛି ବୋଲି ପଣ୍ଡା କହିଥିଲେ।

# ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଭା

**ରାଉରକେଲା,୨୫।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର-୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଶରତ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ତବଲା ବାଦକ ରଞ୍ଜନ ସାହୁ, ଗାୟକ ରମେଶ ସୁନା ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଆକାଂକ୍ଷିତା ନାୟକ ଓଡ଼ିଶୀ ସଙ୍ଗୀତ, ଗୀତଗୋବିନ୍ଦ ଏବଂ ଛାନ୍ଦ ଗାନ କରିଥିଲେ। ଗୁରୁ ପ୍ରଭାତୀ ଦାସଙ୍କ ନିର୍ଦ୍ଦେଶନାରେ ସିଦ୍ଧି ସମୃଦ୍ଧି, ଗୁନଗୁନ ମହାରଣା, ପ୍ରତୀକ୍ଷା ମହାରଣା, ପଲକ ନାୟକ, ଅଭିଲିପ୍ସା ମହାନ୍ତି, ବୁଣି ମହାନ୍ତି, ଆରାଧ୍ୟା ପଣ୍ଡା, ଅର୍ପିତା ଦତ୍ତ ହିନ୍ଦୁସ୍ଥାନୀ ସଙ୍ଗୀତ ଓ ଭଜନ ଗାନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ଜଗନ୍ନାଥ ଦାସ, ପ୍ରଫୁଲ୍ଲ ମଙ୍ଗଳ, ସୁରଜ କୁମାର ସରାଫ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନରସିଂହ ପାଣିଗ୍ରାହୀ, ବଂଶୀଧର ସାହୁ, ଦୀପ୍ତିବାଳା ମହାନ୍ତି, ସ୍ନେହଲତା ସାମଲ, ଶୁଭେନ୍ଦୁ ପଟ୍ଟନାୟକ, ବୀଣାପାଣି ରଥ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା ଏବଂ ସହ ସମ୍ପାଦକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମାସିକ ସଭାରେ ଉପସ୍ଥିତ ସଙ୍ଗୀତ ଶିଳ୍ପୀ।

# କଳାକାରଙ୍କ ଦୁଃଖଦୁର୍ଦ୍ଦଶା ବଖାଣିଲା 'ମଞ୍ଚମାୟା'

## ୨୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ରାଉରକେଲା,୨୫।୪(ବିପ୍ଳବ ରଞ୍ଜନ ଦାଶ)**



ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲାରେ ୨୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଗୁରୁବାର ଶେଷ ସନ୍ଧ୍ୟାରେ ବାରିପଦାର ଓମ୍ ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ 'ମଞ୍ଚମାୟା' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ସଞ୍ଜୟ ହାତୀଙ୍କ ରଚିତ, ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଷୟବସ୍ତୁ ହେଲା ଜଣେ ସଚ୍ଚୋଟ କଳାକାରର ସଂଘର୍ଷମୟ କାହାଣୀ। ଅମୀୟ ବାବୁଙ୍କ ପ୍ରଥମ ପ୍ରେମ ହେଉଛି ଅଭିନୟ। ମଞ୍ଚ ହେଉଛି ତାଙ୍କ ଆତ୍ମା, ମୁହଁରେ ରଙ୍ଗ ବୋଳି ସେ ସାଉଁଟିଛନ୍ତି ଅନେକ ଦର୍ଶକଙ୍କ ପ୍ରଶଂସା। ସଂସାରର ଜୀବନ ଜୀବିକାକୁ ନେଇ ସେ ଆଜି ବି ସଂଘର୍ଷରତ। ଏଥିପାଇଁ ସେ ଅନେକଥର ନିଜ ଲୋକଙ୍କଠାରୁ ଶୁଣିଛନ୍ତି ଆକ୍ଷେପ। ଅର୍ଥ ପାଇଁ କଣ ତାଙ୍କ ଝିଅର ସଂସାର ଉଜୁଡିଯିବ। ଗୋଟେ କଳାକାରର ଦୁଃଖ ଦୁର୍ଦ୍ଦଶା ଆଉ ହତାଶା ଭିତରେ କଳା ପ୍ରତି ଆତ୍ମସମର୍ପଣକୁ ନେଇ ଗତିଶୀଳ ହୋଇଛି ନାଟକ 'ମଞ୍ଚମାୟା'। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଆଶିଷ ପୁପି, ଆଲୋକରେ ଶ୍ରୀକାନ୍ତ ଚୌଧୁରୀ, ମଞ୍ଚସଜ୍ଜାରେ ତ୍ରିମୂର୍ତ୍ତି ଆର୍ଟସ, ପ୍ରଳୟ ଶତପଥୀ ଓ ସାଥୀ, ମଞ୍ଚ ପରିଚାଳନାରେ ଦେବାନନ୍ଦ ପାତ୍ର ଓ ରଣଜିତ କୁମାର ସାହୁ ସହଯୋଗ କରିଥିଲେ। ଧୀର ବସା, ଲକ୍ଷ୍ମୀପ୍ରିୟା ସେନାପତି, କୁମାର ବିବେକ, ଜଗଦୀଶ ଦାସ, ଗୁରୁକୃଷ୍ଣ ତରେଇ, ଜ୍ଞାନରଞ୍ଜନ ପଣ୍ଡା, ସୃଷ୍ଟି ସାନଭି ପାତ୍ର ପ୍ରମୁଖ ଅଭିନୟ କରିଥିଲେ। ରାଜୀବ ପାଣି, ଇଂ. ଗୋପୀନାଥ ପଟ୍ଟନାୟକ, ଡ. ଅଜୟ ମିଶ୍ର, ଅଶୋକ ପଟ୍ଟନାୟକ, ଡ. ସୁମନ ଦତ୍ତ, ବିଜୟ କୁମାର ପାତ୍ର, ଆଲୋକ ବୋଷ, ସରୋଜକାନ୍ତ ଜେନା, ଅଙ୍ଗୁରବାଳା ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନିଷ୍ଠା କାର୍ଯ୍ୟକ୍ରମ ଉଦ୍‌ଯାପିତ

ନାକଟିଦେଉଳ,୨୫।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ପ୍ରସାଦ ସ୍ଥିତ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ ସମ୍ପର୍କରେ ୫ ଦିନ ଧରି ଚାଲିଥିବା ତାଲିମ ଶିବିର ନିଷ୍ଠା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୬୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ନିଷ୍ଠା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରି ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ଅନ୍ୟ ଶିକ୍ଷାର୍ଥୀଙ୍କ ସହିତ ସମକକ୍ଷ କରାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇ ଭିନ୍ନକ୍ଷମ ପିଲା ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବା ଉପରେ ଆଲୋକପାତ କରିଥିଲେ। ଶିବିରରେ ଆର ପି ଭାବେ ଶିକ୍ଷକ ବୈକୁଣ୍ଠନାଥ ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ବାବୁଲାଲ ବିଶି, ତପନ କୁମାର ସାହୁ ଏବଂ ବିଆରଟି ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ହିସାବ ନିରୀକ୍ଷକ ସୁଧୀର କୁମାର ସାହୁ ସହଯୋଗ କରିଥିବା ବେଳେ ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

### ଏମ୍‌ପି ପ୍ରତିନିଧିଙ୍କୁ ସ୍ମାରକପତ୍ର ପ୍ରଦାନ

ସମ୍ବଲପୁର,୨୫।୪(ବି.ଶଙ୍କର)

ନିଖିଳ ଓଡ଼ିଶା-୬୬୨ ବର୍ଗ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପିଏଚ୍‌.ଡ଼ି, ଡି.ଲିଟ୍ ଉପାଧିଧାରୀ ଅଧ୍ୟାପକ ସଙ୍ଗଠନର ଦୀର୍ଘ ବର୍ଷ ହେବ ବିଭିନ୍ନ ଦାବି ପୂରଣ ହୋଇପାରୁ ନାହିଁ। ତେଣୁ ଶୁକ୍ରବାର ସଙ୍ଗଠନ ପକ୍ଷରୁ ନ୍ୟାଯ୍ୟ ଦାବି ସମ୍ବନ୍ଧୀୟ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରି ନାଏକଙ୍କ ଜରିଆରେ ପ୍ରଦାନ କରାଯାଇଛି। ୬୬୨ ସଙ୍ଗଠନର ସମ୍ବଲପୁର ଜିଲା ସମ୍ପାଦକ ବିଶ୍ୱପତି ବେହେରା, ପିଏଚ୍‌ଡି ବର୍ଗର ସଭାପତି ଡ. ଧନଞ୍ଜୟ ସେଠ, ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୬୬୨ ସଙ୍ଗଠନର ଉପଦେଷ୍ଟା ତଥା ରେଙ୍ଗାଲିର ପୂର୍ବତନ ବିଧାୟକ ନାଏକଙ୍କୁ ସାକ୍ଷାତ କରି ଇନ୍‌କ୍ରିମେଣ୍ଟ, ଚାକିରି ସର୍ତ୍ତାବଳୀ, ପେନ୍‌ସନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ସମ୍ବନ୍ଧୀୟ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଅଧ୍ୟାପିକା, ଅଧ୍ୟାପକମାନଙ୍କ ଏହି ଦାବିକୁ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳରେ ଡ. ସରୋଜ ପଣ୍ଡା, ଡ.ସିଦ୍ଧାର୍ଥ ପଣ୍ଡା, ଡ. ସତ୍ୟ ନାରାୟଣ ଠାକୁର, ଡ. ପ୍ରୀତିଧାରା ପରିଜା, ଡ. ସ୍ୱୟଂପ୍ରକାଶ ପଣ୍ଡା, ଡ. ସୁଶାନ୍ତ କୁମାର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପ୍ରତିବାଦ

ସମ୍ବଲପୁର,୨୫।୪(ଭବାନୀ ଶଙ୍କର ଭୋଇ)

ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଗତ ୨୨ ତାରିଖରେ ଆତଙ୍କବାଦୀମାନେ କରିଥିବା ଗଣହତ୍ୟା ଘଟଣାକୁ ସମ୍ବଲପୁର ଜିଲା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୁକ୍ରବାର ତୀବ୍ର ପ୍ରତିବାଦ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ପ୍ରତିବାଦ କାର୍ଯ୍ୟକ୍ରମରେ ସମ୍ବଲପୁରର ବିଭିନ୍ନ ସଙ୍ଗଠନର ବହୁ ବରିଷ୍ଠ ବ୍ୟକ୍ତିମାନେ ସାମିଲ ହୋଇ ଭାରତ ବର୍ଷର ସମଗ୍ର ହିନ୍ଦୁ ସମାଜ ଭିତରେ ରହିଥିବା ଆକ୍ରୋଶ, ବେଦନା ଓ ଭାବନାକୁ ସଭାରେ ବ୍ୟକ୍ତ କରିଥିଲେ। ମୁର୍ସିଦାବାଦ ଘଟଣା ପରେ ପହଲଗାମ୍ ଘଟଣା ସମଗ୍ର ଦେଶବାସୀଙ୍କ ପାଇଁ ଏକ ଚିନ୍ତାଜନକ ବିଷୟ ବୋଲି ସଭାରେ ମତ ପୋଷଣ ହୋଇଥିଲା। ସମ୍ବଲପୁର ସହରରେ ହଜାର ହଜାର ସଂଖ୍ୟାରେ ବ୍ୟକ୍ତି ମୁର୍ସିଦାବାଦର ପରିଚୟ ଦେଇ ଶ୍ରମିକଭାବେ କାର୍ଯ୍ୟକରୁଥିବା ବେଳେ ସେମାନଙ୍କୁ ଚିହ୍ନଟ କରାଯିବାର ଆବଶ୍ୟକତା ରହିଥିବା ବକ୍ତାମାନେ ମତ ଦେଇଥିଲେ। ଅନ୍ୟପକ୍ଷରେ ପହଲଗାମ୍‌ରେ ଧାର୍ମିକ ପରିଚୟ ପଚାରି ଗୁଳି ଚଳାଇ ନିର୍ମମ ହତ୍ୟା କରିବା ଘଟଣାକୁ ଦେଶବାସୀ କଦାପି ସହ୍ୟ କରିପାରିବେ ନାହିଁ ବୋଲି ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ ମତ ଦେଇଥିଲେ। ଅନନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ ସଭାରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଭାରତ ବିକାଶ ପରିଷଦର ସଭାପତି ଡ. ପୁରୁଷୋତ୍ତମ ଅଗ୍ରୱାଲ, ମହାନଗର ସଂଘ ଚାଳକ ଦୀପକ କୁମାର ପଣ୍ଡା, ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାର ସଭାପତି ରବି ନାରାୟଣ ପଣ୍ଡା, ପଣ୍ଡିତ ଅମରନାଥ ମିଶ୍ର, ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସହସମ୍ପାଦକ ରାଜୀବ କୁମାର ଶତପଥୀ, କାର୍ତ୍ତିକ ପ୍ରସାଦ ବହିଦାର, ଡ. ବିଶ୍ୱରଞ୍ଜନ ପୂଜାରୀ, ଶ୍ରୀରାମ ଜନ୍ମୋତ୍ସବ ସମିତିର ସଭାପତି ପ୍ରଦୀପ ବହିଦାର, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତିବାଦ ସଭା ପରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ପ୍ରତିବାଦ ସଭା ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ କାର୍ଯ୍ୟବାହକ ଗଣେଶ ମହାପାତ୍ରଙ୍କ ନେତୃତ୍ୱରେ ଦଶ ଜଣିଆ ସଦସ୍ୟ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରଦାନ କରାଯାଇଥିଲା।


ହିନ୍ଦୁ ଏକତା ମଞ୍ଚ ଆହ୍ୱାନରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାମିଲ ବିଭିନ୍ନ ଅନୁଷ୍ଠାନର ସଦସ୍ୟ।

ପହଲଗାମ୍ ହତ୍ୟା ଘଟଣା

# ସମଲେଇଙ୍କ ନିକଟରେ ଦୀପ ଦାନ

ସମ୍ବଲପୁର,୨୫।୪(ଭବାନୀ ଶଙ୍କର ଭୋଇ)

ଜମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶୁକ୍ରବାର ବିଜେଡି ପକ୍ଷରୁ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସମଲେଇଙ୍କ ନିକଟରେ ପ୍ରାର୍ଥନା କରିବା ସହ ଦୀପ ଦାନ କରାଯାଇଥିଲା। ବିଜେଡିର ବରିଷ୍ଠ ନେତା ତଥା ବିଜୁ ଜନତା ଦଳର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଇଂ.ସିଦ୍ଧାର୍ଥ ଦାସଙ୍କ ଆହ୍ୱାନରେ ବହୁ ଦଳୀୟ କର୍ମୀ ଏକତ୍ରିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ଆତଙ୍କବାଦୀଙ୍କ ବିରୋଧରେ କେନ୍ଦ୍ର ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ,ବରିଷ୍ଠ କୃଷକ ନେତା ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ସୀତାକାନ୍ତ ପଣ୍ଡା, ଯୁବ ବିଜେଡି ସାଧାରଣ ସମ୍ପାଦକ ଇଂ.ଦୀନେଶ ସେଠ, ସମ୍ବଲପୁର ବସ୍ତି ବାସିନ୍ଦା ମହାସଂଘର ସଂଯୋଜକ ଲିଙ୍ଗରାଜ ତ୍ରିପାଠୀ, ଯୁବା ସମ୍ବଲପୁର ଉପସଭାପତି ଇଂ.ନିଶିଥ ଆକାଶ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଉପସଭାନେତ୍ରୀ ରାକ୍ଷୀ ମୁଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ବିଜେଡି ପକ୍ଷରୁ ସମଲେଇଙ୍କ ନିକଟରେ ପ୍ରାର୍ଥନା ସହ ଦୀପ ଦାନ କରାଯାଉଛି।

# କୁଚିଣ୍ଡାରେ ହିନ୍ଦୁ ସୁରକ୍ଷା ମଞ୍ଚର ବିକ୍ଷୋଭ



ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କୁଚିଣ୍ଡା,୨୫।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ହିନ୍ଦୁ ସୁରକ୍ଷା ମଞ୍ଚ ଓ ହିନ୍ଦୁ ସମାଜ ପକ୍ଷରୁ ଜମ୍ମୁ କାଶ୍ମୀରଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା ସହ ପ୍ରତିବାଦ କରାଯାଇଛି। କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ଶୁକ୍ରବାର ହିନ୍ଦୁ ସୁରକ୍ଷା ମଞ୍ଚ ଓ ହିନ୍ଦୁ ସମାଜ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହିନ୍ଦୁ ବିରୋଧି ହିଂସା ବନ୍ଦ କରିବା ଦାବିରେ ବିଭିନ୍ନ ସ୍ଲୋଗାନ ଦେଇ କର୍ମକର୍ତ୍ତାମାନେ ଗର୍ଜିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସରିତା ଓରାମ ଦାବିପତ୍ର ଗ୍ରହଣ କରିଥିଲେ। ଜମ୍ମୁ କାଶ୍ମୀରର ପର୍ଯ୍ୟଟନସ୍ଥଳ ପହଲଗାରେ ଆତଙ୍କବାଦୀମାନେ ସ୍ପଷ୍ଟ ଦିବାଲୋକରେ ଧାର୍ମିକ ପରିଚୟରେ ନିରୀହ ହିନ୍ଦୁଙ୍କୁ ଯେଉଁଭଳି ଭାବେ ହତ୍ୟା କରି ନାରକୀୟ କାଣ୍ଡ ରଚିଲେ ଏଥିରେ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ଉପରେ କୁଠାରଘାତ ହୋଇଛି। ବର୍ବରକାଣ୍ଡ ଘଟାଇଥିବା ଆତଙ୍କବାଦୀ ଓ ଘଟଣାକୁ ପ୍ରୋତ୍ସାହିତ କରୁଥିବା ଆତଙ୍କୀ ସଙ୍ଗଠନର ଚିହ୍ନଟ ପୂର୍ବକ ସମୂଳେ ବିନାଶ ପାଇଁ ହିନ୍ଦୁ ସମାଜ ଦୃଢ ଦାବି ଜଣାଇଛି। ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସୁରକ୍ଷା ମଞ୍ଚ ଓ ହିନ୍ଦୁ ସମାଜର ପ୍ରଭାତ ଶର୍ମା, ରାମଚରଣ ରାୟ, ସ୍ୱାମୀ ଶିବାନନ୍ଦ ବାବା, ଅବନୀ ବେହେରା, ଅତୁଲ୍ୟ ଅଗ୍ରୱାଲ, ପିଙ୍କୁ ପାଣି, ତୁଳାରାମ ବାବା, ପ୍ରାଣବନ୍ଧୁ ନାଥ, ଅନୁପମା ନାୟକ, ଶେଷଦେବ ବାବା, ସୁବୋଦିନୀ ପଟେଲ, ନରେଶ ଚନ୍ଦ୍ର ପଟେଲ, ବିଭୂତି କଲ୍ୟାଣ ପଟେଲ, ରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଶୁଶିଳ ଅଗ୍ରୱାଲ, ରଙ୍ଗା ଶର୍ମାଙ୍କ ସମେତ ବହୁସଂଖ୍ୟକ ହିନ୍ଦୁ ମହିଳା ପୁରୁଷ ସାମିଲ ହୋଇଥିଲେ।

## ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ରାଧାନାଥଙ୍କ ଦାନ ଅତୁଳନୀୟ

ସମ୍ବଲପୁର,୨୫।୪(ଭବାନୀ ଶଙ୍କର ଭୋଇ)

ସ୍ଥାନୀୟ ଭୀମ ଭୋଇ ନଗର ସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୁକ୍ରବାର ଜୀବନବାଦୀ କବି ରାଧନାଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଶୁଭସ୍ମିତା ମହାପାତ୍ର ଆଲୋଚିକା ଭାବେ ଯୋଗ ଦେଇଥିଲେ। କବିବର ରାଧାନାଥ ରାୟଙ୍କ ଲେଖନୀର ବିଭିନ୍ନ ଦିଗ ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ କବିବରଙ୍କ 'ଚିଲିକା', 'କେଦାର ଗୌରୀ', 'ନନ୍ଦିକେଶ୍ୱରୀ' ଆଦି କାଳଜୟୀ କାବ୍ୟ ରଚନା ସହ ଆଧୁନିକ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଅତୁଳନୀୟ। ସେ ଥିଲେ ଚିର ରୁଗ୍ଣ। କିନ୍ତୁ ତାଙ୍କର ସାରସ୍ୱତ ସୃଷ୍ଟି ସମ୍ଭାର ଚିର ସବୁଜ ଓ ସରସ। ରାଧାନାଥ କେବଳ ଜଣେ କବି ନ ଥିଲେ, ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ପରିଦର୍ଶକ । ସେ ଗୁଣ ଚିହ୍ନି ଗୁଣୀଲୋକଙ୍କୁ ଆଦର ଓ ସମ୍ମାନ କରୁଥିଲେ। ଏ ଜାତିର ସାହିତ୍ୟ ଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ ବୋଲି ଶୁଭସ୍ମିତା ମହାପାତ୍ର କହିଥିଲେ। ଆଲୋଚନା ଚକ୍ରରେ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ଅରବିନ୍ଦ ମହାପାତ୍ର ସକ୍ରୀୟ ଅଂଶଗ୍ରହଣ କରିଥିଲେ। ଆଲୋଚନା ଚକ୍ରକୁ ଅନୁଷ୍ଠାନର ସଭାପତି ପ୍ରଫେସର୍ ନୌ ବିହାରୀ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସହ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଜୟଦେବ ବରଗଡ଼ୀ, ଲମ୍ବୋଦର ମିଶ୍ର, ଦିଲ୍ଲୀପ କୁମାଠ ବୋଷ, ହିମାଂଶୁ ମିଶ୍ର, ଅଜୟବଳ, ଓଁଙ୍କାର ଭୋଇ, ବିଶ୍ୱେଶ୍ୱର କୁଲାରୀ, ଦିଲିପ ପଣ୍ଡା, ଗଙ୍ଗଦେବ ବରଗଡ଼ୀ ପ୍ରମୁଖ ସଭା ଆୟୋଜନରେ ସହଯୋଗ କରିଥିଲେ।

# ୧୨୦ ପରିବାରକୁ ମଶାରି ବଣ୍ଟନ

ସମ୍ବଲପୁର,୨୫।୪(ବି.ଶଙ୍କର)

### ବିଶ୍ୱ ମ୍ୟାଲେରିଆ ଦିବସ

ସମ୍ବଲପୁର ଜିଲା ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ, ଲଇଡା ସିଏଚସି ଓ ପିଏଚସି ମିଳିତ ଆୟୋଜନରେ ବିଶ୍ୱ ମ୍ୟାଲେରିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ଅର୍ନ୍ତଗତ କତରବଗା ଗ୍ରାମପଞ୍ଚାୟତର ଲାଉମାଳ ଗ୍ରାମଠାରେ କାର୍ଯ୍ୟକ୍ରମ ହୋଇଥିଲା। ମ୍ୟାଲେରିଆ ରୋଗୀଙ୍କ ଯତ୍ନ, ଲକ୍ଷଣ ଓ ଉପଚାର ଦିଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଚଳିତ ବର୍ଷର ବାର୍ତ୍ତା ମ୍ୟାଲେରିଆ ସମାପ୍ତି ପାଇଁ ପୁନଃନିବେଶ, ପୁନଃକଳ୍ପନା, ପୁନଃଜୀବନ। ସେହିପରି କାର୍ଯ୍ୟ କ୍ରମରେ ଉପସ୍ଥିତ ଗ୍ରାମବାସୀମାନଙ୍କୁ ନେଇ ପ୍ରଶ୍ନ ଉତ୍ତର ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀତାର କୃତୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମ୍ୟାଲେରିଆକୁ ଦୂର କରିବା ପାଇଁ ଗ୍ରାମର ୧୨୦ ପରିବାରକୁ ମଶାରି ଦିଆଯାଇଥିଲା। ଲଇଡାର ପିଏଚଇଓ ଯଦୁମଣି ଗଣି, ଭିବିଡିଟିଏସ ସୁବ୍ରତ ମିଶ୍ର, ଆଦିତ୍ୟ ଆଲୁମିନିୟମ କମ୍ପାନୀ ସିଏସଆର ଉପସାଧାରଣ ପ୍ରବନ୍ଧକ ରବି ବିଶ୍ୱାସ, ଉପପ୍ରବନ୍ଧକ ମନୋରଞ୍ଜନ ବେହେରା, ଆଦିତ୍ୟ ହେଲଥ କେୟାର ଡାକ୍ତର ସୌରଭ ମୌର୍ଯ୍ୟଙ୍କ ସମେତ ଲାଉମାଳର ଗ୍ରାମବାସୀ, ଆଦିତ୍ୟ ଆଲୁମିନିୟମ ସିଏସଆର ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆ ରୋଗକୁ ଦୂର କରିବା ପାଇଁ ବିଭିନ୍ନ ପଦେକ୍ଷପ ସ୍ୱରୂପ ନିୟମିତ ମଶାରୀ ଟାଙ୍ଗୀ ଶୋଇବା, ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ପରିବେଶ ପରିଷ୍କାର ଉପରେ ଆଲୋଚନା ହୋଇଥିଲା। ପରିଶେଷରେ କମ୍ପାନୀର ପାରିପାର୍ଶିକ ଉନ୍ନୟନ ବିଭାଗର କାର୍ଯ୍ୟକ୍ରମକୁ ସମବେତ ଭାବେ ଉପସ୍ଥିତ ଜନସାଧାରଣ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆୟୋଜିତ ବିଶ୍ୱ ମ୍ୟାଲେରିଆ ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ବିଭିନ୍ନ ବିଭାଗର ପ୍ରତିନିଧିମାନେ।

# ପହଲଗାମ ଘଟଣାରେ ଭାଜପାର ଅଭିନବ ପ୍ରତିବାଦ

ସମ୍ବଲପୁର,୨୫।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଭାଜପା ସମଲେଶ୍ୱରୀ ମଣ୍ଡଳ ପକ୍ଷରୁ ସ୍ଥାନୀୟ କ୍ଷେତରାଜପୁରଠାରେ ଶୁକ୍ରବାର ଜମ୍ମୁ କାଶ୍ମୀରର ପହଲଗାମଠାରେ ପର୍ଯ୍ୟଟକଙ୍କ ଉପରେ ଆକ୍ରୋଶ ମୂଳକ ଭାବେ ହତ୍ୟା ଘଟଣାର ଅଭିନବ ପ୍ରତିବାଦ କରାଯାଇଛି। ପ୍ରଥମେ ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ପାକିସ୍ତାନ ଓ ଆତଙ୍କବାଦ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ଭାଜପା କର୍ମୀମାନେ ପାକିସ୍ତାନ ଝଣ୍ଡାକୁ ରାସ୍ତାରେ ପକାଇ ତା ଉପରେ ଚାଲିଥିଲେ। ଭାଜପା ସମଲେଶ୍ୱରୀ ମଣ୍ଡଳ ସଭାପତି ଗିଙ୍କି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ବକ୍ସି, ରାହୁଲ ମୋଦକ, ପରାଗ ଅଗ୍ରୱାଲା, ମୁକେଶ ପ୍ରଧାନ, ପୱନ କର, ନେତ୍ରମ ମେହେର, ଗଗନ ଯାଦବ, ମଧୁ ସୁନା, କିଶୋର ନାଏକ, ଆଶିଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ ୧୦ ମ୍ୟାଚ: ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍

ସମ୍ବଲପୁର,୨୫।୪(ବି.ଶଙ୍କର)

ସମ୍ବଲପୁର କବାଡ଼ି କ୍ଲବ ଓ ସମ୍ବଲପୁର ବଏଜ ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ(ଏସକେପିଏଲ)ର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ।

ଦ୍ୱିତୀୟ ଦିନରେ ୧୦ଟି ମ୍ୟାଚ ହୋଇଥିଲା। ଗଙ୍ଗାଧର ମୁକ୍ତି ମଣ୍ଡପ ପଡିଆରେ ମ୍ୟାଚ ଗୁଡିକ ହୋଇଥିଲା। ଓଡ଼ିଶା ଅଲମ୍ପିକ ଆସୋସିଏଶନର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ କବାଡି ଖେଳରେ ସମ୍ବଲପୁର ଜିଲାର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଶୁକ୍ରବାର ରାତି ୯ଟା ସୁଦ୍ଧା ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚରେ ବୀର ତ୍ରିରଙ୍ଗା ବଏଜ ୩୫-୨୫ ପଏଣ୍ଟରେ ମହାକାଳ ରାଇଡର୍ସକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଆମ୍ବେଦକର ଲାୟନ୍ସ ୪୫-୨୭ ପଏଣ୍ଟରେ ମା' ମନସା ଆର୍ମିକୁ ହରାଇ ଥିବାବେଳେ ତୃତୀୟ ମ୍ୟାଚରେ ୩୪-୨୦ ପଏଣ୍ଟରେ ଅଞ୍ଜନୀ ପୁତ୍ର ହଣ୍ଟର୍ସକୁ ପରାସ୍ତ କରି ମା'ଘିକୁଣ୍ଡି ଯୋଦ୍ଧା ବିଜୟୀ ହୋଇଥିଲା। ରାଜେଶ ସେଟ୍, କାର୍ତ୍ତିକ ବାରିକ, ରମେଶ ବେରିହା, ଗୀତା କଂସାରି, ଆନନ୍ଦ ଚନ୍ଦ୍ର ପତି, ପ୍ରଶାନ୍ତ ସେଟ୍ ମ୍ୟାଚ ପରିଚାଳନା କରିଥିଲେ। ରକି ମୁଖି, ରାଜିବ ସିଂ, ବଚନ ବେରିହା, ବାଦଲ ସିନ୍ଧିରିଆ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବଲପୁର କବାଡି କ୍ଲବର ସଭାପତି ସିଦ୍ଧାର୍ଥ ସାହା, ସମ୍ପାଦକ ଉମାପତି ତ୍ରିପାଠୀ, ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ରବି ମୁଖି, ସମ୍ପାଦକ ଭଜନ ତରିଆଙ୍କ ତତ୍ତ୍ୱାବଧାନରେ ମ୍ୟାଚ ହୋଇଥିଲା। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୩ ଶହ କବାଡି ଖେଳାଳି, କୋଚ, ମ୍ୟାନେଜର ଟୁର୍ନାମେଣ୍ଟରେ ସାମିଲ ହୋଇଛନ୍ତି। ମ୍ୟାଚଗୁଡ଼ିକ ପ୍ରତ୍ୟହ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ ହେଉଛି। ଆସନ୍ତା ୨୭ରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ବୋଲି ଆୟୋଜନ କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।


ଗଙ୍ଗାଧର ମୁକ୍ତି ମଣ୍ଡପ ପଡିଆରେ ଚାଲିଥିବା ଦ୍ୱିତୀୟ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗର ଏକ ଦୃଶ୍ୟ।

# ସାମିଲ ହେଲେ ୧୨ ବିଦ୍ୟାଳୟ

ସମ୍ବଲପୁର,୨୫।୪(ବି.ଶଙ୍କର)

ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସମ୍ଭାଗ ସ୍ତରୀୟ ତିନିଦିନିଆ ବାସ୍କେଟ୍ ବଲ କ୍ରୀଡ଼ା ଉତ୍ସବ ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରଣରଞ୍ଜୟ ସିଂହଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଉପାଧକ୍ଷ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ, ସେକେଣ୍ଡାରୀ ବିଭାଗର ଖେଳ ପ୍ରଭାରୀ ସୋନାଲି କିସ୍କୋଟ୍ଟା, ପବନ କୁମାର ନୌଟିୟାଲ, ପ୍ରାଥମିକ ବିଭାଗର ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇଥିଲେ। ଶିକ୍ଷକ ଦିଲୀପ କୁମାର ପୂଜାରୀ, ମଣ୍ଟୁ ସାହୁ, ଅରକ୍ଷିତ କୁମ୍ଭାର, ଖୁଦିରାମ ବେହେରା, ଅବିନାଶ ଦାସ, ଶଙ୍କର ନାଇକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସମ୍ଭାଗର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୫୪ କ୍ରୀଡ଼ା ପ୍ରତିଭାଗୀଙ୍କ ସମେତ ୧୭ ଜଣ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ରାଉରକେଲା, କଟକ, ଭୁବନେଶ୍ୱରରୁ ଆସିଥିବା ବିଏଫଆଇବି ପେନାଲ ରେଫରୀ ସୁକାନ୍ତ ଧର, ସଙ୍ଗମ ନାୟକ, ଭି. ନାଗେଶ୍ୱର ରାଓ ଓ ଗୌତମ ଗଜପତି, ଆରିୟନ ସିଂହ ଓ ଚିରଞ୍ଜିତ କରନ ଖେଳ ପରିଚାଳନା କରିଥିଲେ। ପ୍ରଥମେ ବିଦ୍ୟାଳୟର ଅଧକ୍ଷ ସିଂହ ଫିତା କାଟି ଖେଳ ପ୍ରତିଯୋଗିତା ଆରମ୍ଭ କରିଥିଲେ। ପରେ ୧୭ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର -୨ ଓ ପୁରୀ ବାଳକ, ଗୋପାଳପୁର ଓ କଟକ-୧ ବାଳକ ଏବଂ ସମ୍ବଲପୁର -୧ ଓ ପୁରୀ ବାଳିକା ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ସେହିପରି ସନ୍ଧ୍ୟାରେ ୧୪ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର ଓ ଭୁବନେଶ୍ୱର -୨ ବାଳକ, ବ୍ରହ୍ମପୁର ଓ ସମ୍ବଲପୁର-୧ ବାଳକ ଏବଂ ସମ୍ବଲପୁର-୧ ଓ ୨ ବାଳିକା ଖେଳାଳିମାନଙ୍କ ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ସମ୍ବଲପୁରଠାରେ ସମସ୍ତ ଖେଳାଳି ଓ ରେଫରିଙ୍କ ପାଇଁ ରହିବା ଖାଇବାର ବ୍ୟବସ୍ଥା କରାଯାଇଛି।


ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ସମ୍ଭାଗ ସ୍ତରୀୟ ତିନି ଦିନିଆ ବାସ୍କେଟ୍ ବଲ କ୍ରୀଡ଼ା ଉତ୍ସବରେ ଅତିଥି ଓ ଖେଳାଳିମାନେ।

### ସମ୍ଭାଗ ସ୍ତରୀୟ ବାସ୍କେଟ ବଲ କ୍ରୀଡ଼ା ଉତ୍ସବ

## ସଂକ୍ଷେପରେ

### ଲାଞ୍ଜିଗଡ଼ରେ ଅସ୍ତବ୍ୟସ୍ତ କରୁଛି ଗୁଳୁଗୁଳି

ଲାଞ୍ଜିଗଡ଼,୨୫।୪(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ ଅଞ୍ଚଳରେ ପାରଦ ଏବେ ଉପରମୁହାଁ। ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସହରର ତାପମାତ୍ରା ଏବେ ୪୨ ଡିଗ୍ରୀରୁ ଅଧିକ ରହୁଛି। ପ୍ରବଳ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ଲୋକେ ଥଣ୍ଡା ପାନୀୟ ବିଶେଷ କରି ଲସି, ସରବତ ପିଉଥିବା ଲକ୍ଷ୍ୟ କରାଯାଉଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅଘୋଷିତ ବିଜୁଳି କାଟ ଲୋକଙ୍କ ଚିନ୍ତା ବଢାଉଛି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସହରରେ ଅଧିକାଂଶ ଦୋକାନବଜାର ବନ୍ଦ ରହୁଥିବାବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ପ୍ରବଳ ଗରମ ଯୋଗୁ ଦିନ ମଜୁରିଆ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ବ୍ଲକ ଅଞ୍ଚଳରେ କିଛିବର୍ଷ ହେଲା ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନର ପ୍ରଭାବ ଯୋଗୁ ବେଶ ଗରମ ଅନୁଭୂତ ହେଉଛି। ନଦୀ, ନାଳ, ପୋଖରୀ ଆଦି ଜଳଉତ୍ସ ଶୁଖିବାରେ ଲାଗିଲାଣି। ଏହାର ପ୍ରଭାବ କେବଳ ମଣିଷ ନୁହେଁ ପଶୁପକ୍ଷୀ ଓ ଗାଈଗୋରୁଙ୍କ ଉପରେ ମଧ୍ୟ ପଡୁଛି। ଏପରି ସମୟରେ ବ୍ଲକର କେତେକ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥଚାରୀ ଓ ବାଇକ୍ ଆରୋହୀ ପାଣି ମୁନ୍ଦେ ପାଇବା ମୁସ୍କିଲ ହୋଇପଡିଛି। ଏଣୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ଓ ବ୍ଲକ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

### କମ୍ପାନୀରେ ନିଯୁକ୍ତି ପାଇଁ ପିସିସି ସଭାପତିଙ୍କୁ ଦାବିପତ୍ର

ଥୁଆମୂଳ ରାମପୁର,୨୫।୪ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ମାଳିଗାଁ ପଞ୍ଚାୟତ ସୂର୍ଯ୍ୟଗଡ ଗ୍ରାମର ପ୍ରାୟ ୫୦ ବେକାର ଯୁବକ ବୁଧବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଉତ୍କଳ ଆଲୁମିନା କମ୍ପାନୀରେ ନିଯୁକ୍ତି ପାଇଁ ବାରମ୍ବାର ଗୁହାରି କଲେ ମଧ୍ୟ କେହି ଶୁଣିଲେ ନାହିଁ। ଏହାକୁ ନେଇ ଆନ୍ଦୋଳନ କରିବା ପରେ କମ୍ପାନୀ କର୍ମଚାରୀ ତୁମମାନଙ୍କ କଥା ବୁଝାଯିବ ବୋଲି ପ୍ରତିଶ୍ରୁତି ଦେଲେ। ହେଲେ ତାହା ପାଣିର ଗାର ପାଲଟିଛି। ଏ ଦିଗରେ ସହଯୋଗର ହାତ ବଢାଇବାକୁ ସୂର୍ଯ୍ୟଗଡ ଗ୍ରାମର ଯୁବକ ପିସିସି ସଭାପତି ଦାସଙ୍କୁ ଗୁହାରି କରିଛନ୍ତି। ଅଭିଯୋଗ ପାଇବା ପରେ ସଭାପତି ଦାସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ଏମାନଙ୍କ ଚାକିରି ବ୍ୟବସ୍ଥା ନ କଲେ ସେ ମଧ୍ୟ ଯୁବକମାନଙ୍କ ସହ ଆନ୍ଦୋଳନରେ ବସିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ସୌରଶକ୍ତି ଚାଳିତ ଫ୍ଲୋରାଇଡ ଅପସାରଣ ପ୍ରକଳ୍ପ ଉଦ୍‌ଘାଟିତ



ନୂଆପଡ଼ା,୨୫।୪ (ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁର ବାଗପଡାଠାରେ ଶୁକ୍ରବାର ସୌରଶକ୍ତି ଚାଳିତ ଫ୍ଲୋରାଇଡ ଅପସାରଣ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଛି। ରଜନା ସରପଞ୍ଚ ଖିରସିନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭକ୍ତବନ୍ଧୁ ବୁଡେକ ମୁଖ୍ୟ ଅତିଥି, ସମିତି ସଭ୍ୟା ଭୂମିସୂତା ଶଗରିଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହିରାଲାଲ ସାହୁ, ୱାଟର ଏଡ୍‌ର ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ଜିଲା ସଂଯୋଜକ ଅଶୋକ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବେଲଗାଁ ବାଗପଡାର ସମସ୍ତ ନଳକୂଅରେ ଫ୍ଲୋରାଇଡ ପରିମାଣ ଅଧିକ ଥିବାରୁ ତାହା ପିଇବା ଉପଯୋଗୀ ହୋଇ ନ ଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ୱାଟରଏଡ୍ ଇଣ୍ଡିଆ ତରଫରୁ ସୌରଶକ୍ତି ଚାଳିତ ଫ୍ଲୋରାଇଡ ଅପସାରଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପରୁ ପ୍ରତିଦିନ ୪୩ ପରିବାରକୁ ୨୦ ଲିଟର ଲେଖାଏ ପାନୀୟ ଜଳ ବ୍ୟବସ୍ଥା ହେବ। ଏହାକୁ ସୁପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଗ୍ରାମ୍ୟ ଜଳ କମିଟିକୁ ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ମହିଳା ମଞ୍ଚ ଗଠନ କରାଯାଇ ଜଳର ଗୁଣବତ୍ତା ଉପରେ ତାଲିମ ଦିଆଯାଇଛି।



କେନାଲରେ କମ୍ ପାଣି ଆସୁଛି।



ଜଳାଭାବରୁ ଧାନଗଛ ଶୁଖିଯାଇଛି।

# ତଳି ଅଞ୍ଚଳରେ ଧାନ ଚାଷ ନଷ୍ଟ ଆଶଙ୍କା

ଭବାନୀପାଟଣା,୨୫।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ ବାମ ମୁଖ୍ୟ କେନାଲରେ ଠିକ୍ ଭାବରେ ପାଣି ଆସୁ ନ ଥିବାରୁ ତଳ ଅଞ୍ଚଳରେ ଧାନ ଚାଷ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ବାମ ମୁଖ୍ୟ କେନାଲର ତଳ ଅଞ୍ଚଳରେ ଥିବା କେଲିଆ

**ପହଞ୍ଚିପାରୁନି କେନାଲ ପାଣି**

ଜଙ୍ଗଲ ପର୍ଯ୍ୟନ୍ତ ପାଣି ଠିକ୍ ଭାବରେ ଆସୁ ନ ଥିବାରୁ ସ୍ଥାନୀୟ ମୁଣ୍ଡିଗୁଡା, କେଲିଆ, କଳିଆକୁଣ୍ଡଲ ଓ ବାଗଡୁଙ୍ଗରୀ ଗ୍ରାମରେ ଚାଷ ହୋଇଥିବା ରବି ଧାନ ଫସଲ ଏବେ ଶୁଖି ମରିବାକୁ ବସିଲାଣି। ବର୍ତ୍ତମାନ ଧାନ ଫସଲ ଗର୍ଭ ଅବସ୍ଥାରେ ରହିଥିବାବେଳେ ଏହି ସମୟରେ ପାଣିର ଆବଶ୍ୟକତା ରହିଥାଏ। ହେଲେ ପାଣିର ଅଭାବ ଦେଖାଯାଉଥିବାରୁ ଧାନ ଅମଳ ହେବ କି ନାହିଁ ତାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। କେନାଲ ପାଣିକୁ ନେଇ ସ୍ଥାନୀୟ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ପାଣି ଆସିବ ବୋଲି କହୁଥିବାବେଳେ କେବେ ଆସିବ ତାହାକୁ ଚାଷୀ ଚାହିଁ ରହିଛନ୍ତି। ଉପରୋକ୍ତ ଗ୍ରାମରେ ପ୍ରାୟ ଶହେ ଏକରରୁ ଊର୍ଦ୍ଧ୍ୱ ଜମିରେ ରବି ଧାନ ଚାଷ ହୋଇଥିବା ଜଣାପଡିଛି। ଯଥାଶୀଘ୍ର ତଳ ଅଞ୍ଚଳକୁ କେନାଲ ପାଣି ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରାଓଙ୍କୁ ପଚାରିବାରୁ କେନାଲରେ ବନ୍ଧକରି କେତେକେ ପାଣି ନେବାକୁ ଚେଷ୍ଟା କରୁଥିବାରୁ ତଳ ଅଞ୍ଚଳକୁ ପାଣି ପହଞ୍ଚିପାରୁ ନାହିଁ। ତଥାପି ଆମେ ପରିଦର୍ଶନ କରି ତଳ ଅଞ୍ଚଳକୁ ଯେମିତି ପାଣି ପହଞ୍ଚିବ ସେ ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ।

## ପହଲଗାମ୍ ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା

ନୂଆପଡ଼ା,୨୫।୪ (ମକାରୁ ବେମାଲ)

ଜମ୍ମୁ କଶ୍ମୀରର ପହଲଗାମଠାରେ ଆତଙ୍କବାଦୀ ଆକ୍ରମଣ ଘଟଣା ପ୍ରତିବାଦରେ ଶୁକ୍ରବାର ନୂଆପଡ଼ା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ଗାୟତ୍ରୀ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ମଞ୍ଚ କର୍ମକର୍ତ୍ତା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ସ୍ମାରକପତ୍ର ପ୍ରଦାନ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ସମୟରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀ, କ୍ଷମାନିଧି ଦେବାଙ୍ଗନ, ଅଜିତ କୁମାର ଚଳାନ, ସୁଶାନ୍ତ କୁମାର ପତି, ଦୃଷ୍ଟିଚନ୍ଦ୍ର ମାଝି, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଗୋଲଡି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

**କଳମପୁର (ଗଣେଶରାମ ବାଗ):** ଜମ୍ମୁ କଶ୍ମୀରର ପହଲଗାମ୍‌ଠାରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ପ୍ରତିବାଦରେ କଳାହାଣ୍ଡି ହିନ୍ଦୁ ସମାଜ କଳମପୁର ଖଣ୍ଡ ଶୁକ୍ରବାର ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପରେ କାର୍ଯ୍ୟକର୍ତ୍ତାମାନେ ସମ୍ପୃକ୍ତ ଆତଙ୍କବାଦୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସସ୍ମିତା ବାବୁ, ବିଜୟ କୁମାର ପଣ୍ଡା, ମନୋଜ କୁମାର ନାଏକ, ପୁଣ୍ଡରୀକାକ୍ଷ ନାଏକ, ଜଗଦୀଶର ମୁଣ୍ଡ, ଦିଲୀପ ଗୁପ୍ତା, ଅଭିରାମ ପଣ୍ଡା, ଜନ୍ମେଜୟ ସାହୁ, ସୀତାକାନ୍ତ ବାଗଙ୍କ ସମେତ ବିଭିନ୍ନ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ସାମିଲ ଥିଲେ।

**କୋକସରା (ଦୁଷ୍ମନ୍ତ କୁମାର ପାଢଯୋଷୀ):** ଜମ୍ମୁ କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ କଳାହାଣ୍ଡି ଜିଲା କୋକସରା ବ୍ଲକ ମିଳିତ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୁକ୍ରବାର ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା ଭାଜପା ସମ୍ପାଦକ ଗୋଦାବରୀଶ ପାତ୍ର, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ବ୍ଲକ ସମ୍ପାଦକ ମନୋଜ କୁମାର ନାଏକ, କିଶନ ପଟ୍ଟନାୟକ, ସୁବାସ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ଲକ୍ଷ୍ମୀଧର ପୂଜାରି ପ୍ରମୁଖ ସାମିଲ ହୋଇଥିଲେ।

**କେସିଙ୍ଗା(ତୁମେଶ୍ୱର ସାହୁ):** ଜମ୍ମୁ କଶ୍ମୀରର ପହଲଗାମ୍ ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛି କେସିଙ୍ଗା ମୁସଲିମ ସମାଜ। ଏହି ଅବସରରେ ସଭାପତି ଜାକିର ହୁସେନଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୁକ୍ରବାର ସ୍ଥାନୀୟ ମସଜିଦଠାରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ଏହାସହ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରି ହତ୍ୟା ଘଟଣାରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ସରକାର ଫାଶୀଦଣ୍ଡ ଦେବାକୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁସଲିମ ସମାଜର ସମ୍ପାଦକ ଅବଦୁଲ ହମିଦ, ଡା. ଏହେଁସାନ ଖାନ, ଅନୁ ହୁସେନ, ଛୋଟୁ ଖାନ, ମହମ୍ମଦ ଆୟୁବ ଖାନଙ୍କ ସମେତ ବହୁ ମହିଳା, ଯୁବକ, ଯୁବତୀ ଅଂଶଗ୍ରହଣ କରି ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।




କୋକସରାଠାରେ ଅନୁଷ୍ଠିତ ଶୋଭାଯାତ୍ରାରେ ଏକତା ମଞ୍ଚ କର୍ମକର୍ତ୍ତା।

## ମହୁଲଫୁଲ ୪୭ ଟଙ୍କାରୁ କମ୍‌ରେ କିଣିଲେ ଲାଇସେନ୍ସ ରଦ୍ଦ



ବୈଠକରେ ଆଲୋଚନା କରାଯାଉଛି।

ନୂଆପଡ଼ା,୨୫।୪ (ମକାରୁ ବେମାଲ)

ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା ଜିଲାରେ ୫୦ ପ୍ରତିଶତ ଲୋକ ଲଘୁବନଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ସେମାନେ ବହୁ କଷ୍ଟରେ ଏସବୁ ସାମଗ୍ରୀ ଜଙ୍ଗଲରୁ ସଂଗ୍ରହ କରୁଥିଲେ ମଧ୍ୟ ମଣ୍ଡି ନ ଥିବାରୁ ଉଚିତ ପାଉଣା ପାଉନାହାନ୍ତି। ବର୍ତ୍ତମାନ ଜିଲାରେ ମହୁଲଫୁଲ ସର୍ବାଧିକ ସଂଗ୍ରହ ହେଉଛି। ହେଲେ ମଣ୍ଡି ନ ଥିବାବେଳେ ଦର ଧାର୍ଯ୍ୟ ହେଉ ନ ଥିବାରୁ ଲୋକେ କୋଚିଆଠାରେ କମ ଦରରେ ବିକ୍ରୟ କରି ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ବେପାରୀ ଓ ମଧ୍ୟସ୍ଥି କମ ଦରରେ କ୍ରୟ କରି ଲାଭବାନ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜିଲା ଅବକାରୀ ବିଭାଗ

**ବୈଠକରେ ସତର୍କ କରାଇଲେ ଜିଲାପାଳ**

ଏକ ବୈଠକ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ଜିଲାର ମହୁଲ ଫୁଲ କ୍ରେତା, ଗୋଟାଳି ତଥା ବିକ୍ରେତା ଉପସ୍ଥିତ ଥିଲେ। ଜିଲାପାଳ ସତର୍କ କରିବାକୁ ଯାଇ କହିଥିଲେ, ଜିଲାରେ ଗରିବ ଚାଷୀ, ଆଦିବାସୀମାନେ ବହୁ କଷ୍ଟରେ ମହୁଲ ଫୁଲ ସଂଗ୍ରହ କରୁଛନ୍ତି। କେତେବେଳେ ସେମାନେ ଭାଲୁର ଶିକାର ହେଉଛନ୍ତି କେତେବେଳେ ଅଂଶୁଘାତର ଶିକାର ହେଉଛନ୍ତି। ସେମାନେ ଏହାର ଉଚିତ ମୂଲ୍ୟ ପାଇବା ଅତ୍ୟନ୍ତ ଆବଶ୍ୟକ। ବେପାରିମାନେ କମ ଦରରେ କିଣି ଲାବବାନ ହେଉଥିବାବେଳେ ଜିଲା ପ୍ରଶାସନ ବଦନାମ ହେଉଛି। ଏଭଳି ଆଉ ଚଳିବ ନାହିଁ। ମହୁଲ ଫୁଲର କିଲୋଗ୍ରାମ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୪୭ ଟଙ୍କା ରହିବ। ଏଥିରୁ କମ ମୂଲ୍ୟରେ ବେପାରି କିଣିଲେ ସେମାନଙ୍କ ଲାଇସେନ୍ସ ରଦ୍ଦ ହେବ। ପ୍ରତିଦିନ ମହୁଲ କ୍ରୟ ବିକ୍ରୟ ରିପୋର୍ଟ ଜିଲାପାଳଙ୍କୁ ଅବକାରୀ ବିଭାଗ ପ୍ରଦାନ କରିବେ। ଜିଲାପାଳଙ୍କ ସମୟୋଚିତ ପଦକ୍ଷେପ ଜିଲାର ସହସ୍ରାଧିକ ମହୁଲ ଗୋଟାଳିଙ୍କୁ ସହାୟକ ହେବ ବୋଲି ଆଶା କରାଯାଇଛି।

## ବିଦ୍ୟୁତ୍ ସଂଯୋଗ ନାହିଁ, ବିଲ୍ ଆସୁଛି

ଲାଞ୍ଜିଗଡ,୨୫।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରରେ ଉପଭକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲାଗିଥିବା ବେଳେ ବିଦ୍ୟୁତ୍ ସଂଯୋଗ ନ ଥାଇ ମଧ୍ୟ ବିଲ ଆସୁଛି। ଏଭଳି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ସମସ୍ୟା ସ୍ମାର୍ଟ ମିଟରିଂ ସିଷ୍ଟମରେ ଯାନ୍ତ୍ରିକ ତ୍ରୁଟି ବୋଲି ଅଞ୍ଚଳରେ ଆଲୋଚନା କରାଯାଉଛି। ଆମକୁ ସ୍ମାର୍ଟ ମିଟର ଦରକାର ନାହିଁ ସାଧାରଣ ମିଟର ଲଗାନ୍ତୁ ବୋଲି ଲାଞ୍ଜିଗଡ଼ ଅଞ୍ଚଳରେ ଦାବି ହେଉଛି। ଏହାକୁ ନେଇ ବିଭାଗୀୟ ଯନ୍ତ୍ରୀ ରୁଦ୍ର ନାରାୟଣ ସାହୁଙ୍କୁ ପଚାରିବାରୁ ଉପଭୋକ୍ତା ନାଁରେ ମିଟର ଲାଗିଯାଇଥିଲେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲେ ମଧ୍ୟ ଫିକ୍ସ ଚାର୍ଜ ଏବଂ ମିଟର ରେଣ୍ଟ ମିଶି ବିଲ ଆସିବ ବୋଲି ପ୍ରକାଶ କରିଥିଲେ। ଏ ନେଇ ପଦକ୍ଷେପ ନ ନେଲେ ଅଞ୍ଚଳରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ଲୋକେ ସଜାବାଜ ହେଉଥିବା ସୂଚନା ମିଳିଛି।

## ତେରେସିଂହା ଗ୍ରାମ ପଞ୍ଚାୟତ ପୁରସ୍କୃତ

ରିଷିଡ଼ା,୨୫।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ଜିଲାରେ ଏହି ପଞ୍ଚାୟତ ଏ ଗ୍ରେଡ ତାଲିକାରେ ସ୍ଥାନ ପାଇଥିଲା। ସରପଞ୍ଚ ପ୍ରମୋଦ ସୁନା ଉପସ୍ଥିତ ରହି ପୁରସ୍କାର ରାଶି ବାବଦକୁ ୭ଲକ୍ଷ ୭୨ହଜାର ୯୪୬ଟଙ୍କାର ଚେକ୍ ଓ ମାନପତ୍ର ଗ୍ରହଣ କରିଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ସରପଞ୍ଚ ସୁନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ନୂଆପଡ଼ା,୨୫।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଜଣେ ମହିଳା ଶ୍ରମିକ ଇଟା ତିଆରି କରିବାକୁ ହାଇଦ୍ରାବାଦ ଯାଇ ସେଠାରେ ମୃତ୍ୟୁବରଣ କରିବା ପରେ ମୃତଦେହ ଘରକୁ ଫେରିଛି। ମୃତା ମହିଳା ହେଲେ କୋମନା ଥାନା ଜଟଗଡ ଗାଁର ମଥୁରା ବନଛୋର (୪୦)। ସୂଚନା ଅନୁଯାୟୀ ଜଟଗଡ ଗାଁର କୀର୍ତ୍ତନ ବନଛୋର ଓ ତାଙ୍କ ସ୍ତ୍ରୀ ମଥୁରା ଦଶହରା ପରେ ଦେଓଦରା ପଞ୍ଚାୟତ କୁଞ୍ଜାଲପଡା ଗାଁର ଜଣେ ଦାଦନ ସର୍ଦ୍ଦାରଙ୍କଠାରୁ ଅଗ୍ରିମ ୩୮ ହଜାର ଟଙ୍କା ଲେଖାଏ ନେଇ ହାଇଦ୍ରାବାଦର ଦେଉଳଦଣ୍ଡା ଏଫଭିଭି ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ଇଟାଭାଟି ମାଲିକ ଅଧିକ କାମ କରାଇ ଖାଇବା ଖର୍ଚ୍ଚ କମ ଦେଉଥିବାରୁ ଖାଦ୍ୟାଭାବରୁ ମଥୁରାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା। ଗୁରୁବାର ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୂବନଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ପ୍ରାୟ ୧୨ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଏକ ଗାଡି ସାହାଯ୍ୟରେ ଜଟଗଡ ଅଣାଯାଇଥିଲା। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଏମାନେ ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବାଇପାସ୍ ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ପତ୍ର

ଖଡ଼ିଆଳ,୨୫।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଦୀର୍ଘବର୍ଷ ହେଲା ଟ୍ରାଫିକ ସମସ୍ୟା ଦେଖା ଦେଇଆସୁଛି। ଏଥିଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଖଡ଼ିଆଳ ସହର ଦେଇ ଯାଇଥିବା ୩୫୩ନଂ ଜାତୀୟ ରାଜପଥରେ ଦୈନିକ ଶତାଧିକ ଭାରିଯାନ ଯାତାୟାତ କରୁଛି। ବିଶେଷ କରି ସନ୍ଧ୍ୟା ସମୟରେ ଛତିଶଗଡ଼ ରାୟପୁର ପଟୁ ଓ ଆନ୍ଧ୍ରପ୍ରଦେଶରୁ ଭବାନୀପାଟଣା ଦେଇ ଆସୁଥିବା ଭାରିଯାନଗୁଡିକୁ ସନ୍ଧ୍ୟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ ଅଟକାଇବାକୁ ପଡୁଛି। ଏହାକୁ ନେଇ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବିଧାନସଭାରେ ଆଲୋଚନା କରିଥିଲେ। ସହରରେ ବାଇପାସ୍ ରାସ୍ତା ନିର୍ମାଣ କଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ଦାବିକରି ବିଧାୟକ ପାଣିଗ୍ରାହୀ କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ, ଓଡିଶା ସରକାରଙ୍କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

## କୋକସରା ବ୍ଲକର ୬ ପଞ୍ଚାୟତ ପୁରସ୍କୃତ

କୋକସରା,୨୫।୪ (ଦୁଷ୍ମନ୍ତ କୁମାର ପାଢଯୋଷୀ)

ଜାତୀୟ ପଞ୍ଚାୟତିରାଜ ଦିବସ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲା ସଦର ମହକୁମା ଓ ବ୍ଲକ ସ୍ତରରେ ପ୍ରଶାସନ ପକ୍ଷରୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରରେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ଓ ଉତ୍ତମ ପ୍ରଦର୍ଶନ ନେଇ ସମ୍ବର୍ଦ୍ଧିତ କରାଯାଇଛି। କୋକସରା ବ୍ଲକର ୬ ଗୋଟି ପଞ୍ଚାୟତ ସରପଞ୍ଚଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶ, ସିଡିଓ ଦୟାମୟ ପାଢ଼ୀ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ପ୍ରତିନିଧିଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କୋକସରା ବ୍ଲକ ରେଙ୍ଗାଳପାଲି ସରପଞ୍ଚ ପଦ୍ମିନୀ ପାତ୍ର, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, କାଉଡୋଳା ସରପଞ୍ଚ ଦେବୀସିଂ ତାଣ୍ଡି ଓ ଫୁପଗାଁ ସରପଞ୍ଚ ଗଜାନନ ପୂଜାରିଙ୍କୁ ମାନପତ୍ର ଓ ପ୍ରୋତ୍ସାହନ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜର୍ନାଲିଷ୍ଟ ପ୍ରିମିୟର ଲିଗ୍: କଳମପୁର ପଞ୍ଚାୟତ ଫାଇନାଲରେ

କଳମପୁର, ୨୫।୪(ଗଣେଶରାମ ବାଗ): କଳାହାଣ୍ଡି ଜିଲା କଳମପୁର ମିନି ଷ୍ଟାଡିୟମଠାରେ କଳମପୁର ସାମ୍ବାଦିକ ସମୂହ ତରଫରୁ ଆୟୋଜିତ ଜର୍ନାଲିଷ୍ଟ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧକନା ପଞ୍ଚାୟତକୁ ହରାଇ କଳମପୁର ପଞ୍ଚାୟତ ଟିମ୍ ଫାଇନାଲକୁ ପ୍ରବେଶ କରିଛି। ଏଥିରେ ଯୁବ ବିଜୁ ଜନତା ଦଳର କଳାହାଣ୍ଡି ଜିଲା ଉପସଭାପତି ଇଂ ଗଣେଶ ବାଗ ମୁଖ୍ୟ ଅତିଥି ଓ କଳମପୁର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, କଳମପୁର ବ୍ଲକ ସାଂସଦ ପ୍ରତିନିଧି ଅରୁଣ ଜଗରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିତେନ୍ଦ୍ର କୁମାର ଓ ଭବାନୀ ଗହିର ଖେଳ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ମ୍ୟାଲେରିଆମୁକ୍ତ ରାଜ୍ୟ କରିବା ପାଇଁ ଆହ୍ୱାନ

ଭବାନୀପାଟଣା,୨୫।୪(ଉତ୍ତମ କୁମାର ଦାଶ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ଼ା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଡିହୋଇଥିଲେ। ରାଜ୍ୟରୁ କିଭଳି ସମ୍ପୂର୍ଣ୍ଣ ମ୍ୟାଲେରିଆ ନିରାକରଣ କରାଯିବ ସେ ନେଇ ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ବିଶେଷ କରି ମ୍ୟାଲେରିଆ ପ୍ରବଣ କଳାହାଣ୍ଡି, ରାୟଗଡା, କୋରାପୁଟ, ମାଲକାନଗିରି, ବୌଦ୍ଧ ଇତ୍ୟାଦି ଜିଲାରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ଏହାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷ କଳାହାଣ୍ଡି ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପାୱାର ସଚିନ ପ୍ରକାଶ, ସାଂସଦ ପ୍ରତିନିଧି ଭାବେନ୍ଦ୍ର ପଣ୍ଡା, ସଦର ବିଧାୟକ ପ୍ରତିନିଧି ଧନୁର୍ଜୟ ଗହୀର, ରାଜ୍ୟ ଭେକ୍ଟର ରୋଗ

**ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ**

ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତିରିକ୍ତ ନିର୍ଦ୍ଦେଶକ ଡ଼ା. ପ୍ରଭାକର ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ଼ା. ଅମରେନ୍ଦ୍ର ମହାନ୍ତି, କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରାକେଶ କୁମାର ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା. ଦେବୀ ପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ବିଭାଗ ଡ଼ା. ନିହାରେନ୍ଦ୍ର ପଣ୍ଡା, ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଏସ୍.ପି.ଏମ୍. ବିଭାଗୀୟ ମୁଖ୍ୟ ଡ଼ା. ଲୋମପାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଜିଲାରୁ ମ୍ୟାଲେରିଆ ନିର୍ମୂଳ କରିବା ସହ ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ ରାଜ୍ୟ ଭାବରେ ଗଢ଼ିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହାସହ ଜ୍ୱର ହୋଇଥିବା ରୋଗୀଙ୍କ ରକ୍ତ ପରୀକ୍ଷା, ସମ୍ପୂର୍ଣ୍ଣ ଚିକିତ୍ସା ଓ ଶୋଇବା ସମୟରେ ନିୟମିତ ମଶାରୀ ବ୍ୟବହାର କଲେ ଏହା ସଫଳ ହୋଇପାରିବ ବୋଲି କହିଥିଲେ। ମ୍ୟାଲେରିଆରେ ଆକ୍ରାନ୍ତ ପ୍ରତ୍ୟେକ ବ୍ୟକ୍ତି ଠିକ୍ ସମୟରେ ରକ୍ତ ପରୀକ୍ଷା କରାଇବା ସହ ପୂର୍ଣ୍ଣମାତ୍ରାରେ ଔଷଧ ସେବନ କରିବା ଓ ଅନ୍ୟକୁ ମ୍ୟାଲେରିଆ ସଂକ୍ରମଣରେ ସୁରକ୍ଷା ଦେବା ବାର୍ତ୍ତାକୁ ପ୍ରତ୍ୟେକ ଜନତାଙ୍କ ନିକଟରେ ପହଞ୍ଚାଇବା କାର୍ଯ୍ୟକ୍ରମ ଏହିଠାରୁ ଆରମ୍ଭ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସଚେତନତା ଧର୍ମୀ ନାଟକ 'ଉଆଁସ ରାତିର ଜହ୍ନ' ସ୍ୱାସ୍ଥ୍ୟ ବିଭାଗ ଏବଂ ଏଏନ୍‌ଏମ୍ କଲେଜ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭେକ୍ଟର ବାହିତ ରୋଗ ବିଭାଗ ଡ଼ା. ରଞ୍ଜନ ମିତ୍ରା ସଞ୍ଚାଳନ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ ସାହୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କାଟ :ଅନ୍ଧାରରେ ଦାଦନ ପରିବାରର ୩ ଭଉଣୀଭାଇ

ଲାଠୋର,୨୫।୪(ଭୁବନେଶ୍ୱର ବାରିକ)

ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ବିଲ୍ ପଇଠ କରି ନ ଥିଲେ ବି ପାୱାର କଟ୍ ନ କରିବାକୁ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଅଳ୍ପ କିଛି ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମର ଦାଦନ ଶ୍ରମିକ ପଦ୍ମନ ବାଗଙ୍କ ଘରୁ ଗତ ଦେଢ ମାସ ହେବ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି । ଫଳରେ ତାଙ୍କର ୩ ପିଲା ଅନ୍ଧାରରେ ଦିନ କାଟିବାକୁ ବାଧ ହେଉଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ପଦ୍ମନ (୪୨)ଙ୍କ ପରିବାର କହିଲେ ସ୍ତ୍ରୀ କେତକୀ, ଦୁଇ ଝିଅ କାଜଲ (୧୫),କରିସ୍ମା ଓ ପୁଅ ସିଦ୍ଧାନ୍ତ । ଗରିବ ଶ୍ରେଣୀର ହୋଇଥିବାରୁ ଏହି ଦମ୍ପତି ବର୍ଷର ୬ ମାସ ପର ଘରେ ମୂଲ ଲାଗି ଏବଂ ବଳକା ୬ ମାସ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି । ଚଳିତବର୍ଷ ପଦ୍ମନ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଗତ ୪ ମାସ ପୂର୍ବେ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟି ଯାଇଛନ୍ତି । ଘରେ ଦୁଇ ଝିଅ ଏବଂ ପୁଅ ରହି ପାଠ ପଢୁଛନ୍ତି । ପଦ୍ମନ ପ୍ରତି ମାସରେ ବିଦ୍ୟୁତ୍ ବିଲ୍ ଦେଉଥିବା ବେଳେ କୋଭିଡ ସମୟରେ ରହି ଯାଇଥିବା କିଛି ବକେୟା ବିଲ୍ ଏଯାବତ୍ ଦେଇ ପାରି ନାହାନ୍ତି । ଫଳରେ ତାଙ୍କ ଘରୁ ଗତ ମାର୍ଚ୍ଚ ୧୨ ତାରିଖ ଠାରୁ ବିଦ୍ୟୁତ୍ କାଟି ଦିଆଯାଇଛି । ଘରେ ଥିବା ପିଲାମାନେ ଯେତେ ଅନୁରୋଧ କରିଥିଲେ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ସଂସ୍ଥାର କର୍ମଚାରୀ ସେମାନଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ । ଫଳରେ ବର୍ତ୍ତମାନର ପ୍ରଚଣ୍ଡ ଖରାତାତିରେ ତିନି ଭଉଣୀ ଭାଇ ଛଟପଟ ହୋଇ ରହୁଥିବା ବେଳେ ପାଠ ପଢାରେ ବାଧା ସୃଷ୍ଟି ହେଉଛି । ସେହିପରି ଉକ୍ତ ଗ୍ରାମର ଅମର ନାଗ,ଭାରତ ଦୀପ, ଦେବଲ ତାଣ୍ଡି, ବିଦ୍ୟାଧର ଦୀପ, ଲିଙ୍ଗରାଜ କୁମ୍ଭାର,


ଅନ୍ଧାରରେ ଥିବା ପଦ୍ମନ ବାଗଙ୍କ ୩ ଝିଅ ପୁଅ ।

### ପାଠ ପଢ଼ାରେ ବାଧା ସୃଷ୍ଟି

ଦିବାକର ଦୀପ, କୁମର କୁମ୍ଭାର ନିଜ ନିଜ ପରିବାର ବର୍ଗଙ୍କୁ ସାଙ୍ଗରେ ନେଇ ବିଭିନ୍ନ ରାଜ୍ୟକୁ ଦାଦନ ଶ୍ରମିକ ଭାବରେ କାମ କରିବା ପାଇଁ ଯାଇଛନ୍ତି । ଘରେ ସେମାନଙ୍କ ବୃଦ୍ଧ ମା ବାପା ଏବଂ ପାଠ ପଢୁଥିବା ପିଲାଙ୍କୁ ଛାଡ଼ି ଯାଇଛନ୍ତି । ଘୋର ଆର୍ଥିକ ଅନାଟନ ମଧ୍ୟରେ ଚଳୁଥିବା ଉକ୍ତ ପରିବାରବର୍ଗ ନିୟମିତ ଭାବେ ମାସିକ ବିଦ୍ୟୁତ୍ ବିଲ୍ ଦେଉଛନ୍ତି। ତେବେ ଏହି ୭ଟି ପରବିାର ଉପରେ କିଛି ଟଙ୍କା ଏରିଅର ରହିଛି। ସେଥିପାଇଁ ଉପରୋକ୍ତ ବ୍ୟକ୍ତଙ୍କ ଘରେ ମଧ ବିଦ୍ୟୁତ୍ କାଟ କରାଯାଇଥିଲା। ଏହି ପରିବାରଗୁଡିକ ତିନି ଚାରି ଦିନ ଅନ୍ଧାରରେ ରହିଲା ପରେ ବାଧ ହୋଇ ଲୋକଙ୍କ ଠାରୁ ଧାର କରଜ କରି ତଥା ପାଇଥିବା ଭତ୍ତା ଟଙ୍କାରେ ବିଲ୍ ପଇଠ କରିବା ପରେ ସେମାନଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଅପରପକ୍ଷରେ ବିଲ୍ ପଇଠ କରିଥିଲେ ମଧ ଅଦ୍ୟାବଧି ସେମାନଙ୍କୁ ରସିଦ ପ୍ରଦାନ କରା ଯାଇନାହିଁ ।

# ଶ୍ରୀରାମଲୀଳା ନାଟକ ମହୋତ୍ସବ ଉଦ୍‌ଯାପିତ


ଧଣ୍ଡାମୁଣ୍ଡା ଗାଁରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ନାଟକର ଏକ ଦୃଶ୍ୟ ।

ଖପ୍ରାଖୋଲ,୨୫।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁର ୮୪ତମ ଶ୍ରୀରାମଲୀଳା ନାଟକ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଛି। ଶେଷ ରଜନୀରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ନାଟକ ଓ ସୀତାଙ୍କ ଅଗ୍ନିପରୀକ୍ଷା ଆଦି ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମ ନବମୀଠାରୁ ପ୍ରତିଦିନ ରାମାୟଣ ପଠନ ହୋଇ ଆସୁଥିବା ବେଳେ ଜଗନ୍ନାଥ ମନ୍ଦିର ସମ୍ମୁଖ ରାମଲୀଳା ମଣ୍ଡପ ମଞ୍ଚରେ ରାମାୟଣର ବିଭିନ୍ନ କଥାବସ୍ତୁ ଗାଁର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ୮୪ ବର୍ଷ ଧରି ଏହି ଧାର୍ମିକ, ପୌରାଣିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଆସୁଛି। ଏହି ନାଟକ ଦେଖିବାକୁ ପ୍ରତିଦିନ ବହୁ କଳାପ୍ରେମୀଙ୍କ ଭିଡ଼ ହୋଇଥିଲା। ଚଳିତବର୍ଷ ଶେଷ ରଜନୀରେ ଶ୍ରୀରାମ ଭୂମିକାରେ ବୈଦ୍ୟନାଥ ମିଶ୍ର, ଲକ୍ଷ୍ମଣ ଜୁନେଶ ସାହୁ ,ସୀତା ପ୍ରୀତମ ମିଶ୍ର, ଭରତ ଶିଶିର ପଧାନ, ଶତୃଘ୍ନ ଜିତୁ ପାଇକ, ହନୁମାନ ଭୂମିକାରେ କନ୍ଦର୍ପ ଭୋଇ ଅଭିନୟ କରିଥିଲେ। ଏହାଛଡା ବିଭିନ୍ନ ଭୂମିକାରେ ଆନନ୍ଦ, ଶଙ୍କର, ସୋମ୍ୟରଞ୍ଜନ,ଶରତ, ମକରନ୍ଦ, ହିମାଂଶୁ, ଯଶୋବନ୍ତ ସାହୁ ପ୍ରମୁଖ ଅଭିନୟ କରିଥିଲେ। ବାଦ୍ୟଯନ୍ତ୍ରରେ ରଞ୍ଜନ ସାହୁ, କୈଳାଶ ଭୋଇ, ପିଣ୍ଟୁ ସହଯୋଗ କରିଥିଲେ। ପୁରାଣ ପଠନ ଓ ପାଲିଆ ରୂପେ ରାମନାରାୟଣ ଭୋଇ, ଦେବେନ୍ଦ୍ର ସାହୁ, ବିଘ୍ନ, ଭରତ, ଆଲୋକ ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ସାଜସଜ୍ଜାରେ ସୁରୁକୁନୁ ସାହୁ, ଚୁଡ଼ାମଣି, ଠଣ ସୁନ୍ଦର, ସିଲୁ, ବିଶ୍ୱ ପ୍ରମୁଖ ସହଯୋଗ କରିଥିଲେ।

# ସହକାରୀ ପ୍ରାଧ୍ୟାପକ ଡ. ଅମୃତ ସିଂ ବରିହାଙ୍କ ପରଲୋକ

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଇତିହାସ ବିଭାଗ ସହକାରୀ ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଡ଼. ଅମୃତ ସିଂ ବରିହା (୫୨)ଙ୍କ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ହଠାତ୍ ବରିହା ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ଚିକିତ୍ସା ଆରମ୍ଭ କଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ବରିହା କିଛିଦିନ ତଳେ ଭୁବନେଶ୍ୱର ଯାଇ ସେଠାକାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଇ ଘରକୁ ଫେରିଥିଲେ। ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ କନସିଂହା ଗାଁରେ ଜନ୍ମିତ ସ୍ୱର୍ଗତ ବରିହା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ସ୍ନାତକୋତ୍ତର, ଏମଫିଲ୍ ଏବଂ ପିଏଚଡି ଡିଗ୍ରୀ ହାସଲ କରିଥିଲେ। କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମଦେବ ମହାବିଦ୍ୟାଳୟରୁ ସେ ଅଧ୍ୟାପନା ଆରମ୍ଭ କରିଥିଲେ। ୨୦୧୬ ମସିହାରେ ସହକାରୀ ପ୍ରାଧ୍ୟାପକ ଭାବେ ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ଜଣେ ଆଦର୍ଶ ଅଧ୍ୟାପକ, ଅମାୟିକ ବ୍ୟକ୍ତି, ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଉନ୍ନତି ଦିଗରେ ନିରନ୍ତର କାର୍ଯ୍ୟ କରୁଥିଲେ। ବଲାଙ୍ଗୀର ଜିଲା ଯୁବ ରେଡ୍‌କ୍ରସର ଆବାହକ ସମ୍ପାଦକ ଭାବେ ସେ ସେବା ଦାୟିତ୍ୱ ନିର୍ବାହ କରି ବିଭିନ୍ନ ମହାବିଦ୍ୟାଳୟରୁ ଉଚ୍ଚ ପ୍ରଶଂସିତ ହୋଇଥିଲେ। ତାଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି। ପଦ୍ମପୁର ନିକଟ ତାଙ୍କ ପୈତୃକ ଗ୍ରାମ କନସିଂହା ଠାରେ ଶୁକ୍ରବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା।


ସହକାରୀ ପ୍ରାଧ୍ୟାପକ ଅମୃତ ସିଂ ବରିହା ।

# ପ୍ରକଳ୍ପରେ କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଟଙ୍କା ଉଠାଯିବା ଅଭିଯୋଗ

### ମୁକୁନ୍ଦପୁର ପଞ୍ଚାୟତ

### ଅଭିଯୋଗ ପରେ ବି ତଦନ୍ତ ହୋଇନି

ଦେଓଗାଁ,୨୫।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ମୁକୁନ୍ଦପୁର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ପଞ୍ଚାୟତର ପୁରୁଣାପାଣି ଖଇରଟିକ୍ରା ଗୁଗୁଡିମୁଣ୍ଡା ପ୍ରକଳ୍ପରେ ଉକ୍ତ ଯୋଜନାରେ ୯ ଲକ୍ଷ ୫୦ ହଜାର ଟଙ୍କାରେ ଶ୍ରମିକମାନେ କାମ କରିଥିବା କାଗଜପତ୍ରରେ ଦର୍ଶାଯାଇଛି। ହେଲେ ଉକ୍ତ ପ୍ରକଳ୍ପରେ କାମ କରି ନ ଥିବା କେତେଜଣ ଶ୍ରମିକଙ୍କ ନାମରେ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଅଧୀନ ପୁରୁଣାପାଣି ଗ୍ରାମର ଫୁଲ ବାଗ , ଜଗଡା ସୁନା, ପାରିଜାତ ସୁନା, କନିଷ୍ଠ ନାଏକ, ପ୍ରେମରାଜ ମହାନନ୍ଦ, ବିଶ୍ୱାମିତ୍ର ଭୋଇ, ଶାନ୍ତି ଭୁଏ, ଲିଙ୍ଗରାଜ ମହାନନ୍ଦ, ଗଣନାଥ ମାଝୀ, ନୀଳାମ୍ବର ହରପାଲ, ପିତାମ୍ବର ମାଝୀ, ଗଣନାଥ ମାଝୀ, ଫକିର ଡାଙ୍ଗ, ଉତ୍ତର ନାଗ, ସୁନିତା ନାଗ ପ୍ରମୁଖ ଉକ୍ତ ପ୍ରକଳ୍ପରେ କାମ କରି ନ ଥିବା ଜଣାଯାଇଛି । କିନ୍ତୁ ସେମାନଙ୍କ ଜବକାର୍ଡରେ କାମ କରିଥିବା ଦର୍ଶାଇ ଟଙ୍କା ହରିଲୁଟ୍ କରାଯାଇଥିବା ମୁକୁନ୍ଦପୁର ପଞ୍ଚାୟତ ପୁରୁଣାପଣି ଗାଁର ୱାର୍ଡ ସଭ୍ୟ ଗତତ୍ୟା ବାଗ ଗତ ଫେବୃଆରୀ ୬ ତାରିଖରେ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାଛଡା ସେ ଏନେଇ ପିଇଓ ଓ ଏପିଓଙ୍କୁ ମଧ ଲିଖିତ ଭାବେ ଜଣାଇଥିଲେ। ଏହାମଧ୍ୟରେ ଦୀର୍ଘଦିନ ବିତିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏ ସମ୍ପର୍କରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ପଚାରିବାରେ ଅଭିଯୋଗ ହୋଇଛି । ଏକ ଟିମ୍ ଗଠନ କରି ତଦନ୍ତ କରାଯିବ । ଯଦି ଟଙ୍କା ହେରଫେରର ପ୍ରମାଣ ମିଳେ ତାହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# ଭୀମଭୋଇ ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ଭୀମଭୋଇ ମେଡିକାଲ କଲେଜ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଧରି ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିବାଦ କରୁଛନ୍ତି।

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

### ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣା

କଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରେ ଭୀମଭୋଇ ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଛାତ୍ର ସଂସଦର ସାମାଜିକ ସେବାଧ୍ୟକ୍ଷ ଶ୍ରେୟସ୍ ପାଇକରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ବହୁ ଛାତ୍ରୀଛାତ୍ର କ୍ୟାଣ୍ଡେଲ ଧରି କଲେଜ ପରିସରରୁ ରାଜ୍ୟ ରାଜପଥ ଗେଟ୍ ପର୍ଯ୍ୟନ୍ତ ଆସିଥିଲେ। ଛାତ୍ର ସଂସଦ ସମ୍ପାଦକ ଦେବାଶିଷ ପୂଜାରୀ, ଉପସଭାପତି ସତ୍ୟ ସୁନ୍ଦର ସାହୁ, କୋଷାଧ୍ୟକ୍ଷ ସୁବୋଧ ମେହେର ଓ ଅନ୍ୟ ବହୁ ଡାକ୍ତରୀ ଛାତ୍ରୀଛାତ୍ର ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ନିନ୍ଦା କରିଥିଲେ।

# ଜାଲ ସାର୍ଟିଫିକେଟ୍ ମାମଲା: ସିବିଆଇ ଟିମ୍‌ର ଖୋଳତାଡ଼ ଜାରି

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

ଜାଲ୍ ସାର୍ଟିଫିକେଟ୍ ମାମଲାରେ ସିବିଆଇ ଟିମ୍ ବଲାଙ୍ଗୀରରେ ଖୋଳତାଡ ଜାରି ରହିଛି। ସିବିଆଇର ୯ ଜଣିଆ ଟିମ୍ ମଧ୍ୟରୁ କେତେଜଣ ସଦସ୍ୟ ଅନ୍ୟତ୍ର ଚାଲିଯାଇଥିବା ବେଳେ ଶୁକ୍ରବାର ୩ ଜଣ ସଦସ୍ୟ ବଲାଙ୍ଗୀରରେ ତନାଘନା ଚଳାଇଥିଲେ। ସେମାନେ ଗୋପନରେ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ସହ ଡକ୍ୟୁମେଣ୍ଟ ସଂଗ୍ରହ କରୁଥିବା ଜଣାପଡିଛି। ୨୦୨୩ ମାର୍ଚ୍ଚ ୨୩ ତାରିଖ ଦିନ ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକସେବକ (ଜିଡିଏସ୍) ପଦ ପାଇଁ ସାର୍ଟିଫିକେଟ ଭେରିଫିକେଶନ ଚାଲିଥିବା ବେଳେ ତତ୍କାଳୀନ ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ କିଛି ସାର୍ଟିଫିକେଟ ଜାଲ ସନ୍ଦେହ କରି ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ଏହାପରେ ବଲାଙ୍ଗୀରର ତତ୍କାଳୀନ ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଜାଲ୍ ସାର୍ଟିଫିକେଟର ଚେର ଦେଶର ବିଭିନ୍ନ ପ୍ରାନ୍ତକୁ ଲମ୍ବିଥିବା ଜଣାପଡିବା ପରେ ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ଏହାପରେ ଭୁବନେଶ୍ୱରର ଓଡ଼ିଶା ସର୍କଲର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲଙ୍କ ସୁପାରିଶ ପରେ ସିବିଆଇ ଗତ ୯ ମେ ୨୦୨୩ରେ ଏହି ମାମଲା ପଞ୍ଜୀକୃତ କରିଥିଲା।

# ବିବାହର ୧୭ ବର୍ଷ ପରେ ଯୌତୁକ ଦାବିରେ ସ୍ତ୍ରୀଙ୍କୁ ନିର୍ଯାତନା

ଲୋଇସିଂହା,୨୫।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଡୁଙ୍ଗରିପାଲି ଗ୍ରାମର କ୍ଷୀର ଜାଲ(୩୫) ନାମ୍ନୀ ଜଣେ ମହିଳାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ଗୁରୁବାର ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ ୧୦୫/୨୫) ରୁଜୁ ହୋଇଛି । ପ୍ରକାଶ ଯେ, ବରଗଡ ଜିଲା ବରଗଡ ସଦର ଥାନା ଅଧୀନ ଡୁମେରପାଲି ଗ୍ରାମର ଦେବରାଜ ଜାଲଙ୍କୁ ୧୭ ବର୍ଷ ତଳେ କ୍ଷୀର ପ୍ରେମ ବିବାହ କରିଥିଲେ । ଇତିମଧ୍ୟରେ ସେମାନଙ୍କ ୪ ଝିଅ ପୁଅ ଅଛନ୍ତି । କିନ୍ତୁ ଦେବରାଜ ଏବେ ଟଙ୍କା, ସୁନା ଓ ମୋଟର ସାଇକେଲ ଦାବି କରି ନିର୍ଯାତନା ଦେଉଛନ୍ତି । ଏପରିକି ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାକୁ ପଛାଉ ନାହାନ୍ତି । ସମ୍ପର୍କୀୟଙ୍କ ପ୍ରରୋଚନାରେ ପଡି ଜୀବନରେ ମାରି ଦେବାକୁ ଧମକ ଦିଆଯାଉଥିବା କ୍ଷୀର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଫଳରେ ନିଜ ପିଲାମାନଙ୍କ ଭବିଷ୍ୟତ ନେଇ ସେ ଚିନ୍ତିତ ହୋଇ ପଡିଛନ୍ତି ।

# ଅଧ୍ୟାପକ ରାଜୀବ କୁମାର ମେହେରଙ୍କ ପରଲୋକ

କଣ୍ଟାବାଞ୍ଜି,୨୫।୪(ଗୁରୁ ଦୟାଲ ହଂସ)



ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ରାଜୀବ କୁମାର ମେହେର (୫୨)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି । ସେ ବିଗତ ୨୫ ବର୍ଷ ହେଲା ଏହି ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ । ତାଙ୍କର ବିୟୋଗରେ ଶିକ୍ଷାବିତ୍ ମହଲରେ ଶୋକର ଛାୟା ଖେଳି ଯାଇଅଛି। ଶୁକ୍ରବାର ଦିନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଏହି ଶୋକସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗଦେଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ସ୍ୱର୍ଗତ ମେହେରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସୂଚନାଥାଉ କି, ସ୍ୱର୍ଗତ ମେହର ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ମେହେରଙ୍କ ବିୟୋଗରେ କଲେଜର ପ୍ରତିଷ୍ଠାତା ତଥା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଲୋଇସିଂହା,୨୫।୪(ସୁଶାନ୍ତ ବାରିକ)



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ବଳଦେବପୁର ବସ୍ତିର ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମିଶ୍ର (୮୪)ଙ୍କ ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୁ, ଝିଅ,ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ । ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ପୈତୃକ ଜମିରେ ଅନ୍ତିମ ସତ୍କାର କରାଯାଇଥିଲା। ଏକମାତ୍ର ପୁଅ କାହ୍ନୁ ମିଶ୍ର ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ମିଶ୍ର ଭାଲିଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାଇ ୨୦୦୨ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ପଞ୍ଚାୟତିରାଜ ଦିବସରେ ସ୍ୱାସ୍ଥ୍ୟ ଶିବିର

ଲୋଇସିଂହା,୨୫।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସହିତ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧ୍ୟକ୍ଷତା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନର ଭାରତ ପରିକଳ୍ପନାକୁ ସାକାର କରିବା ପାଇଁ ହେଲେ ଗ୍ରାମାଞ୍ଚଳରେ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ, ବାସଗୃହ,ଖାଦ୍ୟ, ରୋଜଗାର ଭଳି ମୌଳିକ ସୁବିଧା ଉପଲବ୍ଧ କରାଇବା ସହିତ ଲିଙ୍ଗଗତ ସମାନତା ଦିଗରେ କାମ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏଥିରେ ପିଇଓ ପ୍ରହଲ୍ଲାଦ ବେହେରା,ଏଡିଇଓ ଜିତେନ୍ଦ୍ରୀୟ ସାହୁ,ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ,ଯୋଗାଣ ସହାୟକ ରଶ୍ମି ପଧାନ, ଏମବିକେ, ଅଙ୍ଗନବାଡି କର୍ମୀ, ପଞ୍ଚାୟତ ପ୍ରତିନିଧିଙ୍କ ସହ ଜନସାଧାରଣ ଉପସ୍ଥିତ ରହିଥିଲେ । ଏହି ଅବସରରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ବହୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।


ଜଣେ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।


# ODISHA PUBLIC SERVICE COMMISSION, CUTTACK

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 **= 04 Candidates** |
| | 02.30 P.M. | P230169824, P230177804 & P230177924 **= 03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 **= 04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

# ପହଲଗାମ୍ ଆକ୍ରମଣର ଉଚିତ ଜବାବ ଦିଆଯାଉ



ନାରୀ ଜାଗରଣ କେନ୍ଦ୍ରର ସଦସ୍ୟାମାନେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ସୋନପୁର,୨୫।୪(ମୃତ୍ୟୁଞ୍ଜୟ ଶତପଥୀ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ହିନ୍ଦୁ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ସାରା ବିଶ୍ୱରେ ନିନ୍ଦା କରଯାଇଛି। ବର୍ବରୋଚିତ ଆତଙ୍କୀ ଆକ୍ରମଣ ଓ ହତ୍ୟାକୁ ବିରୋଧ କରି ସୁବର୍ଣ୍ଣ ନାରୀ ଜାଗରଣ କେନ୍ଦ୍ରରେ ଶୁକ୍ରବାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସୁବର୍ଣ୍ଣର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆକ୍ରମଣକୁ ଦୃଢ ନିନ୍ଦା କରା ଯାଇଥିଲା । ଏହି ଆକ୍ରମଣ ପରେ ପାକିସ୍ତାନ ସହ କୁଟନୈତିକ ସମ୍ପର୍କ ଛିନ୍ନ କରିଛି ଭାରତ । ତେବେ ଆକ୍ରମଣର ଉଚିତ୍ ଜବାବ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି ହୋଇଛି । ଭାରତ ଉପରେ ହେଉଥିବା ସୀମାପାର ଆତଙ୍କବାଦର ମୂଳପୋଛ କରିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା । ପରେ ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ । ସଙ୍ଗଠନର ଉର୍ମିଳା ସାହୁ, ଇନ୍ଦୁମତୀ ପୁରୋହିତ, କଳ୍ପନା ମେହେର, ପୁଷ୍ପା ମେହେର, ଶ୍ରଦ୍ଧାଞ୍ଜଳି ମହାପାତ୍ର, ସୁରଭି ବିଶି, ମଞ୍ଜୁଳା ଝାଙ୍କର, ଶ୍ରଦ୍ଧାଞ୍ଜଳି ମିଶ୍ର, ଘନକେଶୀ ମେହେର, କଲ୍ୟାଣୀ ମିଶ୍ର, ସଞ୍ଜୁକ୍ତା ହୋତା, ପଙ୍କଜିନୀ ସାହୁ, ଶ୍ୱେତପଦ୍ମା ମେହେର ଓ ସଙ୍ଗୀତା ଦିଶରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ହତ୍ୟାର ଘୋର ନିନ୍ଦା କରିଥିଲେ । ସେହିପରି କେନ୍ଦ୍ର ସରକାର ଗ୍ରହଣ କରୁଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ ।

# ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ


କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ ।

**କଳସ ଶୋଭାଯାତ୍ରାରେ ଶତାଧିକ ମହିଳା, ପୁରୁଷ ସାମିଲ**

ହରଭଙ୍ଗା,୨୫।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲାର ପୁରୁଣାକଟକଠାରେ ମା ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ଦୀର୍ଘ ୭ ଦିନ ଧରି ଅନୁଷ୍ଠିତ ହେବ। ମା'ଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ ସକାଳେ ଲକ୍ଷ୍ମୀନାଳଠାରୁ ଏକ କଳସ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ୧୬ ଖଣ୍ଡ ମୌଜାର ଶହ ଶହ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ହରିବୋଲ, ହୁଳହୁଳି, ଘଣ୍ଟବାଦ୍ୟ, ଢୋଲ ବାଦ୍ୟ, କୃଷ୍ଣ ଗୁରୁନାମ, ସଂକୀର୍ତ୍ତନ ମଣ୍ଡଳି ଏହି ଶୋଭାଯାତ୍ରାରେ ସାମିଲ ଥିଲେ। ଲକ୍ଷ୍ମୀନାଳଠାରୁ କଳସ ଶୋଭାଯାତ୍ରା ବାହରି ପୁରୁଣାକଟକ ବଜାର ପରିକ୍ରମା କରି ମା'ଙ୍କ ମନ୍ଦିରଠାରେ ପହଞ୍ଚିଥିଲା। କଳସ ଶୋଭାଯାତ୍ରା ପହଞ୍ଚିବା ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ସହ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତ୍ୟହ ଦିନ ଯଜ୍ଞ, ଛଣ୍ଡିପାଠ ଓ ନାମ, ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସହ ପୁରୁଣାକଟକର ବିଭିନ୍ନ ଅନୁଷ୍ଠାନ ସହଯୋଗ କରିଛନ୍ତି।

# ଆତଙ୍କବାଦୀ ଆକ୍ରମଣ ଘଟଣା: ମୃତ ପର୍ଯ୍ୟଟକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା


ମୃତ ପର୍ଯ୍ୟଟକଙ୍କ ପାଇଁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ।

ବୀରମହାରାଜପୁର,୨୫।୪(ଯୁଗଳ କିଶୋର ମିଶ୍ର)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ ଶୁକ୍ରବାର ସକାଳ ୯ଟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସଦସ୍ୟ ଗୋପୀନାଥ ମହାକୁର, ଭୂଷଣ କୁମାର ପାତ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ହୋଇ ଆତଙ୍କବାଦୀ ଆକ୍ରମଣର ଘୋର ନିନ୍ଦା କରିଥିଲେ । ପରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବୀରମହାରାଜପୁର ଉପ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ବାସୁଦେବ ପଣ୍ଡା, ସୌମିତ୍ରୀ ମେହେର, ନିତ୍ୟାନନ୍ଦ ତ୍ରିପାଠୀ, ଅକ୍ଷୟ ମିଶ୍ର, ଅକୃର ଦନ୍ତା, ଦିଲିପ କୁମାର ମିଶ୍ର, ତ୍ରିନାଥ ମିଶ୍ର, ଭୀମସେନ ବାରିକ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଡ.ଦ୍ୱିତୀକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

ସୋନପୁର,୨୫।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ଗୃହଠାରେ ଜିଲାସ୍ତରୀୟ ବିଶ ମ୍ୟାଲେରିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ମଶାରୀ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆ ଯାଇଥିଲା। ଯଦି ରକ୍ତ ପରୀକ୍ଷା ପରେ ମ୍ୟାଲେରିଆ ରୋଗ ଜଣା ପଡେ ତେବେ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ପୂର୍ଣ୍ଣମାତ୍ରାରେ ଔଷଧ ସେବନ କଲେ ମ୍ୟାଲେରିଆ ରୋଗରୁ ମୁକ୍ତି ମିଳିବ ବୋଲି ଡାକ୍ତର ପାଢ଼ୀ କହିଥିଲେ। ସଚେତନ ହେଲେ ମ୍ୟାଲେରିଆ ନିରାକରଣ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ସୁବର୍ଣ୍ଣପୁର ପୌରପାରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପରିଚାଳକ ବିଶ୍ୱମ୍ଭର ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ବାର୍ତ୍ତା ଓ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସରକାରୀ ନର୍ସିଂ ସ୍କୁଲ ଅଧ୍ୟକ୍ଷା, ଛାତ୍ରୀ, ନର୍ସିଂ ଅଫିସର ଓ ସାସ୍ଥ୍ୟ ବିଭାଗର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିଲେ। ଜିଲା ମ୍ୟାଲେରିଆ ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର, ଦେବାଶିଷ ବାରିକ ଓ ବାସୁଦେବ ଜଗଦଲା ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ବୌଦ୍ଧ,୨୫।୪(ଅଜିତ କୁମାର ବାରିକ)



ଜିଲା ସାମ୍ବାଦିକ ସଂଘ ଉତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା ।

ବୌଦ୍ଧ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନହଲଠାରେ ଗୁରୁବାର ଅନୁଷ୍ଠିତ ହୋଇଛି । ସଂଘର ସଭାପତି ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର , ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଅବସରପ୍ରାପ୍ତ ପ୍ରଶାସକ ବିକାଶ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଜିଲାର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଂଘର ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ବିବରଣୀ ପାଠ କରି ଜିଲାରେ ସାମ୍ବାଦିକମାନଙ୍କ ଆବଶ୍ୟକତା ତୁରନ୍ତ ପୂରଣ କରାଯିବାକୁ ଦାବି କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା । ସମାଜସେବା କ୍ଷେତ୍ରରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀରୋଗ ବିଶେଷଜ୍ଞ ଡ. ସୁଦର୍ଶନ ମେହେର, ଶିକ୍ଷା ସେବା ପାଇଁ ବିକାଶ ନାରାୟଣ ମିଶ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବରେ ୱାଇସିଡିଏର ପରିଚଳନା ନିର୍ଦ୍ଦେଶକ ରାଜେନ୍ଦ୍ର ମେହେର, ଉତ୍ତମ ଜନସଂପର୍କ ପାଇଁ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂହ, ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ ସାମ୍ବାଦିକ ତଥା ହିତବାର୍ତ୍ତାର ସମ୍ପାଦକ ସୌରେନ୍ଦ୍ର କିଶୋର ଷଡ଼ଙ୍ଗୀ, ସାମାଜିକ ଗଣମାଧ୍ୟମ ପାଇଁ ସତ୍ୟଜିତ କୁମାର ପଣ୍ଡା ଓ ଜିଲା ସମ୍ବାଦିକ ସଂଘର ଦୁଇଜଣ ସଦସ୍ୟ ଧବଳେଶ୍ୱର ମହାପାତ୍ର ଓ କୁନୁ ରାଜହଂସ, କ୍ରୀଡ଼ା କ୍ଷେତ୍ରରେ ଜାତୀୟ କ୍ରୀଡ଼ାବିତ ପ୍ରତୀକ ଦାସ ଓ ଖବର କାଗଜ ବିତରକ ଅନୁପ ମହାନ୍ତିଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରଗଡ଼ ଜିଲାର ବ୍ୟଙ୍ଗକବିମାନେ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

# ଜୟପୁର ରାସ୍ତାରେ ଯାତାୟାତ ସ୍ୱାଭାବିକ ହେଲା

ସୋନପୁର,୨୫।୪(ମୃତ୍ୟୁଞ୍ଜୟ ଶତପଥୀ)


ଅଗ୍ନିଶମ ବିଭାଗର କର୍ମଚାରୀ ଗଛ କାଟି ରାସ୍ତା ସଫା କରୁଛନ୍ତି ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋଦର ପଞ୍ଚାୟତର ଜୟପୁର ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଛି। ଗୁରୁବାର ରାତିରେ ଏକ ବଡ଼ ବର ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଜୟପୁର ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବୀରମହାରାଜପୁର ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଗଛକୁ କାଟି ସଫା କଲା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ରାତିରେ ଏକ ବରଗଛ ରାସ୍ତା ଉପରେ ପଡ଼ିବା ଫଳରେ ବିଦ୍ୟୁତ୍ ତାର ଛିଣ୍ଡି ଯାତାୟାତ ଠପ୍ ହୋଇଯାଇଥିଲା। ବୀରମହାରାଜପୁର ଅଗ୍ନିଶମ ବିଭାଗ ଏବଂ ବିଦ୍ୟୁତ୍ ବିଭାଗକୁ ଗ୍ରାମବାସୀ ଖବର ଦେଇଥିଲେ। ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଗଛକୁ କାଟି ସଫା କରିଥିଲେ।

# ଉଲୁଣ୍ଡାରେ ପୋଷଣ ପକ୍ଷ ପାଳିତ



ପୋଷଣ ପକ୍ଷ ପାଳନ ଅବସରରେ ଆୟୋଜିତ ସଚେତନତା ରାଲି ।

ସୋନପୁର,୨୫।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ମିଶନ ଶକ୍ତି ସଭାଗୃହରେ ପୋଷଣ ପକ୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ସିଡିପିଓ ମନୋରମା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ୍ୱର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଆୟୋଜିତ ସଚେତନତା ସଭାରେ ଶିଶୁ ଜନ୍ମ ଠାରୁ ଶହେ ଦିନର ଗୁରୁତ୍ୱ, ପୁଷ୍ଟିହୀନତା ପରିଚାଳନାରେ ସିଏମଏଏମ ମଡେଲର ବ୍ୟବହାର, ଶିଶୁଙ୍କଠାରେ ମେଦବହୁଳ କମାଇବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପୋଷଣ ଯୁକ୍ତ ଖାଦ୍ୟର ପ୍ରଦର୍ଶନୀ କରାଯାଇଥିଲା। ପରେ ଶପଥ ପାଠ ସହ ଏକ ସଚେତନତା ରାଲି ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଏନଆରସି କାଉନସେଲର ସୋନାଲି ଜଗଦ୍ଦେବ, ଏନଆରସି ଏଚଡ଼ବ୍ଲୁସିଏଫ ସୁବର୍ଣ୍ଣ ରାଉତଙ୍କ ସମେତ ସୁପରଭାଇଜର, କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ ଓ ଏସଏଚଜି ମହିଳାମାନେ ଯୋଗ ଦେଇଥିଲେ । ଶେଷରେ ସିଡିପିଓ ମିଶ୍ର ଧନ୍ୟବାଦ ଦେଇଥିଲେ।

# କକା ପୁତୁରାଙ୍କୁ ଭୁଜାଲିରେ ଆକ୍ରମଣ

ଡୁଙ୍ଗୁରିପାଲି,୨୫।୪(ଦୀନବନ୍ଧୁ ସୁନା)

- ଗୁରୁତର ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି
- ଦୁଇ ଜଣ ଥାନାରେ ଅଟକ
- ଡୁଙ୍ଗୁରିପାଲିରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରରେ ଶୁକ୍ରବାର କେତେଜଣ ଯୁବକଙ୍କ ଭୁଜାଲି ଆକ୍ରମଣରେ ଗୋଟିଏ ପରିବାରର କକା ଓ ପୁତୁରା ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପୋଲିସ ଏହି ଘଟଣାରେ ଡୁଙ୍ଗୁରିପାଲି ଥାନାରେ ଦୁଇ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି ।

ପ୍ରାପ୍ତ ସୂଚନା ଅନୁଯାୟୀ, ଡୁଙ୍ଗୁରିପାଲି ସହଲାରୋଡ଼ ରେଳଲାଇନ ଶ୍ରୀରାମପଡ଼ାର ଗୋପାଳଜୀ ମେହେର ଓ ତାଙ୍କ ପୁତୁରା ପ୍ରମୋଦ ମେହେର ଏକ ବାଇକ୍‌ରେ ପୂର୍ବାହ୍ନ ସାଢେ ୧୦ଟାରେ କଲେଜ ଛକ କେନାଲକୁ ଗାଧୋଇବାକୁ ଯାଉଥିଲେ। କକା ପୁତୁରା ଯିବା ବେଳେ ସେମାନେ ଗାଡି ନୂଆ ଦେଖାଯାଉଛି କହି କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ବ୍ଲକ ଛକ ନିକଟରେ ଛିଡା ହୋଇଥିବା ଡୁଙ୍ଗୁରିପାଲି ଅମରିପଡାର ଗୋଟିଏ ପରିବାରର ତିନି ଜଣଙ୍କ ସହ ଅନ୍ୟମାନେ ସେମାନଙ୍କୁ କମେଣ୍ଟ ମାରି କହୁଥିବା ମନେ କରି ପାଟିତୁଣ୍ଡ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହାର କିଛି ସମୟ ପରେ ଯୁବକମାନେ ସେଠାରୁ ପଳାଇ ଆସିଥିଲେ । ତେବେ କକା ପୁତୁରା ପରବର୍ତ୍ତୀ ସମୟରେ ଯୁବକମାନଙ୍କ ଦେକାନ ପାଖକୁ ଯାଇ ପାଟି କାହିଁକି କଲ ବୋଲି ପଚାରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସମ୍ପୃକ୍ତ ଯୁବକମାନେ ବାଇକ୍‌ରେ ବ୍ୟବହାର ହେଉଥିବା ସକ୍‌ଅବ୍‌ଜଭର ରଡ୍ ଓ ଭୁଜାଲି ବାହାର କରି ଉଭୟଙ୍କୁ ଆକ୍ରମଣ କରିଥିଲେ।

କକା ଗୋପାଳଜୀଙ୍କ ଦୁଇ ଜଙ୍ଘରେ ଭୁଜାଲିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡିଛନ୍ତି। ସେହିପରି ପୁତୁରା ପ୍ରମୋଦଙ୍କ ଡାହାଣ ହାତ ଓ ବାମହାତ କହୁଣୀରେ ଆଘାତ ଲାଗିଛି। ଖବର ପାଇ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏ ନେଇ ଆହତ ପ୍ରମୋଦ ଥାନାରେ ଅଭିଯୋଗ କରିଥିଲେ। ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଓ ତାଙ୍କ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତନାଘନା କରି ଅମରିପଡ଼ାର ୨ ଜଣଙ୍କୁ ଥାନାରେ ଅଟକ ରଖିଛି । ଏ ନେଇ ପୋଲିସ ଏକ ମାମଲା (ନଂ୮୫/୨୫) ରୁଜୁ କରି ଆକ୍ରମଣର କାରଣ କ'ଣ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପଧାନ କହିଛନ୍ତି । ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଡୁଙ୍ଗୁରିପାଲିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକାଣ୍ଡ ଘଟିଥିଲା । ଗୁଳିକାଣ୍ଡର ୮ ଦିନ ପରେ ସ୍ପଷ୍ଟ ଦିବାଲୋକରେ କକା ପୁତୁରାଙ୍କୁ ଭୁଜାଲି ଆକ୍ରମଣ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଲୋକେ ସହରର ରାସ୍ତାରେ ଯିବା ଆସିବା କରିବା ବେଳେ ନିଜକୁ ନିରାପଦ ମନେ କରୁନାହାନ୍ତି । ଡୁଙ୍ଗୁରିପାଲି ସହରରେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |


The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାରକପତ୍ର ପ୍ରଦାନ

## କଶ୍ମୀରରେ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣା

**ବଡ଼ଗାଁ, ୨୫।୪ (ଅଶୋକ ଷଡ଼ଙ୍ଗୀ)**

କଶ୍ମୀରର ପହଲଗାମ୍‌ରେ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାକୁ ନେଇ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବିଭିନ୍ନ ସଙ୍ଗଠନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏହି ଘଟଣାରେ ଆତଙ୍କବାଦୀଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଦାବିକରି ଶୁକ୍ରବାର ପୂର୍ବାହ୍ନରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବଡ଼ଗାଁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ, ଏକଲ ଗ୍ରାମ ଉତ୍ଥାନ ସଂସାଧନ କେନ୍ଦ୍ର ଆଦି ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ହିନ୍ଦୁ ସମାଜର ଭଉଣୀ ଭାଇମାନେ ବଡ଼ଗାଁ ଡାକବଙ୍ଗଳାଠାରେ ଏକ ବୈଠକରେ ଏକାଠି ହୋଇଥିଲେ। ସେଠାରେ ମୃତ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବଡ଼ଗାଁ ଅଞ୍ଚଳକୁ ବାଂଲାଦେଶୀ, ରୋହିଙ୍ଗ୍ୟାମାନେ କାମ କରିବାକୁ ଆସି ଏଠାରେ ଅପରାଧ ଘଟାଇବା ଦୃଷ୍ଟାନ୍ତ ଥିବାରୁ ତୁରନ୍ତ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିଲା। ବୈଠକରେ ସନାତନ ନାଏକ, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ରାଜେଶ ଦାସ, ଆଲୋକ ସାହୁ, ବିରେନ୍ଦ୍ର ମାଝୀ, କିଶୋର କୁମାର କେଶରୀ, ଭରତ ଚନ୍ଦ୍ର ରାଉତ, ମନୋଜ କୁମାର ଟପ୍ପୋ, ସୁନୀଲ ନାଏକ, ରେଣୁକା ବାରିକ, ସେବତୀ ଡୁଙ୍ଗଡୁଙ୍ଗ, ଅମିତା ଡୁଙ୍ଗଡୁଙ୍ଗ, ଗୌରୀ ମାଝି, ମାନସୀ ମୁଖୀ ପ୍ରମୁଖ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୨ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ସୁନ୍ଦରଗଡ, ୨୫।୪ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟ ଗୋଛାୟତ ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରି ୨ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୩ ଜାନୁଆରୀ ୨୧ରେ ସୁନ୍ଦରଗଡ଼ ସହର ରାଜବାଟୀର ଅମିତାଭ ସିଂ ତାଙ୍କର କେତେଜଣ ସାଙ୍ଗଙ୍କ ସହ ସଦର ଥାନା ଅନ୍ତର୍ଗତ ଲେମଲେମା ଗ୍ରାମକୁ ଯାଇଥିଲେ। ସେଠାରେ କିଛି ଲୋକ ତାଙ୍କୁ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ସେ ଧମକ ଦେଇଥିବା ଗ୍ରାମର ବାବୁଲାଲ ପ୍ରଧାନଙ୍କ ଘରକୁ ଯାଇ ପଚାରିଥିଲେ। ଏହି ସମୟରେ ତାଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ବାବୁଲାଲ ଓ ତାଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହି ସମୟରେ ବାବୁଲାଲ ଅମିତାଭଙ୍କୁ ଏକ ଲୁହାରଡ୍‌ରେ ପିଟିଥିଲେ। ପରେ ବାବୁଲାଲ ତାଙ୍କ ୨୫/୩୦ଜଣ ସାଙ୍ଗଙ୍କ ସହ ଅମିତାଭଙ୍କୁ ଜଙ୍ଗଲ ଭିତରକୁ ନେଇ ସଙ୍ଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଅମିତାଭଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ପରେ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅମିତାଭଙ୍କ ଭାଇ ବିକାଶ କୁମାର ସିଂ ସଦର ଥାନାରେ ରିପୋର୍ଟ କରିଥିଲେ। ପୋଲିସ ସଦର ଥାନାରେ ଏକ ମାମଲା ମାମଲା ରୁଜୁ କରିଥିଲେ। ହେଲେ ପରେ ଆଇଜିଏଚ୍‌ରେ ଅମିତାଭଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ବାବୁଲାଲଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଓକିଲଙ୍କ ଯୁକ୍ତି ଆଧାରରେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ବାବୁଲାଲ ପ୍ରଧାନ (୪୩) ଓ ପୁରୁଷୋତ୍ତମ ପ୍ରଧାନ(୫୫) ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ଆଦେଶ କରିଛନ୍ତି। ଅନ୍ୟ ୩ଜଣ ଅଭିଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ପଟେଲ ମାମଲା ପରିଚାଳନା କରିଥିଲେ।

# ପାକିସ୍ତାନ ପତାକା ଜାଳିଦେଲେ



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଲହୁଣୀପଡ଼ା, ୨୫।୪ (ଦାଶରଥି ପଣ୍ଡା)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ହିନ୍ଦୁ ସମାଜ ଓ ବୋଲବମ ସେବା ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ବିକ୍ଷୋଭରେ ପାକିସ୍ତାନର ପତାକାକୁ ପାଦରେ ଦଳି ପୋଡ଼ା ଯାଇଥିଲା। ଜାମ୍ମୁ କାଶ୍ମୀରର ପହଲଗାମ୍‌ଠାରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ ଓ ଧର୍ମ ପଚାରି ହତ୍ୟା କରିବା ପ୍ରତିବାଦରେ ସମଗ୍ର ହିନ୍ଦୁ ସମାଜ ରାଜାମୁଣ୍ଡା ତରଫରୁ ରାଜାମୁଣ୍ଡା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଭାରତମାତା କି ଜୟ, ଜୟ ଶ୍ରୀ ରାମ, ପାକିସ୍ତାନ ମୁର୍ଦାବାଦ, ପାକିସ୍ତାନ ଓ ଆତଙ୍କବାଦ ବିରୋଧରେ ବିଭିନ୍ନ ଶ୍ଳୋଗାନ ଦେଇଥିଲେ। ଧର୍ମ ପଚାରି ହତ୍ୟା କରିବା ବିରୋଧରେ ଭରତ ମାହାନ୍ତ, ସୁଦାମ ତ୍ରିପାଠୀ, ଭୃକୁଟୀ ମାହାନ୍ତ ପ୍ରମୁଖ ଆତଙ୍କବାଦ ବିରୋଧ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବର୍ବରତା କାଣ୍ଡ ବିରୋଧରେ ଭାରତ ସରକାର ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ଦାବି କରାଯାଇଛି। ପହଲଗାମ୍‌ରେ ମୃତବରଣ କରିଥିବା ପର୍ଯ୍ୟଟକମାନଙ୍କ ଆତ୍ମାର ସଦ୍‌ଗତୀ ପାଇଁ ଶୋକ ପ୍ରକାଶ କରିବା ସହିତ ମହମବତୀ ଜଳାଇଥିଲେ। ଚନ୍ଦ୍ର ଶେଖର ମାହାନ୍ତ, ଭାସ୍କର କିସାନ, ଅରୁଣ କୁମାର ମାହାନ୍ତ, ଦୀପକ ତ୍ରିପାଠୀ, ସୁରେଶ କୁମ୍ଭାର, ରଶ୍ମିରଞ୍ଜନ ସାମନ୍ତ, ଅଜୟ କୁମ୍ଭାରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ମ୍ୟାଲେରିଆ ଦିବସରେ ଦୀର୍ଘସ୍ଥାୟୀ କୀଟନାଶକ ବୋଳା ମଶାରି ବଣ୍ଟନ

**ବଣାଇଁ (ପ୍ରଦୀପ ତ୍ରିପାଠୀ)**



ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉଦ୍‌ଘାଟନ କରୁଛନ୍ତି।

ବଣାଇଁ ଉପଖଣ୍ଡ ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ କୁରଡ଼ା ଗ୍ରାମରେ ଶୁକ୍ରବାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହିତାଧିକାରୀଙ୍କୁ ମାଗଣାରେ କୀଟନାଶକ ମଶାରୀ ବଣ୍ଟନ କରାଯାଇଛି। ଏହି ବଣ୍ଟନ ପ୍ରକ୍ରିୟା ଲହୁଣିପଡ଼ା ସଂପୂର୍ଣ୍ଣ ବ୍ଲକରେ ୨୭ଟି ଉପକେନ୍ଦ୍ର ଅଧୀନରେ ୨୧୫ଟି ବଣ୍ଟନ କେନ୍ଦ୍ରରେ ପ୍ରାୟ ୭୦ହଜାର ମଶାରୀ ବଣ୍ଟନ କରିବା ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସାଂସଦ ପ୍ରତିନିଧି ପୂର୍ଣ୍ଣ ଓରାମ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ସୁଶିଳା ନାଏକ, ଭାଜପା ସାଧାରଣ ସମ୍ପାଦକ ଅଭିରାମ ମାହାକୁଲ, ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପରାମର୍ଶ ଅଧିକାରୀ ଡ. ମୋନୋଜ କୁମାର ମହାପାତ୍ର, ଲହୁଣିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକ୍ଷକ ଡଃ ସଞ୍ଜୟ କୁମାର, ଅତିରିକ୍ତ ସୁନ୍ଦରଗଡ଼ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭକ୍ତ ମୋହନ ସ୍ୱାଇଁ, ଭି ଡି ଟି ଏସ୍ ମାନସ ରଞ୍ଜନ ନାଏକ, ସ୍ୱାସ୍ଥ୍ୟ କର୍ମି ମୋହନ ଚନ୍ଦ୍ର ମାହାନ୍ତ, ନିହାରିକା ବାରିକ, ଆଶା ଦିଦି ସାବିତ୍ରୀ ମାହାନ୍ତ, ଓଷାରାଣୀ ମାହାନ୍ତ, ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

**ସୋନପୁର, ୨୫।୪ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ଗୃହଠାରେ ଜିଲାସ୍ତରୀୟ ବିଶ ମ୍ୟାଲେରିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ମଶାରୀ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆ ଯାଇଥିଲା। ଯଦି ରକ୍ତ ପରୀକ୍ଷା ପରେ ମ୍ୟାଲେରିଆ ରୋଗ ଜଣା ପଡେ ତେବେ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ପୂର୍ଣ୍ଣମାତ୍ରାରେ ଔଷଧ ସେବନ କଲେ ମ୍ୟାଲେରିଆ ରୋଗରୁ ମୁକ୍ତି ମିଳିବ ବୋଲି ଡାକ୍ତର ପାଢ଼ୀ କହିଥିଲେ। ସଚେତନ ହେଲେ ମ୍ୟାଲେରିଆ ନିରାକରଣ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ସୁବର୍ଣ୍ଣପୁର ପୌରପାରିଷଦ ନିର୍ବାହୀ ଅଧିକାରୀ ରଷି ମାଝୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପରିଚାଳକ ବିଶ୍ୱମ୍ଭର ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ବାର୍ତ୍ତା ଓ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସରକାରୀ ନର୍ସିଂ ସ୍କୁଲ ଅଧକ୍ଷା, ଛାତ୍ରୀ, ନର୍ସିଂ ଅଫିସର ଓ ସାସ୍ଥ୍ୟ ବିଭାଗର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିଲେ। ଜିଲା ମ୍ୟାଲେରିଆ ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର, ଦେବାଶିଷ ବାରିକ ଓ ବାସୁଦେବ ଜଗଦଲା ସହଯୋଗ କରିଥିଲେ।

# ପହଲଗାମ୍ ଆକ୍ରମଣକୁ ବିଶ୍ୱହିନ୍ଦୁ ପରିଷଦର ବିରୋଧ

**ଲହୁଣୀପଡ଼ା, ୨୫।୪ (ଦାଶରଥି ପଣ୍ଡା)**

ଜମ୍ମୁ କଶ୍ମୀର ପହଲଗାମ୍‌ରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ ଓ ହତ୍ୟା କରିବା ଘଟଣା ସାରା ଦେଶବାସୀଙ୍କୁ ସ୍ତବ୍ଧ କରି ପକାଇଛି। ଉକ୍ତ ଆକ୍ରମଣ ପଛରେ ରହିଥିବା ସଂଗଠନ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ତେଜି ଉଠିଛି। ଶୁକ୍ରବାର ସନ୍ଧ୍ୟାରେ ଲହୁଣୀପଡ଼ା ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଏକ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ ଓ ହତ୍ୟା ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ବଣେଇ ଜିଲା ତରଫରୁ ଲହୁଣୀପଡ଼ାଠାରେ ବିକ୍ଷୋଭ କରାଯାଇଛି। ବ୍ଲକଛକଠାରୁ ବସଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ଏହି ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭାରତମାତା କି ଜୟ, ପାକିସ୍ତାନ ମୁର୍ଦାବାଦ ଆଦି ନାରା ଦିଆଯାଇଥିଲା। ଶୋଭାଯାତ୍ରା ଆରମ୍ଭରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ହୃଦୟ କୁମାର ମାହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପହଲଗାମ୍‌ଠାରେ ଯେପରି ହିନ୍ଦୁମାନଙ୍କୁ ହତ୍ୟା କରାଯାଇଛି ତାହା ଗ୍ରହଣ ଯୋଗ୍ୟ ନୁହେଁ । ଭାରତ ସରକାର ଏଥିପ୍ରତି ଶୀଘ୍ର କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କହିଥିଲେ। ମୃତ ପର୍ଯ୍ୟଟକମାନଙ୍କ ଆତ୍ମାର ଶାନ୍ତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରାର ଶେଷରେ ପାକିସ୍ତାନ ସେନା ମୁଖ୍ୟ ଅସିମ ମୁର୍ନି ଓ ଆକ୍ରମଣର ମାଷ୍ଟର ମାଇଣ୍ଡ ସୈଫଉଲ୍ଲାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି।

# ଆମକୋ – ସିମକୋ ଶହୀଦ ଦିବସ






କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଆମକୋ – ସିମକୋ ଶହୀଦ ପୀଠ ବୁଲି ଖୁସି ମନାଉଛନ୍ତି ସ୍ଥାନୀୟ ଲୋକେ।

**କୁଆଁରମୁଣ୍ଡା, ୨୫।୪ (ମହେନ୍ଦ୍ର କୁମାର ସାହୁ)**

ଭାରତର ୨ୟ ଜାଲିଆନାୱାଲାବାଗ କୁହାଯାଉଥିବା ଓଡ଼ିଶାର ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗା ପଞ୍ଚାୟତର ଆମକୋ – ସିମକୋ ଶହୀଦ ଦିବସ ଶୁକ୍ରବାର ପାଳିତ ହୋଇଛି। ନିକଟରେ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ସମ୍ମାନ ଜଣାଇ ନିରାଡମ୍ବର ଭାବେ ପାଳନ କରାଯାଇଛି। ଫଳରେ ନାଚ, ଗୀତ ତଥା ଅନ୍ୟାନ୍ୟ ପ୍ରତିଯୋଗିତା ମଧ କରାଯାଇ ନାହିଁ। କେବଳ ଜିଲା ପ୍ରଶାସନ ପକ୍ଷରୁ ଶହୀଦ ପୀଠରେ ପାନପୋଷ ଉପଜିଲାପାଳ ବିଜୟ ନାୟକ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ନେଭିଲ କେରକେଟା, ବୀରମିତ୍ରପୁର ପୌରପାଳିକା ଅଧକ୍ଷ ସନ୍ଦୀପ ମିଶ୍ର, କୁଆଁରମୁଣ୍ଡା ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ଓ ଅନ୍ୟମାନେ ଶହୀଦ ସ୍ମାରକୀ ସ୍ତମ୍ଭରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସେହିପରି ଅପରାହ୍ନରେ ବୀରମିତ୍ରପୁରର ପୂର୍ବତନ ବିଧାୟକ ଶଙ୍କର ଓରାମ, ଲାଲୁ ସିଂଦେଓ, ଶ୍ୟାମସୁନ୍ଦର ସାହୁ, କୁଆଁରମୁଣ୍ଡା ବ୍ଲକର ପୂର୍ବତନ ଅଧକ୍ଷା ସୁଷମା ନାଏକ ଓ ଅନ୍ୟମାନେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କାରିଥିଲେ। ଆୟୋଜିତ ସଭାରେ ଶହୀଦ ପୀଠରେ ଘଟିଥିବା ସେହି ବାର୍ବୋରଚିତ ଘଟଣାର ଇତିହାସ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ସରକାର କେବଳ ଏହି ସ୍ଥାନକୁ ଶହୀଦ ପୀଠର ମାନ୍ୟତା ଦେଇଛନ୍ତି, ହେଲେ ଗୁଳିରେ ମୃତ୍ୟୁ ଘଟିଥିବା ଆନ୍ଦୋଳନକାରୀ ଖୁଟକାଟି କୃଷକମାନଙ୍କୁ ଶହୀଦର ମାନ୍ୟତା ମିଳି ନ ଥିବା ଘଟଣାକୁ ନେଇ ନିର୍ମଳ ମୁଣ୍ଡା ଖୁଟ କାଟି ଟ୍ରଷ୍ଟର ସମ୍ପାଦକ ଜେରମ କେରକେଟା ଦୃଢ଼ ଅଭିଯୋଗ କରିଛନ୍ତି।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

**ପଥଚାରୀଙ୍କୁ ଥଣ୍ଡା ପାନୀୟ ବଣ୍ଟନ**

ଝାରସୁଗୁଡା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡା ସହରରେ ଅତ୍ୟଧିକ ତାପମାତ୍ରା ଓ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ସାମାଜିକ ସଂସ୍ଥା ଟିମ୍ ସେଭ୍ ପକ୍ଷରୁ ସହରରେ ଅଟୋ ଚାଳକ, ପଥଚାରୀ, ପରିବା ବ୍ୟବସାୟୀ ଓ ଶ୍ରମିକମାନଙ୍କୁ ଶୁକ୍ରବାର ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ଖରା ଓ ଗରମ ଥିବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ ବୋଲି ଟିମ୍ ସେଭ୍ ପକ୍ଷରୁ କୁହାଯାଇଛି।

# ଝାରସୁଗୁଡ଼ାରେ ବଢୁଛନ୍ତି ଅନୁପ୍ରବେଶକାରୀ

ଝାରସୁଗୁଡା,୨୫।୪(ଆଶିଷ ରଞ୍ଜନ ଦାଶ)

■ନକଲି ଆଧାର, ସାର୍ଟିଫିକେଟ୍ ବଳରେ କମ୍ପାନୀରେ ମିଳୁଛି କାମ
■ସାଧୁବେଶରେ ଆସି ଲୁଟ୍ କରୁଛନ୍ତି
■ସତର୍କ ନ ହେଲେ ପଶ୍ଚିମବଙ୍ଗ ପରିସ୍ଥିତି ଉପୁଜିବ

ଝାରସୁଗୁଡା ଜିଲାରେ ବର୍ତ୍ତମାନ ଦେଶର ପ୍ରାୟ ଅଧିକାଂଶ ରାଜ୍ୟର ଲୋକେ ବସବାସ କରୁଛନ୍ତି। ପ୍ରତିଦିନ ପେଟ ପୋଷିବା ପାଇଁ ବାହାର ରାଜ୍ୟରୁ ବହୁ ଲୋକ ଝାରସୁଗୁଡା ଆସୁଛନ୍ତି। ଏହାସହିତ ଅନୁପ୍ରବେଶକାରୀ ଓ ବାହାର ରାଜ୍ୟରେ ଅପରାଧ ଘଟାଇ ବହୁ ଅପରାଧୀ ନିଜର ସୁରକ୍ଷା ପାଇଁ ଝାରସୁଗୁଡାକୁ ସୁରକ୍ଷିତ ମଣୁଛନ୍ତି। ବର୍ତ୍ତମାନ ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନରେ ଘର ତିଆରି, ନୂତନ କମ୍ପାନୀ ନିର୍ମାଣ, ଏନ୍‌ଏଲ୍‌ସି ପରି ରାଷ୍ଟ୍ରାୟତ୍ତ କମ୍ପାନୀ, ରୁଙ୍ଗଟା ଷ୍ଟିଲ ଭଳି ବଡ଼ କମ୍ପାନୀର ନିର୍ମାଣ ଚାଲିଛି। ହେଲେ ବିଭିନ୍ନ କାରଣ ପାଇଁ ଝାରସୁଗୁଡା ଜିଲା ତଥା ଓଡ଼ିଶାର ଶ୍ରମିକ ଓ ରାଜମିସ୍ତ୍ରିଙ୍କୁ ଏହି କାର୍ଯ୍ୟରେ ନିୟୋଜିତ ନ କରାଯାଇ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଭଳି ବାହାର ରାଜ୍ୟର ହଜାର ହଜାର ଶ୍ରମିକ, ରାଜମିସ୍ତ୍ରିଙ୍କୁ ନିୟୋଜିତ କରାଯାଉଛି। ଏହି ଲୋକମାନେ ଏଠାରେ ବେଶିଦିନ କାମ କରିବା ପରେ ତାଙ୍କ ଅଞ୍ଚଳରୁ ଆହୁରି ନିଜ ଲୋକଙ୍କୁ ଆଣି ସେଲୁନ, ଗାଡି ଗ୍ୟାରେଜ୍, ଟାୟାର ଦୋକାନରେ କାମରେ ଲଗାଉଛନ୍ତି। ଏପରି କି ତାଙ୍କ ଅଞ୍ଚଳର ଲୋକମାନେ ଯେଉଁମାନେ ଆଗରୁ ଝାରସୁଗୁଡାର ବାସିନ୍ଦା ଅଛନ୍ତି, ସେମାନଙ୍କୁ ଧରାଧରି କରି ନକଲି ଆଧାର କାର୍ଡ, ସାର୍ଟିଫିକେଟ ପ୍ରସ୍ତୁତ କରି ବଡ଼ କମ୍ପାନୀରେ କାମ କରୁଛନ୍ତି। ଏମାନେ ବାହାର ରାଜ୍ୟର ଲୋକ ହୋଇଥିବାରୁ କମ୍ ଦରମାରେ କାମ କରିଥାନ୍ତି। ଯାହାଦ୍ୱାରା କମ୍ପାନୀ ଓ ମଧ୍ୟସ୍ଥ ଲାଭବାନ ହେଉଛନ୍ତି। ତେଣୁ ସ୍ଥାନୀୟ ଲୋକଙ୍କୁ ଛାଡି କମ୍ପାନୀ ବାହାର ଲୋକଙ୍କୁ ପ୍ରଥମେ କାମ ଦେଉଛି। ଅପରପକ୍ଷରେ ଅନ୍ୟ ରାଜ୍ୟରେ ଅପରାଧ କରିଥିବା ଲୋକ ଝାରସୁଗୁଡା ଆସି ଦିନବେଳା ଫେରିବାଲା କାମ କରୁଛନ୍ତି। ରାତିରେ ସେମାନେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହି ମୋଟାଅଙ୍କର ରୋଜଗାର କରୁଛନ୍ତି। ସେମାନେ ଗୋଟିଏ ଅପରାଧମୂଳକ କାର୍ଯ୍ୟରେ ସଫଳ ହେଲେ ବାହାରୁ ତାଙ୍କ ସମ୍ପର୍କୀୟଙ୍କୁ ଝାରସୁଗୁଡାକୁ ଡାକି ଆଶ୍ରୟ ଦେଉଛନ୍ତି। କିଛିଦିନ ହେବ ଝାରସୁଗୁଡା ଟାଉନ ଥାନା ଓ ବେଲପାହାଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟୁଥିବା ଜଣାପଡିଛି। କିଛିଦିନ ତଳେ ବାହାର ରାଜ୍ୟର କେତେଜଣ ଅନୁପ୍ରବେଶକାରୀ ନିଜକୁ ସାଧୁ ବୋଲି ପରିଚୟ ଦେବା ସହ ବିଭିନ୍ନ ଉପାୟରେ ସ୍ଥାନୀୟ ଅଞ୍ଚଳର ମହିଳାଙ୍କଠାରୁ ସୁନାଅଳଙ୍କାର ଓ ମୋବାଇଲ ଲୁଟ୍ କରି ଧରାପଡ଼ିଥିଲେ। ସବୁଠାରୁ ବଡ଼କଥା ଯେ, ଶ୍ରମିକ ତଥା ମିସ୍ତ୍ରୀଙ୍କ ପାଇଁ ଝାରସୁଗୁଡାରେ ସବୁବେଳେ କାମ। ବାହାରୁ ଆସୁଥିବା ଅନୁପ୍ରବେଶକାରୀମାନେ ମଧ୍ୟ ନିର୍ମାଣ କାମ କରୁଥିବା ଗୋଷ୍ଠୀରେ ମିଶି ସହଜରେ କାମ ପାଇ ଯାଉଛନ୍ତି। ଯେଉଁମାନଙ୍କ ପାଖରେ ଦୁଇ ପ୍ରକାର ଆଧାର କାର୍ଡ (ଗୋଟିଏ ଅସଲି ଏବଂ ଆଉ ଗୋଟିଏ ନକଲି) ରହିଛି, ସେମାନେ ସ୍ଥଳବିଶେଷରେ ଏହାର ଫାଇଦା ଉଠାଉଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଝାରସୁଗୁଡା ଜିଲାକୁ ଯେପରି ଭାବରେ ବାହାର ରାଜ୍ୟର ଲୋକ, ଅପରାଧୀଙ୍କ ପ୍ରବେଶ ବୃଦ୍ଧି ପାଉଛି ସେଥିପ୍ରତି ଜିଲା ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ନଚେତ୍ ପଶ୍ଚିମବଙ୍ଗ ଯେପରି ସ୍ଥିତି ଦେଇ ଗତିକରୁଛି ଠିକ୍ ସେହିପରି ସ୍ଥିତି ଆସନ୍ତା କିଛି ବର୍ଷ ମଧ୍ୟରେ ଝାରସୁଗୁଡାରେ ଉପୁଜିବ। ଏ ସମ୍ପର୍କରେ ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ ଓ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର କହିଛନ୍ତି, ଝାରସୁଗୁଡା ଜିଲାରେ ସେଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ। ବାହାର ଜିଲାରୁ ଆସୁଥିବା ଅପରାଧୀଙ୍କ ପ୍ରତି ପୋଲିସ ସ୍ୱତନ୍ତ୍ର ନଜର ରଖିଛି।

# ପହଲଗାମ୍ ଗଣହତ୍ୟା, ମୁର୍ଶିଦାବାଦରେ ବର୍ବରୋଚିତ ଆକ୍ରମଣ ଘଟଣାକୁ ନିନ୍ଦା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ।

ଦେବଗଡ,୨୫।୪(ଶଶାଙ୍କ ଶେଖର ଝଙ୍କର)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଦ୍ୱାରା ଘଟିଥିବା ଗଣହତ୍ୟା ଓ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ହିନ୍ଦୁଙ୍କ ଉପରେ ବର୍ବରୋଚିତ ଆକ୍ରମଣ ଘଟଣାକୁ ଦେବଗଡ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ଦୃଢ ନିନ୍ଦା କରିଛି। ଏହି ଘଟଣା ପଛରେ ଥିବା କୁଚକ୍ରି ଗୋଷ୍ଠୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଚ ଦାବି କରିଛି। ଶୁକ୍ରବାର ସକାଳେ ହିନ୍ଦୁ ସୁରକ୍ଷା ମଞ୍ଚର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ବିଭିନ୍ନ ସ୍ଲୋଗାନ ସହ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ବାଇକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆତଙ୍କବାଦୀ ଏବଂ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ପାକିସ୍ତାନ ବିରୋଧରେ ନାରାବାଜି ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ନଗରପାଳ ସୁଶୀଲ କୁମାର କପରଦାର, ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ପ୍ରଫୁଲ୍ଲ କୁମାର ନାୟକ, ଅଜୟ କୁମାର ମିଶ୍ର, ପ୍ରମଥେଶ ଗୁରୁ, ପ୍ରଭାତ କୁମାର ସାହୁ, ପ୍ରଭାସ ଚନ୍ଦ୍ର ମିଶ୍ର, ଆଲୋକ କୁମାର ମିଶ୍ର, ସନ୍ତୋଷ କୁମାର ଭୁତିଆଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ମ୍ୟାଲେରିଆ ମୁକ୍ତ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ



ମ୍ୟାଲେରିଆମୁକ୍ତ ଜିଲା ପାଇଁ ଅଧିକାରୀମାନେ ଶପଥ ନେଉଛନ୍ତି।

ଝାରସୁଗୁଡା, ୨୫।୪(ଆଶିଷ ରଞ୍ଜନ ଦାଶ)

**ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ**

ଝାରସୁଗୁଡା ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସଭାଗୃହରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହେଶ ମୋହନ ପଣ୍ଡା ସଭାପତିତ୍ୱ କରି କହିଛନ୍ତି, ମ୍ୟାଲେରିଆ ମୁକ୍ତ ସମାଜ ଗଠନରେ ଆମର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଚଳିତବର୍ଷ ବିଷୟ ବସ୍ତୁ 'ଆମ ଠାରୁ ମ୍ୟାଲେରିଆର ଅନ୍ତ ଘଟିବ ଏଥିନିମନ୍ତେ ପୁନର୍ବିନିଯୋଗ, ପୁନଃଚିନ୍ତନ, ପୁନୋରୁଦ୍ଦିପିତ କରନ୍ତୁ' ଉପରେ ଆଲୋଚନା କରାଯିବା ସହ ଜିଲାକୁ ମ୍ୟାଲେରିଆ ମୁକ୍ତ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଧାରମଣ ବିର୍ଡିଆ ଆଲୋଚନାରେ ଅଂଶଗ୍ରହଣ କରି ମ୍ୟାଲେରିଆ ଚିହ୍ନଟ ଅଧିକ ସହଜ ହୋଇଥିଲେ ସୁଦ୍ଧା ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପରାମର୍ଶଦାତା ବିରାଟ ରାଜା ପଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଫୁଲ୍ଲ ଚନ୍ଦ୍ର ଦଳାଇ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମଧୁଲିତା ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଅଶୋକ କୁମ୍ଭାରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍ୱାଗତ କୁମାର ସାହୁ, କୁଶଳ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହରେକୃଷ୍ଣପୁରରେ ଶ୍ମଶାନ, କଲ୍ୟାଣ ମଣ୍ଡପ ନିର୍ମାଣ ଦାବି

ଝାରସୁଗୁଡା,୨୫।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ ଏକ ଶ୍ମଶାନ ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ହରେକୃଷ୍ଣପୁର ରାଜସ୍ୱ ଗ୍ରାମରେ ୧୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଛନ୍ତି। ଏଠାରେ ଲୋକଙ୍କ ମୃତ୍ୟୁ ଘଟିଲେ ଏକ କମ୍ପାନୀର ନଳା ପାର୍ଶ୍ୱରେ ମୃତଦେହ ସତ୍କାର କରାଯାଇଥାଏ। ଯାହାକି ଏକ ଅପରିଷ୍କାର ଓ ଜନଗହଳି ସ୍ଥାନ। ସେହିପରି ଉକ୍ତ ଗ୍ରାମରେ ବିବାହ, ବ୍ରତୋପନୟନ ତଥା ସାମାଜିକ, ଧାର୍ମିକ କାର୍ଯ୍ୟରେ ଭୋଜି, ବୈଠକ କରିବା ପାଇଁ ଏକ କମ୍ୟୁନିଟି ହଲ୍ କିମ୍ବା କଲ୍ୟାଣ ମଣ୍ଡପ ନାହିଁ। ଏହାଦ୍ୱାରା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଗ୍ରାମରେ ଶ୍ମଶାନ, କଲ୍ୟାଣ ମଣ୍ଡପ କିମ୍ବା କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ଝସକେତନ ସାହୁ, ବନମାଳୀ ସାହୁ, ମହେଶ୍ୱର ଭୋଇ, ଈଶ୍ୱର ଭୋଇ ପ୍ରମୁଖ ଦାବି କରିଛନ୍ତି। ଏନେଇ ଝାରସୁଗୁଡା ବିଡ଼ିଓ ଅନିଲ କୁମାର ଆଚାର୍ଯ୍ୟ କହିଛନ୍ତି, ଆସନ୍ତା ଆର୍ଥିକ ବର୍ଷରେ ଗ୍ରାମସଭାରେ ଏନେଇ ଅନୁମୋଦନ କରାଯାଇ ଜିଲାପରିଷଦକୁ ରିପୋର୍ଟ ପଠାଯିବ।

# ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା

ଦେବଗଡ,୨୫।୪(ଶଶାଙ୍କ ଶେଖର ଝଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଦର୍ଶନୀ ମେଳାରେ ଜିଲାର ୩ଟି ବ୍ଲକ୍‌ରୁ ୧୫ ଜଣ ସିଆର୍‌ସିସି, ୧୪ ଜଣ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀଶିକ୍ଷକ, ୧୪ ଜଣ ଅଙ୍ଗନୱାଡି ସୁପରଭାଇଜର ଓ ୱାର୍କର ଅଂଶଗ୍ରହଣ କରିଥିଲେ। ଶ୍ରେଣୀଗୃହରେ ଶିକ୍ଷଣ ପ୍ରକ୍ରିୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଭିନବ ଶିକ୍ଷଣ ସାମଗ୍ରୀ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିଚାରକ ଭାବେ ପ୍ରତିଷ୍ଠାନର ଅଧ୍ୟକ୍ଷ ଗୌଡ଼, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା ଦାୟିତ୍ୱ ତୁଲାଇ ଥିଲେ। ଏହି ପ୍ରଦର୍ଶନୀରେ ତିଳେଇବଣି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଳିନାଳି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ପ୍ରଥମ,ବାରକୋଟ ବ୍ଲକ ଖଜୁରୀଖମଣ ସିଆର୍‌ସିସି ବିଜୟ କୁମାର ପ୍ରଧାନ ଦ୍ୱିତୀୟ, ରିଆମାଳ ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁଳିଆ କଲୋନୀ ଏଫ୍‌ଏଲ୍‌ଏନ ଶିକ୍ଷକ ବାସୁଦେବ ମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଅଙ୍ଗନୱାଡି ସ୍ତରରୁ ତିଳେଇବଣି ଅଙ୍ଗନୱାଡି ସୁପରଭାଇଜର ଏଞ୍ଜେଲ ଲାକ୍ରା ପ୍ରଥମ, ରିଆମାଳ ଅଙ୍ଗନୱାଡି କର୍ମୀ କୁମତୀ ଅମାନ୍ତ ଦ୍ୱିତୀୟ, ବାରକୋଟ ଅଙ୍ଗନୱାଡି ସୁପରଭାଇଜର ଭାରତୀ ସାମଲ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନ ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ମନ୍ଦାକିନୀ ଟୁଡୁ, ନିବେଦିତା ବେହେରା, ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ପ୍ରଦର୍ଶନୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ଆତଙ୍କବାଦୀଙ୍କୁ ଫାଶୀଦଣ୍ଡ ଦିଆଯାଉ

ଝାରସୁଗୁଡା,୨୫।୪(ଆଶିଷ ରଞ୍ଜନ ଦାଶ)



ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ପହଲଗାମ୍‌ଠାରେ ହିନ୍ଦୁଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ଘଟଣାକୁ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ଝାରସୁଗୁଡା ଶାଖା ପକ୍ଷରୁ ନିନ୍ଦା କରାଯାଇଛି। ତୁରନ୍ତ ଆତଙ୍କବାଦୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦେବା, ହିନ୍ଦୁ ପର୍ଯ୍ୟଟକଙ୍କୁ କଡ଼ା ସୁରକ୍ଷା ପ୍ରଦାନ, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଚାକିରି ଯୋଗାଇଦେବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସୁନୀଲ ଆବୋଲି ନାରାୱାନେଙ୍କୁ ଦାବିପତ୍ର ଦିଆଯାଇଛି। ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଝାରସୁଗୁଡା ସହରରେ ବିରାଟ ରାଲି କରାଯାଇଛି। ଦାବିପତ୍ର ପ୍ରଦାନବେଳେ ପରିଷଦର ରାଜ୍ୟ ଉପସଭାପତି ବିଜୟ ଜଳାନ, ଜିଲା ସଭାପତି ପ୍ରେମସାଗର ଖମାରି, ସହର ସଭାପତି ରାହୁଲ ଶର୍ମା, ଶିବେ ସିଂ, ଅରୁଣ ସିଂ, ଗୋପାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ସନ୍ଧ୍ୟାରେ ହିନ୍ଦୁ ସମାଜ ପକ୍ଷରୁ ମନମୋହନ ପଡିଆରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବିଭିନ୍ନ ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା ଅଶୋକ ଗାନ୍ଧୀ, କିଶୋର ମହାନ୍ତି, ସୁଧାଂଶୁ ଦୋରା, ତାରଣ ଗିଦ୍ୱାନିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ଶିବିରରୁ ୩୧ ୟୁନିଟ୍ ରକ୍ତ ସଂଗୃହୀତ

ଦେବଗଡ,୨୫।୪(ଶଶାଙ୍କ ଶେଖର ଝଙ୍କର)

ବାରକୋଟ ବ୍ଲକ କଣ୍ଢେଇ ଗ୍ରାମ ପଞ୍ଚାୟତ ସଦର ମହକୁମାସ୍ଥିତ କଣ୍ଢେଇ ଆଦର୍ଶ କୃଷି ସମବାୟ ସମିତି ପରିସରରେ ସମିତି ପକ୍ଷରୁ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଢେଇ ଆଦର୍ଶ ସେବା ସମବାୟ ସମିତି ସଭାପତି ଦେବେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମବାୟ ସମିତି ସମୂହ ଉପନିବନ୍ଧକ ମୋନିକା ରାୟ, ସମବାୟ ସମିତି ସହକାରୀ ନିବନ୍ଧକ ଭବାନୀ ଶଙ୍କର ନାୟକ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବଂଶୀଧର ପାତ୍ର ପ୍ରମୁଖ ଯୋଗଦେଇ ଆୟୋଜକ ଏବଂ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ମୋଟ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଦେବଗଡ ରକ୍ତକେନ୍ଦ୍ରର ଅଧିକାରିଣୀ ଗଙ୍ଗୋତ୍ରୀ ନାୟକଙ୍କ ନେତୃତ୍ୱରେ ଷ୍ଟାଫ୍‌ନର୍ସ ଓ ଲାବୋରେଟୋରୀ ଟେକ୍ନିସିଆନ ରକ୍ତ ସଂଗ୍ରହ କରିଥିଲେ। କଣ୍ଢେଇ ଆଦର୍ଶ କୃଷି ସମବାୟ ସମିତି ସମ୍ପାଦକ ଧିରେନ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**


# ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ୫୦ ପ୍ରତିଶତ ହ୍ରାସ କଲା କାଉନସିଲ




କାର୍ଯ୍ୟକ୍ରମରେ କାଉନ୍‌ସିଲରଙ୍କ ସମେତ ଅନ୍ୟମାନେ।

ଦେବଗଡ,୨୫।୪(ଶଶାଙ୍କ ଶେଖର ଝଙ୍କର)

**ସରକାରଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେବ**

ଦେବଗଡ଼ ପୌରାଞ୍ଚଳରେ ପୂର୍ବରୁ ବୃଦ୍ଧି ପାଇଥିବା ହୋଲ୍ଡିଂ ଟ୍ୟାକ୍ସକୁ ୫୦ ପ୍ରତିଶତ ହ୍ରାସ କରିଛି କାଉନସିଲ। ଏନେଇ ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ସୂଚନା ଦେଇଛନ୍ତି।

ଦେବଗଡ଼ ପୌରାଞ୍ଚଳ ରାଜ୍ୟର ଏକ କ୍ଷୁଦ୍ର ସହର ହୋଇଥିବାବେଳେ ଏଠାକାର ଅଧିବାସୀଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ । ଏଠାରେ କୌଣସି କଳକାରଖାନା, ଖଣି ଖାଦାନ କିମ୍ବା ବଡ଼ ବ୍ୟବସାୟ ପ୍ରତିଷ୍ଠାନ ନାହିଁ। ତଥାପି ୨୦୧୫ରେ ଦେବଗଡ଼ ପୌରାଞ୍ଚଳରେ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ଲାଗୁ କରାଯାଇଥିଲା। ପୌର ଆଇନ ଅନୁଯାୟୀ ବର୍ଦ୍ଧିତ ଟ୍ୟାକ୍ସ ମୂଳ ଟ୍ୟାକ୍ସର ଶତକଡା ୩୦ ପ୍ରତିଶତ ମଧ୍ୟରେ ହେବା କଥା, କିନ୍ତୁ ଏଠାକାର ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ଅତ୍ୟଧିକ ବୃଦ୍ଧି ପାଇଥିଲା।। ଏହି ଟ୍ୟାକ୍ସ ହ୍ରାସ କରିବାକୁ ବାରମ୍ବାର ଜନସାଧାରଣ ଦାବି କରୁଥିଲେ। ଅପରପକ୍ଷରେ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି ପରଠାରୁ ଶତକଡା ୫୦ ପ୍ରତିଶତରୁ କମ୍ ବ୍ୟକ୍ତି ଟ୍ୟାକ୍ସ ପଇଠ କରୁଛନ୍ତି। ଏହି ସମସ୍ତ ବିଷୟକୁ ବିଚାରକରି କାଉନସିଲ ବୁଧବାର ବର୍ତ୍ତମାନର ହୋଲ୍ଡିଂ ଟ୍ୟାକ୍ସକୁ ଶତକଡା ୩୦ ପ୍ରତିଶତ ହ୍ରାସ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରିଛନ୍ତି । ଏହି ପ୍ରସ୍ତାବ ଅନୁମୋଦନ ପାଇଁ ରାଜ୍ୟ ସରକାର, ଗୃହ ଓ ନଗର ଉନ୍ନୟନ ବିଭାଗକୁ ପ୍ରେରଣ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହା ତତ୍‌କ୍ଷଣାତ କାର୍ଯ୍ୟକାରୀ କରାଯିବ। ଏହି ସ୍ୱତନ୍ତ୍ର ୩୦ ପ୍ରତିଶତ ହ୍ରାସ ସହିତ ପୂର୍ବଭଳି ୨୦ ପ୍ରତିଶତ ରିହାତି ମଧ୍ୟ ଜନସାଧାରଣ ନିର୍ଦ୍ଧାରିତ ସମୟ ମଧ୍ୟରେ ପାଇପାରିବେ। ଏହି ହୋଲ୍ଡିଂ ଟ୍ୟାକ୍ସ ହ୍ରାସ କେବଳ ଆବାସିକ ଗୃହଗୁଡିକ ନିମନ୍ତେ ପ୍ରଯୁଜ୍ୟ ବୋଲି ଭୋଜ କହିଛନ୍ତି। ବୁଧବାର ଗୃହୀତ ପ୍ରସ୍ତାବକୁ ଶୁକ୍ରବାର ପାରିଷଦ ବୈଠକରେ ଦଳମତ ନିର୍ବିଶେଷରେ ସମସ୍ତ କାଉନସିଲର, ଏମ୍‌ପି, ବିଧାୟକ ପ୍ରତିନିଧିଙ୍କ ସମର୍ଥନ ଓ ସହଯୋଗ ଫଳରେ ଏହା ସମ୍ଭବ ହୋଇଥିବା ଭୋଜ କହିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ବାସନ୍ତୀ ମଞ୍ଜରୀ ମାଝୀ, ଜତିନ କୁମାର ନାୟକ, ସରୋଜିନୀ ମୁଣ୍ଡା, ମଧୁସୂଦନ ବାଘ, ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଡ଼, ଏମ୍‌ପିଙ୍କ ପ୍ରତିନିଧି ସୁଧୀର କପରଦାର ଓ ବିଧାୟକଙ୍କ ପ୍ରତିନିଧି ମାନସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମଣପୁରମ ଲୁଟ ଘଟଣା: ଆଉ ୪ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୫।୪(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢାରାଜା ମଣପୁରମ ଗୋଲ୍ଡ ଫାଇନାନ୍ସ ଶାଖାରେ ଜାନୁଆରୀ ୩ ତାରିଖରେ ହୋଇଥିବା ଲୁଟ ଘଟଣାରେ ଶୁକ୍ରବାର ଆଉ ୪ଜଣଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ବୈଶାଳୀର ବିକାଶ କୁମାର ଓରଫ ଜନ ରାଇଟ (୨୫), ସଞ୍ଜୀବ କୁମାର ପାଶ୍ୱାନ ଓରଫ୍ ସକଲଦୀପ ପାଶ୍ୱାନ(୨୪), ଯଶ ଆନନ୍ଦ ଓରଫ ରିଶୁ(୨୮), ପୀୟୂଷ ରାଜ ଓରଫ ପୀୟୂଷ ଜୟସୱାଲ ଅର୍ଜୁନ (୨୫)। ପୋଲିସ ସେମାନଙ୍କ ନିକଟରୁ ୧୩ଟି ବନ୍ଧୁକ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟରେ ହାଜର କରାଯାଇ ରିମାଣ୍ଡରେ ଅଣାଯିବ ବୋଲି ଖବରଦାତା ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାର ମାଷ୍ଟରମାଇଣ୍ଡ ସହ ୪ଜଣଙ୍କୁ ଗିରଫ କରାଯାଇଛି। ମୋଟ ଗିରଫଦାରିଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଜାନୁଆରୀ ୩ ତାରିଖରେ ଦୁର୍ବୃତ୍ତମାନେ ପିସ୍ତଲ ଧରି



ମଣପୁରମ ଲୁଟ ଘଟଣାରେ ଧରାପଡ଼ିଥିବା ୪ ଅଭିଯୁକ୍ତ ।

### ପୂର୍ବରୁ ମାଷ୍ଟରମାଇଣ୍ଡ ସହ ୪ଜଣଙ୍କୁ ଗିରଫ କରିଥିଲା ପୋଲିସ

ସମ୍ବଲପୁର ବୁଢାରାଜା ଶାଖାର ମଣପୁରମ ଗୋଲ୍ଡ ଫାଇନାନ୍ସ ଲିମିଟେଡ କାର୍ଯ୍ୟାଳୟରେ ପଶିଥିଲେ। ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଧମକ ଦେଇ ୨୭.୫୨ କିଲୋଗ୍ରାମ ସୁନା ଅଳଙ୍କାର ଏବଂ ୪ ଲକ୍ଷ ୮୧ ହଜାର ୩୮୨ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ମଣପୁରମ ଫାଇନାନ୍ସର କ୍ଷେତ୍ର ପରିଚାଳକ ଗିରିଶ କୁମାର ଏନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୫/୨୫ ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଜାନୁଆରୀ ୧୬ରେ ବିହାରର ହାଜିପୁରରୁ ପଙ୍କଜ କୁମାର ପାଶ୍ୱାନ, ଅଜୟ ପାଶ୍ୱାନ ଏବଂ ଉତ୍ତମ କୁମାର ପାଶ୍ୱାନଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ସମ୍ବଲପୁର ଅଣାଯାଇ ରିମାଣ୍ଡରେ ନିଆଯାଇଥିଲା। ମାର୍ଚ୍ଚ ୨୯ରେ ମାଷ୍ଟରମାଇଣ୍ଡ ସୁବୋଧ ସିଂହଙ୍କୁ କୋଲକାତାର ଆଲିପୁରରୁ ରିମାଣ୍ଡରେ ଅଣାଯାଇ ସମ୍ବଲପୁରରେ ପଚରାଉଚୁରା କରାଯାଇଥିଲା। ଏହି ଘଟଣାରେ ଅନ୍ୟ ୪ ଜଣଙ୍କ ସମ୍ପୃକ୍ତି ଥିବା ସେ ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ଏହାର ତଦନ୍ତ କରୁଥିଲା। ୪ ଅଭିଯୁକ୍ତ ଦିଲ୍ଲୀରେ ଲୁଚିଥିବା ସୂଚନା ମିଳିବା ପରେ ଦିଲ୍ଲୀ ପୋଲିସର ସହଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଅଭିଯୁକ୍ତ ବିକାଶ କୁମାର ଏବଂ ପୀୟୂଷ ରାଜ ରାଜସ୍ଥାନର ଉଦୟପୁର ଲୁଟରେ ସାମିଲ ରହି ୨୫ କେଜି ସୁନା ଏବଂ ମଧ୍ୟପ୍ରଦେଶର କଟନିରେ ୧୭ କେଜି ସୁନା ଲୁଟ କରି ଫେରାର ଥିଲେ।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ବିନିକା,୨୫।୪(ରାମ ଗୋପାଳ ବାଘ)**

ଶୁକ୍ରବାର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଲଛିପୁର ଥାନା ମହାଦା ଗ୍ରାମର ଜଣେ ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ସୁନୀଲ କାଣ୍ଡ (୨୮ )। ପ୍ରଚଣ୍ଡ ରୌଦ୍ରତାପରେ ସୁନୀଲ ଶ୍ରମିକ ଭାବେ କାମ କରିବା ପାଇଁ ଘରୁ ବାହାରି ଯାଇଥିଲେ। କିନ୍ତୁ ସେ କାମସାରି ଘରକୁ ଫେରିବା ପରେ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଖବର ପାଇ ବିନିକା ମେଡିକାଲରେ ଲଛିପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।



ମୃତ ସୁନୀଲ କାଣ୍ଡ।


**INDIAN RAILWAYS**
**INTRODUCTION OF 25 KV TRACTION**
**"PUBLIC NOTIFICATION"**

Notice is hereby given to all users of Railway lines and premises situated on the complete section of the under noted section of the East Coast Railway, Sambalpur Division that the 25,000 Volts, 50 hz, A.C. Over Head Traction Wires will be energized on or after the date specified against the section, on and from the same date the Over Head Traction Lines shall be treated as live at all times and no unauthorized person shall approach or work in the proximity of the said overhead Lines.
**SECTION/YARD :- Electrification of Conventional OHE system for proposed GCT work at BXQ yard KTPL siding take off from Line-no.-2.**

| SN | Section/line | From Loc. (KM/Ch.) | To Loc. (km/Ch.) | TKM. |
|---|---|---|---|---|
| 1 | KTPL siding take off from Line-no.-2 at BXQ yard | KTPL-0/1 Ch-0/78.80 | KTPL-1/4 Ch-1/127.30 | 1.246 |

Date of energization :- 10.05.2025
**Gati Shakti Multi-Model Cargo Terminal (GCT) Brundamal (BXQ) Station, for M/s Kalyani Tranco Pvt. Ltd.**


# ଅଟୋ ରିକ୍ସା ଉପରେ ଗଛ ପଡ଼ି ଦୁଇ ମୃତ

**ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)**

### ବଲାଙ୍ଗୀରରେ କାଳହେଲା କାଳବୈଶାଖୀ

ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ କଷାବାହାଲ ଗ୍ରାମ ନିକଟରେ ଏକ ଅଘଟଣ ଘଟିଛି। କାଳବୈଶାଖୀ ଯୋଗୁ ଏକ ଚଳନ୍ତା ଅଟୋରିକ୍ସା (ନଂ ଓଡି ୩୧ ଜେ ୧୪୦୦) ଉପରେ ରାସ୍ତାକଡରେ ଥିବା ଏକ ନିମଗଛ ପଡିବାରୁ ଅଟୋରିକ୍ସାରେ ବସିଥିବା ଡ୍ରାଇଭର ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଅଟୋରିକ୍ସା ଡ୍ରାଇଭର ଜଣକ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଝିଲିମୁଣ୍ଡା ଗାଁର ଗୁଲାମ ମୁସ୍ତଫା ମହମ୍ମଦ (୨୪) ଓ ଅନ୍ୟ ମୃତକ ହେଲେ ପୁଇଁତଲା ଥାନା ତଣ୍ଡାମୁଣ୍ଡା ଗାଁର ନଦୀ ନନ୍ଦ (୫୫)।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟା ସମୟରେ କାଳବୈଶାଖୀ ଯୋଗୁ ଜୋରରେ ପବନ ବହିବା ସହ ସାମାନ୍ୟ ବର୍ଷା ହୋଇଥିଲା। ଏହି ସମୟରେ ଗୁଲାମ ମୁସ୍ତଫା ତାଙ୍କ ଅଟୋରିକ୍ସାରେ ବଲାଙ୍ଗୀର ଅଭିମୁଖେ ଆସୁଥିଲେ। ଆଟଗାଁରୁ ବଲାଙ୍ଗୀର ଲିର୍କିପାଲିକୁ ବିବାହ ଉତ୍ସବରେ ଯୋଗ ଦେବାକୁ ଆସୁଥିବା ନଦୀ ସେହି ଅଟୋରିକ୍ସାରେ ଚଢ଼ିଥିଲେ। ମାତ୍ର ଅଳ୍ପ ଦୂର ଯିବା ପରେ କଷାବାହାଲ ବ୍ରିଜ୍ ପାଖରେ କାଳବୈଶାଖୀ ସମୟରେ ରାସ୍ତାକଡରେ ଥିବା ଏକ ବିରାଟ ପୁରୁଣା ନିମ ଗଛ ଅଟୋରିକ୍ସା ଉପରେ ପଡିଥିଲା। ନିମ ଗଛ ଢଳିପଡିବା ଯୋଗୁ ଅଟୋରିକ୍ସା ଭିତରେ ଥିବା ଡ୍ରାଇଭର ଗୁଲାମ ଏବଂ ନଦୀ ଚାପି ହୋଇ ଯିବାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଅଟୋରିକ୍ସା ଉପରେ ପଡିଥିବା ନିମଗଛକୁ କାଟି ଦୁଇଜଣଙ୍କ ମୃତଦେହ ବାହାର କରିଥିଲେ। ମୃତଦେହକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରକୁ ପଠାଯାଇଛି। ଘଟଣାସ୍ଥଳରେ ପୁଇଁତଲା ଥାନା ଆଇଆଇସି ଅନିତା ପଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



କଷାବାହାଲ-ଆଟଗାଁ ରାସ୍ତାରେ ଅଟୋରିକ୍ସା ଉପରେ ଗଛ ପଡିଯାଇଛି।

## ୪ ବାଇକ୍ ସହ ଗଞ୍ଜେଇ ଜବତ, ୨ ଗିରଫ

**କନ୍ଧମାଳ,୨୫।୪(ଆଦିତେଶ୍ୱର ମିଶ୍ର)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ଜିଲା କନ୍ଧମାଳ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କନ୍ଧମାଳ ଥାନା ଖମାର ଗ୍ରାମର କଳାକାର କର୍ମୀ (୩୬) ଓ ମନମୁଣ୍ଡା ଥାନା ବଉଳସିଙ୍ଗା ପ୍ରଧାନପାଲିର ଦଲାର ପ୍ରଧାନ (୪୨)। ସେମାନଙ୍କଠାରୁ ୧ କୁଇଣ୍ଟାଲ ୨୪ କେଜି ଗଞ୍ଜେଇ, ୪ ବାଇକ୍ ଏବଂ ୨ ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ କନ୍ଧମାଳ ଥାନାରେ ଏକ ମାମଲା (ନଂ.୧୦୦/୨୫) ରୁଜୁ ହୋଇଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ବଲମତୁମା ଜଙ୍ଗଲ ରାସ୍ତା ନିକଟରେ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କନ୍ଧମାଳ ପୋଲିସ ଏହି ଚଢ଼ାଉ କରିଥିଲା।


**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
Great Place To Work Certified

**EMPLOYEE RELATION & CANTEEN DEPARTMENT**
REF.NO.E.R&C / TENDER / BISCUIT, GROCERY & SOFT-DRINKS / 2025-26 / 267 DATED:-17-04-2025
Sealed tender is invited from registered dealers with GST Registration No. for supply of items as per schedule given for a period of 12 months from the date of issue of order.

| SL.NO. | SCHEDULE-A | EMD |
|---|---|---|
| 1. | BISCUITS, GROCERY, & SOFT-DRINKS (PACKED & NON-PACKED) | Rs.15,000.00 |

Tender form can be obtained from the office of the AGM (H.R-TA, G, E.R & C), Employee Relation & Canteen Department, on all working days during the working hours on payment of Rs.110/- (Rupees one hundred ten only) inclusive of all taxes through SB collect.
The tenders complete in all respect will be received up to 15-05-2025, 3.00 PM in the tender box kept in the office of AGM (H.R-TA, G, E.R & C). The tender will be opened at 4.00 PM on the same day i.e 15-05-2025.
The tender shall remain valid for a period of 3 months from the date of receipt of the tender. If the tenderer resiles from the offer or varies the terms of offer, the EMD shall be forfeited. A copy of this advertisement can also be seen on the company website www.sailtenders.co.in.
AGM (H.R-TA, G, E.R & C)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*



**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)
**Tender Call Notice**
**No.1523 / SW Dt.25.04.2025**
Sealed Tenders are invited for engagement of Transport agent / contractor for transportation of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector / DSWO or may visit the official website of Subarnapur District "**https://subarnapur.odisha.gov.in**".
**Sd./- Collector, Subarnapur**



**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj.**
**e-Procurement Notice**
**e-Tender Ref No.-1/RCD/Daltonganj/2025-26/ 401**
**Dated:-24.04.2025**

| | | |
|---|---|---|
| 1. | Name of Work | Construction of Bridge/High Level Bridge at Ch 16.00 Km of Patan -Daltonganj (Bairiya Chowk to Saguna More) Road for the year 2025-26. |
| 2. | Estimated Cost | Rs. 10,20,46,031.00 (Rupees Ten Crore Twenty Lacs Forty Six Thousand Thirty One) Only. |
| 3. | Bid Security (Amount) | Rs. 10,20,500.00 (Rupees Ten Lacs Twenty Thousand Five Hundred) Only. |
| 4. | Time of Completion | 18 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 29.05.2025, 12:00 Noon |
| 7. | Date and Time of Bid opening | 30.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562—225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

**Note : Estimated amount may vary.**
For further details can be seen on website http://jharkhand tenders.gov.in
**Executive Engineer**
Road Construction Department
Road Division, Daltonganj.
PR 351028 Road(25-26)D


## ହତ୍ୟା ଅଭିଯୋଗ, ୩ ଅଟକ

ଅତାବିରା,୨୫।୪(ଯୁଧିଷ୍ଠିର ମହାପାତ୍ର): ଅତାବିରା ଥାନା ଖରାମୁଣ୍ଡା ଗାଁରେ ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶ୍ୟାମ କୁମର ଧରେଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାର ଲୋକଙ୍କ ଏତଲା କ୍ରମେ ପୋଲିସ (ନଂ.୧୫୮/୨୫) ମାମଲା ରୁଜୁ କରି ୩ଜଣଙ୍କୁ ଅଟକ ରଖିଛି। ମୃତ ଶ୍ୟାମ ଏକ କୁକୁଡ଼ା ଫାର୍ମରେ କାମ କରୁଥିଲେ। ସେଠାରେ କାମ କରୁଥିବା ଗାଁର ଅନ୍ୟ ଜଣଙ୍କ ସହିତ ୬ ମାସ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଗୁରୁବାର ରାତିରେ ଉଭୟ ପରିବାର ମଧ୍ୟରେ ପୁଣି କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ସେମାନେ ସଂଘବଦ୍ଧ ଆକ୍ରମଣ କରିବାରୁ ଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି।


**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 08/ET/SBP/ENGG/2025-26, ତା.22.04.2025ରିଖ

**(1) ଇ-ଟେଣ୍ଡର ସଂ. 01-eT-SDENW-SBP-25**
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ଼ (IN)-ଟିଟିଲାଗଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,72,38,297.79, ବିଡ୍ ସିକ୍ୟୁରିଟୀ : ₹ 2,36,200/-

**(2) ଇ-ଟେଣ୍ଡର ସଂ. 02-eT-SDENW-SBP-25**
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲଖୋଲି (EX)-ନୂଆପଡ଼ା ରୋଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,69,40,591.89, ବିଡ୍ ସିକ୍ୟୁରିଟୀ : ₹ 2,34,800/-

**(3) ଇ-ଟେଣ୍ଡର ସଂ. 03-eT-SDENW-SBP-25**
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ଼ (IN)-ଟିଟିଲାଗଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 51,39,303.19, ବିଡ୍ ସିକ୍ୟୁରିଟୀ : ₹ 1,02,800/-

**(4) ଇ-ଟେଣ୍ଡର ସଂ. 04-eT-SDENW-SBP-25**
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଲଖୋଲି (EX)-ନୂଆପଡ଼ା ରୋଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 99,58,714.56, ବିଡ୍ ସିକ୍ୟୁରିଟୀ : ₹ 1,99,200/-

**(5) ଇ-ଟେଣ୍ଡର ସଂ. 01-eT-SETT-SBP-25**
**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ କଲୋନୀ ଏରିଆରେ ବିଟୁମିନସ୍ (Bituminous) ରୋଡ଼ଗୁଡ଼ିକର ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 62,37,331.16, ବିଡ୍ ସିକ୍ୟୁରିଟୀ : ₹ 1,24,800/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (କ୍ରମ ସଂଖ୍ୟା 1, 2, 3 ଓ 4 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂଖ୍ୟା 5 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 16.05.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
... www.ireps.gov.in ...
PR-69/Q/25-26



**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମଇ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୨.୦୫.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୫.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0058/25



**କାନାରା ବ୍ୟାଙ୍କ Canara Bank** (A Government of India Undertaking) | ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ...

ନିମାପଡା ଶାଖା (୩୦୪୫୦) / (ସାଙ୍କେତିକ ଦଖଲ)
ଜଟଣୀ ଶାଖା (୩୧୭୭୩) / (ସାଙ୍କେତିକ ଦଖଲ)
ପୁରୀ-୦ ଶାଖା (୦୫୦୪୦) / (ସାଙ୍କେତିକ ଦଖଲ)

ତାରିଖ : ୨୫.୦୪.୨୦୨୫
ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ବ୍ୟାଙ୍କ ଅଫ୍ ଇଣ୍ଡିଆ **Bank of India BOI**
**ବ୍ୟାଙ୍କ ଅଫ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କୁଳଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪
**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ। ସେମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ଶ୍ରୀ କ୍ଷିରୋଦ କୁମାର ମହାନ୍ତି | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K9757 ଇଞ୍ଜିନ ନଂ.: LDHZ407946 ଚେସିସ୍ ନଂ.: MB1NGCHD4LRDE5761 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୨. | ଯୋଡା | ଶ୍ରୀ ବିଜୟ କୁମାର ସିଂହ | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K8287 ଇଞ୍ଜିନ ନଂ.: LDHZ407308 ଚେସିସ୍ ନଂ.: MB1NGCHD2LRDE4513 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୩. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୮,୫୦,୫୦୦/- / ଟ.୮୫,୦୫୦/- | ଏସ୍ ଆଣ୍ଡ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |

ନିଲାମ ତାରିଖ: ୧୫.୦୫.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ **https://baanknet.com**
ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୦୫.୦୫.୨୦୨୫ ରୁ ୧୫.୦୫.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା

ସ୍ଥାନ: କେନ୍ଦୁଝର, ତାରିଖ: ୨୫.୦୪.୨୦୨୫
ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# Classified Everyday
0674-2580101, 9692975378



REAL ESTATE
SALE

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260


**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259


ଭୁବନେଶ୍ୱର– ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**Plot for sale Mahanadi Vihar, Cuttack. Mob- 9937657114 no broker allowed.** D-291



CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397





For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

1 Hall 800-1000sqft. (attach Bathroom) plot No.-104/965, Road No.-16, Mahaveer Nagar near Gangua Bridge, Samantrapur, BBSR. Contact- 6372096033. D-76054

1 Room Kitchen & Bathroom, 42, Swostidham, Shanti Nagar, Jharpada, Bhubaneswar. Contact- 9885043645. D-76053





Full body massage by experience therapist with homely atmosphere. 9114559860. D-275

Full body massage by odia therapist in homely atmosphere. 9556498382. D-75381



BUSINESS

**Newly opened Dance Group, Coriographer with efficient dancers (Boys, Girls & Manager). Contact- 7853844427.** D-75844


## LOST

ମୁଁ ସୁନିତା ସାହୁ, ୩୧ବର୍ଷ, ସ୍ୱାମୀ– ସଞ୍ଜୟ କୁମାର ସାହୁ, ଗ୍ରାମ–ଛକିଲୋ ସିମିଳିପାଟଣା, ପୋଷ୍ଟ–କାକୁଡ଼ିଭାଗ, ଥାନା–ସଦର, ଜିଲ୍ଲା–ଢେଙ୍କାନାଳ, ପିନ୍– ୭୫୯୦୧୫ ଜଣାଉଅଛି କି, ଗତ ୧୦।୦୪।୨୦୨୫ ସକାଳ ୧୦ଟା ସମୟରେ ମୂଳ ପଞ୍ଜୀକୃତ ବିକ୍ରୟ ଦଲିଲ ନମ୍ବର–୪୪୩୪/୨୦୦୨ ଏବଂ ୪୪୩୫/୨୦୦୨, ତା.୨୩।୧୨।୨୦୦୨ରେ ପତିତପାବନ ସାହୁ ଏବଂ ବସନ୍ତ କୁମାର ପଣ୍ଡା ଏବଂ ଲକ୍ଷ୍ମୀଧର ପଣ୍ଡାଙ୍କ ମଧ୍ୟରେ ପଞ୍ଜୀକୃତ ହୋଇଥିବା ସମ୍ପତ୍ତିର ଲିଙ୍କ୍ କାଗଜପତ୍ର ହେଉଛି ଯାହା–ସୁନିତା ସାହୁ, ପ୍ଲଟ୍ ନମ୍ବର– ୧୪୧,୧୪୧/୬୧୬୧,୧୪୧/୬୧୬୨,୧୩୮/୬୦୯୮,୧୩୯ ଏବଂ ୧୩୯/୬୧୬୩, ଖାତା ନମ୍ବର– ୭୮୪/୧୪୯୩ ମୌଜା–ଭାପୁର, ତହସିଲ–ସଦର ଢେଙ୍କାନାଳ, ଜିଲ୍ଲା–ଢେଙ୍କାନାଳ। ମୋ ସ୍ୱାମୀଙ୍କ ସହିତ ଢେଙ୍କାନାଳରୁ ଭାପୁରକୁ ଆସୁଥିବା ବାଟରେ କେଉଁଠାରେ ହଜିଯାଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଉକ୍ତ ଡକ୍ୟୁମେଣ୍ଟଟି ମିଳିନାହିଁ। ମୁଁ ଉପର କଥିତ ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଏମ୍‌ସିସି, ଲିଙ୍କରୋଡ୍, କଟକରେ ବନ୍ଧକ ରଖିବାକୁ ଯାଉଛି। ଯଦି କେହି ଉପରୋକ୍ତ ଦଲିଲଗୁଡିକ ପାଆନ୍ତି, ତେବେ ଦୟାକରି ମୋବାଇଲ– ୯୯୩୭୭୯୮୨୮୬ କିମ୍ବା ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। କିମ୍ବା କଥିତ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୨୯୨

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Krushnakanta Pradhan, At/P.O.- Purunakatak, Boudh-762013 have lost possession of residues of my already damaged Transfer cum Conduct Certificate which was issued by Ravenshaw University, Cuttack bearing the SI No.-11059. If anyone found kindly contact on- 6371487351. D-285

## AFFIDAVIT

Affidavit before Executive Magistrate, Jagannathprasad, Ganjam No.-253/21.04.2025. That I Kumuti Naik (old name), S/o- Duari Naik, At- Khairanati, P.O.- Kumpapada, P.S.- Jagannathprasad, Ganjam changed my name from Kumuti Naik to Bipra Naik. Henceforth, I shall be known as Bipra Naik for all future purposes. D- 296

I, Mamata Sahu, D/o- Yudhisthir Sahu, R/o- Village- Kanakbira, P.S./ Dist.- Bargarh declare that in my Aadhaar card my name has been mentioned as Mamata Sahu, but in previous Aadhaar card wrongly mentioned as Mamata Duan. By this affidavit No.- 829, dated 16.04.2025 sworn before the Notary Public, Sohela now onwards I shall be known as Mamata Sahu for all future purposes. D-297


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q1997238846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.- 712
dt- 24.04.2025

ମାନ୍ୟବର ଆଡିସିନାଲ କମିଶନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଆଇ.ଏ.ଏସ୍. ଆଡିସିନାଲ ରିଭିଜନ
କୋର୍ଟ ନଂ.– ୪ଙ୍କ ଅଦାଲତ,
ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେଶ୍ ନଂ.– ୨୦/୨୦୨୪

ଶ୍ରୀ ଅକ୍ଷୟ କୁମାର ସାହୁ
....ବାଦୀ/ଦରଖାସ୍ତକାରୀ
ବନାମ
ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧) ଭାଗୀରଥି ରାଉତ, ପିତା– ୰ଦିଗମ୍ବର ରାଉତ, ସା/ପୋ– ପଟିଆ, ଥାନା– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା
....ପ୍ରତିବାଦୀ ନଂ.–୨
୨) ଗଗନ ବିହାରୀ ରାଉତ, ପିତା– ୰ଦିଗମ୍ବର ରାଉତ, ସା/ପୋ– ପଟିଆ, ଥାନା– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା
....ପ୍ରତିବାଦୀ ନଂ.– ୪
୩) ଏମ୍/ଏସ୍ ସିଟିକନ ଇଞ୍ଜିନିୟରସ ଲିମିଟେଡ ପ୍ରତିନିଧିତ୍ୱ କରିଥିବା ନିର୍ଦ୍ଦେଶକ ଇଂ ଦୀପକ ମହାନ୍ତି, ପିତା– ୰ହୃଷୀକେଶ ମହାନ୍ତିଙ୍କ କାର୍ଯ୍ୟାଳୟ ଠିକଣା ପ୍ଲଟ୍ ନଂ.– ୫୪୦, ପୋ/ଥାନା– ସହୀଦନଗର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡିଶା
....ପ୍ରତିବାଦୀ ନଂ.– ୫

ନୋଟିସ୍

ସିପିସି ଅର୍ଡର–୫, ରୁଲ–୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା– ୧୫(ଖ) ମୁତାବକ ମାନ୍ୟବର ଆଡ଼ିସିନାଲ କମିଶନର, ଆଡ଼ିସିନାଲ ରିଭିଜନ କୋର୍ଟ ନଂ.– ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ଅକ୍ଷୟ କୁମାର ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.– ୨,୪ ଓ ୫ ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.– ୨,୪ ଓ ୫ ମାନଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଇ ଅଛିକି ଯେ, ଉପରୋକ୍ତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଆଡ଼ିସିନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୬।୦୬।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦ୍ରଶେଖରପୁର, ମୌଜା– ଚନ୍ଦ୍ରଶେଖରପୁର, ସାବକ ଖାତା ନଂ.– ୧୯୦, ସାବକ ପ୍ଲଟ୍ ନଂ.– ୫୬୪, ଅନୁରୂପ ହାଲ ଖାତା ନଂ.– ୯, ହାଲ ପ୍ଲଟ୍ ନଂ.– ୮୧୬, ଏରିଆ ଏ.୦.୧୨୦ ଡେସିମାଲରୁ କ୍ରୟବୃତ୍ତି ଏରିଆ ଏ୦.୦୪୬ ଡେସିମାଲ (ଦୁଇହଜାର ବର୍ଗଫୁଟ) ଚିହ୍ନିତ ଅନୁସାରେ ସବ ପ୍ଲଟ୍ ନଂ.– ୦୭, ଚୌପଦି: ଉତ୍ତର– ରେଭେନ୍ୟୁ ପ୍ଲଟ୍ ନଂ.– ୮୨୪, ଦକ୍ଷିଣ– ରାସ୍ତା, ପୂର୍ବ– ରେଭେନ୍ୟୁ ପ୍ଲଟ୍ ନଂ.– ୮୧୬(ଅଂଶ), ପଶ୍ଚିମ– ସବ ପ୍ଲଟ୍ ନଂ.– ୦୬

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.–୨,୪ ଓ ୫ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./– ଆଡିସିନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
କୋର୍ଟ ଅଫିସର
ଧ–୨୮୬

I.R. No.- 630
Date- 23.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ
ରିଭିଜନ୍ ଅଦାଲତ ନଂ.– ୨
(ଶ୍ରୀ ପ୍ରଦୀପ କୁମାର ନାୟକ)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ
କାର୍ଯ୍ୟାଳୟ, ଭୁବନେଶ୍ୱର,
ଜିଲ୍ଲା– ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ
ସେଟେଲମେଣ୍ଟ ୧୯୫୮ ଆଇନର
ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. ମକଦ୍ଦମା ନମ୍ବର–
୧୦୩୩/୨୦୨୧

ଅମିତ କୁମାର ମଲ୍ଲିକ, ପିତା– ଉପେନ୍ଦ୍ରନାଥ ମଲ୍ଲିକ
.....ବାଦୀ
ବନାମ
ରାମଚନ୍ଦ୍ର ଦାଶ ଏବଂ ଅନ୍ୟମାନେ
....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର–୫, ରୁଲ– ମୁତାବକ

୩) ହାଡ଼ିବନ୍ଧୁ ମହାପାତ୍ର, ୪) ସୁଦର୍ଶନ ମହାପାତ୍ର ଉଭୟଙ୍କର ପିତା ସ୍ୱର୍ଗତ ଗୋପୀନାଥ ମହାପାତ୍ର, ୫) ଟୁକୁନା ମହାପାତ୍ର, ସ୍ୱାମୀ ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର, ୬) ମଳୟ ମହାପାତ୍ର, ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର, ୭) ରବିନ୍ଦ୍ର ନାଥ ମହାପାତ୍ର, ପିତା ସ୍ୱର୍ଗତ ମଗୁଣୀ ମହାପାତ୍ର, ୮) ହୃଷୀକେଶ ମହାପାତ୍ର, ପିତା– ସ୍ୱର୍ଗତ ଗୋବିନ୍ଦ ମହାପାତ୍ର, ପ୍ରତିବାଦୀ ନଂ.– ୩ ଠାରୁ ୮ ମାନଙ୍କର ବାସସ୍ଥାନ ସା/ପୋଷ୍ଟ– ଘାଟିକିଆ, ଥାନା– ଖଣ୍ଡଗିରି, ଜିଲ୍ଲା–ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.– ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା– ଶଙ୍କରପୁର, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା

ସାବକ

ଖାତା ନଂ.– ୨୭୬, ପ୍ଲଟ୍ ନଂ.– ୫୭୩, ସବ– ପ୍ଲଟ୍ ନଂ.– ୫୭୩/ଏ, କିସମ– ଶାରଦ– ଅଣଜଳସେଚିତ–୩, ରକବା– ଏ.୦.୨୩୦ଡି ସ୍ଥଳରୁ ଏ.୦.୧୩୮ଡି, ସ୍ୱତ୍ୱ– ସ୍ଥିତିବାନ,

ହାଲ

ଖାତା ନଂ.– ୧୩୬୬, ପ୍ଲଟ୍ ନଂ.– ୧୦୩୭, କିସମ– ଶାରଦ– ଅଣଜଳ ସେଚିତ–୩, ରକବା– ଏ.୦.୦୬୨ଡି., ସ୍ୱତ୍ୱ– ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା–
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./–କୋର୍ଟ ଅଫିସର
ଧ–୨୯୩

# ରାଜ୍ୟରେ ୪୩ ନୂଆ ସିଭିଲ ଜଜ୍ କୋର୍ଟ

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)



ରାଜ୍ୟରେ ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) ଗଠିତ ହୋଇଛି। ପୂର୍ବରୁ ୩ଟିହୋଇଥିବା ବେଳେ ଶୁକ୍ରବାର ଆଉ ୪୩ଟି କରାଯାଇଛି। ଏହି କୋର୍ଟଗୁଡିକ ବାଲେଶ୍ୱର ଜିଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲାର ରାୟଗଡା, ପୁରୀ ଜିଲାର ସତ୍ୟବାଦୀ, କେନ୍ଦୁଝର ଜିଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୂରଭଞ୍ଜ ଜିଲାର ବହଳଦା, ରରୁଆଁ, ବିଶୋଇ ଓ ବାରିପଦା, ଜଗତ୍‌ସିଂହପୁର ଜିଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲାର ଉଲୁଣ୍ଡା, ବରଗଡ଼ ଜିଲାର ଭଟଲି, ଝାରସୁଗୁଡ଼ା ଜିଲାର କୋଲାବିରା, ଖୋର୍ଦ୍ଧା ଜିଲାର ବାଣପୁର, କୋରାପୁଟ ଜିଲାର ପଟାଙ୍ଗୀ, ଯାଜପୁର ଜିଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲାର ଟିକାବାଲି, କେ. ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲାର ତିହିଡ଼ି, ମାଲକାନଗିରି ଜିଲାର ଖଇରପୁଟ, ଢେଙ୍କାନାଳ ଜିଲାର ଢେଙ୍କାନାଳ, ବଲାଙ୍ଗୀର ଜିଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୪୬ଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର(ଜୁରିସ୍‌ଡିକ୍ସନ) ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡିକର ଅଧିକାର ସମାପ୍ତ ହେଲା ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଉପୋରକ୍ତ ୪୬ଟି ନୂତନ ସିଭିଲ୍ ଜଜ୍ କୋର୍ଟ ମଧ୍ୟରୁ ୩ଟିର ଘୋଷଣା କରାଯାଇସାରିଥିଲା। ସୁନ୍ଦରଗଡ ଜିଲାର ଲେଫ୍ରିପଡ଼ା,ସମ୍ବଲପୁର ଜିଲାର ରେଙ୍ଗାଲି ଏବଂ ବାଲେଶ୍ୱର ଜିଲାର ବାଲିଆପାଳଠାରେ ନୂଆ ସିଭିଲ୍ ଜଜ୍ କୋର୍ଟ ଗଠିତ ହୋଇସାରିଛି।

# ଆନ୍ଧ୍ରରୁ ଚାଲାଣ ବେଳେ ୪୭୩ କଇଁଛ ଜବତ

ଏମ୍‌ଭି–୭୯,୨୫।୪
(ଭିକି ବାରିକ)



ଜବତ ଗାଡ଼ି ସହ କଇଁଚ।

ଏକ ବୋଲେରୋରେ ଆନ୍ଧ୍ରରୁ ଓଡ଼ିଶାକୁ ଚୋରା ଚାଲାଣ ହେଉଥିବା ୪୭୩ଟି କଇଁଛକୁ ମାଲକାନଗିରି ଜିଲା ସୀମାନ୍ତରୁ ଶୁକ୍ରବାର ଭୋର ୪ଟାରେ ମୋଟୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଆନ୍ଧ୍ରରୁ ଓଡ଼ିଶାକୁ କଇଁଛ ଚୋରା ଚାଲାଣ ହେଉଥିବା ମୋଟୁ ବନ ବିଭାଗର ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁଙ୍କୁ ସୂଚନା ମିଳିଥିଲା। ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ମୁରଲୀଧର ଅନୁଗୁଳିଆଙ୍କ ନେତୃତ୍ୱରେ ଏକ ଟିମ୍ ମୋଟୁ ଦେଇ ମାଲକାନଗିରିକୁ ସଂଯୋଗ କରୁଥିବା ୨ଟି ବର୍ଡର ଚେକ୍‌ଗେଟ ଯଥା ଆନ୍ଧ୍ରର କାଲେରୁ ଏବଂ ଛତିଶଗଡର କୋଣ୍ଟା ମୋଟୁ ପୋଲଠାରେ ଜଗି ରହିଥିଲେ। ତେବେ କୋଣ୍ଟା ମୋଟୁକୁ ସଂଯୋଗ କରୁଥିବା ପୋଲ ଦେଇ ଆସୁଥିବା ଏକ ବୋଲେରୋ ନଂ (ଓଆର ୧୦ଇ ୫୮୭୭)କୁ ବନ କର୍ମଚାରୀ ଅଟକାଇବାକୁ ଚେଷ୍ଟା କରିବାରୁ ଗାଡ଼ି ଛାଡ଼ି ୨ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରେ ୪୭୩ଟି କଇଁଛ ରହିଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ ଗାଡ଼ିକୁ ଜବତ କରି ମୋଟୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଛି। ଏହି କଇଁଛ ଆନ୍ଧ୍ରରୁ ଅଣାଯାଇ ମାଲକାନଗିରି ଜିଲାର କାଲିମେଳାର ବିଭିନ୍ନ ଅଞ୍ଚଳରେ ବିକ୍ରି କରିବା ପାଇଁ ନିଆଯାଉଥିବା ଜଣାପଡ଼ିଛି। ଫେରାର ୨ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା କରାଯାଉଥିବା ମୋଟୁ ଫରେଷ୍ଟର ଅନୁଗୁଳିଆ ସୂଚନା ଦେଇଛନ୍ତି।

# ୨୦୩୬ ସୁଦ୍ଧା ମହାବଳ ସଂଖ୍ୟା ୧୦୦ ଛୁଇଁବ: ପିସିସିଏଫ୍

ବାରିପଦା,୨୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଜାତୀୟ ଉଦ୍ୟାନ

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଦେଶର ୧୦୭ ତମ ଜାତୀୟ ଉଦ୍ୟାନ ମାନ୍ୟତା ପାଇଛି। ବନ୍ୟଜନ୍ତୁ, ଔଷଧୀୟ ବୃକ୍ଷଲତା, ଅର୍କିଡ୍, ହସ୍ତୀ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ନେଇ ଶିମିଳିପାଳ ପ୍ରସିଦ୍ଧି ଲାଭ କରିଛି। ମହାବଳ ବାଘ ସଂଖ୍ୟା ୪୦କୁ ବୃଦ୍ଧି ପାଇଥିବା ନେଇ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ପ୍ରେମ କୁମାର ଝା ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ୨୦୩୬ ସୁଦ୍ଧା ବାଘ ସଂଖ୍ୟା ୧୦୦ ପାର ହେବା ନେଇ ସମସ୍ତ ପ୍ରସ୍ତୁତି ଆଗେଇ ଚାଲିଛି ବୋଲି ପିସିସିଏଫ୍ କହିଛନ୍ତି।

ଦୀର୍ଘ ୪୫ ବର୍ଷ ପରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ୮୪୫.୭୦ବର୍ଗ କି.ମି. ଅଞ୍ଚଳ ଜାତୀୟ ଉଦ୍ୟାନ ଘୋଷଣା ହେବା ପରେ ଶିମିଳିପାଳ ଉପରେ କୌଣସି ବ୍ୟକ୍ତି ବିଶେଷଙ୍କ ଅଧିକାର ରହିବ ନାହିଁ। ଏହି ଅଞ୍ଚଳରେ କୌଣସି ଜନବସତି ନ ଥିବା ବେଳେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ପିସିସିଏଫ କହିଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ ଜିନ୍ନତ ଓ ଯମୁନା ବ୍ୟତୀତ ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୪୦ରେ ପହଞ୍ଚିଛି। ସେଥିମଧ୍ୟରେ ୮ଟି ଶାବକ, ୧୩ଟି ଅଣ୍ଡିରା ଓ ୧୭ଟି ବାଘୁଣୀ ରହିଥିବା ବେଳେ ୨ଟି ମହାବଳ ଅଣ୍ଡିରା ନା ମାଈ ତାହା ସ୍ପଷ୍ଟ ହୋଇପାରିନାହିଁ। ଏହି ବାଘଙ୍କ ମଧ୍ୟରେ ୧୮ଟି କଳାବାଘ(ମିଲେନାଷ୍ଟିକ ଟାଇଗର) ରହିଛନ୍ତି। କଳାବାଘ ମଧ୍ୟରେ ୯ଟି ଅଣ୍ଡିରା ଓ ୯ଟି ମାଈ ବାଘୁଣୀ ରହିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦୦ ଛୁଇଁବ ବୋଲି ବନ ବିଭାଗ ଲକ୍ଷ୍ୟ ରଖିଥିବା ପିସିସିଏଫ୍ ଝା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ୨୦୨୩ରେ ଏନ୍‌ଟିସିଏ ପକ୍ଷରୁ ପ୍ରକାଶିତ ବାଘ ଗଣନା ରିପୋର୍ଟରେ ଶିମିଳିପାଳରେ ୨୭ଟି ମହାବଳ ବାଘ ରହିଥିବା ବେଳେ ୮ଟି ଶାବକ ଥିବା ପ୍ରକାଶ ପାଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃ ଗଣତି କରାଯାଇ ଟ୍ରାପ କ୍ୟାମେରାରେ ୧୨ଟି ବାଘ ଶାବକ ରହିଥିବା ଜଣାପଡ଼ିଥିଲା।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଉର୍ମିଳା ମହାନ୍ତି
ଗ୍ରାମ– ସମସରପୁର
ଶ୍ରୀଜଗନ୍ନାଥଙ୍କର ଚରଣାରବିନ୍ଦରେ
ଆପଣଙ୍କ ଅମର ଆତ୍ମା ଶାନ୍ତି ଲାଭ କରୁ।
ଜଗତର ନାଥ ଜଗନ୍ନାଥଙ୍କ ପାଦପଦ୍ମରେ
ଆମର ଏତିକି ଲୋତକଭରା ନିବେଦନ।
ଇତି ଆପଣଙ୍କର ଶୋକସନ୍ତପ୍ତ
ପରିବାରବର୍ଗ।
ଧ–୨୮୧

# ୨୦୫୭ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ

ଭୁବନେଶ୍ୱର,୨୫ା୪: (ଅଭୟ ଦାଶ)



ବ୍ୟାଙ୍କର ଇଏସ୍‌ଜି ନୀତି ଉନ୍ମୋଚନ ଅବସରରେ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ରେ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଓବି ପକ୍ଷରୁ ପରିବେଶ, ସାମାଜିକ ଓ ପ୍ରଶାସନ (ଇଏସ୍‌ଜି) ନୀତି ଉନ୍ମୋଚନ କରାଯିବାର ଐତିହାସିକ ଘୋଷଣା କରାଯାଇଥିବା ବେଳେ ୨୦୫୭ ସୁଦ୍ଧା ନେଟ୍ ଜିରୋ ଏମିସନ୍ (ନିର୍ଗମନ) ଲକ୍ଷ୍ୟ ହାସଲ କରିବା ଲାଗି ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଛି। ଏହି ରଣନୈତିକ ପଦକ୍ଷେପ ଦାୟିତ୍ୱବାନ ଏବଂ ସ୍ଥାୟୀ ବ୍ୟାଙ୍କିଙ୍ଗ ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ଇଏସ୍‌ଜି ବିପଦକୁ ହ୍ରାସ କରିବା ଏବଂ କମ୍ କାର୍ବନ ଭବିଷ୍ୟତ ପାଇଁ ସୁଯୋଗ ହାସଲ କରିବା, ଗ୍ଲୋବାଲ ସଷ୍ଟେନେବିଲିଟି ଫ୍ରେମୱାର୍କ ସହିତ ସମନ୍ୱିତ ହେବା ଏବଂ ବ୍ୟାଙ୍କ ମଧ୍ୟରେ ଏକ ଇଏସ୍‌ଜି-କେନ୍ଦ୍ରିତ ସଂସ୍କୃତି ସୃଷ୍ଟି କରିବା ପାଇଁ ବ୍ୟାଙ୍କର ଦୀର୍ଘଦିନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ଅକ୍ଷୟ ଶକ୍ତି ଉତ୍ସର ଗୁରୁତ୍ୱ ଉପରେ ଆଲୋକପାତ କରୁଥିବା ପୃଥିବୀ ଦିବସ-୨୦୨୫ର ବିଷୟବସ୍ତୁ 'ଆମ ଶକ୍ତି, ଆମ ଗ୍ରହ'ର ବିଷୟବସ୍ତୁ ଅନୁଯାୟୀ ବ୍ୟାଙ୍କ ଅଫ୍ ବରୋଦା ନବୀକରଣୀୟ ଶକ୍ତି କ୍ଷେତ୍ରକୁ ଋଣ ଆବଣ୍ଟନରେ ପ୍ରାଥମିକତା ଦେବ। ସେହିପରି ବ୍ୟାଙ୍କ୍ ପରିବେଶ ସୁରକ୍ଷା ଦିଗରେ ନିଜର ଯୋଗଦାନ 'ପ୍ଲାଣ୍ଟ-ଏ-ଟ୍ରି' କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ପ୍ରତ୍ୟେକ ଅଟୋ ଏବଂ ଗୃହ ଋଣ ପାଇଁ ଗ୍ରାହକମାନଙ୍କ ପକ୍ଷରୁ କ୍ୟାଲେଣ୍ଡର ବର୍ଷ ୨୦୨୫ରେ ଏପର୍ଯ୍ୟନ୍ତ ୩୦,୦୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଛି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ପୃଥିବୀ ଦିବସ-୨୦୨୫ ବ୍ୟାଙ୍କ ଅଫ୍ ବରୋଦାର ସ୍ଥାୟିତ୍ୱପୂର୍ଣ୍ଣ ବୃଦ୍ଧି ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ହେବ। ଆମ ଇଏସ୍‌ଜି ନୀତି ଏବଂ ଆମର ନେଟ୍ ଜିରୋ ପ୍ରତିବଦ୍ଧତାର ଉନ୍ମୋଚନ ହେଉଛି, ପରିବେଶ ସୁରକ୍ଷାରେ ଅର୍ଥପୂର୍ଣ୍ଣ ଯୋଗଦାନ, ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ଶାସନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ମାଧ୍ୟମରେ ବ୍ୟାଙ୍କ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ ଗୁରୁତ୍ୱ ଦେଉଛି। ଆମର ଲକ୍ଷ୍ୟ ହେଉଛି ଇଏସ୍‌ଜି ଅଭ୍ୟାସକୁ ଆମର କାର୍ଯ୍ୟନୀତି ଏବଂ ପରିଚାଳନାରେ ସାମିଲ କରିବା।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୫ା୪

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୫୮୯ (୫୮୮.୯୦) ପଏଣ୍ଟ ହ୍ରାସ ଘଟି ୭୯,୨୧୨ (୭୯,୨୧୨.୫୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦୭ (୨୦୭.୩୫) ପଏଣ୍ଟ କମି ୨୪,୦୩୯ (୨୪,୦୩୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ସୁନୀଲ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ନୂଆ ଅଧ୍ୟକ୍ଷ



ଖବରଦାତା ସମ୍ମିଳନୀକୁ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ପ୍ରତିନିଧି ସମ୍ବୋଧିତ କରୁଛନ୍ତି।

ଭୁବନେଶ୍ୱର,୨୫ା୪

ଭାରତୀୟ ଶିଳ୍ପ ମହାସଂଘ ବା ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ଆଲୁମିନିୟମ ବିଜ୍‌ନେସ୍ ବିଭାଗର ସିଇଓ ସୁନୀଲ ଗୁପ୍ତା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ସ ଅପରେଶନ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏପରି କି ୨୦୨୫-୨୬ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ଉଭୟଙ୍କୁ ନିର୍ବାଚିତ କରାଯାଇଥିବା ପରିଷଦ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ (ନବନିର୍ବାଚିତ) ସୁନୀଲ ଗୁପ୍ତା ଏବଂ ଉପାଧ୍ୟକ୍ଷ (ନବନିର୍ବାଚିତ) ସୁରେଶ ଜି ଓ ଅଶୋକ ବାରାତ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ଓ ପରିଷଦର ସ୍ୱତନ୍ତ୍ର ବୈଠକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ଅନ୍ତର୍ଜାତୀୟ ଶିକ୍ଷା ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୫ା୪

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଇଡିପି ଏଡୁକେଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଏକ ସର୍ବବୃହତ୍ ଅନ୍ତର୍ଜାତୀୟ ଶିକ୍ଷାମେଳାର ଆୟୋଜନ କରାଯାଇଥିଲା। ଏପରି କି ଏହି ମେଳା ଜରିଆରେ ଆମେରିକା, ୟୁକେ ଭଳି ପ୍ରମୁଖ ସହରଗୁଡ଼ିକରେ ଉଚ୍ଚଶିକ୍ଷା କରିବାକୁ ଆଶାୟୀ ଛାତ୍ରୀଛାତ୍ରଙ୍କ ବିଦେଶର ୧୩ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସହିତ ଉଚ୍ଚ ଶିକ୍ଷା ଲାଭ ପାଇଁ ଚାହୁଁଥିବା ପ୍ରାର୍ଥୀଙ୍କ ଲାଗି ଆବଶ୍ୟକ ସମର୍ଥନ ଯୋଗାଇ ଦେବ। ସେହିଭଳି ଏହି ଅନ୍ତର୍ଜାତୀୟ ଶିକ୍ଷା ମେଳାରେ ଛାତ୍ର ଓ ଅଭିଭାବକମାନଙ୍କୁ ସେମାନଙ୍କ ପସନ୍ଦର ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ବିଷୟରେ ଧାରଣା ପ୍ରଦାନ ସହିତ ଅଂଶଗ୍ରହଣକାରୀମାନେ ସେମାନଙ୍କ ଶିକ୍ଷାଗତ ଓ ବୃତ୍ତିଗତ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେଇପାରିବେ। ଏ ସମ୍ପର୍କରେ ଆଇଡିପି ଏଡୁକେଶନର ଦକ୍ଷିଣ ଏସିଆ, କାନାଡ଼ା ଓ ଲାଟିନ ଆମେରିକାର ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି, ଭୁବନେଶ୍ୱର ଅନ୍ତର୍ଜାତୀୟ ଶିକ୍ଷା ଲାଗି ଏକ ପ୍ରମୁଖ ବଜାର ହୋଇଥିଲା ବେଳେ ପିଲାମାନଙ୍କ ଚାହିଦା ପୂରଣ ପାଇଁ ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସେମାନଙ୍କୁ ମାର୍ଗଦର୍ଶନ ଲାଗି ଆମେ ପ୍ରୟାସ କରୁଛୁ। ଏହି ପ୍ଲାଟଫର୍ମ ଜରିଆରେ ସେମାନେ ନିଜର ଭବିଷ୍ୟତ ଶିକ୍ଷା ବିଷୟରେ ନିଷ୍ପତ୍ତି ନେଇପାରିବେ। ସେହିପରି ଏହି ମେଳା ଛାତ୍ରୀଛାତ୍ରମାନଙ୍କୁ ସୁବିଧାରେ ପଢିବା ଲାଗି ବିସ୍ତୃତ ଜ୍ଞାନପ୍ରଦାନ କରିବ; ଯେଉଁଥିରେ ଭିଜା ନୀତି, ଶିକ୍ଷା ପର ସୁଯୋଗ, ବୃତ୍ତି ଏବଂ ଉଭୟ ଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ଲାଗି ଜରୁରୀ ବିଷୟଗୁଡ଼ିକ ବୁଝିବାରେ ସହାୟକ ହୋଇପାରିବ। ସେମାନଙ୍କୁ ଅଧିକ ସହାୟତା କରିବା ଲାଗି ଆଇଡିପି ଏଡୁକେଶନ ମାଗଣା ସେବା ପ୍ରଦାନ କରୁଛି; ଯାହା ଆବେଦନ, ପ୍ରସ୍ଥାନ ପୂର୍ବ ମାର୍ଗଦର୍ଶନ ଓ ଭିଜା ସହାୟତା ଅନ୍ତର୍ଭୁକ୍ତ, ଯାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ସୁଗମ ଯାତ୍ରା ସୁନିଶ୍ଚିତ କରିଥାଏ।

## ଅରୁନ୍ଧତୀ ଜୁଏଲର୍ସଙ୍କୁ ୨ଟି ଜାତୀୟ ସମ୍ମାନ

ଭୁବନେଶ୍ୱର,୨୫ା୪



ଅତିଥିଙ୍କଠାରୁ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେର ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସଙ୍କୁ ନିକଟରେ ୨ଟି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଲ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ ପକ୍ଷରୁ ମୁମ୍ବାଇ ଜିଓ ୱାର୍ଲ୍ଡ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସଙ୍କୁ ପ୍ରିଫର୍ଡ ରିଟେଲର ଅଫ୍ ଇଣ୍ଡିଆ-୨୦୨୫ ସମ୍ମାନିତ କରାଯାଇଥିଲାବେଳେ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେରଙ୍କୁ 'ଜିଜେସି ନେକ୍ସଟ୍ ଜେନେରେଶନ ଫ୍ୟୁଚର ଅଫ୍ ଜୁଏଲେରି ଇଣ୍ଡଷ୍ଟ୍ରି' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ପ୍ରତୀକ ମେହେର ସମ୍ମାନ ସମାରୋହରେ ଯୋଗଦେଇ ଅତିଥିଙ୍କଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ପ୍ରଥମ ଥର ପାଇଁ ୨ଟି ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିବା ଓଡ଼ିଶାର ପ୍ରଥମ ବ୍ରାଣ୍ଡ୍ ଭାବେ ଅରୁନ୍ଧତୀ ଏହି ଗୌରବର ଅଧିକାରୀ ହୋଇପାରିଛି।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ପାଇଥିବା ଦୁଇଟି ଜାତୀୟ ସମ୍ମାନ ଅରୁନ୍ଧତୀକୁ ଦୀର୍ଘ ବର୍ଷଧରି ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଦେଇ ବଳିଷ୍ଠ କରିଥିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ସମର୍ପିତ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକଙ୍କ ପ୍ରତି ବିନମ୍ର ସେବା ମନୋଭାବ, ଗ୍ରାହକଙ୍କ ଚାହିଦା ମୁତାବକ ନୂତନ ଡିଜାଇନର ଅଳଙ୍କାର ଯୋଗାଇ ଦେଇ ସର୍ବାଦୃତି ହୋଇଥିବା ଅରୁନ୍ଧତୀ ତା'ର ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସ୍ୱଚ୍ଛତା, ଗହଣା ମାନରେ ଶୁଦ୍ଧତା, ସୃଜନଶୀଳତା ଓ ଦୂରଦୃଷ୍ଟି ସମ୍ପନ୍ନ ଅଭିଜ୍ଞତା ପରିପୂର୍ଣ୍ଣ ବ୍ୟବସାୟ ଅରୁନ୍ଧତୀକୁ ଗୋଟିଏ ମଞ୍ଚରେ ଦୁଇ ଦୁଇଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର ଲାଭ କରିବାରେ ସହାୟକ ହୋଇଛି।

## ଆଇଆର ପ୍ଲାନର ଶୁଭାରମ୍ଭ

ଭୁବନେଶ୍ୱର,୨୫ା୪

ଭାରତୀ ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ଅନ୍ତର୍ଜାତୀୟ ରୋମିଂ (ଆଇଆର୍) ପ୍ଲାନର ଶୁଭାରମ୍ଭ କରାଯାଇଛି। ଏପରି କି ଆର୍‌ଆଇ ପୋର୍ଟଫୋଲିଓରେ ନୂଆ ପ୍ଲାନ ଗ୍ରାହକଙ୍କ ପାଇଁ ସହଜ, ଅଧିକ ସୁଲଭ ଏବଂ ସମ୍ପୂର୍ଣ୍ଣ ଅସୁବିଧାମୁକ୍ତ ବୋଲି କୁହାଯାଉଛି। ଅପରପକ୍ଷରେ କମ୍ପାନୀ ଭାରତର ପ୍ରଥମ ଅସୀମିତ ଆଇଆର୍ ପ୍ଲାନ୍‌କୁ ନିକଟରେ ଉନ୍ମୋଚନ କରିଛି, ଯାହା ୧୮୯ ଦେଶରେ ଅସୀମିତ ଡାଟା ପ୍ରଦାନ କରୁଛି। ଏହା ବ୍ୟତୀତ ଦୀର୍ଘଦିନ ଧରି ରହୁଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ସମ୍ପ୍ରଦାୟ ପାଇଁ ଏୟାରଟେଲ ଏକ ବର୍ଷ ବୈଧତା ସହିତ ୪,୦୦୦ ଟଙ୍କାର ଏକ ନିଆରା ରିଚାର୍ଜ ପ୍ଲାନର ମଧ୍ୟ ଶୁଭାରମ୍ଭ କରିଛି। ବିଦେଶରେ ବ୍ୟବହାର ପାଇଁ ଏହି ପ୍ଲାନରେ ୫ଜିବି ଡାଟା ଏବଂ ୧୦୦ ଭଏସ୍ ମିନିଟ୍‌ର ସୁବିଧା ମିଳୁଥିବାବେଳେ ଭାରତରେ ଗ୍ରାହକମାନେ ସମାନ ପ୍ଲାନ ବ୍ୟବହାର କରି ଦୈନିକ ୧.୫ ଜିବି ଡାଟା ଏବଂ ଅସୀମିତ କଲ୍ ସୁବିଧା ପାଇପାରିବେ। ଏହି ପ୍ଲାନ୍ ଗ୍ରାହକଙ୍କୁ ୧୮୯ଟି ଦେଶର ଯେକୌଣସି ସ୍ଥାନରେ ଅସୁବିଧାମୁକ୍ତ ସଂଯୋଗ ଅନୁଭୂତି ପ୍ରଦାନ କରିବ ଏବଂ ଭାରତରେ ଅଲଗା ରିଚାର୍ଜ ନ କରି ସମାନ ନମ୍ବର ବ୍ୟବହାର କରିବା ସୁବିଧା ପ୍ରଦାନ କରିବ। ଭାରତୀ ଏୟାରଟେଲର ନିର୍ଦ୍ଦେଶକ ମାର୍କେଟିଂ ଓ ସିଇଓ ସିଦ୍ଧାର୍ଥ ଶର୍ମା କହିଛନ୍ତି, ଆମେ ଗ୍ରାହକଙ୍କ ଜୀବନକୁ ସରଳ କରିବା ଏବଂ ସେମାନଙ୍କୁ ଅଧିକ ମୂଲ୍ୟ ଓ ସୁବିଧା ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ରହିଛୁ। ଆମେ ଆମର ଆଇଆର ଯୋଜନାର ସରଳୀକରଣ କରିଛୁ, ଯାହା ଗ୍ରାହକମାନଙ୍କ ପାଇଁ ଆମର ମୂଲ୍ୟ ପ୍ରସ୍ତାବକୁ ପ୍ରକୃତରେ ପୁନଃପରିକଳ୍ପିତ କରିବ ଏବଂ ସେମାନଙ୍କୁ ଦୁନିଆରେ ଭ୍ରମଣ କରିବା ସମୟରେ ଡାଟା ଏବଂ ଭଏସ୍ ଉଦାର ଭାବେ ବ୍ୟବହାର କରିବାକୁ ସ୍ୱାଧୀନତା ଦେବ। ଗ୍ରାହକଙ୍କ କ୍ରମାଗତ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ପ୍ରଦାନ କରିବାକୁ ଆମେ ନିରନ୍ତର ପ୍ରତିଶ୍ରୁତିବଦ୍ଧ।

# ଅପରାଧ

## ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଝାରସୁଗୁଡା, ୨୫ା୪ (ଆଶିଷ ରଞ୍ଜନ ଦାଶ)

**ଗୁଣିଗାରେଡ଼ିକୁ ନେଇ ହତ୍ୟା ମାମଲା**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ବିଜାପାଲି ଗ୍ରାମରେ ଗୁଣିଗାରେଡିକୁ ନେଇ ଘଟିଥିବା ହତ୍ୟା ମାମଲାରେ ଝାରସୁଗୁଡା ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ଶୁକ୍ରବାର ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ସୌଦାମିନୀ ଜୟପୁରିଆ(୨୨), ସନ୍ତୋଷିନୀ ଜୟପୁରିଆ(୨୩), ପତ୍ରମାଲ ଗ୍ରାମର ନବୀନ ଭୋଇ(୨୨), ସହଦେବ ଜୟପୁରିଆ(୧୯), ଅକ୍ଷୟ ଜୟପୁରିଆ(୧୯)। ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୨ରେ ବିଜାପାଲି ଗ୍ରାମରେ ସଂଯୁକ୍ତା ଜୟପୁରିଆ ନାମ୍ନୀ ଜଣେ କଲେଜ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ଫଳରେ ୨ ଯୁବତୀ ଗୁଣିଗାରେଡି ପୂଜା କରିବାକୁ ଡାକିନେଇ ତାଙ୍କ ଉପରେ ଶିବତାଣ୍ଡବ ନୃତ୍ୟ କରିଥିଲେ। ଏପରି କି ତାଙ୍କ ମୁଣ୍ଡର ଚୁଟିକୁ ଟାଣିବା ସହ ଦେହସାରା ଧୂପକାଠି ଚେଙ୍କ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରିବା ସହ ତଦନ୍ତ କରି ଶିବତାଣ୍ଡବ ନୃତ୍ୟ କରିଥିବା ୨ ଯୁବତୀ, ତାଙ୍କର ୩ ସହଯୋଗୀ ଓ ମୃତା ଛାତ୍ରୀଙ୍କ ମା'ବାପାଙ୍କୁ ଗିରଫ କରିଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ୨ ଯୁବତୀଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରପକ୍ଷରେ ଛାତ୍ରୀଙ୍କ ମା'ବାପା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ହତ୍ୟା ମାମଲା: ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୨୫ା୪ (ପ୍ରଭାତ ପାଣିଗ୍ରାହୀ)

୧୦ବର୍ଷ ପରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଓ ଦୌରାଜଜ୍ (ପ୍ରଥମ) ମଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ୪ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ବାଣପୁର ଅଞ୍ଚଳର ଆଶିଷ ବିଶ୍ୱାଳ, ମାନସ ପାତ୍ର, ସନାତନ ବିଶ୍ୱାଳ ଏବଂ ଆଲୋକ ବିଶ୍ୱାଳ। ଏହି ଘଟଣାରେ ପୂର୍ବରୁ ଦୁଇ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏବଂ ଶ୍ରୀନିବାସ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି।

ବାଣପୁର ଥାନା ହଳନ୍ତରା ଗ୍ରାମର ପ୍ରଶାନ୍ତ ବିଶୋୟୀ ଗ୍ରାମର ଏକ କଂକ୍ରିଟ ରାସ୍ତା ନିର୍ମାଣ କରୁଥିଲେ। ଏହାକୁ ଅଭିଯୁକ୍ତମାନେ ବିରୋଧ କରିଥିଲେ। ୨୦୧୪ ଅକ୍ଟୋବର ୨୨ରେ ଅଭିଯୁକ୍ତମାନେ ତାଙ୍କ ଘରେ ପଶି ବୋମାମାଡ଼ କରିଥିଲେ। ବୋମାମାଡ଼ରେ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ମା' କଳ୍ପୁଣୀ ବିଶୋୟୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୩୧୧/୧୪) ରୁଜୁ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା। ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର(ଏପିପି) ସଲିଳ ପ୍ରଧାନ ଏହି ମାମଲା ପରିଚାଳନା କରିଥିଲେ।

## ସୁରକ୍ଷା ଦାବି କରି ଥାନା ଦ୍ୱାରସ୍ଥ ହେଲେ ବାପି ପଣ୍ଡା

ବାଲେଶ୍ୱର,୨୫ା୪(ବାଞ୍ଛାନିଧି ଦେ)

ଓଡ଼ିଶା ଯାତ୍ରା କଳାକାର ଓ କର୍ମଚାରୀ ସଂଘର ଉପଦେଷ୍ଟା ତଥା ବିଶିଷ୍ଟ ଯାତ୍ରା କଳାକାର ବାପି ପଣ୍ଡା ଓରଫ୍ ସମରେନ୍ଦ୍ର କୁମାର ପଣ୍ଡା ଶୁକ୍ରବାର ବାଲେଶ୍ୱର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଆଇଆଇସି ବିଜୟ କୁମାର ଦାସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପାର୍ବତୀ ଏବଂ ରାଜଧାନୀ ଗଣନାଟ୍ୟର ମୁଖ୍ୟ ପରିଚାଳକ ଜଗତ୍‌ଜୀବନ ପଣ୍ଡା ଓ ଅନ୍ୟ ସହଯୋଗୀମାନେ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧମକ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

ଯାତ୍ରା କଳାକାରଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସେ ସଂଘର ଉପଦେଷ୍ଟା ଭାବେ ମାଲିକ ମହାସଂଘ ବିରୋଧରେ ସ୍ୱର ଉଠାଇଥିଲେ। ଏହାପରେ ତାଙ୍କୁ ଧମକ ମିଳୁଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ବିଭିନ୍ନ ସ୍ଥାନକୁ ଯାଇ ମଞ୍ଚ ଅଭିନୟ କରୁଥିବାରୁ ତାଙ୍କ ନିରାପତ୍ତା ପାଇଁ ସୁରକ୍ଷା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

## ପୋଲିସ ଗୁଳିରେ ୨ ଅଭିଯୁକ୍ତ ଆହତ

**ଢାବାରେ ଡକାୟତି ବେଳେ ମାଲିକଙ୍କୁ ଗୁଳିମାଡ଼ ଘଟଣା**

**ଆହତଙ୍କ ସମେତ ୩ ଗିରଫ, ଜଣେ ଫେରାର**

ରାଉରକେଲା,୨୫ା୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ଗ୍ରାମରେ ଥିବା ଢୁଗ୍ଗୁ ଢାବାରେ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଢାବା ମାଲିକଙ୍କୁ ଗୁଳିମାଡ଼ କରି ୨୦ହଜାର ଟଙ୍କା, ୩ଟି ମୋବାଇଲ ଫୋନ୍ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ବିଶ୍ରା ଥାନା ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ ପୋଲିସ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଜବାବରେ ପୋଲିସ ସେମାନଙ୍କ ଉପରକୁ ପାଲଟା ଗୁଳି ଚଳାଇବାରୁ ୨ଜଣ ଆହତ ହୋଇଥିଲେ। ଆହତଦ୍ୱୟ ହେଲେ ଉଡୁସୁ ଜଟାଟୋଲାର ଶବିନାଥ ସିଂହ(୨୬) ଓ ବାଣେଶ୍ୱର ସିଂହ(୨୦)। ଏହି ଘଟଣାରେ ପୋଲିସ ୨ ଆହତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଆହତମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ଢାବା ମାଲିକଙ୍କ ସ୍ତ୍ରୀ ସୁମନ ଖାଲଖୋ(୪୦)ଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୬୦/୨୫) ରୁଜୁ କରି ତଦନ୍ତ କରୁଛି। ଏ ସମ୍ପର୍କରେ ଶୁକ୍ରବାର ଅପରାହ୍ନ ୫ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ପି ୱାଧୱାନୀ ଆହୁରି କହିଥିଲେ, ସାରୁବାହାଲ ଅଞ୍ଚଳରେ ଅଭିଯୋଗକାରିଣୀ ସୁମନଙ୍କ ସ୍ୱାମୀ ଗଙ୍ଗେଇ ଖାଲଖୋଙ୍କ ଏକ ଢାବା ରହିଛି। ଗୁରୁବାର ରାତିରେ ୭/୮ ଜଣ ତେତରକେଲା ଗ୍ରାମରୁ ୨ଟି ବାଇକ୍‌ରେ ଉକ୍ତ ଢାବାକୁ ଆସି ବନ୍ଧୁକ ଦେଖାଇ କ୍ୟାଶ୍ କାଉଣ୍ଟରରୁ ୨୦ହଜାର ଟଙ୍କା ଏବଂ ୩ ମୋବାଇଲ ନେଇଯାଇଥିଲେ। ଏହାର ବିରୋଧ କରିବାରୁ ସେମାନେ ଢାବା ମାଲିକଙ୍କ ଗୋଡକୁ ଗୋଟିଏ ରାଉଣ୍ଡ ଗୁଳିମାଡ଼ କରିଥିଲେ। ସୂଚନା ପାଇ ବିଶ୍ରା ପୋଲିସ ଟିମ୍ ତେତରକେଲା ପର୍ଯ୍ୟନ୍ତ ଡକାୟତମାନଙ୍କ ପିଛା କରିବା ପରେ ମଣ୍ଡପ ଗ୍ରାମ ନିକଟରେ ୪ଜଣଙ୍କୁ ଦେଖିଥିଲା। ଗିରଫ କରିବାକୁ ଯିବାବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଗୋଡ଼ରେ ଗୁଳି ବାଜିଥିଲା। ଫଳରେ ପୋଲିସ ୨ ଆହତଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣ ଝାଡ଼ଖଣ୍ଡର ଅଛନ୍ତି। ଯଥାଶୀଘ୍ର ସେମାନେ ଧରାପଡ଼ିବେ। ଆହତ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବିଶ୍ରା ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଖାଲି ମାଗାଜିନ୍ ଏବଂ ନଗଦ ୪ହଜାର ୮ଶହ ଟଙ୍କା ଜବତ ହୋଇଛି ବୋଲି ଏସ୍‌ପି ୱାଧୱାନୀ ସୂଚନା ଦେଇଥିଲେ।

## ଠିକାଦାରଙ୍କୁ ଗିରଫକଲା ଭିଜିଲାନ୍ସ

**୫୭ ଲକ୍ଷ ସରକାରୀ ଅନୁଦାନ ହେରଫେର**

କଟକ,୨୫ା୪(କାର୍ତ୍ତିକ ସାହୁ)

କଟକ,୨୫ା୪(କାର୍ତ୍ତିକ ସାହୁ) ସରକାରୀ ଅନୁଦାନ ଅର୍ଥ ପାଖାପାଖି ୫୭ ଲକ୍ଷ ଟଙ୍କା ହେରଫେର କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଶୁକ୍ରବାର ଜଣେ ଠିକାଦାରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଠିକାଦାର ହେଲେ ଲକ୍ଷ୍ମୀଧର ରାଉତରାୟ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୧୭/୨୦୨୫) ରୁଜୁ ହୋଇଛି। ତାଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟକୁ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ନୂଆପଡ଼ା ଜିଲା ଖରିଆର ୱାଟରଶେଡ୍‌ରେ ୨୨ଟି ଲୁଜ୍ ବୋଲଡର ଚେକ୍‌ଡ୍ୟାମ୍ ନିର୍ମାଣ ନ କରି ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ସେ ସଏଲ୍ କନ୍‌ଜରଭେସନ ତଥା ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଂ ଏଜେନ୍ସିର ସହକାରୀ ନିର୍ଦ୍ଦେଶକ ହରିଶ୍ଚନ୍ଦ୍ର ବେଷ୍ଟକାରଙ୍କ ସହ ମିଳିତ ଭାବେ ଏହି କାର୍ଯ୍ୟ କରିଛନ୍ତି। ଭିଜିଲାନ୍ସ ଏବେ ମୁଖ୍ୟ ଅଭିଯୁକ୍ତ ସହକାରୀ ନିର୍ଦ୍ଦେଶକ ବେଷ୍ଟକାର ଓ ଆଉ ଜଣେ ଠିକାଦାର ଅଭିଲାଷ ମେହେରଙ୍କୁ ଗିରଫ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଶିକ୍ଷକ ଗିରଫ

ବାଲେଶ୍ୱର,୨୫ା୪(ବାଞ୍ଛାନିଧି ଦେ)

ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଅସଦାଚରଣ କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଟାଉନ ଥାନା ଅଧୀନ ବଡ଼ଖୁଆ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କରୁଣାକର ଗିରି। ସେ ଦୀର୍ଘଦିନ ଧରି ବିଦ୍ୟାଳୟର କେତେକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ସହ ଅସଦାଚରଣ କରିଆସୁଥିଲେ। ବୁଧବାର ଜଣେ ଷଷ୍ଠ ଶ୍ରେଣୀ ପାସ୍ ଛାତ୍ରୀ ବିଦ୍ୟାଳୟକୁ ମାର୍କସିଟ୍ ଆଣିବା ପାଇଁ ଯାଇଥିଲେ। ଶିକ୍ଷକ ଜଣକ ତାଙ୍କୁ ଏଣୁତେଣୁ ପଚାରି ଅସଦାଚରଣ କରିଥିବା ଏତଲାରେ ଦର୍ଶାଯାଇଛି। ଶିକ୍ଷକଙ୍କ କଳାକାରନାମାର ସୀମା ଟପିବା ପରେ ଛାତ୍ରୀ ଜଣକ ଏ ସମ୍ପର୍କରେ ଘରେ ଜଣାଇଥିଲେ। ପରିବାର ପକ୍ଷରୁ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୯୯/୨୦୨୫) ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଥିଲା। ପୋକ୍‌ସୋ କୋର୍ଟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୧୮୩ ଧାରାରେ ୪ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

## ବ୍ରହ୍ମପୁରରେ ୫ ଜଣଙ୍କୁ ଜେରା କଲାଣି କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୫ା୪ (ସୁବାସ ଚନ୍ଦ୍ର ପାଢ଼ୀ)

**ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ପୁନଃ ତଦନ୍ତ ଚାଲିଛି। କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ପରେ ଏବେ ବ୍ରହ୍ମପୁରରେ ଆସି ଖୋଳତାଡ଼ କରୁଛି। ମାମଲାରେ ଯେଉଁଠି ଯାହାକୁ ସନ୍ଦେହ କରାଯାଉଛି, ସେଠି ସେମାନଙ୍କୁ ଥାନାକୁ ଡାକି ପଚରାଉଚରା ଚାଲିଛି। ଆଉ କେତେଜଣଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ମଲ୍ଲିକଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଗତ ବୁଧବାରଠାରୁ ବ୍ରହ୍ମପୁର ଆସି ତଦନ୍ତ କରୁଛନ୍ତି। ଘଟଣାର ୬ମାସ ପୂର୍ବରୁ ଅଭିଯୁକ୍ତ ଗୋପାଳଙ୍କୁ କେଉଁମାନେ ଫୋନ କରିଥିଲେ ଓ ସେ କ'ଣ ସବୁ କଥାବାର୍ତ୍ତା କରିଥିଲେ ତାହାର ତଥ୍ୟ ସଂଗ୍ରହ କରାଯାଇ ତଦନ୍ତ ଚାଲିଛି। ଏହି ଅବଧି ଭିତରେ ଗୋପାଳଙ୍କ ସହିତ କଥା ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ଫୋନ୍ ନମ୍ବର ସନ୍ଦେହଘେରକୁ ଆସିଛି। ଗୋପାଳଙ୍କ ଭାଇ ସତ୍ୟନାରାୟଣ ଝାରସୁଗୁଡାରେ ହୋଟେଲ କରିଥିଲେ। କିନ୍ତୁ ନବ ଦାସ ହତ୍ୟାକାଣ୍ଡ ପୂର୍ବରୁ ସେ ହୋଟେଲ ବନ୍ଦ କରି ବ୍ରହ୍ମପୁର ଆସିଯାଇଥିଲେ। ତେଣୁ ସତ୍ୟନାରାୟଣ ଏହି ହତ୍ୟାକାଣ୍ଡ ପୂର୍ବରୁ ନିଶ୍ଚୟ କୌଣସି ସୂତ୍ରରୁ ସୁରାକ୍ ପାଇଥିଲେ ବୋଲି ସନ୍ଦେହ କରାଯାଉଛି। ସେ ନେଇ ତାଙ୍କୁ ବାରମ୍ବାର ଜେରା କରାଯାଉଛି। ଗୁରୁବାର କ୍ରାଇମବ୍ରାଞ୍ଚ ଟିମ୍ ସତ୍ୟନାରାୟଣଙ୍କ ସମେତ ଗୋପାଳଙ୍କ ପୁଅ ମନୋଜ ଦାସ ଓ ପୁତୁରା ପ୍ରଦୀପ ଦାସଙ୍କୁ ପଚରାଉଚରା କରିଥିଲା। ସେହିପରି ଟିମ୍ ଶୁକ୍ରବାର ବୈଦ୍ୟନାଥପୁର ଥାନାରେ ପହଞ୍ଚି ଗୋପାଳଙ୍କ ଜଣେ ଏଏସ୍‌ଆଇ ବନ୍ଧୁ ଓ ଜଣେ ଓଏସ୍‌ଆର୍‌ଟିସି ବସ୍ କଣ୍ଡକ୍ଟରଙ୍କୁ ପଚରାଉଚରା କରିଛି। ସେମାନଙ୍କର ବୟାନ ରେକର୍ଡ କରାଯାଇଛି। ହତ୍ୟାକାଣ୍ଡ ପଛରେ ଛପି ରହିଥିବା ଷଡ଼ଯନ୍ତ୍ର ସମ୍ପର୍କିତ ଅନେକ ପ୍ରଶ୍ନକୁ ସେତେବେଳ ଅଣଦେଖା କରାଯାଇଥିବାରୁ ତଦନ୍ତକାରୀ ଟିମ୍ ଏବେ ସେ ସବୁ ଦିଗକୁ ନେଇ ପୁଣିଥରେ ପଚରାଉଚରା କରୁଥିବା କୁହାଯାଉଛି।


## ମହିଳାଙ୍କୁ ଗଣବଳାତ୍କାର ଘଟଣା: ୫ ଗିରଫ

ଦେବଗଡ,୨୫ା୪ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ଖାଁ, ରାକେଶ ଖାଁ, ସାମୁଏଲ୍ ଖାଁ, ସାହିଲ ଖାଁ ଓ ମୁନା ଖାଁ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଘରେ ନ ଥିଲେ। ଏହି ସୁଯୋଗରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଡାକିବା ପାଇଁ ଗତ ୧୯ ତାରିଖ ରାତିରେ ତାଙ୍କ ଘରକୁ ଆସିଥିଲେ। ହେଲେ ସେ ଦୀର୍ଘ ସମୟଧରି ଘରୁ ବାହାରି ନ ଥିଲେ। ଗୃହକର୍ତ୍ତାଙ୍କ ସ୍ତ୍ରୀଙ୍କ ସହିତ ତାଙ୍କର ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ଅଭିଯୁକ୍ତମାନେ ତାଙ୍କ ଘରେ ପଶିଥିଲେ। ପରେ ସମ୍ପୃକ୍ତ ମହିଳାଙ୍କୁ ଗଣବଳାତ୍କାର କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କ ଯୌନାଙ୍ଗରେ କୌଣସି ଧାରୁଆ ଅସ୍ତ୍ର ପୂରାଇ ଦେବାରୁ କ୍ଷତ ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଗୃହକର୍ତ୍ତାଙ୍କ ବନ୍ଧୁଙ୍କୁ ମଧ୍ୟ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଏନେଇ ଗୃହକର୍ତ୍ତା ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୦/୨୫) ରୁଜୁ କରିଥିଲା।

# ଚେନ୍ନାଇରେ ଜିତିଲା ସନ୍‌ରାଇଜର୍ସ


ଉଇକେଟ ନେବାପରେ ଜୟଦେବ ଉନାଡକଟ୍।

**ଚେନ୍ନାଇ, ୨୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗ୍ସକୁ ୫ ଉଇକେଟରେ ହରାଇଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ଚେନ୍ନାଇର ଚେପକ୍‌ରେ ସୁପର କିଙ୍ଗ୍ସ ବିପକ୍ଷରେ ସନ୍‌ରାଇଜର୍ସର ଏହା ପ୍ରଥମ ବିଜୟ। ବ୍ୟାଟିଂ ବିଫଳତା ଯୋଗୁ ଚେନ୍ନାଇ ୧୯.୫ ଓଭରରେ ୧୫୪ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଇନିଂସ ହଡ଼ବଡ଼େଇବା ସତ୍ତ୍ୱେ ସନ୍‌ରାଇଜର୍ସ ୧୮.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ପାରିଥିଲା। ଇଶାନ କିଶନ ସର୍ବାଧିକ ୪୪ ରନ କରିଥିବାବେଳେ କାମିନ୍ଦୁ ମେଣ୍ଡିସ ୩୨ ଓ ନୀତୀଶ କୁମାର ରେଡ୍ଡୀ ୧୯ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଚେନ୍ନାଇ ବୋଲର ନୁର୍ ଅହମଦ ୨ଟି ଏବଂ ଅନସୁଲ କାମ୍ବୋଜ, ଖଲିଲ ଅହମଦ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୯ ମ୍ୟାଚରୁ ଏହାଥିଲା ହାଇଦ୍ରାବାଦର ୩ୟ ବିଜୟ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ପ୍ରଥମ ବଲ୍‌ରେ ହିଁ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେକ ରଶିଦ ଖାତା ଖୋଲିପାରି ନ ଥିବାବେଳେ ସାମ୍ କୁରାନ ମାତ୍ର ୯ ଓ ଭଲ ଆରମ୍ଭ କରିଥିବା ଆୟୁଷ ମାହାତ୍ରେ ୧୯ ବଲ୍‌ରୁ ୩୦ ରନକରି ଆଉଟ ହେବାରୁ ସୁପର କିଙ୍ଗ୍ସ ପାୱାର ପ୍ଲେ ମଧ୍ୟରେ ୪୭ ରନରେ ୩ଟି ଉଇକେଟ ହରାଇଥିଲା। ବ୍ରେଭିସ ୨୫ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୪୨ ରନ କରିଥିବାବେଳେ କାମିନ୍ଦୁ ମେଣ୍ଡିସଙ୍କ ଏକ ଅବିଶ୍ୱସନୀୟ କ୍ୟାଚ ଜରିଆରେ ପ୍ୟାଭିଲିୟନ ଫେରିଥିଲେ। ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ୪ଟି, ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ଜୟଦେବ ଉନାଡ୍‌କଟ ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଓ କାମିନ୍ଦୁ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୧୯.୫ ଓଭରରେ ୧୫୪/ଅଲ୍‌ଆଉଟ (ଡାୱାଲ୍ଡ ବ୍ରେଭିସ-୪୨, ଆୟୁଷ ମାହାତ୍ରେ-୩୦, ହର୍ଷଲ ପଟେଲ-୪/୨୮, ପ୍ୟାଟ୍ କୁମିନ୍ସ-୨/୨୧, ଜୟଦେବ ଉନାଡକଟ-୨/୨୧, ମହମ୍ମଦ ଶାମି-୧/୨୮, କାମିନ୍ଦୁ ମେଣ୍ଡିସ-୧/୨୬)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୧୫୫/୫ (ଇଶାନ କିଶନ-୪୪, କାମିନ୍ଦୁ ମେଣ୍ଡିସ-୩୨*, ନୁର୍ ଅହମଦ-୨/୪୨, ଖଲିଲ ଅହମଦ-୧/୨୧, ଅନସୁଲ କାମ୍ବୋଜ-୧/୧୬, ରବୀନ୍ଦ୍ର ଜାଡେଜା-୧/୨୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
କୋଲ୍‌କାତା ବନାମ ପଞ୍ଜାବ
ସ୍ଥାନ: କୋଲ୍‌କାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୪ | -୧.୩୦୨ |

# ସୁତଭ୍ୟ ଓ ଆହାନଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଓଡ଼ିଶା ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୧୪ ଓ ୧୬ ବର୍ଷରୁ କମ୍ ଏଆଇଟିଏ-ଇଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭)ଟେନିସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ସୁତଭ୍ୟ କର୍ମକାର ଓ ଆହାନ ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ଦ୍ୱିମୁକୁଟ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ସୁୟାଶ ପଟ୍ଟନାୟକ କର୍ଣ୍ଣାଟକର କେମ୍ପେଗୌଡ଼ା ମଞ୍ଜୁନାଥଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ୧୬ ବର୍ଷରୁ କମ୍ ଫାଇନାଲରେ ସୁତଭ୍ୟ ଅନ୍ୟତମ ଓଡ଼ିଆ ଖେଳାଳି ସୂୟାସଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ସୁତଭ୍ୟ ଓ ସ୍ୱୟମ ସାହୁ ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୂୟାସ ପଟ୍ଟନାୟକଙ୍କୁ ୬-୧, ୬-୦ରେ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଓଡ଼ିଶାର ଶାଜଫା ସେକ୍ ୬-୪, ୬-୨ରେ ସଂରଚନା ଦାସଙ୍କୁ ହରାଇ ଟ୍ରଫି ଜିତିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳିକା ଫାଇନାଲରେ ଆହାନ ୬-୨, ୬-୩ରେ ଶାଜଫାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳିକା ଡବଲ୍‌ସରେ ଆହାନ ଓ ସାନଭି ମହାନ୍ତି ଯୋଡ଼ି ଶାଜଫା ଓ ସଂରଚନା ଯୋଡ଼ିଙ୍କୁ ୬-୨, ୬-୦ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଓଟିଏ ସମ୍ପାଦକ ସଞ୍ଜିତ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଟୁର୍ନାମେଣ୍ଟ ରେଫରି ଜତୀନ ବୈଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ୫୯ ଜଣିଆ ଦଳ ଘୋଷଣା

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଦକ୍ଷିଣ କୋରିଆରେ ହେବାକୁଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଭାରତ ଶୁକ୍ରବାର ଏକ ୫୯ଜଣିଆ ଦଳ ଘୋଷଣା କରିଛି। ନିକଟରେ କୋଚିଠାରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇପାରନ୍ତି ବୋଲି ଆଶା କରାଯାଉଛି। ଡବଲ ଅଲିମ୍ପିକ୍ ପଦକ ବିଜେତା ଚୋପ୍ରା ଏହି ସିଜନରେ ଡାଇମଣ୍ଡ ଲିଗ୍ ମିଟିଂ ଓ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍ ବ୍ୟତୀତ ମେ’୨୪ରେ ତାଙ୍କ ଦ୍ୱାରା ବେଙ୍ଗାଲୁରୁରେ ଆୟୋଜିତ ଏନ୍‌ସି କ୍ଲାସିକ୍ ଉପରେ ତାଙ୍କର ବିଶେଷ ଧ୍ୟାନ ରହିବ। ଚୋପ୍ରା ଭୁବନେଶ୍ୱରରେ ୨୦୧୭ ସଂସ୍କରଣ ପରଠାରୁ ଏହି ମହାଦେଶୀୟ ଇଭେଣ୍ଟରେ ଅଂଶଗ୍ରହଣ କରିନାହାନ୍ତି, ଯେଉଁଠାରେ କି ସେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହାଦେଶୀୟ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିବା ଜାତୀୟ ରେକର୍ଡଧାରୀ ତାଜିନ୍ଦରପାଲ ସିଂ ତୁର ଫେଡେରେଶନ କପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ପୋଲ୍‌ଭଲ୍ଟର ଦେବକୁମାର ମୀନା ତାଙ୍କ ଜାତୀୟ ରେକର୍ଡରେ ସୁଧାର ଆଣିଥିଲେ ସୁଦ୍ଧା ଏସିଆନ ଚାମ୍ପିୟନଶିପ୍ ପାଇଁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ଦ୍ୱାରା ଧାର୍ଯ୍ୟ ଯୋଗ୍ୟତା ଅଙ୍କ ହାସଲ କରିପାରି ନ ଥିବାରୁ ତାଙ୍କୁ ଦଳରେ ନିଆଯାଇନାହିଁ। କିନ୍ତୁ ଅବିନାଶ ସାବ୍‌ଲେ(ପୁରୁଷ ୩,୦୦୦ ମିଟର ଷ୍ଟିପଲଚେଜ୍), ପାରୁଲ ଚୌଧାରୀ (ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍) ଓ ଗୁଲ୍‌ବୀର ସିଂ(୫୦୦୦ ମିଟର ଓ ୧୦,୦୦୦ ମିଟର) ପ୍ରମୁଖଙ୍କୁ ଦଳରେ ସାମିଲ କରାଯାଇଛି। ଏମାନେ ଯଦିଓ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିନାହାନ୍ତି ତଥାପି ଏଏଫ୍‌ଆଇର ଅନୁମତି ନେଇ ବିଦେଶରେ ଟ୍ରେନିଂ ଅବା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୁମିଠାରେ ମେ’୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ଦଳରେ ସ୍ପ୍ରିଣ୍ଟର ଅନିମେଶ କୁଜୁର ସ୍ଥାନ ପାଇଛନ୍ତି। ଫେଡେରେଶନ କପ୍‌ର ୨୦୦ ମିଟରରେ ସେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରାଭେଲ ଏଥିରେ ତାଙ୍କ ଜାତୀୟ ରେକର୍ଡର ସମକକ୍ଷ ହୋଇ ପାରିଛନ୍ତି। ଜାତୀୟ ରେକର୍ଡଧାରୀ ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ମାର୍ଚ୍ଚରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ୍ ଥ୍ରୋ ପ୍ରତିଯୋଗିତାରେ ତାଙ୍କ ୫୮.୮୨ ମିଟର ପ୍ରୟାସ ଭିତ୍ତିରେ ଦଳରେ ସ୍ଥାନ ପାଇଛନ୍ତି। ଏହି ୩୨ ବର୍ଷୀୟା ଆଥ୍‌ଲେଟ ଫେଡେରେଶନ କପ୍ ବେଳେ ଏସିଆନ ଚାମ୍ପିୟନଶିପ୍ ପାଇଁ ୫୮ ମିଟର ଯୋଗ୍ୟତା ଅଙ୍କ ହାସଲ କରିପାରି ନ ଥିଲେ। ଯଦିଓ ସେ ୫୬.୬୬ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଛନ୍ତି ତଥାପି ୬୦ ମିଟର ଅଙ୍କ ହାସଲ ପାଇଁ ସେ କିଛି ସମୟଧରି ସଂଘର୍ଷ ଚଳାଇଛନ୍ତି। ଏସିଆନ ଚାମ୍ପିୟନଶିପ୍ ଲାଗି ଫେଡେରେଶନ କପ୍(ଏପ୍ରିଲ ୨୧ରୁ ୨୪) ଥିଲା ଶେଷ ସିଲେକ୍ସନ ଇଭେଣ୍ଟ। ବାଦ୍ ପଡ଼ିଥିବା ଖେଳାଳିଙ୍କ ବ୍ୟତୀତ ଏହି ମହାଦେଶୀୟ ଚାମ୍ପିୟନଶିପ୍‌ରେ ଭାଗନେବା ଲାଗି ଯେଉଁମାନେ ଆଗ୍ରହୀ ସେମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ। ବ୍ୟାଙ୍କକରେ ଏସିଆନ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ଚାଇନା ଓ ଜାପାନ ପଛକୁ ଭାରତ ମୋଟ ୨୭ ପଦକ(୬ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୯ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି ଆରମ୍ଭ

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର(୧୯ ବର୍ଷରୁ କମ୍) ହକି ଚାମ୍ପିୟନଶିପ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ହକି କ୍ଲବ(ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ୪ଟି ମ୍ୟାଚ୍ ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଛି। ଏଥିରେ ଆୟୋଜକ ବିଏଚ୍‌ସି, ଏଚ୍‌ଟିସି ଛତ୍ରପୁର, ଏଚ୍‌ପିସି ରଣପୁର, ଏଚ୍‌ପିସି ଭୁବନେଶ୍ୱର ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିଏଚ୍‌ସି ୮-୦ ଗୋଲରେ ଏଚ୍‌ପିସି ପୁରୀକୁ ହରାଇ ଦେଇଛି। ପରବର୍ତ୍ତୀ ୩ ମ୍ୟାଚ୍‌ରେ ଛତ୍ରପୁର ଏଚ୍‌ଟିସି ଯାଜପୁରକୁ ୫-୧, ରଣପୁର ଏଚ୍‌ଟିସି କଟକକୁ ୬-୦ ଏବଂ ଭୁବନେଶ୍ୱର ୪-୧ ଗୋଲରେ ଏଚ୍‌ପିସି ଢେଙ୍କାନାଳକୁ ପରାସ୍ତ କରିଛି। ଏହି ଟୁର୍ନାମେଣ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।


କଳିଙ୍ଗ ଷ୍ଟାଡିୟମ୍‌ରେ ଏଚଟିସି କଟକ ଓ ରଣପୁର ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଓ ଅଫିସିଆଲ।

# ଓଡ଼ିଶାକୁ ଅଗ୍ରଣୀ କଲେ ସୁମିତ୍

**ଏକ୍ସପୋଜର ଦଳର ଶ୍ରୀଲଙ୍କା ଟୁର୍**

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

ସମ୍ପ୍ରତି ଶ୍ରୀଲଙ୍କା ଟୁର୍‌ରେ ଥିବା ଓଡ଼ିଶା ଏକ୍ସପୋଜର ଟିମ୍ ପ୍ରଭାବୀ ବ୍ୟାଟିଂ କରିପାରି ନ ଥିଲେ ମଧ୍ୟ ଭଲ ବୋଲିଂ କରି ଶ୍ରୀଲଙ୍କା ଇମର୍ଜିଂ ଦଳ ବିପକ୍ଷରେ ଅଗ୍ରଣୀ ନେବାରେ ସକ୍ଷମ ହୋଇଛି। କଲମ୍ବୋସ୍ଥିତ ବ୍ଲୁମ୍‌ଫିଲ୍ଡ କ୍ରିକେଟ ଆଣ୍ଡ ଆଥଲେଟିକ୍ କ୍ଲବ ପଡ଼ିଆରେ ଚାଲିଥିବା ୩ ଦିନିଆ ମ୍ୟାଚ୍‌ରେ ଓଡ଼ିଶା ଦଳ ପ୍ରଥମ ଇନିଂସ୍‌ରେ ୧୮୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୪୫ ଓ ରାଜେଶ ମହାନ୍ତି ୪୩ ରନ୍ କରିଥିଲେ। ଘରୋଇ ଦଳର ମିଲାନ ହଂସକା ୪ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ଇମର୍ଜିଂ ଟିମ୍ ପ୍ରଥମ ଇନିଂସ୍‌ରେ ୧୫୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶାର ଅଭିଜ୍ଞ ବୋଲର ସୁମିତ୍ ଶର୍ମା ୬ ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୯ ଉଇକେଟ ହରାଇ ୧୪୪ ରନ୍ କରିଛି। ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୪୫ ରନ୍ କରିଛନ୍ତି। ଗୋଟିଏ ଉଇକେଟ ବାକିଥାଇ ଓଡ଼ିଶା ମୋଟ ୧୭୮ ରନ୍‌ରେ ଅଗ୍ରଣୀଲାଭ କରିଛି। ତେବେ ଶ୍ରୀଲଙ୍କା ଇମର୍ଜିଂ ବୋଲରଙ୍କ ବିପକ୍ଷରେ ଓଡ଼ିଶାର ଅଭିଜ୍ଞ ଏକ୍ସପୋଜର ଟିମ୍‌ର ବ୍ୟାଟିଂ ବିଫଳତାକୁନେଇ ପ୍ରଶ୍ନଉଠିଛି।


ସୁମିତ୍ ଶର୍ମା

# ଓଡ଼ିଶା ଫେନ୍‌ସିଂ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**

ଆଗାମୀ ଜାତୀୟ ଫେନ୍‌ସିଂ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଫେନସିଂ ହଲରେ ଓଡ଼ିଶା ୧୦ରୁ୧୨ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଦଳର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମୋଟ ୮୦ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୫ ଦିନ ଧରି ଚାଲିବ। ଏହି ଶିବିରରେ ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ଫେନ୍‌ସିଂ ଆସୋସିଏଶନ ପକ୍ଷରୁ ଉଭୟ ବର୍ଗରେ ମୋଟ ୨୪ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦଘାଟନ କରିଥିଲେ। ପୋଲିସ ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।


ଫେନ୍‌ସିଂ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ୟୁନିୟନ-ରାଇଜିଂ ଫାଇନାଲ

**ଫୁଲବେରୀ ଟ୍ୱିନ୍ ସିଟି ଟି୨୦ କ୍ରିକେଟ**

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**


ଅତିଥିମାନେ ଆୟୁଷ ବାରିକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

କଟକ ଜଗତପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଫୁଲବେରୀ ଟ୍ୱିନ୍ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୩୧ ରନ୍‌ରେ ବିଶ୍ୱଭାରତୀ କ୍ଲବକୁ ପରାସ୍ତ କରିଛି। ଶନିବାର ୟୁନିୟନ ସ୍ପୋର୍ଟିଂ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଇଜିଂ ଷ୍ଟୁଡେଣ୍ଟ ୧୮.୪ ଓଭରରେ ୧୪୬ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ୨୫ ବଲ୍‌ରୁ ସର୍ବାଧିକ ୬୦ ରନ୍ କରିଥିଲେ। ବିପକ୍ଷ ଦଳର ରାକେଶ ଦାସ ୩ଟି ଏବଂ ଅଭିଷେକ ଯାଦବ ଓ ସ୍ୱପ ଭୂୟାଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୪୭ ରନ୍ ବିଜୟ ଲକ୍ଷ୍ୟରେ ବିଶ୍ୱଭାରତୀ ୧୯.୧ ଓଭରରେ ୧୧୫ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଆୟୁଷ ବାରିକ ୧୫ ରନ୍‌ରେ ୪ଟି ଏବଂ ଗୋବିନ୍ଦ ପୋଦ୍ଦାର ଓ ଦେବବ୍ରତ ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଆୟୁଷ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ତପନ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ପୂର୍ବତନ ମହିଳା କ୍ରିକେଟ ଖେଳାଳି ପୱନୀ କୁମାର ରାଉଳ, ଇଲେକ୍ଟ୍ରିକାଲ ଇଞ୍ଜିନିୟର ବିକାଶ ଭୋଇ, ଅଧ୍ୟାପକ ସିଦ୍ଧାନ୍ତ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗତ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନିମପୁର ସ୍ପୋର୍ଟ୍ସକୁ ୭୭ ରନ୍‌ରେ ହରାଇ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଥିଲା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ